# SOCIAL SCIENCE

## ଇତିହାସ ଓ
## ରାଜନୀତି ବିଜ୍ଞାନ

## ( HISTORY &
## POLITICAL SCIENCE )

## ଭୂଗୋଳ ଓ ଅର୍ଥନୀତି

## (Geography & Economics)

Odisha 1 to 10 All Books App

# ସୂଚୀପତ୍ର


| କ୍ରମାଙ୍କ | ଅଧ୍ୟାୟ | ପୃଷ୍ଠା |
|---|---|---|
| ❑ | Syllabus for 2020 - 21 | ୩ - ୩ |
| ❑ | Pattern of Question with Distribution of Marks | ୪ - ୪ |
| **ଇତିହାସ** | | |
| ୧. | ଭାରତୀୟ ଜାତୀୟ ଆନ୍ଦୋଳନ – ଗାନ୍ଧୀ ଯୁଗ | ୫ - ୧୧ |
| ୨. | ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ | ୧୨ - ୧୮ |
| ୩. | ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ | ୧୯ - ୨୬ |
| ୪. | ସ୍ୱାଧୀନୋତ୍ତର ଓଡ଼ିଶାର ବିକାଶ | ୨୭ - ୩୪ |
| **ରାଜନୀତି ବିଜ୍ଞାନ** | | |
| ୧. | ଭାରତରେ ଗଣତନ୍ତ୍ର | ୩୫ - ୪୧ |
| ୨. | ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ | ୪୨ - ୪୯ |
| ୩. | ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର | ୫୦ - ୫୬ |
| **ଭୂଗୋଳ** | | |
| ୧. | ପ୍ରଥମ ଅଧ୍ୟାୟ : ସମ୍ବଳ<br>ପ୍ରଥମ ପାଠ – ସମ୍ବଳ ଓ ତାହାର ବିକାଶ<br>ଦ୍ୱିତୀୟ ପାଠ – ଭୂ-ସମ୍ବଳ<br>ତୃତୀୟ ପାଠ – ମୃତ୍ତିକା | ୫୯ - ୬୬ |
| ୨. | ଚତୁର୍ଥ ଅଧ୍ୟାୟ : ଖଣିଜ ସମ୍ବଳ | ୬୭ - ୭୦ |
| ୩. | ପଞ୍ଚମ ଅଧ୍ୟାୟ : ଶକ୍ତି ସମ୍ବଳ | ୭୧ - ୭୭ |
| ୪. | ଷଷ୍ଠ ଅଧ୍ୟାୟ : କୃଷି | ୭୮ - ୮୫ |
| ୫. | ଅଷ୍ଟମ ଅଧ୍ୟାୟ : ପରିବହନ, ଯୋଗାଯୋଗ ଏବଂ ବାଣିଜ୍ୟ | ୮୬ - ୯୬ |
| **ଅର୍ଥନୀତି** | | |
| ୧. | ଆର୍ଥନୀତିକ ବିକାଶ | ୯୭ - ୧୦୪ |


❑

Eduodia App

Odisha 1 to 10 All Books App

# Class- X

# SOCIAL SCIENCE (SSC)

## ONLY FOR THE ACADEMIC SESSION (2020-21)

## EXISTING TOPICS

**PRESCRIBED BOOK**

## ୧.ଇତିହାସ ଓ ରାଜନୀତି ବିଜ୍ଞାନ (Published by:- B.S.E,Odisha , Revised Edition -2020)

### ଇତିହାସ

୧.ଭାରତୀୟ ଜାତୀୟ ଆନ୍ଦୋଳନ-ଗାନ୍ଧୀଯୁଗ

୨.ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

୩.୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ (EXCEPT (i) ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ & (ii) ଗୋଆ ଓ ପୁଦୁଚେରୀର ମୁକ୍ତି )

୪.ସ୍ୱାଧୀନତୋତର ଓଡ଼ିଶାର ବିକାଶ

### ରାଜନୀତି

୧.ଭାରତରେ ଗଣତନ୍ତ୍ର

୨.ସଡ଼କ ନିରାପତା, ସଚେତନତା ଓ ଇନ୍ଧନ ସଂରକ୍ଷଣ

୩.ଭାରତର ବୈଦେଶିକ ନୀତି (Except (i)ଭାରତର ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷିଆ ସହିତ ସମ୍ପର୍କ)

Eduodia App

## ୨.ଭୁଗୋଳ ଓ ଅର୍ଥନୀତ (Published by:- B.S.E,Odisha , Revised Edition -2020)

### ଭୁଗୋଳ

୧. ସମ୍ବଳ

୨. ଖଣିଜ ସମ୍ବଳ

୩. ଶକ୍ତି ସମ୍ବଳ

୪. କୃଷି

୫. ପରିବହନ , ଯୋଗାଯୋଗ ଏବଂ ବାଣିଜ୍ୟ

### ଅର୍ଥନୀତି

୧. ଆର୍ଥନୀତିକ ବିକାଶ

# PATTERN OF QUESTION WITH DISTRIBUTION OF MARKS
# FOR ANNUAL HSC EXAMINATION , 2021

## SOCIAL SCIENCE(SSC)

**Time : 2 Hours** | **Full Mark : 80**

## HISTORY & POLITICAL SCIENCE

**Type of Questions** | **No. of Question × Mark**

### OBJECTIVE PAPER

1. **25 Multiple Choice Questions(MCQ)) (One Mark each)** — **25 X 1 = 25**
   **[Questions will be set from all chapters as per reduction in syllabus]**

### SUBJECTIVE PAPER

**Two Subjective Type Questions**

1. **Question No.01** — **01 X 08 = 08**
   **[Alternative questions will have three(03) bits questions carrying 4, 2 & 2 marks]**
2. **Question No.02** — **01 X 07 = 07**
   **[Alternative questions will have three(03) bit questions carrying 3,2 & 2 marks respectively]**

Edudia App

## GEOGRAPHY & ECONOMICS

**Type of Questions** | **Question × Mark**

### OBJECTIVE PAPER

1. **25 Multiple Choice Questions(MCQ)) (One Mark each)** — **25 X 1 = 25**
   **[Questions will be set from all chapters as per reduction in syllabus]**

### SUBJECTIVE PAPER

**Two Subjective Type Questions**

1. **Question No.01** — **01 X 08 = 08**
   **[Alternative questions will have three(03) bits questions carrying 4, 2 & 2 marks]**
2. **Question No.02** — **01 X 07 = 07**
   **[Alternative questions will have three(03) bit questions carrying 3,2 & 2 marks respectively]**

Odisha 1 to 10 All Books App

# ଇତିହାସ

## ଭାରତୀୟ ଜାତୀୟ ଆନ୍ଦୋଳନ – ଗାନ୍ଧୀ ଯୁଗ

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ନିମ୍ନଲିଖିତ ମଧ୍ୟରୁ ଗାନ୍ଧିଜୀ କେବେ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିଲେ ?

(କ) ୧୯୧୫ ଜାନୁୟାରୀ ୬ (ଖ) ୧୯୧୫ ଜାନୁୟାରୀ ୯

(ଗ) ୧୯୨୫ ଜାନୁୟାରୀ ୯ (ଘ) ୧୯୧୬ ଅଗଷ୍ଟ ୯

୨ । ନିମ୍ନଲିଖିତ ମଧ୍ୟରୁ କିଏ ଗାନ୍ଧିଜୀଙ୍କ ରାଜନୈତିକ ଗୁରୁ ଥିଲେ ?

(କ) ଲାଲା ଲଜପତ୍ ରାୟ (ଖ) ବାଲ୍ ଗଙ୍ଗାଧର ତିଳକ

(ଗ) ଗୋପାଳକୃଷ୍ଣ ଗୋଖ୍‌ଲେ (ଘ) ସୁରେନ୍ଦ୍ର ନାଥ ବାନାର୍ଜୀ

୩ । ନିମ୍ନଲିଖିତ ମଧ୍ୟରୁ କିଏ ଗାନ୍ଧିଜୀଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ ?

(କ) ଗୋପାଳକୃଷ୍ଣ ଗୋଖ୍‌ଲେ (ଖ) ରବୀନ୍ଦ୍ରନାଥ ଠାକୁର

(ଗ) ଜବାହରଲାଲ୍ ନେହେରୁ (ଘ) ଲାଲା ଲଜପତ୍ ରାୟ

୪ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତରେ ଗାନ୍ଧିଜୀଙ୍କ ଦ୍ୱାରା ସଙ୍ଗଠିତ ପ୍ରଥମ ଆନ୍ଦୋଳନ ଥିଲା ?

(କ) ଚମ୍ପାରନ ଆନ୍ଦୋଳନ (ଖ) ଖେଡ଼ା ଆନ୍ଦୋଳନ

(ଗ) ସ୍ୱଦେଶୀ ଆନ୍ଦୋଳନ (ଘ) ଅସହଯୋଗ ଆନ୍ଦୋଳନ

୫ । କାହା ନିମନ୍ତ୍ରଣ କ୍ରମେ ଗାନ୍ଧିଜୀ ଚାଷୀମାନଙ୍କ ସମସ୍ୟାର ଅନୁଧ୍ୟାନ ପାଇଁ ଚମ୍ପାରନ୍ ଜିଲ୍ଲାର ସଦର ମହକୁମା ମୋତିହାରିରେ ପହଞ୍ଚିଥିଲେ ?

(କ) ଦାଦା ଅବଦୁଲ୍ଲା (ଖ) ରାଜକୁମାର ଶୁକ୍ଲା

(ଗ) ଜେ. ବି. କୃପାଳିନି (ଘ) ରବୀନ୍ଦ୍ରନାଥ ଠାକୁର

୬ । ଗାନ୍ଧିଜୀ କେବେ ଦକ୍ଷିଣ ଆଫ୍ରିକାରେ 'ନାଟାଲ୍ ଭାରତୀୟ କଂଗ୍ରେସ' ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ କରିଥିଲେ ?

(କ) ୧୮୮୮ (ଖ) ୧୮୯୪

(ଗ) ୧୮୭୪ (ଘ) ୧୯୧୫

୭ । କିଏ ରାଓଲଟ୍ ଆଇନ୍ ବିରୁଦ୍ଧରେ ଗାନ୍ଧିଜୀଙ୍କ ଗଣ ସତ୍ୟାଗ୍ରହକୁ ବିରୋଧ କରିଥିଲେ ?

(କ) ଲାଲା ଲଜପତ୍ ରାୟ (ଖ) ଅବଦୁଲ୍ କାଲାମ୍ ଆଜାଦ୍

(ଗ) ସୁରେନ୍ଦ୍ର ନାଥ ବାନାର୍ଜୀ (ଘ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

୮ । ଖେଡ଼ା ଆନ୍ଦୋଳନରେ କିଏ ଗାନ୍ଧିଜୀଙ୍କର ଜଣେ ମୁଖ୍ୟ ସହଯୋଗୀ ଥିଲେ ?

(କ) ରାଜକୁମାର ଶୁକ୍ଲ (ଖ) ଜବାହରଲାଲ୍ ନେହେରୁ

(ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ (ଘ) ଇନ୍ଦୁଲାଲ୍ ଯାଜ୍ଞିକ୍

୯ । ବ୍ରିଟିଶ୍ ବ୍ୟବସ୍ଥାପକ ସଭାରେ କେବେ ରାଓଲାଟ୍ ଆଇନ୍ ଗୃହୀତ ହେଲା ?

(କ) ୧୯୧୯ ଜାନୁୟାରୀ ୧୮ (ଖ) ୧୯୧୯ ମାର୍ଚ୍ଚ ୧୮

(ଗ) ୧୯୧୯ ଏପ୍ରିଲ୍ ୧୮ (ଘ) ୧୯୧୯ ଜୁନ୍ ୧୮

୧୦ । କେଉଁଠାରେ ଗାନ୍ଧିଜୀ ପ୍ରଥମେ ବାରିଷ୍ଟର ଭାବେ ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲେ ?

(କ) ଗୁଜୁରାଟ (ଖ) ଦକ୍ଷିଣ ଆଫ୍ରିକା
(ଗ) ରାଜକୋଟ (ଘ) ମହାରାଷ୍ଟ୍ର

୧୧ । ଗାନ୍ଧିଜୀ କେବେ ରାଓଲଟ୍ ଆଇନ୍ ବିରୋଧୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ ?

(କ) ୧୯୧୯ ଫେବୃୟାରୀ ୧୮ (ଖ) ୧୯୧୯ ମାର୍ଚ୍ଚ ୧୮
(ଗ) ୧୯୧୯ ଏପ୍ରିଲ୍ ୧୮ (ଘ) ୧୯୨୦ ଜାନୁୟାରୀ ୧୮

୧୨ । କେଉଁ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ ?

(କ) ରବୀନ୍ଦ୍ରନାଥ ଠାକୁର (ଖ) ମୁଜାହାର ଉଲ୍ ହକ୍
(ଗ) ସର୍ଦ୍ଦାର ବଲ୍ଲଭାଇ ପଟେଲ (ଘ) ଦାଦା ଅବଦୁଲ୍ଲା

୧୩ । କିଏ 'ଇଣ୍ଡିଆନ୍ ଓପିନିଅନ୍' ନାମକ ଏକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ ?

(କ) ରବୀନ୍ଦ୍ରନାଥ ଠାକୁର (ଖ) ମହାତ୍ମାଗାନ୍ଧୀ
(ଗ) ଗୋପାଳକୃଷ୍ଣ ଗୋଖ୍‌ଲେ (ଘ) ଜବାହାର୍ ଲାଲ୍ ନେହେରୁ

୧୪ । କିଏ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ସଭାପତି ଥିଲେ ?

(କ) ହରେକୃଷ୍ଣ ମହତାବ (ଖ) ଗୋପବନ୍ଧୁ ଚୌଧୁରୀ
(ଗ) ଭାଗୀରଥି ମହାପାତ୍ର (ଘ) ଗୋପବନ୍ଧୁ ଦାସ

୧୫ । କେଉଁଠାରେ ସ୍ୱରାଜ ମନ୍ଦିର ପ୍ରତିଷ୍ଠିତ ହୋଇଥିଲା ?

(କ) କଟକ (ଖ) ଜଗତସିଂହପୁର
(ଗ) ବାଲେଶ୍ୱର (ଘ) ଭଦ୍ରକ

Eduodia App

୧୬ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଅସହଯୋଗ ଆନ୍ଦୋଳନ ସହିତ ସଂପୃକ୍ତ ନୁହେଁ ?

(କ) ବିଦେଶୀ ଭାଷା ବର୍ଜନ (ଖ) ଶିକ୍ଷାନୁଷ୍ଠାନ ବର୍ଜନ
(ଗ) ନିର୍ବାଚନ ବର୍ଜନ (ଘ) ଅସ୍ପୃଶ୍ୟତା ବର୍ଜନ

୧୭ । କିଏ ଲକ୍ଷ୍ନୌଠାରେ ସାଇମନ୍ କମିଶନ ବିରୋଧୀ ଶୋଭା ଯାତ୍ରା ସମୟରେ ପୋଲିସ୍ ଲାଠି ମାଡ଼ର ଶିକାର ହୋଇଥିଲେ ?

(କ) ଲାଲା ଲଜପତ୍ ରାୟ (ଖ) ମହାତ୍ମାଗାନ୍ଧୀ
(ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (ଘ) ଗୋବିନ୍ଦ ବଲ୍ଲଭ ପନ୍ଥ

୧୮ । ସାର୍ ଜନ୍ ସାଇମନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନରେ କେତେଜଣ ସଦସ୍ୟ ଥିଲେ ?

(କ) ୫ (ଖ) ୬ (ଗ) ୭ (ଘ) ୮

୧୯ । ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ କିଏ ସଭାପତିତ୍ୱ କରିଥିଲେ ?

(କ) ଲର୍ଡ଼ ଇର୍‌ୱଇନ୍ (ଖ) ରାମ୍‌ସେ ମାକ୍‌ଡୋନାଲଡ୍
(ଗ) ପଞ୍ଚମ ଜର୍ଜ୍ଜ (ଘ) ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍

୨୦ । ଆଇନ୍ ଅମାନ୍ୟ ଆନ୍ଦୋଳନ ସମୟରେ ଓଡ଼ିଶାର କେଉଁ ଅଞ୍ଚଳରେ ଚୌକିଦାରୀ କରର ବିରୋଧ କରାଯାଇଥିଲା ?

(କ) ଶ୍ରୀଜଙ୍ଗ (ଖ) ଇରମ୍
(ଗ) ଦାଣ୍ଡି (ଘ) ଇଞ୍ଚୁଡ଼ି

୨୧ । କିଏ ଇଞ୍ଚୁଡ଼ିଠାରେ ଏପ୍ରିଲ୍ ୧୩ ତାରିଖରେ ଲବଣ ଆଇନ୍ ଭଙ୍ଗ କରିଥିଲେ ?

(କ) ଆଚାର୍ଯ୍ୟ ହରିହର (ଖ) ଗୋପବନ୍ଧୁ ଚୌଧୁରୀ

(ଗ) ବିଶ୍ୱନାଥ ଦାସ (ଘ) ସରଳା ଦେବୀ

୨୨ । ୧୯୨୯ ଡିସେମ୍ବର ୩୧ ତାରିଖରେ କେଉଁଠାରେ ସ୍ୱାଧୀନତାର ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା ?

(କ) ଅମୃତସର (ଖ) ଲାହୋର

(ଗ) ଗୋରଖପୁର (ଘ) ଆଲ୍ଲାହାବାଦ

୨୩ । ନିରଞ୍ଜନ ପଟ୍ଟନାୟକ କେଉଁଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?

(କ) ଅସ୍ତରଙ୍ଗ (ଖ) ଇଞ୍ଚୁଡ଼ି

(ଗ) ଗଞ୍ଜାମ (ଘ) ଜଗତସିଂହପୁର

୨୪ । ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନରେ କିଏ ପ୍ରଥମ ସତ୍ୟାଗ୍ରହୀ ହେବାର ସୌଭାଗ୍ୟ ଲାଭ କରିଥିଲେ ?

(କ) ବିନୋବାଭାବେ (ଖ) ଜବାହାରଲାଲ୍ ନେହେରୁ

(ଗ) ଜୟପ୍ରକାଶ ନାରାୟଣ (ଘ) ଅରୁଣା ଆସଫ୍ ଅଲ୍ଲୀ

୨୫ । ଇରମ୍ ଗୁଳି କାଣ୍ଡରେ ମୋଟ୍ କେତେଜଣ ସହିଦ୍ ହୋଇଥିଲେ ?

(କ) ୧୬ (ଖ) ୧୮ (ଗ) ୨୮ (ଘ) ୩୦

୨୬ । କେଉଁ ଆନ୍ଦୋଳନକୁ ଫରାସୀ ବିପ୍ଳବ ଓ ରୁଷ୍ ବିପ୍ଳବ ସହିତ ତୁଳନା କରାଯାଇଛି ?

(କ) ଅସହଯୋଗ ଆନ୍ଦୋଳନ (ଖ) ଆଇନ୍ ଅମାନ୍ୟ ଆନ୍ଦୋଳନ

(ଗ) ଭାରତଛାଡ଼ ଆନ୍ଦୋଳନ (ଘ) ସ୍ୱଦେଶୀ ଆନ୍ଦୋଳନ

୨୭ । ନିମ୍ନଲିଖିତ ମଧ୍ୟରୁ କେଉଁ ସ୍ଥାନକୁ 'ରକ୍ତ ତୀର୍ଥ' ବୋଲି କୁହାଯାଏ ?

(କ) ଇଞ୍ଚୁଡ଼ି (ଖ) ଦାଣ୍ଡି

(ଗ) ଲାହୋର (ଘ) ଇରମ୍

୨୮ । ଭାରତଛାଡ଼ ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କୁ କେଉଁଠାରେ ବନ୍ଦୀ କରି ରଖାଯାଇଥିଲା ?

(କ) ଅହମ୍ମଦ ନଗର (ଖ) ନାଗପୁର

(ଗ) ପୁନେ (ଘ) ପାଟନା

୨୯ । ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ସରକାରରେ କେତେଜଣ ମନ୍ତ୍ରୀ ଥିଲେ ?

(କ) ୭ (ଖ) ୧୦ (ଗ) ୧୫ (ଘ) ୨୦

୩୦ । କେଉଁ ସରକାରଙ୍କଠାରୁ ନେତାଜୀ ଆନୁଷ୍ଠାନିକ ଭାବେ ଆଣ୍ଡାମାନ୍ ଓ ନିକୋବରର ଦାୟିତ୍ୱ ଗ୍ରହଣ କରିଥିଲେ ?

(କ) ଜାପାନ (ଖ) ସିଙ୍ଗାପୁର

(ଗ) ଜର୍ମାନୀ (ଘ) ଚୀନ୍

୩୧ । କେଉଁ ଭାରତୀୟ ବିପ୍ଳବୀ ଜାପାନରେ ଭାରତୀୟ ସ୍ୱାଧୀନତା ସଂଘ ଗଠନ କରିଥିଲେ ?

(କ) ସୁଭାଷ ଚନ୍ଦ୍ର ବୋଷ (ଖ) ରାସବିହାରୀ ବୋଷ

(ଗ) ମୋହନ ସିଂ (ଘ) ଲକ୍ଷ୍ମୀ ସେହେଗାଲ୍

୩୨ । ସୁଭାଷ ଚନ୍ଦ୍ର ବୋଷ କେବେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଲେ ?

(କ) ୧୯୨୦ (ଖ) ୧୯୨୧

(ଗ) ୧୯୨୨ (ଘ) ୧୯୨୩

EduOdia App

୩୩ । କ୍ୟାବିନେଟ୍ ମିଶନର ସଦସ୍ୟ ଥିବା କେଉଁ ବ୍ୟକ୍ତି ଭାରତର ସଚିବ ଥିଲେ ?
(କ) ପେଥିକ୍ ଲରେନ୍ସ (ଖ) ଏ. ଭି. ଆଲେକ୍ ଜାଣ୍ଡର
(ଗ) ଷ୍ଟାଫୋର୍ଡ କ୍ରିପସ୍ (ଘ) କ୍ଲିମେଣ୍ଟ ଆଟ୍ଲି

୩୪ । କ୍ୟାବିନେଟ୍ ମିଶନ କେତେ ସଂଖ୍ୟା ବିଶିଷ୍ଟ ସମ୍ବିଧାନ ପ୍ରଣୟନ ସଭାର ପ୍ରସ୍ତାବ ଦେଇଥିଲେ ?
(କ) ୨୯୬ (ଖ) ୩୮୯
(ଗ) ୨୯୩ (ଘ) ୩୮୫

୩୫ । କ୍ଲିମେଣ୍ଟ ଅଟ୍ଲି କେଉଁ ଦଳର ନେତା ଥିଲେ ?
(କ) ସାମ୍ୟବାଦୀ (ଖ) ସମାଜବାଦୀ
(ଗ) ଶ୍ରମିକ (ଘ) ସାମ୍ରାଜ୍ୟବାଦୀ

୩୬ । ୧୯୪୬ ଡିସେମ୍ବର ୧୧ ରେ କିଏ ସମ୍ବିଧାନ ପ୍ରଣୟନ ସଭାର ସ୍ଥାୟୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ ?
(କ) ବି. ଆର୍. ଆମ୍ବେଦକର (ଖ) ରାଜେନ୍ଦ୍ର ପ୍ରସାଦ
(ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (ଘ) ଜବାହାରଲାଲ୍ ନେହେରୁ

୩୭ । ଚୌରି ଚୌରା ଘଟଣାରେ କେତେଜଣ ପୋଲିସ୍ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଥିଲେ ?
(କ) ୧୨ (ଖ) ୧୫ (ଗ) ୨୦ (ଘ) ୨୨

୩୮ । କ୍ୟାବିନେଟ୍ ମିଶନ ପ୍ରସ୍ତାବ ଅନୁସାରେ ମଧ୍ୟବର୍ତ୍ତୀକାଳୀନ ସରକାରରେ କେତେଜଣ ସଭ୍ୟ ରହିବାର ବ୍ୟବସ୍ଥା ଥିଲା ?
(କ) ୬ (ଖ) ୧୦ (ଗ) ୧୨ (ଘ) ୧୪

୩୯ । ଗାନ୍ଧିଜୀଙ୍କ ବିରୋଧ ସତ୍ତ୍ୱେ ସୁବାଷ ଚନ୍ଦ୍ର ବୋଷ କଂଗ୍ରେସର କେଉଁ ଅଧିବେଶନରେ ସଭାପତି ହୋଇଥିଲେ ?
(କ) ହରିପୁର ଅଧିବେଶନ (ଖ) ନାଗପୁର ଅଧିବେଶନ
(ଗ) ଲାହୋର ଅଧିବେଶନ (ଘ) ତ୍ରିପୁରୀ ଅଧିବେଶନ

୪୦ । କେବେ ଭାରତର ସମ୍ବିଧାନ ସଭାର ପ୍ରଥମ ବୈଠକ ବସିଥିଲା ?
(କ) ୧୯୪୬ ମାର୍ଚ୍ଚ ୨୪ (ଖ) ୧୯୪୬ ଅଗଷ୍ଟ ୧୬
(ଗ) ୧୯୪୫ ସେପ୍ଟେମ୍ବର ୨ (ଘ) ୧୯୪୬ ଡିସେମ୍ବର ୯

Eduodia App

## ଉତ୍ତର

| | | |
|---|---|---|
| ୧(ଖ) ୧୯୧୫ ଜାନୁୟାରୀ ୯ | ୨(ଗ) ଗୋପାଳ କୃଷ୍ଣ ଗୋଖଲେ | ୩(ଖ) ରବୀନ୍ଦ୍ରନାଥ ଠାକୁର |
| ୪(କ) ଚମ୍ପାରନ୍ ଆନ୍ଦୋଳନ | ୫(ଖ) ରାଜକୁମାର ଶୁକ୍ଳା | ୬(ଖ) ୧୮୯୪ |
| ୭(ଗ) ସୁରେନ୍ଦ୍ରନାଥ ବାନାର୍ଜୀ | ୮(ଘ) ଇନ୍ଦୁଲାଲ୍ ଯାଜ୍ଞିକ୍ | ୯(ଖ) ୧୯୧୯ ମାର୍ଚ୍ଚ ୧୮ |
| ୧୦(ଗ) ରାଜକୋଟ୍ | ୧୧(ଗ) ୧୯୧୯ ଏପ୍ରିଲ୍ ୧୮ | ୧୨(ଘ) ଦାଦା ଅବଦୁଲ୍ଲା |
| ୧୩(ଖ) ମହାତ୍ମାଗାନ୍ଧୀ | ୧୪(ଘ) ଗୋପବନ୍ଧୁ ଦାସ | ୧୫(ଗ) ବାଲେଶ୍ୱର |
| ୧୬(କ) ବିଦେଶୀ ଭାଷା ବର୍ଜନ | ୧୭(ଘ) ଗୋବିନ୍ଦ ବଲ୍ଲଭ ପନ୍ଥ | ୧୮(ଗ) ୭ |
| ୧୯(ଖ) ରାମ୍ସେ ମାକ୍ଡୋନାଲଡ୍ | ୨୦(କ) ଶ୍ରୀଜଙ୍ଗ | ୨୧(କ) ଆଚାର୍ଯ୍ୟ ହରିହର |
| ୨୨(ଖ) ଲାହୋର | ୨୩(ଗ) ଗଞ୍ଜାମ | ୨୪(କ) ବିନୋବା ଭାବେ |

୨୫(ଗ) ୨୮    ୨୬(ଗ) ଭାରତଛାଡ଼ ଆନ୍ଦୋଳନ    ୨୭(ଘ) ଇରମ୍

୨୮(ଗ) ପୁନେ    ୨୯(ଖ) ୧୦    ୩୦(କ) ଜାପାନ

୩୧(ଖ) ରାସବିହାରୀ ବୋଷ    ୩୨(ଘ) ୧୯୨୩    ୩୩(କ) ପେଥିକ୍ ଲରେନ୍ସ

୩୪(ଖ) ୩୮୯    ୩୫(ଗ) ଶ୍ରମିକ    ୩୬(ଖ) ରାଜେନ୍ଦ୍ର ପ୍ରସାଦ

୩୭(ଘ) ୨୨    ୩୮(ଘ) ୧୪    ୩୯(ଘ) ତ୍ରିପୁରୀ ଅଧିବେଶନ

୪୦(ଘ) ୧୯୪୬ ଡିସେମ୍ବର ୯

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୪) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) ଗାନ୍ଧିଜୀ କେଉଁ ଗୋଲ୍ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ ? ଏହି ବୈଠକରେ କିଏ ଅଧ୍ୟକ୍ଷତା କରୁଥିଲେ ? (୨

(ଖ) ଖାନ୍ ଅବଦୁଲ୍ ଗଫର୍ ଖାନ୍ କେଉଁଠାରେ ଆଇନ୍ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ? ସେ କେଉଁ ନାମରେ ପରିଚିତ ? (୨

(ଗ) ଖିଲାଫତ୍ ଆନ୍ଦୋଳନ କ'ଣ ? ଏହା ଭାରତରେ କିପରି ଅଗ୍ରଗତି କରିଥିଲା ? (୪

୨ ।(କ) ବିନୋବା ଭାବେ କେବେ ଓ କେଉଁଠି ତାଙ୍କ ସତ୍ୟାଗ୍ରହ ଆରମ୍ଭ କରିଥିଲେ ? (୨

(ଖ) ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପରେ ଗାନ୍ଧିଜୀ କେବେ ଗିରଫ ହେଲେ ଏବଂ ତାଙ୍କୁ କେଉଁଠାରେ ବନ୍ଦୀ କରି ରଖାଗଲା ?(୨

(ଗ) ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସଂପର୍କରେ ବର୍ଣ୍ଣନା କର ? (୪

୩ ।(କ) ସୁବାଷ ଚନ୍ଦ୍ର ବୋଷ କାହିଁକି କଂଗ୍ରେସ ତ୍ୟାଗ କରିଥିଲେ ? ସେ କେଉଁ ରାଜନୈତିକ ଦଳ ଗଠନ କରିଥିଲେ ? (୨

(ଖ) କିଏ କଟକଠାରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ କେବେ ସରକାର ଏହାର ପରିଚାଳନା ଭାର ହାତକୁ ନେଇଥିଲେ ? (୨

(ଗ) କ୍ୟାବିନେଟ୍ ମିଶନ କହିଲେ କ'ଣ ବୁଝ ? ଏହାର ମୁଖ୍ୟ କାର୍ଯ୍ୟ କ'ଣ ଥିଲା ? ଭାରତରେ ଏହା କେବେ ପହଞ୍ଚିଲା ? (୪

Eduodia App

## ଉତ୍ତର

୧ ।(କ) ଗାନ୍ଧିଜୀ ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ରାମସେ ମାକ୍‌ଡୋନାଲଡ୍ ଅଧ୍ୟକ୍ଷତା କରୁଥିଲେ ।

(ଖ) ଖାନ୍ ଅବଦୁଲ ଗଫର ଖାନ୍ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଆଇନ୍ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ସୀମାନ୍ତ ଗାନ୍ଧୀ ନାମରେ ପରିଚିତ ।

(ଗ) ପ୍ରଥମ ବିଶ୍ୱଯୁଦ୍ଧରେ ବିଜୟୀ ଇଂରେଜମାନେ ତୁର୍କୀକୁ ପରାଜିତ କରି ତୁର୍କୀ ସାମ୍ରାଜ୍ୟକୁ ଖଣ୍ଡ ବିଖଣ୍ଡିତ କରିଦେଲେ । ଏହାର ପ୍ରତିବାଦରେ ତୁର୍କୀର ସୁଲତାନ ତଥା ମୁସଲମାନଙ୍କ ଧର୍ମଗୁରୁ ଖଲିଫାଙ୍କ ସପକ୍ଷରେ ଭାରତର ମୁସଲମାନମାନେ ଇଂରେଜ ଶାସନ ବିରୋଧରେ ଯେଉଁ ଆନ୍ଦୋଳନ କରିଥିଲେ ତାହାକୁ ଖିଲାଫତ୍ ଆନ୍ଦୋଳନ କୁହାଯାଏ ।

- ମହମ୍ମଦ ଅଲ୍ଲୀ, ସୌକତ ଅଲ୍ଲୀ ଓ ମୌଲାନା ଅବଦୁଲ୍ କାଲାମ ଆଜାଦ୍‌ଙ୍କ ନେତୃତ୍ୱରେ ଏହା ମୁସଲମାନଙ୍କର ଗଣ ଆନ୍ଦୋଳନରେ ପରିଣତ ହେଲା ।
- ୧୯୧୯ ନଭେମ୍ବରରେ ଗାନ୍ଧିଜୀ ନିଖିଳ ଭାରତ ଖିଲାଫତ ସମ୍ମିଳନୀର ସଭାପତି ଭାବେ ନିର୍ବାଚିତ ହେଲେ ।
- ମହାତ୍ମାଗାନ୍ଧୀ ଏହି ଖିଲାଫତ୍ ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଲେ ମୁସଲମାନଙ୍କୁ ହିନ୍ଦୁମାନଙ୍କ ସହିତ ଏକତ୍ରିତ କରି ଏହି ଆନ୍ଦୋଳନକୁ ଗାନ୍ଧିଜୀ ଏକ ଜାତୀୟ ଆନ୍ଦୋଳନ ରୂପେ ପରିଣତ କଲେ ।
- ମୁସଲିମ୍ ଲିଗ୍ ଓ ଭାରତୀୟ ଜାତୀୟ କଂଗ୍ରେସ ଖିଲାଫତ ଆନ୍ଦୋଳନକୁ ସମର୍ଥନ କରିଥିଲେ ।

୨ ।(କ) ବିନୋବା ଭାବେ ୧୯୪୦ ଅକ୍ଟୋବର ୧୭ରେ ପାନଉରଠାରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ ।

(ଖ) ଗାନ୍ଧିଜୀ ୧୯୪୨ ଅଗଷ୍ଟ ୯ରେ ଗିରଫ୍ ହେଲେ ଏବଂ ତାଙ୍କୁ ପୁନେର ଆଗା ଖାଁ ପ୍ରାସାଦରେ ବନ୍ଦୀ କରି ରଖାଗଲା ।

(ଗ) ଗୁଜୁରାଟର ଡାଣ୍ଡି ପରେ ଓଡ଼ିଶାର ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ।

- ଗାନ୍ଧିଜୀ ଯେଉଁଦିନ ଦାଣ୍ଡିଠାରେ ଲବଣ ଆଇନ୍ ଭଙ୍ଗ କରିଥିଲେ ସେହିଦିନ ଓଡ଼ିଶାରେ ୨୧ ଜଣ ସତ୍ୟାଗ୍ରହୀ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ କଟକ ସ୍ୱରାଜ ଆଶ୍ରମରୁ ଇଞ୍ଚୁଡ଼ି ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ ।
- ଏପ୍ରିଲ ୮ ତାରିଖରେ ଚାନ୍ଦୋଳଠାରେ ଗୋପବନ୍ଧୁ ଚୌଧୁରୀ ଗିରଫ୍ ହେବା ପରେ ଆଚାର୍ଯ୍ୟ ହରିହର ସତ୍ୟାଗ୍ରହୀଙ୍କର ନେତୃତ୍ୱ ନେଲେ ଏବଂ ୧୯୩୦ ଏପ୍ରିଲ୍ ୧୨ ତାରିଖରେ ଇଞ୍ଚୁଡ଼ିଠାରେ ପହଞ୍ଚିଥିଲେ ।
- ରମାଦେବୀ, ମାଳତୀ ଦେବୀ, କୋକିଳା ଦେବୀ, ଜାହ୍ନବୀ ଦେବୀ ଓ ସୁଭଦ୍ରା ମହତାବ ଆଦି ନାରୀ ନେତ୍ରୀମାନେ ଇଞ୍ଚୁଡ଼ିରେ ପହଞ୍ଚି ଯାଇଥିଲେ ।
- ଏପ୍ରିଲ୍ ୧୩ ତାରିଖରେ ଆଚାର୍ଯ୍ୟ ହରିହର ଲବଣ ଆଇନ୍ ଭଙ୍ଗ କରି ଲୁଣ ପ୍ରସ୍ତୁତ କଲେ । ସେ ଏବଂ ତାଙ୍କର ୭ ଜଣ କର୍ମୀ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହେଲେ ।
- ଏପ୍ରିଲ୍ ୨୦ରେ ରମାଦେବୀ ଓ ମାଳତୀ ଦେବୀଙ୍କ ନେତୃତ୍ୱରେ ବହୁ ନାରୀ ଲବଣ ଆଇନ୍ ଭଙ୍ଗ କଲେ ।

୩ ।(କ) ସୁଭାଷ ବୋଷ ୧୯୩୯ରେ ଗାନ୍ଧିଜୀଙ୍କ ବିରୋଧ ସତ୍ତ୍ୱେ ତ୍ରିପୁରୀ ଅଧିବେଶନରେ ସଭାପତି ହୋଇଥିଲେ । ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ କଂଗ୍ରେସ ତ୍ୟାଗ କରିଥିଲେ । ସେ ଫରୱାର୍ଡ ବ୍ଲକ୍ ଗଠନ କରିଥିଲେ ।

(ଖ) ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକମାନେ କଟକଠାରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସରକାର ଏହାର ପରିଚାଳନା ଭାର ହାତକୁ ନେଇଥିଲେ ୧୮୪୧ରେ ।

(ଗ) ୧୯୪୬ ମସିହା ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ଆଟଲୀ ତାଙ୍କ ମନ୍ତ୍ରୀମଣ୍ଡଳର ୩ ଜଣ ସଦସ୍ୟ ଯଥା – (୧) ପେଥିକ୍ ଲରେନ୍ସ, (୨) ଏ. ଭି. ଆଲେକଜାଣ୍ଡର, (୩) ସାର୍ ଷ୍ଟାଫୋର୍ଡ୍ କ୍ରିପସ୍‌ଙ୍କୁ ଭାରତ ପଠାଇଥିଲେ । ଏହାକୁ କ୍ୟାବିନେଟ୍ ମିଶନ କୁହାଯାଏ ।

- ଭାରତୀୟଙ୍କ ହାତରେ କ୍ଷମତା ହସ୍ତାନ୍ତର ଏବଂ ସେଥିପାଇଁ ଭାରତୀୟ ନେତୃବର୍ଗଙ୍କ ସାଙ୍ଗରେ ବୁଝାମଣା କରିବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ଏହା ୧୯୪୬ ମାର୍ଚ୍ଚ ୨୪ରେ ନୂଆ ଦିଲ୍ଲୀରେ ପହଞ୍ଚି ଥିଲା ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ।(କ) ସତ୍ୟବାଦୀ ବନବିଦ୍ୟାଳୟ କିଏ, କେବେ ଏବଂ କାହିଁକି ପ୍ରତିଷ୍ଠା କରିଥିଲେ ? (୩

(ଖ) ଅସହଯୋଗ ଆନ୍ଦୋଳନରେ ଗୋପବନ୍ଧୁ ଦାସଙ୍କ ଭୂମିକା ବର୍ଣ୍ଣନା କର ? (୪

୨ ।(କ) ଲକ୍ଷ୍ମଣ ନାୟକ କେଉଁ ଅଭିଯୋଗରେ ଏବଂ କେବେ ଫାଶୀ ପାଇଥିଲେ ? କେଉଁ ଜେଲ୍‌ରେ ଫାଶୀ ପାଇଥିଲେ ? (୩

(ଖ) ରାଓଲଟ୍ ଆଇନ୍ କହିଲେ କ'ଣ ବୁଝ ? ଏହା ବିରୁଦ୍ଧରେ ଗାନ୍ଧିଜୀଙ୍କ ଭୂମିକା କ'ଣ ଥିଲା ? (୪

୩ ।(କ) ସ୍ୱାଧୀନତା ପରେ ଭାରତରେ ପ୍ରଥମ ଗଭର୍ଣ୍ଣର ଜେନେରାଲ୍ କିଏ ଥିଲେ ? ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ କେବେ ଓ କେଉଁଠାରେ ସ୍ୱାଧୀନ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ ? (୩

(ଖ) ଭାରତ ସ୍ୱାଧୀନତା ଆଇନ୍‌ର ମୁଖ୍ୟ ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ? (୪

## ଉତ୍ତର

୧ ।(କ) ସତ୍ୟବାଦୀ ବନବିଦ୍ୟାଳୟ ଗୋପବନ୍ଧୁ ଦାସ ୧୯୧୯ରେ ପ୍ରତିଷ୍ଠା କରିଥିଲେ ।

- ଜାତୀୟତାବାଦୀ ଶିକ୍ଷା ପ୍ରଦାନ ତାଙ୍କର ଉଦ୍ଦେଶ୍ୟ ଥିଲା ।

(ଖ) ୧୯୨୦ ଡିସେମ୍ବରରେ ନାଗପୁର କଂଗ୍ରେସ ଅଧିବେଶନରେ ଗୋପବନ୍ଧୁ ଦାସ ଯୋଗଦାନ କରି ଫେରିବା ପରେ ୧୯୨୧ ଜାନୁୟାରୀ ୨୪ ତାରିଖ ଦିନ ଗୋପବନ୍ଧୁ ଦାସ କଟକ ସହର ଉପକଣ୍ଠସ୍ଥ କାଠଯୋଡ଼ି ନଦୀ କୂଳରେ ଏକ ସାଧାରଣ ସଭାରେ ଛାତ୍ରମାନଙ୍କୁ ଅସହଯୋଗ ଆନ୍ଦୋଳନ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ ।

- ଓଡ଼ିଶାରେ ତାଙ୍କ ଉଦ୍ୟମରେ ୧୯୨୧ ମାର୍ଚ୍ଚରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇଥିଲା ।
- ସେ ଏହାର ପ୍ରଥମ ସଭାପତି ହୋଇଥିଲେ ।
- ଗୋପବନ୍ଧୁ ଦାସଙ୍କ ଅନୁରୋଧ କ୍ରମେ ମହାତ୍ମାଗାନ୍ଧୀ ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଆସି କଟକଠାରେ ବିଶାଳ ଜନ ସମାବେଶକୁ ଉଦ୍‌ବୋଧନ ଦେଇଥିଲେ । ଗାନ୍ଧିଜୀଙ୍କ ଉଦ୍‌ବୋଧନରେ ଅନୁପ୍ରାଣିତ ହୋଇ ରମାଦେବୀ ସମେତ ବହୁ ନାରୀ ସେମାନଙ୍କ ଅଳଙ୍କାର ସାମଗ୍ରୀ 'ତିଳକ ସ୍ୱରାଜ ପାଣ୍ଠି'କୁ ଦାନ କରିଥିଲେ ।
- ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦପତ୍ର "ସମାଜ" ଜାତୀୟ ଚେତନା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

୨ ।(କ) ଜଣେ ଜଙ୍ଗଲ ରକ୍ଷୀକୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗରେ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା ।

- ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ବ୍ରହ୍ମପୁର ଜେଲ୍‌ରେ ସେ ଫାଶୀ ପାଇଥିଲେ ।

(ଖ) ଇଂରେଜ ସରକାର ଭାରତରେ ବିଦ୍ରୋହ ଓ ବିପ୍ଳବାତ୍ମକ କାର୍ଯ୍ୟ କଳାପକୁ ଦମନ କରିବା ପାଇଁ ବିଚାରପତି ରାଓଲାଟ୍‌ଙ୍କ ଅଧକ୍ଷତାରେ ଗଠିତ ଏକ କମିଟିର ସୁପାରିଶ୍ ଅନୁସାରେ ଯେଉଁ ଆଇନ୍ ପ୍ରଣୟନ କଲେ ତାହା ରାଓଲାଟ୍ ଆଇନ୍ ନାମରେ ପରିଚିତ ।

- ବିନା ବିଚାରରେ ଇଂରେଜ ସରକାର ଯେକୌଣସି ଭାରତୀୟଙ୍କୁ ଗିରଫ କରି କାରାଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ଏହି ଆଇନ୍‌ରେ ଥିଲା ।
- ୧୯୧୯ ମାର୍ଚ୍ଚ ୧୮ରେ ରାଓଲାଟ୍ ଆଇନ୍ ଗୃହୀତ ହେଲା ।
- ଗାନ୍ଧିଜୀ ୧୯୧୯ ଫେବୃଆରୀରେ ଏକ ସତ୍ୟାଗ୍ରହ କମିଟି ଗଠନ କରି ଏହାର ସଭ୍ୟମାନଙ୍କୁ ଏହି ଆଇନ୍ ଅମାନ୍ୟ କରିବା ପାଇଁ ଅହିଂସା ଉପାୟରେ ଆନ୍ଦୋଳନ କରିବା ପାଇଁ ପ୍ରବର୍ତ୍ତାଇଲେ । ଏହି ଆଇନ୍ ବିରୋଧରେ ଏକ ଗଣ ସତ୍ୟାଗ୍ରହ ଆରମ୍ଭ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ଦେଶ ବ୍ୟାପୀ ହରତାଳ ପାଳନ ପାଇଁ ପରାମର୍ଶ ଦେଲେ ।

୩ ।(କ) ସାଧୀନତା ପରେ ଭାରତରେ ପ୍ରଥମ ଗଭର୍ଣ୍ଣର ଜେନେରାଲ୍ ହେଲେ ଲର୍ଡ଼ ଲୁଇ ମାଉଣ୍ଟବ୍ୟାଟେନ୍ ।

- ୧୯୪୭ ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁ ଲାଲ୍‌କିଲ୍ଲାଠାରେ ସାଧୀନ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

(ଖ) ୧୯୪୭ ଭାରତ ସାଧୀନତା ଆଇନ୍ ଅନୁସାରେ ଭାରତ ଓ ପାକିସ୍ତାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ କ୍ଷମତା ହସ୍ତାନ୍ତର ନିମନ୍ତେ ନିଷ୍ପତ୍ତି ନିଆଗଲା ।

- ଦେଶୀୟ ରାଜାମାନେ ଇଚ୍ଛା ଅନୁସାରେ ଭାରତ କିମ୍ବା ପାକିସ୍ତାନ ସହିତ ଯୋଗ ଦେବାର ସାଧୀନତା ପାଇଲେ ।
- ୧୯୪୭ ଅଗଷ୍ଟ ୧୫ରୁ ଇଂଲଣ୍ଡ ସହିତ ସେମାନଙ୍କର ସମସ୍ତ ଚୁକ୍ତିର ବିଲୋପ ଘଟିଲା ।
- ନିଜର ସମ୍ବିଧାନ ପ୍ରଣୀତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦେଶର ସମ୍ବିଧାନ ପ୍ରଣୟନ ସଭାକୁ ବିଧାୟକ ସଭାର କ୍ଷମତା ଦିଆଗଲା । ଇଂଲଣ୍ଡର ଭାରତ ସଚିବ ପଦ ଉଚ୍ଛେଦ କରାଗଲା ।
- ଉଭୟ ଦେଶ ଭାରତ ଶାସନ ଆଇନ୍ ୧୯୩୫ ଅନୁଯାୟୀ ଶାସନ କଲେ ।

Odisha 1 to 10 All Books App

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ୪ ଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ଓଡ଼ିଶା କେବେ ଇଂରେଜ ଶାସନାଧୀନ ହେଲା ?

(କ) ୧୮୫୭ (ଖ) ୧୮୦୩

(ଗ) ୧୯୧୪ (ଘ) ୧୯୨୦

୨ । ୧୮୪୯ରେ କଟକ କଲେକ୍ଟର କେଉଁ ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ଦେଇଥିଲେ ?

(କ) ବଙ୍ଗଳା (ଖ) ପାର୍ସୀ

(ଗ) ଓଡ଼ିଆ (ଘ) ଉର୍ଦ୍ଦୁ

୩ । ୧୮୮୨ରେ ଗଠିତ ଉତ୍କଳ ସଭାର ପ୍ରଥମ ସଭାପତି କିଏ ଥିଲେ ?

(କ) ମଧୁସୂଦନ ଦାସ (ଖ) ଗୌରୀ ଶଙ୍କର ରାୟ

(ଗ) ପ୍ୟାରିମୋହନ ଆଚାର୍ଯ୍ୟ (ଘ) ଚୌଧୁରୀ କାଶୀନାଥ ଦାସ

୪ । କେବେ ଲର୍ଡ଼ ରିପନ୍ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ ?

(କ) ୧୮୭୬ (ଖ) ୧୮୮୨

(ଗ) ୧୮୬୭ (ଘ) ୧୮୮୭

୫ । ଉତ୍କଳ ହିତବାଦିନୀ ସଭା କେଉଁ ସହରରେ ଗଢ଼ି ଉଠିଥିଲା ?

(କ) କଟକ (ଖ) ସମ୍ବଲପୁର

(ଗ) ବ୍ରହ୍ମପୁର (ଘ) ବାଲେଶ୍ୱର

୬ । କେଉଁ ପତ୍ରିକା ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଜାଗରଣ ସୃଷ୍ଟି କରି ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜନମତ ଜାଗ୍ରତ କରିଥିଲା ?

(କ) ଉତ୍କଳ ଦୀପିକା (ଖ) ସମ୍ବାଦ ବାହିକା

(ଗ) ବୋଧ ଦାୟିନୀ (ଘ) ସମ୍ବଲପୁର ହିତୈଷିଣୀ

୭ । କିଏ ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ଥିଲେ ?

(କ) ମୁକୁନ୍ଦ ଦେବ (ଖ) କପିଳେନ୍ଦ୍ର ଦେବ

(ଗ) ପୁରୁଷୋତ୍ତମ ଦେବ (ଘ) ଚୋଡ଼ଗଙ୍ଗ ଦେବ

୮ । ନିମ୍ନଲିଖିତ ମଧ୍ୟରୁ କିଏ ଉତ୍କଳ ସଭା ଗଠନ କରିଥିଲେ ?

(କ) ଗୋପବନ୍ଧୁ ଦାସ (ଖ) ହରେକୃଷ୍ଣ ମହାରାଜ

(ଗ) ମଧୁସୂଦନ ଦାସ (ଘ) ଗଙ୍ଗାଧର ମେହେର

୯ । ଉତ୍କଳ ସମ୍ମିଳନୀର କେଉଁ ଅଧିବେଶନରେ "ବନ୍ଦେ ଉତ୍କଳ ଜନନୀ" ସ୍ଲୋଗାନ ଦିଆଯାଇଥିଲା ?

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

Eodia App

୧୦ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ (ଖ) ଧନୁର୍ଜୟ ନାରାୟଣ

(ଗ) ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଘ) ହରିହର ମର୍ଦ୍ଦରାଜ

୧୧ । ଓଡ଼ିଶା କେବେଠାରୁ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ?

(କ) ୧୯୩୦ ଏପ୍ରିଲ୍ ୧ (ଖ) ୧୯୩୫ ଏପ୍ରିଲ୍ ୧

(ଗ) ୧୯୨୦ ଏପ୍ରିଲ୍ ୧ (ଘ) ୧୯୩୬ ଏପ୍ରିଲ୍ ୧

୧୨ । 'ଅମୃତ ବଜାର' ପତ୍ରିକାର ସମ୍ପାଦକ କିଏ ଥିଲେ ?

(କ) ସୁରେନ୍ଦ୍ରନାଥ ବାନାର୍ଜୀ (ଖ) ମୋତିଲାଲ୍ ଘୋଷ

(ଗ) ମଧୁସୂଦନ ଦାସ (ଘ) ଗୋପବନ୍ଧୁ ଦାସ

୧୩ । କାହା ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ଗଠନ କରାଯାଇଥିଲା ?

(କ) ବିଶ୍ୱନାଥ ବେବର୍ତ୍ତା (ଖ) କିଶୋରଚନ୍ଦ୍ର ହରିଚନ୍ଦନ

(ଗ) ହରିହର ମର୍ଦ୍ଦରାଜ ଦେବ (ଘ) ନାରାୟଣ ଭଞ୍ଜ ଦେଓ

୧୪ । ଉତ୍କଳ ସମ୍ମିଳନୀ ତରଫରୁ ମଣ୍ଟେଗୁ ଓ ଚେମ୍ସ୍ ଫୋର୍ଡ଼ଙ୍କୁ କେବେ ଦାବି ପତ୍ର ଦିଆଯାଇଥିଲା ?

(କ) ୧୯୧୨ (ଖ) ୧୯୧୪

(ଗ) ୧୯୧୭ (ଘ) ୧୯୧୮

୧୫ । ସମ୍ବଲପୁରର କେତେକ ନେତୃସ୍ଥାନୀୟ ବ୍ୟକ୍ତି କେଉଁଠାରେ କର୍ଜନଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ ?

(କ) କଲିକତା (ଖ) ଦିଲ୍ଲୀ

(ଗ) ସିମ୍ଲା (ଘ) କଟକ

୧୬ । ଓଡ଼ିଶା ଡିଭିଜନ୍‌ରେ ମିଶିବା ପୂର୍ବରୁ କଳାହାଣ୍ଡି କେଉଁ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା ?

(କ) ମାନ୍ଦ୍ରାଜ (ଖ) କେନ୍ଦ୍ରୀୟ

(ଗ) ଗଞ୍ଜାମ (ଘ) ବଙ୍ଗ

୧୭ । କେଉଁ ଅଞ୍ଚଳଟି କେନ୍ଦ୍ରୀୟ ପ୍ରଦେଶର ଅନ୍ତର୍ଭୁକ୍ତ ନଥିଲା ?

(କ) ବାମଣ୍ଡା (ଖ) ସୋନ୍‌ପୁର

(ଗ) ବଣାଇ (ଘ) ରେଢ଼ାଖୋଲ

୧୮ । ବଙ୍ଗର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଏସ୍.ସି. ବେଲି କେବେ ଓଡ଼ିଶା ଭ୍ରମଣରେ ଆସିଥିଲେ ?

(କ) ୧୮୮୭ (ଖ) ୧୮୯୦

(ଗ) ୧୮୮୮ (ଘ) ୧୮୮୯

୧୯ । ସମ୍ବଲପୁର କେବେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ କେନ୍ଦ୍ରୀୟ ପ୍ରଦେଶ ଅଧୀନକୁ ହସ୍ତାନ୍ତରିତ ହୋଇଥିଲା ?

(କ) ୧୭୫୯ (ଖ) ୧୮୪୯

(ଗ) ୧୮୫୬ (ଘ) ୧୯୦୩

୨୦ । ଗଞ୍ଜାମ କେବେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା ?

(କ) ୧୭୫୦ (ଖ) ୧୭୫୬

(ଗ) ୧୭୫୯ (ଘ) ୧୭୬୦

୨୧ । ଉତ୍କଳ ଦୀପିକାର ସମ୍ପାଦକ କିଏ ଥିଲେ ?

(କ) ଫକିର ମୋହନ ସେନାପତି (ଖ) ଗୌରୀ ଶଙ୍କର ରାୟ

(ଗ) ମଧୁସୂଦନ ଦାସ (ଘ) ଗୋପବନ୍ଧୁ ଦାସ

୨୨ । ୧୮୮୬ ଡିସେମ୍ବର ୨୮ରେ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(କ) ମାଡ୍ରାସ (ଖ) କଲିକତା

(ଗ) ବମ୍ବେ (ଘ) ଦିଲ୍ଲୀ

୨୩ । ନିମ୍ନଲିଖିତ ମଧ୍ୟରୁ କିଏ ଲର୍ଡ଼ କର୍ଜନ୍‌ଙ୍କୁ ପ୍ରଭାବିତ କରି ଓଡ଼ିଶା ଆଣିଥିଲେ ?

(କ) ମଧୁସୂଦନ ଦାସ (ଖ) ଫକୀର ମୋହନ ସେନାପତି

(ଗ) ଗୌରୀ ଶଙ୍କର ରାୟ (ଘ) ନୀଳମଣି ବିଦ୍ୟାରତ୍ନ

୨୪ । ସାଇମନ୍ କମିଶନଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି କେଉଁଠାରେ ସାକ୍ଷାତ୍ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଯୁକ୍ତି ଉପସ୍ଥାପନ କରିଥିଲେ ?

(କ) ବମ୍ବେ (ଖ) ମାନ୍ଦ୍ରାଜ

(ଗ) ବିହାର (ଘ) ଗଞ୍ଜାମ

୨୫ । ୧୯୩୫ ଭାରତ ଶାସନ ଆଇନ୍‌ର କେତେ ଧାରା ଅନୁଯାୟୀ ଓଡ଼ିଶାକୁ ନୂତନ ପ୍ରଦେଶ ଭାବେ ସ୍ୱୀକୃତି ଦିଆଯାଇଥିଲା ?

(କ) ୨୮୦ (ଖ) ୨୮୨

(ଗ) ୨୮୫ (ଘ) ୨୮୯

Eduodia App

୨୬ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ସଂପର୍କରେ ମତାମତ ଦେବା ନିମନ୍ତେ କେଉଁ ସବ୍ କମିଟି ଗଠନ କରାଯାଇଥିଲା ?

(କ) ଅଟଲି ସବ୍ କମିଟି (ଖ) ଫିଲିପ୍ ଡଫ୍ ସବ୍ କମିଟି

(ଗ) ସାମୁଏଲ୍ ହୋର୍ ସବ୍ କମିଟି (ଘ) ଓଡନେଲ୍ ସବ୍ କମିଟି

୨୭ । କିଏ 'ଓ' ଡନେଲ୍ କମିଟିର ସଦସ୍ୟ ନଥିଲେ ?

(କ) ସଚ୍ଚିଦାନନ୍ଦ ସିହ୍ନା (ଖ) ସି. ଭି. ଏସ୍. ନରସିଂହ ରାଜୁ

(ଗ) କୃଷ୍ଣ ଚନ୍ଦ୍ର ଗଜପତି (ଘ) ମଧୁସୂଦନ ଦାସ

୨୮ । ପାରଳା ଖେମୁଣ୍ଡିର ଅଧିକାଂଶ ଲୋକ କେଉଁ ଭାଷା ଭାଷୀ ହୋଇଥିବାରୁ ଇଂରେଜ ସରକାର ଏହାକୁ ଓଡ଼ିଶାକୁ ହସ୍ତାନ୍ତର କରିବାକୁ ରାଜି ହୋଇନଥିଲେ ?

(କ) ତାମିଲ୍ (ଖ) ବଙ୍ଗଳା

(ଗ) ତେଲୁଗୁ (ଘ) ମାଲାୟାଲାମ୍

୨୯ । ୧୯୩୫ ଭାରତ ଶାସନ ଆଇନ୍ ଅନୁଯାୟୀ ଗଠିତ ନବଗଠିତ ଓଡ଼ିଶା ପ୍ରଦେଶରେ କେତୋଟି ଜିଲ୍ଲା ରହିଥିଲା ?

(କ) ୪, (ଖ) ୫, (ଗ) ୬, (ଘ) ୭

୩୦ । ଓଡ଼ିଶାର ପ୍ରଥମ ବିଧାନ ସଭାର ବାଚସ୍ପତି କିଏ ଥିଲେ ?

(କ) ମୁକୁନ୍ଦ ପ୍ରସାଦ ଦାସ (ଖ) ନନ୍ଦ କିଶୋର ଦାସ

(ଗ) ବିଶ୍ୱନାଥ ଦାସ (ଘ) ମଧୁସୂଦନ ଦାସ

୩୧ । ଓଡ଼ିଶାର ପ୍ରଥମ ବିଧାନ ସଭାରେ ସମୁଦାୟ କେତୋଟି ଆସନ ଥିଲା ?

(କ) ୫୬, (ଖ) ୬୦, (ଗ) ୭୦, (ଘ) ୧୪୭

୩୨ । କୃଷ୍ଣଚନ୍ଦ୍ର ଗଜପତି କେଉଁ ଦଳର ନେତୃତ୍ୱ ନେଇଥିଲେ ?

(କ) ସଂଯୁକ୍ତ ଦଳ (ଖ) ଜାତୀୟ କଂଗ୍ରେସ

(ଗ) ଜାତୀୟ ଦଳ (ଘ) ସାଧୀନ ଦଳ

୩୩ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ କାହା ପ୍ରଧାନ ମନ୍ତ୍ରୀତ୍ୱରେ ଗଠିତ ହୋଇଥିଲା ?

(କ) ମୁକୁନ୍ଦ ପ୍ରସାଦ ଦାସ (ଖ) ବିଶ୍ୱନାଥ ଦାସ

(ଗ) ହରେକୃଷ୍ଣ ମହତାବ (ଘ) କୃଷ୍ଣଚନ୍ଦ୍ର ଗଜପତି

୩୪ । ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?

(କ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଖ) ବିଶ୍ୱନାଥ ଦାସ

(ଗ) ଭୁବନାନନ୍ଦ ଦାସ (ଘ) ଶଶୀଭୂଷଣ ରଥ

୩୫ । ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ବିଧାନ ସଭାର ପ୍ରଥମ ଅଧିବେଶନ କେବେ ବସିଥିଲା ?

(କ) ୧୯୩୭ ଅକ୍ଟୋବର ୩୦ (ଖ) ୧୯୩୯ ଏପ୍ରିଲ୍ ୧

(ଗ) ୧୯୩୭ ଜୁଲାଇ ୧୯ (ଘ) ୧୯୩୭ ଜୁଲାଇ ୨୮

୩୬ । ମୁଖ୍ୟତଃ କେଉଁ ଅଞ୍ଚଳଗୁଡ଼ିକୁ ନେଇ ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିଲା ?

(କ) ଗଞ୍ଜାମ, ପୁରୀ, କଟକ (ଖ) ପୁରୀ, କଟକ, ବାଲେଶ୍ୱର

(ଗ) କଟକ, ବାଲେଶ୍ୱର, ସମ୍ବଲପୁର (ଘ) ପୁରୀ, ଗଞ୍ଜାମ, ସମ୍ବଲପୁର

୩୭ । ମରହଟ୍ଟାମାନେ କେଉଁ ଭାଷାକୁ ଓଡ଼ିଶାର ରାଜ ଭାଷା ରୂପେ ମାନ୍ୟତା ଦେଇଥିଲେ ?

(କ) ହିନ୍ଦୀ (ଖ) ବଙ୍ଗଳା

(ଗ) ପାର୍ସୀ (ଘ) ମରାଠୀ

୩୮ । ଓଡ଼ିଶାର ସୀମା ନିର୍ଦ୍ଧାରଣ କମିଟିର ଅଧକ୍ଷ କିଏ ଥିଲେ ?

(କ) ସାମୁଏଲ୍ ଓ ଡନେଲ୍ (ଖ) ମଣ୍ଟେଗୁ ଚେମସ୍ ଫୋର୍ଡ୍

(ଗ) ସଚ୍ଚିଦାନନ୍ଦ ସିହ୍ନା (ଘ) ସିଏଲ୍ ଫିଲିପ୍

୩୯ । ଉତ୍କଳ ସମ୍ମିଳନୀର ଶେଷ ବୈଠକ କେଉଁଠାରେ ବସିଥିଲା ?

(କ) କଟକ (ଖ) ପୁରୀ

(ଗ) ବାଲେଶ୍ୱର (ଘ) ଗଞ୍ଜାମ

୪୦ । କେଉଁଟି ଓଡ଼ିଶାର ପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ ?

(କ) ଗଞ୍ଜାମ ଜାତୀୟ ସମିତି (ଖ) ଉତ୍କଳ ସଭା

(ଗ) ଉତ୍କଳ ସମ୍ମିଳନୀ (ଘ) ଗଞ୍ଜାମ ଜାତୀୟ ସଭା

Odisha 1 to 10 All Books App

## ଉତ୍ତର

| | | |
|---|---|---|
| ୧(ଖ) ୧୮୦୩ | ୨(କ) ବଙ୍ଗଳା | ୩(ଘ) ଚୌଧୁରୀ କାଶୀନାଥ ଦାସ |
| ୪(ଖ) ୧୮୮୨ | ୫(ଗ) ବ୍ରହ୍ମପୁର | ୬(ଘ) ସମ୍ବଲପୁର ହିତୈଷିଣୀ |
| ୭(କ) ମୁକୁନ୍ଦ ଦେବ | ୮(ଗ) ମଧୁସୂଦନ ଦାସ | ୯(କ) ପ୍ରଥମ |
| ୧୦(ଗ) ଶ୍ରୀରାମ ଚନ୍ଦ୍ର ଭଞ୍ଜ | ୧୧(ଘ) ୧୯୩୬ ଏପ୍ରିଲ୍ ୧ | ୧୨(ଖ) ମୋତିଲାଲ୍ ଘୋଷ |
| ୧୩(ଗ) ହରିହର ମର୍ଦ୍ଦରାଜଦେବ | ୧୪(ଗ) ୧୯୧୭ | ୧୫(ଗ) ସିମ୍ଲା |
| ୧୬(ଖ) କେନ୍ଦ୍ରୀୟ | ୧୭(ଗ) ବଣାଇ | ୧୮(ଗ) ୧୮୮୮ |
| ୧୯(ଖ) ୧୮୪୯ | ୨୦(ଗ) ୧୭୫୯ | ୨୧(ଖ) ଗୌରୀ ଶଙ୍କର ରାୟ |
| ୨୨(ଖ) କଲିକତା | ୨୩(କ) ମଧୁସୁଦନ ଦାସ | ୨୪(ଖ) ମାନ୍ଦ୍ରାଜ |
| ୨୫(ଘ) ୨୮୯ | ୨୬(କ) ଅଟଲି ସବ୍ କମିଟି | ୨୭(ଘ) ମଧୁସୂଦନ ଦାସ |
| ୨୮(ଗ) ତେଲୁଗୁ | ୨୯(ଗ) ୬ | ୩୦(କ) ମୁକୁନ୍ଦ ପ୍ରସାଦ ଦାସ |
| ୩୧(ଖ) ୬୦ | ୩୨(ଗ) ଜାତୀୟ ଦଳ | ୩୩(ଖ) ବିଶ୍ୱନାଥ ଦାସ |
| ୩୪(କ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି | ୩୫(ଘ) ୧୯୩୭ ଜୁଲାଇ ୨୮ | ୩୬(ଖ) ପୁରୀ, କଟକ, ବାଲେଶ୍ୱର |
| ୩୭(ଗ) ପାର୍ସୀ | ୩୮(କ) ସାମୁଏଲ୍ ଓ ଡନେଲ୍ | ୩୯(କ) କଟକ |
| ୪୦(ଖ) ଉତ୍କଳ ସଭା । | | |

Eduodia App

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୪) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) କେବେ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ଥିଲା ? (୨

(ଖ) କିଏ ମହିମା ଧର୍ମର ପ୍ରଚାରକ ଥିଲେ ? ଏହା କିଏ ପ୍ରବର୍ତ୍ତନ କରିଥିଲେ ? (୨

(ଗ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷାର ବିକାଶ କିପରି ସମ୍ଭବ ହୋଇଥିଲା ? (୪

୨ ।(କ) କେଉଁ ସ୍ଥାନରୁ 'ଉତ୍କଳ ଦୀପିକା' ପ୍ରକାଶନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା ? ଏହାର ପ୍ରତିଷ୍ଠାତା କିଏ ଥିଲେ ? (୨

(ଖ) କେବେ ଓ କେଉଁଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଯାଇଥିଲା ? (୨

(ଗ) ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ କ'ଣ ଥିଲା ? (୪

୩ ।(କ) ରାମଚନ୍ଦ୍ର ମର୍ଦ୍ଦରାଜ କେଉଁଠାରେ ରାଜା ଥିଲେ ? ସେ ନିର୍ବାଚନରେ କେଉଁ ଦଳର ନେତୃତ୍ୱ ନେଇଥିଲେ ? (୨

(ଖ) ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିଏ ଓ କେବେ ପ୍ରଣୟନ କରିଥିଲେ ? (୨

(ଗ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରିସେଲ୍ ସର୍କୁଲାର୍ କିପରି ସହାୟକ ହୋଇଥିଲା ? (୪

## ଉତ୍ତର

୧ ।(କ) ୧୮୩୭ରେ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା କରାଯାଇଥିଲା । ଏହାର ନାମ ଥିଲା କଟକ ମିଶନ ପ୍ରେସ୍ ।

(ଖ) ଭୀମ ଭୋଇ ମହିମା ଧର୍ମର ପ୍ରଚାରକ ଥିଲେ । ଏହା ମହିମା ଗୋସ୍ୱାମୀ ପ୍ରବର୍ତ୍ତନ କରିଥିଲେ ।

(ଗ) ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରସାର ଘଟିଲା ।

- ୧୮୨୩ରେ ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକମାନଙ୍କ ଦ୍ୱାରା କଟକରେ ସ୍ଥାପିତ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟକୁ ୧୮୪୧ ରେ ସରକାର ହାତକୁ ନେଲେ ।
- ୧୮୫୪ରେ ଚାର୍ଲସ୍ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ଓ ୧୮୫୭ ରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା ।
- ୧୮୫୮ରେ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାର ସଦର ମହକୁମାରେ ଗୋଟିଏ ଲେଖାଏଁ ଜିଲ୍ଲା ସ୍କୁଲ୍ ସମେତ ସରକାରୀ ଓ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ଏହିପରି ମୋଟ୍ ୩୩ଟି ଥିଲା । ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ଓ ସେଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ବହୁ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କଲା ।

୨ ।(କ) କଟକର "ଉତ୍କଳ ଦୀପିକା" ପ୍ରକାଶନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ଏହାର ପ୍ରତିଷ୍ଠାତା ଥିଲେ ଗୌରୀଶଙ୍କର ରାୟ ।

(ଖ) ୧୯୩୧ ମାର୍ଚ୍ଚ ୨୯ରେ କରାଚୀଠାରେ ଜାତୀୟ କଂଗ୍ରେସ ଅଧିବେଶନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ମହାତ୍ମାଗାନ୍ଧୀଙ୍କୁ ଅବଗତ କରାଯାଇଥିଲା ।

(ଗ) ଲକ୍ଷ୍ୟ - ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ମୁଖ୍ୟ ଲକ୍ଷ୍ୟ ଥିଲା ।

- ଉଦ୍ଦେଶ୍ୟ - ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ । ଓଡ଼ିଶାର ସମୁଦାୟ ବିକାଶ । ସମସ୍ତ ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକ ଶାସନାଧିନ କରିବା । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କ ସ୍ୱାର୍ଥର ସୁରକ୍ଷା ।

୩ ।(କ) ରାମଚନ୍ଦ୍ର ମର୍ଦ୍ଦରାଜ ଖଲ୍ଲିକୋଟର ରାଜା ଥିଲେ । ସେ ନିର୍ବାଚନରେ ସ୍ୱାଧୀନ ଦଳର ନେତୃତ୍ୱ ନେଇଥିଲେ ।

(ଖ) ଲର୍ଡ ରିପନ୍ ୧୮୮୨

(ଗ) ୧୯୦୩ ଡିସେମ୍ବର ୩ ରେ ଭାରତ ସରକାରଙ୍କ ଘରୋଇ ସଚିବ ଥିଲେ ହେନେରୀ ରିସେଲ୍ ।

- ହେନେରୀ ରିସେଲ୍ ଏକ ସର୍କୁଲାର୍ ପ୍ରକାଶ କରିଥିଲେ ।
- କେନ୍ଦ୍ରୀୟପ୍ରଦେଶ ସରକାର ଏହି ସର୍କୁଲାରକୁ ମାନି ନେଇଥିଲେ ।
- ୧୯୦୫ ଜୁଲାଇ ୧୯ ରେ ସମ୍ବଲପୁରକୁ କେନ୍ଦ୍ରୀୟ ପ୍ରଦେଶରୁ ପୃଥକ କରାଯାଇ ଓଡ଼ିଶା ଡିଭିଜନ୍‌ରେ ଅନ୍ତର୍ଭୁକ୍ତ କରାଗଲା ।
- ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ କେନ୍ଦ୍ରୀୟ ପ୍ରଦେଶରୁ ଓ ବଣେଇ ଛୋଟ ନାଗପୁରରୁ ଆସି ଓଡ଼ିଶା ଡିଭିଜନ୍ ସହିତ ମିଶି ଥିଲା ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ।(କ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠି ବସିଥିଲା ? କେତେଜଣ ଗଡ଼ଜାତ ରାଜା ଏହି ଅଧିବେଶନରେ ଯୋଗ ଦେଇଥିଲେ ? ଯୋଗ ଦେଇଥିବା ଧନୁର୍ଜୟ ନାରାୟଣ ଭଞ୍ଜ କେଉଁ ଗଡ଼ଜାତର ରାଜା ଥିଲେ ? (୩

(ଖ) ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳର ଗଠନ ଓ ତାଙ୍କ ସମୟର ଉଲ୍ଲେଖନୀୟ କାର୍ଯ୍ୟ ସବୁ କ'ଣ ଥିଲା ? (୪

୨ ।(କ) କେଉଁଠାରେ ଏବଂ କାହା ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ? ଏହି ସଭାରେ କିଏ ଅଧକ୍ଷତା କରିଥିଲେ ? (୩

(ଖ) ଫିଲିପ୍ ଡଫ୍ କମିଟି କେବେ, କାହିଁକି ଓ କିପରି ଗଠିତ ହୋଇଥିଲା ? (୪

Edu Odia App

୩ ।(କ) ନୂତନ ଓଡ଼ିଶାର ପ୍ରଥମ ବିଧାନ ସଭାର ପ୍ରଥମ ଅଧିବେଶନ କେବେ ଓ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ସେତେବେଳେ ଓଡ଼ିଶାର ପ୍ରଧାନମନ୍ତ୍ରୀ କିଏ ଥିଲେ ? (୩

(ଖ) ନିର୍ବାଚିତ ସରକାର ଗଠନ ହେବା ପର୍ଯ୍ୟନ୍ତ ନୂତନ ଓଡ଼ିଶାର ଶାସନ ପାଇଁ କି କି ପଦକ୍ଷେପ ନିଆଯାଇଥିଲା ? (୪

## ଉତ୍ତର

୧ ।(କ) କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଥିଲା । ଏଥିରେ ୩୦ ଜଣ ଗଡ଼ଜାତ ରାଜା ଯୋଗ ଦେଇଥିଲେ । ଯୋଗ ଦେଇଥିବା ଧନୁର୍ଜୟ ନାରାୟଣ ଭଞ୍ଜ କେନ୍ଦୁଝରର ଗଡ଼ଜାତର ରାଜା ଥିଲେ ।

(ଖ) ୧୯୪୬ ଏପ୍ରିଲ୍ ୨୩ରେ ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ । ତାଙ୍କ ସହିତ ନବକୃଷ୍ଣ ଚୌଧୁରୀ, ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନ୍‌ଗୋ ଓ ରାଧାକୃଷ୍ଣ ବିଶ୍ୱାସରାୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

- ଭାରତକୁ ଆସିଥିବା କ୍ୟାବିନେଟ୍ ମିଶନ ନିକଟରେ ଓଡ଼ିଶାର ଗଡ଼ଜାତ ରାଜ୍ୟ ସମୂହ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ।
- ଉଲ୍ଲେଖନୀୟ କାର୍ଯ୍ୟ - ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ, ହୀରାକୁଦ ନଦୀବନ୍ଧ ଯୋଜନାର ଆରମ୍ଭ, ଭୁବନେଶ୍ୱର ଓଡ଼ିଶାର ନୂଆ ରାଜଧାନୀ ପ୍ରତିଷ୍ଠା ।

୨ ।(କ) ଚିଲିକା ହ୍ରଦ ନିକଟସ୍ଥ ରମ୍ଭାଠାରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ।

- ଏହି ସଭାରେ ଶ୍ୟାମସୁନ୍ଦର ରାଜଗୁରୁ ଅଧକ୍ଷତା କରିଥିଲେ ।

(ଖ) ଗଞ୍ଜାମର ଓଡ଼ିଆ ଲୋକ ଓଡ଼ିଶା ସହିତ ମିଶିବାକୁ ଦାବି କରି ଆସୁଥିଲେ ସୁଦ୍ଧା ମାନ୍ଦ୍ରାଜ ସରକାରଙ୍କ ମନୋବୃତ୍ତିରେ କୌଣସି ପରିବର୍ତ୍ତନ ହୋଇନଥିଲା ।

- ୧୯୨୪ର ଶେଷ ଭାଗରେ ଇଂରେଜ ସରକାର ଗଞ୍ଜାମର ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବା ପାଇଁ ଏକ ୨ ଜଣିଆ କମିଟି ନିଯୁକ୍ତ କଲେ ।
- ଗଡଜାତ ରାଜ୍ୟ ସମୂହର ପଲିଟିକାଲ୍ ଏଜେଣ୍ଟ ସି. ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ୍ ପ୍ରେସିଡେନ୍‌ସିର ବେଲା ଜିଲ୍ଲାର ଜିଲ୍ଲାପାଳ ଏ. ସି. ଡଫ୍ ଏହି ଦୁଇଜଣ କମିଟିର ସଦସ୍ୟ ଥିଲେ । ତେଣୁ ଏହି କମିଟି ଫିଲିପ୍ ଡଫ୍ କମିଟି ନାମରେ ପରିଚିତ ।

୩ ।(କ) ନୂତନ ଓଡ଼ିଶାର ପ୍ରଥମ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ରେଭେନ୍‌ସା କଲେଜ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା ।

- ବିଶ୍ୱନାଥ ଦାଶ ସେତେବେଳେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ ।

(ଖ) ନୂତନ ଓଡ଼ିଶାର ଶାସନ ଦାୟିତ୍ୱ ରାଜ୍ୟପାଳ ଓ ତାଙ୍କ ଦ୍ୱାରା ମନୋନୀତ ୨୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ଉପଦେଷ୍ଟା ପରିଷଦ ଉପରେ ନ୍ୟସ୍ତ କରାଯାଇଥିଲା ।

- ରାଜ୍ୟପାଳ ଓଡ଼ିଶାର ଶାସନ ମୁଖ୍ୟ ଏବଂ ଲକ୍ଷ୍ମୀଧର ମହାନ୍ତି ଉପଦେଷ୍ଟା ପରିଷଦର ଉପସଭାପତି ଭାବେ ମନୋନୀତ ହୋଇଥିଲେ ।
- ଏହି ପରିଷଦକୁ ପ୍ରଦେଶ ଗଠନ ପୂର୍ବରୁ ଏକ ପ୍ରାଦେଶିକ ବିଧାନ ସଭାରେ ଓଡ଼ିଶାର କୌଣସି ଅଞ୍ଚଳର ପ୍ରତିନିଧିତ୍ୱ କରିଥିବା ସଦସ୍ୟମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଏବଂ ୩ ଜଣ ସରକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା ।
- ୧୯୩୩ ଜୁନ୍ ୨୪ ରେ ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ଅଧକ୍ଷତାରେ ଓଡ଼ିଶା ପ୍ରଶାସନିକ କମିଟି ଗଠିତ ହୋଇଥିଲା । ଏହି କମିଟି ନୂତନ ପ୍ରଦେଶ ଗଠନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନୂତନ ଓଡ଼ିଶାର ଶାସନ ନିମନ୍ତେ ସହାୟକ ହୋଇଥିଲା ।

Eduodia App

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ଦେଶୀୟ ରାଜ୍ୟଗୁଡ଼ିକୁ ଆୟତନ ଦୃଷ୍ଟିରୁ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା ?

(କ) ଦୁଇ (ଖ) ତିନି

(ଗ) ଚାରି (ଘ) ପାଞ୍ଚ

୨ । ଓଡ଼ିଶାରେ କେତୋଟି 'ଖ' ଶ୍ରେଣୀଭୁକ୍ତ ଗଡ଼ଜାତ ରାଜ୍ୟ ଥିଲା ?

(କ) ଦଶ (ଖ) ଏଗାର

(ଗ) ବାର (ଘ) ଚଉଦ

୩ । ଗଡ଼ଜାତ ରାଜ୍ୟମାନଙ୍କରେ ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ କ'ଣ କୁହାଯାଉଥିଲା ?

(କ) ବେଠି (ଖ) ବେଗାରି

(ଗ) ମାଗଣ (ଘ) ରସଦ

୪ । ପ୍ରଥମେ କେଉଁ ଗଡ଼ଜାତ ରାଜ୍ୟରେ ପ୍ରଜା ବିଦ୍ରୋହ ଆରମ୍ଭ ହୋଇଥିଲା ?

(କ) ନୀଳଗିରି (ଖ) ଢେଙ୍କାନାଳ

(ଗ) ବୌଦ୍ଧ (ଘ) ତାଳଚେର

୫ । ୧୯୩୯ ରେ କେଉଁ ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(କ) ବୌଦ୍ଧ (ଖ) ଗାଙ୍ଗପୁର

(ଗ) ରଣପୁର (ଘ) ତାଳଚେର

୬ । ୧୯୩୮ରେ ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ଅଧ୍ୟକ୍ଷ କିଏ ଥିଲେ ?

(କ) ଭୁବନାନନ୍ଦ ଦାସ (ଖ) ହରେକୃଷ୍ଣ ମହତାବ

(ଗ) ସାରଙ୍ଗଧର ଦାସ (ଘ) ପଟ୍ଟାଭି ସୀତାରାମାୟା

୭ । ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା କିଏ ଦେଇଥିଲେ ?

(କ) ଇଂରେଜ ସରକାର (ଖ) ପ୍ରଜା ସମ୍ମିଳନୀ

(ଗ) ଢେଙ୍କାନାଳ ରାଜା (ଘ) କଳାହାଣ୍ଡି ମହାରାଜା

୮ । ୧୯୪୭ ଅକ୍ଟୋବର ୧୬ରେ ସମ୍ବଲପୁରରେ କାହାର ପ୍ରସ୍ତାବକୁ ରାଜାମାନେ କର୍ଣ୍ଣପାତ କଲେ ନାହିଁ ?

(କ) ନବକୃଷ୍ଣ ଚୌଧୁରୀ (ଖ) ବିଜୁ ପଟ୍ଟନାୟକ

(ଗ) ବୀରେନ୍ ମିତ୍ର (ଘ) ହରେକୃଷ୍ଣ ମହତାବ

୯ । ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୬୦ ରୁ ବଢ଼ି କେତେ ହେଲା ?

(କ) ୯୦ (ଖ) ୯୧

(ଗ) ୯୨ (ଘ) ୯୩

Odisha 1 to 10 All Books App

୧୦ । କେଉଁ ସ୍ଥାନରୁ ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

(କ) ମୟୂରଭଞ୍ଜ (ଖ) ନୀଳଗିରି

(ଗ) ଜୁନାଗଡ଼ (ଘ) କଳାହାଣ୍ଡି

୧୧ । ଖରସୁଆଁ ଓ ଷଢ଼େଇ କଳା କେଉଁ ରାଜ୍ୟ ସହ ମିଶ୍ରଣ ହେଲା ?

(କ) ଛତିଶଗଡ଼ (ଖ) ମଧ୍ୟ ପ୍ରଦେଶ

(ଗ) ବିହାର (ଘ) ଓଡ଼ିଶା

୧୨ । କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?

(କ) ହରେକୃଷ୍ଣ ମହତାବ (ଖ) ସାରଙ୍ଗଧର ଦାସ

(ଗ) ବଳବନ୍ତ ରାୟ ମେହେଟ୍ଟା (ଘ) ପଟ୍ଟାଭି ସୀତା ରାମାୟା

୧୩ । ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ ନୀଳଗିରିକୁ ଦଖଲ କରିବା କାର୍ଯ୍ୟ କିଏ ପରିଚାଳନା କରିଥିଲେ ?

(କ) ସାରଙ୍ଗଧର ଦାସ (ଖ) ନବକୃଷ୍ଣ ଚୌଧୁରୀ

(ଗ) ଭୁବନାନନ୍ଦ ଦାସ (ଘ) ନୀଳକଣ୍ଠ ଦାସ

୧୪ । କେଉଁ ମସିହାରେ ଭାରତ ସରକାର ଯୋଜନା ଆୟୋଗ ଗଠନ କଲେ ?

(କ) ୧୯୪୦ (ଖ) ୧୯୪୫

(ଗ) ୧୯୫୦ (ଘ) ୧୯୫୫

୧୫ । ଭାରତ ସ୍ୱାଧୀନତା ପରେ ଯୋଜନା ଆୟୋଗର କିଏ ଚେୟାରମ୍ୟାନ୍ ହେଲେ ?

(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି

(ଗ) ଉପରାଷ୍ଟ୍ରପତି (ଘ) କେନ୍ଦ୍ର ଗୃହମନ୍ତ୍ରୀ

୧୬ । କେଉଁ ମସିହାରେ ଜାତୀୟ ଉନ୍ନୟନ ପରିଷଦ ପ୍ରତିଷ୍ଠା କରାଗଲା ?

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୨ (ଘ) ୧୯୫୩

୧୭ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ କେଉଁ ଅର୍ଥନୀତିଜ୍ଞ ପ୍ରସ୍ତୁତ କରିଥିଲେ ?

(କ) ଭି. ପି. ମେନନ୍ (ଖ) ସି. ପି. ଠାକୁର

(ଗ) ପି. ସି. ମାଲହୋତ୍ରା (ଘ) ପି. ସି. ମାହାଲାନୋବିସ୍

୧୮ । ଭାରତୀୟ ସମାଜରେ କି ପ୍ରକାର ପରିବର୍ତ୍ତନ ଆଣିବା ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ଥିଲା ?

(କ) ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ (ଖ) ସାମ୍ୟବାଦୀ ବ୍ୟବସ୍ଥାର ପ୍ରଚଳନ

(ଗ) ରାଜତନ୍ତ୍ରର ପ୍ରଚଳନ (ଘ) ଧର୍ମ ନିରପେକ୍ଷତାର ପ୍ରଚଳନ

୧୯ । କେଉଁ ସମୟ ତୃତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ ଥିଲା ?

(କ) ୧୯୫୧ ରୁ ୧୯୫୬ (ଖ) ୧୯୫୬ ରୁ ୧୯୬୧

(ଗ) ୧୯୬୦ ରୁ ୧୯୬୫ (ଘ) ୧୯୬୧ ରୁ ୧୯୬୬

୨୦ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(କ) ଦେଶରେ ଶିଳ୍ପାୟନ (ଖ) ବାଣିଜ୍ୟ ବ୍ୟବସାୟର ଅଭିବୃଦ୍ଧି

(ଗ) କର୍ମ ନିଯୁକ୍ତି ସୃଷ୍ଟି (ଘ) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ

EduOdia App

୨୧ । ୧୯୬୯ ରେ କେତୋଟି ବ୍ୟାଙ୍କ୍‌କୁ ଜାତୀୟକରଣ କରାଯାଇଥିଲା ?
(କ) ୧୪ ଟି (ଖ) ୧୬ ଟି
(ଗ) ୧୮ଟି (ଘ) ୨୧ଟି

୨୨ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ କେବେ ଶେଷ ହୋଇଥିଲା ?
(କ) ୧୯୫୬ (ଖ) ୧୯୬୧
(ଗ) ୧୯୬୨ (ଘ) ୧୯୬୫

୨୩ । ଜାତୀୟ ଆୟର କେତେ ଅଭିବୃଦ୍ଧି ତୃତୀୟ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଥିଲା ?
(କ) ୫% (ଖ) ୫.୬%
(ଗ) ୭.୫% (ଘ) ୬.୮%

୨୪ । କେବେ ଭାରତରେ ଏକ ନୂଆ ଶିଳ୍ପ ନୀତି ଘୋଷିତ ହୋଇଥିଲା ?
(କ) ୧୯୫୧ (ଖ) ୧୯୫୬
(ଗ) ୧୯୯୦ (ଘ) ୧୯୯୧

୨୫ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କେବେ ଆରମ୍ଭ ହେଲା ?
(କ) ୧୯୬୯ (ଖ) ୧୯୭୮
(ଗ) ୧୯୯୯ (ଘ) ୨୦୦୦

୨୬ । ସହରାଞ୍ଚଳରେ ବସବାସ କରୁଥିବା ଯୁବକ ଯୁବତୀଙ୍କର କର୍ମସଂସ୍ଥାନ ପାଇଁ ଆରମ୍ଭ କରାଯାଇଥିବା ଯୋଜନାଟିର ନାମ କ'ଣ ?
(କ) ଜବାହର ରୋଜଗାର ଯୋଜନା (ଖ) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା
(ଗ) ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (ଘ) ଇନ୍ଦିରା ଆବାସ ଯୋଜନା

୨୭ । ଗରିବ ଲୋକଙ୍କ ନିକଟରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ପାଇଁ କେଉଁ ଯୋଜନା ଆରମ୍ଭ କରାଗଲା ?
(କ) ଇନ୍ଦିରା ଆବାସ ଯୋଜନା (ଖ) ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା
(ଗ) ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଘ) ଅନ୍ନପୂର୍ଣ୍ଣା ଯୋଜନା

୨୮ । ସ୍ୱାଧୀନତା ପରେ ପରେ ଭାରତୀୟ ଅର୍ଥନୀତିର ମୂଳମନ୍ତ୍ର କ'ଣ ଥିଲା ?
(କ) ମିଶ୍ରିତ ଅର୍ଥନୀତି (ଖ) ନିୟନ୍ତ୍ରିତ ଅର୍ଥନୀତି
(ଗ) ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି (ଘ) ଘରୋଇ ଅର୍ଥନୀତି

୨୯ । ସ୍ୱାଧୀନତା ପରେ ଦେଶରେ ପ୍ରଚଳିତ 'ମିଶ୍ରିତ ଅର୍ଥନୀତି' ପରିବର୍ତ୍ତେ କେଉଁ ଅର୍ଥନୀତି ଅବଲମ୍ବନ କରାଗଲା ?
(କ) ଅବାଧ ଅର୍ଥନୀତି (ଖ) ନିୟନ୍ତ୍ରିତ ଅର୍ଥନୀତି
(ଗ) ବିମୁକ୍ତ ଅର୍ଥନୀତି (ଘ) ବିମୁକ୍ତ ଓ ଅବାଧ ଅର୍ଥନୀତି

୩୦ । ଭାରତର ସର୍ବ ବୃହତ୍ ଆଣବିକ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?
(କ) ଦିଲ୍ଲୀ (ଖ) ଶ୍ରୀହରି କୋଟା
(ଗ) ଟ୍ରମ୍ବେ (ଘ) ଇନ୍ଦୋର

୩୧ । ୧୯୮୪ ମସିହାରେ କେଉଁଠାରେ ଏକ ଉନ୍ନତ ବୈଷୟିକ ଜ୍ଞାନକେନ୍ଦ୍ର ପ୍ରତିଷ୍ଠା ହୋଇଛି ?
(କ) ଟ୍ରମ୍ବେ (ଖ) ଲକ୍ଷ୍ନୌ
(ଗ) ଇନ୍ଦୋର (ଘ) ପୁଦୁଚେରୀ

୩୨ । ଭାରତର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କେବେ ହୋଇଥିଲା ?
(କ) ୧୯୭୪ ମେ ୧୮ (ଖ) ୧୯୭୫ ମେ ୧୮
(ଗ) ୧୯୭୬ ମେ ୧୮ (ଘ) ୧୯୭୭ ମେ ୧୮

୩୩ । କେଉଁ ରାଷ୍ଟ୍ରର ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା ?
(କ) ଆମେରିକା (ଖ) ଇଂଲଣ୍ଡ
(ଗ) ସୋଭିଏତ୍ ରୁଷିଆ (ଘ) ଜର୍ମାନୀ

୩୪ । କେଉଁଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ?
(କ) ଆର୍‌ଭି (ଖ) ପୋଖରାନ୍
(ଗ) ଚାନ୍ଦିପୁର (ଘ) ଗୋପାଳପୁର

୩୫ । ଥୁମ୍ବା ବିଷୁବୀୟ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର କେଉଁଠାରେ ଅବସ୍ଥିତ ?
(କ) ଶ୍ରୀହରି କୋଟା (ଖ) ଥିରୁବନନ୍ତପୁରମ୍
(ଗ) ଟ୍ରମ୍ବେ (ଘ) ଆର୍‌ଭି

୩୬ । କେଉଁ ସମୟକୁ ଭାରତରେ 'ନେହେରୁ ଯୁଗ' ବୋଲି କୁହାଯାଏ ?
(କ) ୧୯୪୬ ରୁ ୧୯୬୪ (ଖ) ୧୯୪୭ ରୁ ୧୯୬୪
(ଗ) ୧୯୪୫ ରୁ ୧୯୬୪ (ଘ) ୧୯୪୨ ରୁ ୧୯୬୪

୩୭ । ଭାରତ ପ୍ରେରଣ କରିଥିବା ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଥିଲା ?
(କ) ଆପ୍‌ଲ୍ (ଖ) ପୃଥ୍ୱୀ
(ଗ) ଆର୍ଯ୍ୟଭଟ୍ଟ (ଘ) ନାଗ

୩୮ । ଭାରତ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କେଉଁଠାରେ କରିଥିଲା ?
(କ) ଚାନ୍ଦିପୁର (ଖ) ଟ୍ରମ୍ବେ
(ଗ) ପୋଖରାନ୍ (ଘ) ଶ୍ରୀହରି କୋଟା

୩୯ । ୧୯୮୧ ଜୁନ୍ ୧୯ରେ ଭାରତର କେଉଁ ଯୋଗାଯୋଗ ଉପଗ୍ରହ ମହାକାଶକୁ ପ୍ରେରଣ କରାଯାଇଥିଲା ?
(କ) ଆପ୍‌ଲ୍ (ଖ) ବ୍ରହ୍ମୋସ୍
(ଗ) ଇନ୍‌ସାଟ୍ (ଘ) ଆକାଶ

୪୦ । କିଏ ଭାରତର ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ ?
(କ) ଡକ୍ଟର ରାଜେନ୍ଦ୍ର ପ୍ରସାଦ (ଖ) ହୋମି ଜାହାଙ୍ଗୀର ଭାବା
(ଗ) ଜବାହରଲାଲ୍ ନେହେରୁ (ଘ) ମୌଲାନା ଆବୁଲ୍ କାଲାମ୍ ଆଜାଦ୍

## ଉତ୍ତର (MCQ)

(୧) (ଖ) ତିନି (୨) (ଗ) ବାର (୩) (କ) ବେଠି
(୪) (ଖ) ଢେଙ୍କାନାଳ (୫) (ଘ) ତାଳଚେର (୬) (ଖ) ହରେକୃଷ୍ଣ ମହତାବ
(୭) (ଘ) କଳାହାଣ୍ଡି ମହାରାଜା (୮) (ଘ) ହରେକୃଷ୍ଣ ମହତାବ (୯) (ଖ) ୯୧
(୧୦) (ଖ) ନୀଳଗିରି (୧୧) (ଗ) ବିହାର (୧୨) (ଖ) ସାରଙ୍ଗଧର ଦାସ
(୧୩) (ଖ) ନବକୃଷ୍ଣ ଚୌଧୁରୀ (୧୪) (ଗ) ୧୯୫୦ (୧୫) (କ) ପ୍ରଧାନମନ୍ତ୍ରୀ

(୧୬) (ଗ) ୧୯୫୨ (୧୭) (ଘ) ପି.ସି. ମାହାଲାନୋବିସ୍ (୧୮)(କ)ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ
(୧୯) (ଘ) ୧୯୬୧ ରୁ ୧୯୬୬ (୨୦) (ଘ) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ (୨୧) (କ) ୧୪ଟି
(୨୨) (ଖ) ୧୯୬୧ (୨୩) (କ) ୫% (୨୪) (ଖ) ୧୯୫୬
(୨୫) (ଖ) ୧୯୭୮ (୨୬) (ଗ) ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (୨୭) (ଗ) ଅନ୍ତ୍ୟୋଦୟ ଅନ୍ନ ଯୋଜନା
(୨୮)(ଗ) ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି (୨୯) (ଘ) ବିମୁକ୍ତ ଓ ଅବାଧ ଅର୍ଥନୀତି (୩୦) (ଗ) ଟ୍ରମ୍ବେ
(୩୧) (ଗ) ଇନ୍ଦୋର (୩୨) (କ) ୧୯୭୪ ମେ ୧୮ (୩୩) (ଗ) ସୋଭିଏତ୍ ରୁଷିଆ
(୩୪) (ଗ) ଚାନ୍ଦିପୁର (୩୫) (ଖ) ଥିରୁବନନ୍ତପୁରମ୍ (୩୬) (କ) ୧୯୪୬ ରୁ ୧୯୭୪
(୩୭) (ଗ) ଆର୍ଯ୍ୟଭଟ୍ଟ (୩୮) (ଗ) ପୋଖରାନ୍ (୩୯) (କ) ଆପ୍ଲ
(୪୦) (ଘ) ମୌଲାନା ଆବୁଲ୍ କାଲାମ୍ ଆଜାଦ୍

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୪) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ? (୨

(ଖ) କେବେ ଓ କାହିଁକି ଢେଙ୍କାନାଳରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ? (୨

(ଗ) ପ୍ରଜାମଣ୍ଡଳ ଆନ୍ଦୋଳନରେ କି କି ମୁଖ୍ୟ ଦାବି ଥିଲା ? (୪

ଉ : (କ) ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଉଥିଲା ।

- ପର୍ବପର୍ବାଣି ବା ବିବାହ ସମୟରେ ରାଜ ଉଆସକୁ ଉପହାର ପଠାଇବା ପ୍ରଥାକୁ ଭେଟି କୁହାଯାଉଥିଲା ।

(ଖ) ୧୯୨୨ ମସିହାରେ ଢେଙ୍କାନାଳରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ।

- ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁଶାସନ, ଶୋଷଣ ଓ ଅତ୍ୟାଚାର ବିରୋଧରେ ଢେଙ୍କାନାଳରେ ପ୍ରଥମେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ।

(ଗ) ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ଅନ୍ୟାୟ ପ୍ରଥାକୁ ବନ୍ଦ କରିବା ।

- ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣମାଧ୍ୟମରେ ସାଧୀନତା ଅଧିକାର, ସଂଘ ଗଠନ କରିବାର ଅଧିକାର ପ୍ରଭୃତି ମୌଳିକ ନାଗରିକ ଅଧିକାର ପ୍ରଦାନ କରିବା ।
- ଚାଷ ଜମି ଉପରେ ରୟତର ଅଧିକାର ସଂପର୍କିତ ସ୍ପଷ୍ଟ ନିୟମ ପ୍ରଚଳନ କରିବା ।
- ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗ କରିବାର ଅଧିକାର ପ୍ରଦାନ କରିବା ।
- ଏକଚାଟିଆ ବାଣିଜ୍ୟ କାରବାରକୁ ବନ୍ଦ କରିବା ।

୨ ।(କ) ତୃତୀୟ ପଞ୍ଚବାର୍ଷିକ ଯୋଜନା କାହିଁକି ବାଧାପ୍ରାପ୍ତ ହୋଇଥିଲା ? (୨

(ଖ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର ଦୁଇଟି ବିଭାଗ କ'ଣ ଥିଲା ? (୨

(ଗ) ନୀଳଗିରିରୁ କିପରି ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ? (୪

ଉ :(କ)• ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ୧୯୬୨ ରେ ଚୀନ୍‌ର ଭାରତ ଉପରେ ଆକ୍ରମଣ ଏବଂ ୧୯୬୫ରେ ଭାରତ ପାକିସ୍ତାନ ଯୁଦ୍ଧ ଯୋଗୁଁ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରିଲା ନାହିଁ ।

Edupoda App

(ଖ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର ଦୁଇଟି ମୁଖ୍ୟ ବିଭାଗ ଥିଲା –

- ଗୋଟିଏ ଥିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ।
- ଅନ୍ୟଟି ଥିଲା ଇନ୍ଦିରା ଆବାସ ଯୋଜନା ।

(ଗ)
- ନୀଳଗିରିରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରିବା ପାଇଁ ନୀଳଗିରି ରାଜା ତାଙ୍କର ପୋଲିସ୍ ବାହିନୀକୁ ଶକ୍ତିଶାଳୀ କଲେ ଓ ଗୁର୍ଖାମାନଙ୍କୁ ପୋଲିସ୍ ବାହିନୀରେ ନିଯୁକ୍ତି ଦିଆଗଲା ।
- ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରି ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ ।
- ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟକୁ ନୀଳଗିରିର ଉଦ୍‌ବେଗଜନକ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉଲ୍ଲେଖ କରି ବିବରଣୀ ପ୍ରେରଣ କଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡ଼. ହରେକୃଷ୍ଣ ମହତାବ ଦିଲ୍ଲୀରେ ପଟେଲ୍‌ଙ୍କ ସହିତ ବିଚାର ବିମର୍ଶ କଲେ ।
- ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିନେବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ ।
- ମହତାବଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ । ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରି ନେଲେ ।

୩ ।(କ) ଭାରତ କେବେ ଏବଂ କେଉଁଠାରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ? (୨

(ଖ) ଜବାହରଲାଲ୍ ନେହେରୁ ଆଣବିକ ଶକ୍ତି କ୍ଷେତ୍ରକୁ କାହିଁକି ଗୁରୁତ୍ୱ ଦେଉଥିଲେ ? (୨

(ଗ) ସ୍ୱାଧୀନତା ବେଳକୁ ଭାରତର ଆର୍ଥନୀତିକ ସମସ୍ୟାଗୁଡ଼ିକ କ'ଣ ଥିଲା ଓ ଭାରତୀୟ ଅର୍ଥନୀତିରେ ସୁଧାର ଆଣିବା ପାଇଁ କି କି ସୁବିଧା ଉପଲବ୍ଧ ଥିଲା ? (୪

Eduodia App

ଉ :(କ)
- ଭାରତ ୧୯୭୪ ମସିହା ମେ ୧୮ ତାରିଖରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ।
- ଏହା ରାଜସ୍ଥାନର ପୋଖରାନ୍‌ଠାରେ କରାଯାଇଥିଲା ।

(ଖ)
- ନେହେରୁ ପରମାଣୁ ଶକ୍ତିର ଗୁରୁତ୍ୱ ଉପଲବ୍ଧି କରିଥିଲେ ।
- ତାଙ୍କର ମତ ଥିଲା ପରମାଣୁ ଶକ୍ତି ସାମାଜିକ, ଆର୍ଥନୀତିକ ଓ ରାଜନୀତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ।

(ଗ) ସ୍ୱାଧୀନତା ବେଳକୁ ଭାରତରେ ଅନେକଗୁଡ଼ିଏ ଆର୍ଥନୀତିକ ସମସ୍ୟା ମୁଣ୍ଡ ଟେକି ସାରିଥିଲା ।

- ଭାରତର ପ୍ରମୁଖ ସମସ୍ୟାଗୁଡ଼ିକ ଥିଲା ପରିବ୍ୟାପ୍ତ ଦାରିଦ୍ର୍ୟ; ନିରକ୍ଷରତା ଓ ଅଜ୍ଞାନତା; ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥା; ଶିଳ୍ପାୟନ କ୍ଷେତ୍ରରେ ସ୍ଥାଣୁତା ଏବଂ ହସ୍ତ ଓ କୁଟୀର ଶିଳ୍ପର ଅଧୋଗତି ।
- ଭାରତର ଏହି ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥାକୁ ବିକାଶର ଦ୍ୱାର ଦେଶରେ ପହଞ୍ଚାଇ ଦେବା ପାଇଁ କେତେକ ସୁବିଧା ଏ ଦେଶରେ ଉପଲବ୍ଧ ଥିଲା ।
- ଏହି ସୁବିଧାଗୁଡ଼ିକ ହେଲା; ୧୯୧୪ ରୁ ୧୯୪୭ ମସିହା ମଧ୍ୟରେ ଭାରତୀୟ ଶିଳ୍ପାୟନକୁ ଆଗକୁ ନେଇ ଆଣି ପାରିଥିବା କେତେକ ପୁଞ୍ଜିପତି ଓ ଉଦ୍ୟୋଗ ପତିଙ୍କ ଉପସ୍ଥିତି; ଭାରତର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଓ ପ୍ରାକୃତିକ ବିଭବ; ଭାରତର ମାନବ ସମ୍ପଦ ଏବଂ ଭାରତୀୟମାନଙ୍କ ହାତରେ ଥିବା ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆର୍ଥିକ ଉପଚାର ।
- ମୋଟା ମୋଟି କହିବାକୁ ଗଲେ ସ୍ୱାଧୀନତା ବେଳକୁ ଭାରତ ବର୍ଷରେ ଏକ ନିଜସ୍ୱ ଆର୍ଥନୀତିକ ଭିତ୍ତିଭୂମି ଉପଲବ୍ଧ ଥିଲା ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ।(କ) ଷଢ଼େଇ କଳା ଓ ଖରସୁଆଁ କାହିଁକି ବିହାର ସହିତ ମିଶି ଯାଇଥିଲା ? (୩

(ଖ) ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର ୧୯୬୯ ରୁ ୨୦୦୦ ମସିହା ପର୍ଯ୍ୟନ୍ତ କି ପଦକ୍ଷେପ ନେଇଥିଲେ ? (୪

ଉ :(କ)
- ଷଢ଼େଇ କଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ହୋଇପାରିଲା ନାହିଁ ।
- ତେଣୁ ଏହି ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କ ପୂର୍ବମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଚାହିଁଲେ ।
- ଫଳରେ ଭାରତ ସରକାର ୧୯୪୮ ମଇ ୧୮ ତାରିଖରୁ ସେ ଦୁଇଟି ଗଡ଼ଜାତକୁ ଓଡ଼ିଶାରୁ କାଢ଼ି ନେଇ ବିହାରରେ ମିଶାଇ ଦେଇଥିଲେ ।

(ଖ)
- ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ୧୯୬୯ ପରେ ସରକାର କେତେକ ଯୋଜନା କାର୍ଯ୍ୟକାରୀ କଲେ । ୧୯୬୯ ରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହେବା ପରେ ସାଧାରଣ ଲୋକଙ୍କ ଆତ୍ମ ନିଯୁକ୍ତି ଓ କୃଷିକ୍ଷେତ୍ର ପାଇଁ ଋଣ ସୁଲଭ ହେଲା ।
- ୧୯୭୮ ମସିହାରେ ଆରମ୍ଭ ହେଲା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା । ସେହି ବର୍ଷ ଆରମ୍ଭ ହେଲା ଗ୍ରାମାଞ୍ଚଳ ନାରୀ ଓ ଶିଶୁ ବିକାଶ ଯୋଜନା ।
- ୧୯୯୯ ମସିହାରେ ଆରମ୍ଭ ହେଲା ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଏବଂ ୨୦୦୦ ମସିହାରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା । ଏହି ଯୋଜନାର ଦୁଇଟି ମୁଖ୍ୟ ବିଭାଗ ଥିଲା; ଯଥା - ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ଇନ୍ଦିରା ଆବାସ ଯୋଜନା ।
- ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ ଓ ଯୁବତୀମାନଙ୍କ କର୍ମସଂସ୍ଥାନ ପାଇଁ ୧୯୯୭ରେ "ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା" ଆରମ୍ଭ ହେଲା ।
- ଗରିବ ଲୋକମାନଙ୍କ ନିକଟରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ପାଇଁ "ଅନ୍ତ୍ୟୋଦୟ ଅନ୍ନ ଯୋଜନା" ପ୍ରଣୟନ କରାଗଲା । ୨୦୦୦ ମସିହାରେ ଏହି ଯୋଜନା ମାଧ୍ୟମରେ ପ୍ରାୟ ଏକ କୋଟି ଅତି ଦରିଦ୍ର ଲୋକଙ୍କୁ ଚିହ୍ନଟ କରାଗଲା ।

୨ ।(କ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ? (୩

(ଖ) ପରମାଣୁ ଶକ୍ତିର ବିକାଶ ପାଇଁ ଭାରତ ସରକାର କି କି ପଦକ୍ଷେପ ନେଇଛନ୍ତି ? (୪

ଉ :(କ)
- ଭାରତୀୟ ସମାଜରେ ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ ଥିଲା ଏହି ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ।
- ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା ଜାତୀୟ ଆୟର ବୃଦ୍ଧି । ମୌଳିକ ଓ ବୃହତ୍ ଶିଳ୍ପାୟନକୁ ଗୁରୁତ୍ୱ ଦେଇ ଶିଳ୍ପର ବିକାଶ ନିଯୁକ୍ତି ସୁଯୋଗ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା ଏବଂ ଆୟ ଓ ସମ୍ପତ୍ତିର ସୁଷମ ବଣ୍ଟନ ।
- ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ।
- ଶିଳ୍ପାୟନ ଓ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲା ।

(ଖ) ୧୯୪୮ ଅଗଷ୍ଟ ମାସରେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କଲେ । ବିଶିଷ୍ଟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା ଏହାର ଅଧ୍ୟକ୍ଷ ନିଯୁକ୍ତ ହେଲେ । ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ ଖୋଲା ଗଲା ।

- ୧୯୫୬ରେ ଟ୍ରମ୍ବେଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା ସହିତ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହେଲା ।
- ଏହାର ଅଧୀନରେ ଅପ୍‌ସରା, ସର୍କସ, ଜେରଲିନା, ଧ୍ରୁବ, ପ୍ରଥମ ଓ ଦ୍ୱିତୀୟ ପୂର୍ଣ୍ଣିମା, କାମିନୀ ପ୍ରଭୃତି ଗୋଟିଏ ପରେ ଗୋଟିଏ ରିଆକ୍ଟର କାର୍ଯ୍ୟକ୍ଷମ ହେବାକୁ ଲାଗିଲା ।
- ଭାବା ଆଣବିକ ଗବେଷଣା କେନ୍ଦ୍ର ତତ୍ତ୍ୱାବଧାନରେ ଅନେକ ଗବେଷଣା କେନ୍ଦ୍ର ପଶ୍ଚିମବଙ୍ଗ, କାଶ୍ମୀର ଓ କର୍ଣ୍ଣାଟକରେ ଗଢ଼ି ଉଠିଲା । ୧୯୮୪ ମସିହାରେ ଇନ୍ଦୋରଠାରେ ଉନ୍ନତ ବୈଷୟିକ ଜ୍ଞାନକେନ୍ଦ୍ର ନାମକ ଏକ ଗବେଷଣା ସଂସ୍ଥା ପ୍ରତିଷ୍ଠା କରାଗଲା ।
- ୧୯୭୪ ମଇ ୧୮ରେ ରାଜସ୍ଥାନର ପୋଖରାନ୍‌ରେ ଭାରତ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷଣ ଏବଂ ୧୯୯୮ ମେ ୧୧ ଓ ୧୩ ତାରିଖରେ ଦ୍ୱିତୀୟଥର ପାଇଁ ପୋଖରାନ୍‌ରେ ପରମାଣୁ ବୋମାର ପରୀକ୍ଷଣ କରାଗଲା ।

୩ ।(କ) ୧୯୬୩ ରେ ଥିରୁଅନନ୍ତପୁରମ୍‌ଠାରେ କ'ଣ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ରଖା ଯାଇଥିଲା ? ଶ୍ରୀହରି କୋଟାରେ କ'ଣ ପ୍ରତିଷ୍ଠା କରାଯାଇଥିଲା ? (୩

(ଖ) ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସଂପର୍କରେ ସୂଚନା ଦିଅ । (୪

ଉ :(କ) ୧୯୬୩ ମସିହାରେ କେରଳର ଥିରୁଅନନ୍ତପୁରମ୍‌ଠାରେ ଏକ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ।

- ଏହାର ନାମ ଥିଲା, ଥୁମ୍ବା ବିଷୁବୀୟ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର ।
- ଆନ୍ଧ୍ରପ୍ରଦେଶର ଶ୍ରୀହରି କୋଟାରେ ଉପଗ୍ରହ ପ୍ରେରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । କୃତ୍ରିମ ଉପଗ୍ରହଗୁଡ଼ିକ ସହିତ ଯୋଗାଯୋଗ ରକ୍ଷା କରିବାକୁ ମହାରାଷ୍ଟ୍ରର ଆର୍‌ଭିଠାରେ ଏକ 'ଉପଗ୍ରହ ଯୋଗାଯୋଗ କେନ୍ଦ୍ର' ପ୍ରତିଷ୍ଠା କରାଯାଇଥିଲା ।

(ଖ) ସୋଭିଏତ୍ ରୁଷିଆ ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା ।

- ୧୯୫୮ ମସିହାରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ ଗଠିତ ହେଲା ।
- ୧୯୮୩ ମସିହାରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଗ୍ନି, ପୃଥ୍ୱୀ, ଧନୁଶ, ଆକାଶ, ତ୍ରିଶୂଳ, ନାଗ, ଶୌର୍ଯ୍ୟ ଓ ବ୍ରହ୍ମୋସ ପ୍ରଭୃତି କ୍ଷେପଣାସ୍ତ୍ରର ବିକାଶ କରାଗଲା ।
- ଆକାଶବାହିନୀ ପାଇଁ ଅତି ଉନ୍ନତ ମାନର ଯୁଦ୍ଧ ବିମାନ ତିଆରି କରିବାରେ ଭାରତୀୟ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି । ନୌବାହିନୀ ପାଇଁ ଆବଶ୍ୟକ ଜଳ ଜାହାଜ, ବୁଡ଼ା ଜାହାଜ ଓ ଅନ୍ୟାନ୍ୟ ଯନ୍ତ୍ରପାତି ମଧ୍ୟ ଆମ ଦେଶରେ ତିଆରି କରାଯାଇପାରୁଛି ।
- ପ୍ରତିରକ୍ଷା ପାଇଁ ବ୍ୟବହୃତ ଯାନବାହନ, ଗୋଳାବାରୁଦ, ବୈଦ୍ୟୁତିକ ଯନ୍ତ୍ରପାତି ମଧ୍ୟ ଭାରତରେ ଉତ୍ପାଦିତ ହେଉଛି ।

Eduodia App

# ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ଓଡ଼ିଶାରେ କେବେ ମଧୁବାବୁ ପେନ୍‌ସନ୍ ଯୋଜନା ପ୍ରବର୍ତ୍ତିତ ହୋଇଥିଲା ?

(କ) ୨୦୦୬ ମସିହା (ଖ) ୨୦୦୮ ମସିହା

(ଗ) ୨୦୧୧ ମସିହା (ଘ) ୨୦୦୦ ମସିହା

୨ । ସାଧୀନତା ବେଳକୁ ଓଡ଼ିଶାରେ କେତେଗୋଟି ବିଶ୍ୱବିଦ୍ୟାଳୟ ଥିଲା ?

(କ) ୩ (ଖ) ୪ (ଗ) ୨ (ଘ) ୧

୩ । 'ଭୂଦାନ' ଆନ୍ଦୋଳନର ମୁଖ୍ୟ ପୁରୋଧା କିଏ ଥିଲେ ?

(କ) ମହାତ୍ମା ଗାନ୍ଧୀ (ଖ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(ଗ) ବାଲ୍ ଗଙ୍ଗାଧର ତିଳକ (ଘ) ବିନୋବା ଭାବେ

୪ । ନିମ୍ନୋକ୍ତ ମଧ୍ୟରୁ କାହାଙ୍କ ନାମ 'ବିନାୟକ ନରହରି ଭାବେ' ଅଟେ ?

(କ) ଆଚାର୍ଯ୍ୟ ହରିହର (ଖ) ଆଚାର୍ଯ୍ୟ ବିନୋବା

(ଗ) ନୀଳକଣ୍ଠ ଦାସ (ଘ) ଭୁବନାନନ୍ଦ ଦାସ

୫ । ଓଡ଼ିଶାର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

(କ) ସାକ୍ଷୀ ଗୋପାଳ (ଖ) ବଲାଙ୍ଗୀର

(ଗ) କଟକ (ଘ) ଭୁବନେଶ୍ୱର

୬ । ଓଡ଼ିଶାର ପ୍ରଥମ 'ଲୁଗାକଳ କାରଖାନା' କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?

(କ) ବାଲେଶ୍ୱର (ଖ) ଚୌଦ୍ୱାର

(ଗ) ବଲାଙ୍ଗୀର (ଘ) ଅନୁଗୁଳ

୭ । କେଉଁ ମସିହାରେ ହୀରାକୁଦ ଜଳ ଭଣ୍ଡାରରେ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ?

(କ) ୧୯୬୭ (ଖ) ୧୯୬୫ (ଗ) ୧୯୫୭ (ଘ) ୧୯୫୧

୮ । 'ମିଶନ ଶକ୍ତି' ନାମକ ଏକ ମହିଳା ସଶକ୍ତି କରଣ ଯୋଜନା କେଉଁ ମସିହାରୁ ଆରମ୍ଭ କରାଯାଇଛି ?

(କ) ୧୯୯୯ (ଖ) ୨୦୦୧

(ଗ) ୨୦୦୪ (ଘ) ୨୦୦୬

୯ । 'ୟଜ୍' ନାମକ ଏକ ଭୟଙ୍କର ରୋଗରେ କେଉଁମାନେ ଆକ୍ରାନ୍ତ ହେଉଥିଲେ ?

(କ) ସାନ୍ତାଳ (ଖ) କୋହ୍ଲ

(ଗ) କନ୍ଧ (ଘ) କୋୟା

୧୦ । କେଉଁଠାରେ ଫଳ ଚାଷ ପାଇଁ କେନ୍ଦ୍ର ପ୍ରତିଷ୍ଠିତ ହୋଇନଥିଲା ?

(କ) ଅନୁଗୁଳ (ଖ) ପଟ୍ଟାଙ୍ଗୀ

(ଗ) ସମ୍ବଲପୁର (ଘ) କି. ଉଦୟଗିରି

୧୧ । 'ଓଲଟପୁର' ଠାରେ କେଉଁ ଅନୁଷ୍ଠାନଟି ରହିଛି ?
(କ) ଶାରିରୀକ ପ୍ରଶିକ୍ଷଣ ମହାବିଦ୍ୟାଳୟ
(ଖ) ଶିକ୍ଷା ପ୍ରଶିକ୍ଷଣ ତାଲିମ୍ ମହାବିଦ୍ୟାଳୟ
(ଗ) ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ
(ଘ) ସେବିକା ପ୍ରଶିକ୍ଷଣ ମହାବିଦ୍ୟାଳୟ

୧୨ । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥାପିତ ?
(କ) କଟକ (ଖ) ବାଲେଶ୍ୱର
(ଗ) ବ୍ରହ୍ମପୁର (ଘ) ପୁରୀ

୧୩ । ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ କେଉଁଠାରେ ଅବସ୍ଥାପିତ ?
(କ) କଟକ (ଖ) ଖୋର୍ଦ୍ଧା
(ଗ) ସମ୍ବଲପୁର (ଘ) କୋରାପୁଟ

୧୪ । କୃଷି ବିଷୟକ ଶିକ୍ଷା ପ୍ରଦାନ ନିମନ୍ତେ କେଉଁ ମସିହାରେ ଭୁବନେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ?
(କ) ୧୯୮୪ (ଖ) ୧୯୫୪
(ଗ) ୧୯୯୯ (ଘ) ୧୯୭୨

୧୫ । ବୁର୍ଲାଠାରେ ଅବସ୍ଥାପିତ ମେଡ଼ିକାଲ୍ କଲେଜ୍‌ର ନାମ କ'ଣ ?
(କ) ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ (ଖ) ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ
(ଗ) ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ (ଘ) ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ

୧୬ । ଚିପିଲିମାଠାରେ କେଉଁ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?
(କ) ଯାନ୍ତ୍ରିକ ମହାବିଦ୍ୟାଳୟ (ଖ) କୃଷି ମହାବିଦ୍ୟାଳୟ
(ଗ) ଚିକିତ୍ସା ମହାବିଦ୍ୟାଳୟ (ଘ) ବିଜ୍ଞାନ ମହାବିଦ୍ୟାଳୟ

୧୭ । ଆଞ୍ଚଳିକ ଆର୍ୟୁବିଜ୍ଞାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?
(କ) କଟକ (ଖ) ବ୍ରହ୍ମପୁର
(ଗ) ବୁର୍ଲା (ଘ) ଭୁବନେଶ୍ୱର

୧୮ । କେବେ ଗୋତି ପ୍ରଥା ସଂପୂର୍ଣ୍ଣ ଭାବେ ଉଚ୍ଛେଦ ହେଲା ?
(କ) ୧୯୪୭ (ଖ) ୧୯୪୮
(ଗ) ୧୯୫୫ (ଘ) ୧୯୭୬

୧୯ । ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ କେଉଁଠାରେ ପ୍ରତିଷ୍ଠିତ ହୋଇଛି ?
(କ) କଟକ (ଖ) ପୁରୀ
(ଗ) ଭୁବନେଶ୍ୱର (ଘ) ବ୍ରହ୍ମପୁର

୨୦ । ଭୁବନେଶ୍ୱରଠାରେ ଥିବା ସର୍ବଭାରତୀୟ ଆର୍ୟୁବିଜ୍ଞାନ ଅନୁଷ୍ଠାନ କେବେଠାରୁ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରିଛି ?
(କ) ୨୦୧୨ ମସିହା (ଖ) ୨୦୦୮ ମସିହା
(ଗ) ୨୦୦୭ ମସିହା (ଘ) ୨୦୧୪ ମସିହା

Edujodia App

୨୧ । ଓଡ଼ିଶାର ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ କେଉଁ ସର୍ବବୃହତ ବହୁମୁଖୀ ଯୋଜନା ଥିଲା ?
(କ) ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା (ଖ) ମହାନଦୀ ବ୍ୟାରେଜ୍
(ଗ) ହୀରାକୁଦ ନଦୀବନ୍ଧ ଯୋଜନା (ଘ) ରେଙ୍ଗାଲି ନଦୀବନ୍ଧ ଯୋଜନା

୨୨ । ମାଛ ସଂରକ୍ଷଣ ପାଇଁ ମାଛଧରା କେନ୍ଦ୍ରମାନଙ୍କ ପାଖରେ ସରକାର କେଉଁ ବ୍ୟବସ୍ଥା କରୁଛନ୍ତି ?
(କ) ଶୀତଳ ଭଣ୍ଡାର (ଖ) ମତ୍ସ୍ୟ ଗନ୍ତାଘର
(ଗ) ବରଫ କଳ (ଘ) ପବନ କଳ

୨୩ । ଆମେରିକାରୁ ଡେଭିଡ୍ ଏଫ୍ ରୋଜେନ୍ ନାମକ ବ୍ୟକ୍ତି ଓଡ଼ିଶାକୁ କେଉଁ ଉଦ୍ଦେଶ୍ୟରେ ଆସିଥିଲେ ?
(କ) ଶିକ୍ଷା ପରାମର୍ଶଦାତା ରୂପେ (ଖ) କୃଷି ଗବେଷଣା ପରାମର୍ଶଦାତା ରୂପେ
(ଗ) ବୈଷୟିକ ପରାମର୍ଶଦାତା ରୂପେ (ଘ) ମତ୍ସ୍ୟ ଗବେଷଣା ପରାମର୍ଶଦାତା ରୂପେ

୨୪ । 'ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍' ସାର କାରଖାନା କେଉଁ ମସିହାରେ ପାରାଦ୍ୱୀପଠାରେ ପ୍ରତିଷ୍ଠା କରାଯାଇଥିଲା ?
(କ) ୧୯୭୬ (ଖ) ୧୯୮୧
(ଗ) ୧୯୮୫ (ଘ) ୧୯୯୦

୨୫ । ଯାଜପୁର ଜିଲ୍ଲାର ଧାନମଣ୍ଡଳଠାରେ କ'ଣ କଳ ପ୍ରତିଷ୍ଠା କରାଯାଇଛି ?
(କ) ଧାନ କଳ (ଖ) ଚିନି କଳ
(ଗ) କାଗଜ କଳ (ଘ) ଝୋଟ କଳ

୨୬ । ଓଡ଼ିଶାର ପ୍ରଥମ ଚିନି କଳ କେଉଁଠାରେ ସ୍ଥାପନ କରାଯାଇଥିଲା ?
(କ) କଟକ (ଖ) ଚୌଦ୍ୱାର
(ଗ) ଆସ୍କା (ଘ) ଅନୁଗୁଳ

୨୭ । ରାଉରକେଲା ଇସ୍ପାତ କାରଖାନା କେଉଁ ଦେଶର ବୈଷୟିକ ସହାୟତାର ଆଧାର କରି ପ୍ରତିଷ୍ଠିତ ହୋଇଛି ?
(କ) ଇଂଲଣ୍ଡ (ଖ) ଫ୍ରାନ୍ସ
(ଗ) ଜର୍ମାନୀ (ଘ) ଋଷିଆ

୨୮ । ସୋଭିଏତ୍ ଋଷିଆର ସହଯୋଗରେ ଓଡ଼ିଶାର ସୁନାବେଡ଼ାଠାରେ କେଉଁ କାରଖାନା ପ୍ରତିଷ୍ଠା କରାଯାଇଛି ?
(କ) ରସାୟନ କାରଖାନା (ଖ) ମିଗ୍ ବିମାନର ଇଞ୍ଜିନ୍ ତିଆରି କାରଖାନା
(ଗ) ଫେରୋସିଲିକନ୍ କାରଖାନା (ଘ) ମାଙ୍ଗାନିଜ କାରଖାନା

୨୯ । କେଉଁଠାରେ ବକ୍ସାଇଟ୍‌ର ସନ୍ଧାନ ମିଳିବା ପରେ ଓଡ଼ିଶାରେ ଦୁଇଟି ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠିତ ହେଲା ?
(କ) ଅନୁଗୁଳ (ଖ) ଦାମନଯୋଡ଼ି
(ଗ) ପଞ୍ଚପଟିମାଳି (ଘ) ଡୁବୁରୀ

୩୦ । କେବେ ପାରାଦ୍ୱୀପକୁ ରେଳପଥ ଦ୍ୱାରା ସଂଯୁକ୍ତ କରାଗଲା ?
(କ) ୧୯୫୦ (ଖ) ୧୯୭୧
(ଗ) ୧୯୭୫ (ଘ) ୧୯୮୧

୩୧ । କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର ଓଡ଼ିଶାର କେଉଁଠାରେ ପ୍ରତିଷ୍ଠା କରାଯାଇଛି ?
(କ) ଚିଲିକା (ଖ) ସାକ୍ଷୀଗୋପାଳ
(ଗ) ହୀରାକୁଦ (ଘ) କୌଶଲ୍ୟାଗଙ୍ଗ

Edu Odia App

୩୨ । "ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ" କେଉଁ ସ୍ଥାନରେ ପ୍ରତିଷ୍ଠା କରାଯାଇଛି ?
(କ) ପୁରୀ (ଖ) କଟକ
(ଗ) ସମ୍ବଲପୁର (ଘ) ରାଉରକେଲା

୩୩ । ଭାରତରେ ପ୍ରଥମ ରେଳପଥ କେଉଁ ମସିହାରେ ଆରମ୍ଭ ହୋଇଥିଲା ?
(କ) ୧୮୫୩ (ଖ) ୧୮୩୫
(ଗ) ୧୮୭୨ (ଘ) ୧୮୮୧

୩୪ । ଓଡ଼ିଶା ସରକାର କେଉଁ ମସିହାରୁ "ବିଜୁ ଗ୍ରାମ ଜ୍ୟୋତି ଯୋଜନା" ଆରମ୍ଭ କରିଛନ୍ତି ?
(କ) ୨୦୦୧ (ଖ) ୨୦୦୭
(ଗ) ୨୦୦୯ (ଘ) ୨୦୧୧

୩୫ । "ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା" କେବେଠାରୁ କାର୍ଯ୍ୟ କରୁଅଛି ?
(କ) ୧୯୯୫ (ଖ) ୧୯୯୬
(ଗ) ୨୦୦୬ (ଘ) ୨୦୦୭

୩୬ । କେଉଁଠାରେ "ତାପଜ ବିଦ୍ୟୁତ୍ କେନ୍ଦ୍ର" ସ୍ଥାପିତ ହୋଇଛି ?
(କ) ରେଙ୍ଗାଲୀ (ଖ) ଇବ୍
(ଗ) ଅପରକୋଲାବ୍ (ଘ) ମାଛକୁଣ୍ଡ

୩୭ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷତିଗ୍ରସ୍ତ ହେଲେ କୃଷକମାନଙ୍କୁ କେଉଁ ଋଣ ଦିଆଯାଇଥିଲା ?
(କ) ଖରିଫ୍ ଋଣ (ଖ) ତକାଭି ଋଣ
(ଗ) ବାଣିଜ୍ୟ ଋଣ (ଘ) ସମବାୟ ଋଣ

୩୮ । ନିମ୍ନୋକ୍ତ ମଧ୍ୟରୁ କେଉଁଠାରେ "ଫେରୋସିଲିକନ୍"ର କାରଖାନା ଅଛି ?
(କ) ଥେରୁଭାଲି (ଖ) ଚୌଦ୍ୱାର
(ଗ) ଯୋଡ଼ା (ଘ) ରାଜଗାଙ୍ଗପୁର

୩୯ । ଧାମରାଠାରେ ଏକ ବୃହତ୍ ବନ୍ଦର ନିର୍ମାଣ କାର୍ଯ୍ୟ କେଉଁ କମ୍ପାନୀ ସହାୟତାରେ ହୋଇଛି ?
(କ) ବିର୍ଲା କମ୍ପାନୀ (ଖ) ଟାଟା କମ୍ପାନୀ
(ଗ) ଡାଲମିଆ କମ୍ପାନୀ (ଘ) ଉଇପ୍ରୋ କମ୍ପାନୀ

୪୦ । ଲୁହୁରଚାଟିରୁ ପାରାଦ୍ୱୀପକୁ ସଂଯୋଗ କରୁଥିବା ଜାତୀୟ ରାଜପଥର ନାମ କ'ଣ ?
(କ) ଜାତୀୟ ରାଜପଥ - ୪୨ (ଖ) ଜାତୀୟ ରାଜପଥ - ୫୫
(ଗ) ଜାତୀୟ ରାଜପଥ - ୫୭ (ଘ) ଜାତୀୟ ରାଜପଥ - ୫୩

## ଉତ୍ତର

(୧) (ଖ) ୨୦୦୮ ମସିହା
(୨) (ଘ) ୧
(୩) (ଘ) ବିନୋବା ଭାବେ
(୪) (ଖ) ଆଚାର୍ଯ୍ୟ ବିନୋବା
(୫) (ଗ) କଟକ
(୬) (ଖ) ଚୌଦ୍ୱାର
(୭) (ଗ) ୧୯୫୭
(୮) (ଖ) ୨୦୦୧
(୯) (ଘ) କୋୟା
(୧୦) (ଗ) ସମ୍ବଲପୁର

(୧୧) (ଗ) ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ
(୧୨) (ଘ) ପୁରୀ
(୧୩) (କ) କଟକ
(୧୪) (ଖ) ୧୯୫୪
(୧୫) (ଗ) ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ୍ କଲେଜ୍
(୧୬) (ଖ) କୃଷି ମହାବିଦ୍ୟାଳୟ
(୧୭) (ଘ) ଭୁବନେଶ୍ୱର
(୧୮) (ଘ) ୧୯୭୬ ମସିହା
(୧୯) (କ) କଟକ
(୨୦) (କ) ୨୦୧୨ ମସିହା
(୨୧) (ଗ) ହୀରାକୁଦ ନଦୀବନ୍ଧ ଯୋଜନା
(୨୨) (ଗ) ବରଫ କଳ
(୨୩) (ଗ) ବୈଷୟିକ ପରାମର୍ଶଦାତା ରୂପେ
(୨୪) (ଖ) ୧୯୮୧
(୨୫) (ଘ) ଝୋଟ କଳ
(୨୬) (ଗ) ଆସ୍କା
(୨୭) (ଗ) ଜର୍ମାନୀ
(୨୮) (ଖ) ମିଗ୍ ବିମାନର ଇଞ୍ଜିନ୍ ତିଆରି କାରଖାନା
(୨୯) (ଗ) ପଞ୍ଚପତିମାଳି
(୩୦) (ଗ) ୧୯୭୫ ମସିହା
(୩୧) (ଘ) କୌଶଲ୍ୟାଗଙ୍ଗଠାରେ
(୩୨) (ଘ) ରାଉରକେଲା
(୩୩) (କ) ୧୮୫୩ ମସିହା
(୩୪) (ଖ) ୨୦୦୭ ମସିହା
(୩୫) (ଗ) ୨୦୦୬ ମସିହା
(୩୬) (ଖ) ଇବ୍
(୩୭) (ଖ) ତକାଭି ଋଣ
(୩୮) (କ) ଥିରୁଭାଲି
(୩୯) (ଖ) ଟାଟା କମ୍ପାନୀ
(୪୦) (ଘ) ଜାତୀୟ ରାଜପଥ - ୫ (କ)

Eduodia App

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୪) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) କେଉଁ ବ୍ୟବସ୍ଥାରୁ ଓଡ଼ିଶାରେ ଗୋତିପ୍ରଥା ଜାତ ହେଲା ଓ ଏହା କେବେଠାରୁ ଆଇନତଃ ନିଷିଦ୍ଧ ହୋଇଗଲା ? (୨

(ଖ) ଯଜ୍ କ'ଣ ଓ ଏହାଦ୍ୱାରା କେଉଁମାନେ ଶିକାର ହେଉଥିଲେ ? (୨

(ଗ) ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସାମାଜିକ ଶୋଷଣରୁ ମୁକ୍ତ କରିବା ପାଇଁ କି କି ପଦକ୍ଷେପମାନ ନିଆଯାଇଛି ସଂକ୍ଷେପରେ ବର୍ଣ୍ଣନା କର ? (୪

୨ ।(କ) ମୌଳିକ ଶିକ୍ଷା କହିଲେ କ'ଣ ବୁଝ ? (୨

(ଖ) "ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ", କେଉଁ ଆକ୍ଟ ବଳରେ ଗଠିତ କରାଯାଇଥିଲା ଓ ଏହାର ଉଦ୍ଦେଶ୍ୟ କ'ଣ ଥିଲା ? (୨

(ଗ) ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ନିମନ୍ତେ କ'ଣ ସବୁ ନୂତନ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି ସଂକ୍ଷେପରେ ବର୍ଣ୍ଣନା କର । (୪

୩ ।(କ) ଅଭାବୀ ବିକ୍ରି କ'ଣ ଏବଂ ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ? (୨

(ଖ) ସମବାୟ ସଂସ୍ଥା କ'ଣ ? ଏହା କେବେ ଓ କାହିଁକି ଗଠନ କରାଯାଇଥିଲା ? (୨

(ଗ) କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ କେଉଁ ପ୍ରକାର ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି, ସଂକ୍ଷେପରେ ବର୍ଣ୍ଣନା କର । (୪

### ଉତ୍ତର

୧ ।(କ)
- ଗ୍ରାମ୍ୟ ମହାଜନୀ ପ୍ରଥା ବ୍ୟବସ୍ଥାରୁ ଓଡ଼ିଶାରେ ଗୋତି ପ୍ରଥା ଜାତ ହେଲା ।
- ୧୯୪୮ ମସିହା ଜୁନ୍ ମାସରେ ଏହି ବ୍ୟବସ୍ଥା ଆଇନତଃ ନିଷିଦ୍ଧ ହୋଇଗଲା ।

(ଖ) • 'ୟଜ୍' ଏକ ପ୍ରକାର ଭୟଙ୍କର ରୋଗର ନାମ ।
• "କୋରାପୁଟର କୋୟାମାନେ" ଏହି ରୋଗର ଶିକାର ହେଉଥିଲେ ।

(ଗ) ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସାମାଜିକ ଶୋଷଣରୁ ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ହେଲା –
• ୧୯୪୭ ମସିହାରେ ଆଇନ୍ ପ୍ରଣୀତ ହୋଇ ସ୍ଥିର କରାଗଲା ଯେ, କୌଣସି ଅଣ ଆଦିବାସୀ ଆଦିବାସୀମାନଙ୍କ ଜମି କୌଣସି ଆଳରେ ଜବର ଦଖଲ କରିପାରିବେ ନାହିଁ ।
• ୧୯୪୯ ମସିହାରେ ଅପରାଧୀ ଜନଜାତି ଆଇନକୁ ରଦ୍ଦ କରାଯାଇଥିଲା ।
• କାମଧନ୍ଦା ପାଇଁ ସେମାନଙ୍କୁ ମାଗଣା ବଳଦ, କୃଷି ଉପକରଣ, ଚରଖା ଇତ୍ୟାଦି ଯୋଗାଇ ଦିଆଗଲା ।
• ପୋଡୁଚାଷକୁ ନିରୁତ୍ସାହିତ କରାଗଲା ।
• କୃଷି ଉପଯୋଗୀ ଜମି ସେମାନଙ୍କୁ ଯୋଗାଇ ଦେଇ ନିୟମିତ ଭାବେ କୃଷି କାର୍ଯ୍ୟ କରିବା ନିମନ୍ତେ ପ୍ରୋତ୍ସାହିତ କରାଗଲା ।
• ୧୯୪୮ ମସିହାରେ ଗୋତିପ୍ରଥାକୁ ଆଇନତଃ ନିଷିଦ୍ଧ କରାଗଲା ।
• ଅସ୍ପୃଶ୍ୟତାକୁ ଉଠାଇ ଦେବା ନିମନ୍ତେ ସରକାର ଦୁଇଟି ଆଇନ୍ ପ୍ରଣୟନ କରିଥିଲେ । ଯଥା – ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ୍ ୧୯୪୮ ଓ ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ୍ ।

୨।(କ) • ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସାବଲମ୍ବୀ କରିବାର ଶିକ୍ଷା ବ୍ୟବସ୍ଥାକୁ ମୌଳିକ ଶିକ୍ଷା ବ୍ୟବସ୍ଥା କୁହାଯାଏ ।
• ମୌଳିକ ଶିକ୍ଷା ପଦ୍ଧତି ଥିଲା ଗାନ୍ଧିଜୀଙ୍କର ସ୍ୱପ୍ନ ।

(ଖ) • ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଏକ୍ଟ ୧୯୫୩ ବଳରେ ଗଠିତ ହୋଇଥିଲା ।
• ଓଡ଼ିଶା ହାଇସ୍କୁଲ୍ ସାର୍ଟିଫିକେଟ୍ ପରିଚାଳନା କରିବା ଏହି ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

(ଗ) ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ନିମନ୍ତେ ନିଆଯାଇଥିବା ନୂତନ ବ୍ୟବସ୍ଥାଗୁଡ଼ିକ ନିମ୍ନରେ ନିଆଯାଇଛି ।
• ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ନିମନ୍ତେ ଅଧିକରୁ ଅଧିକ ପିଲାଙ୍କ ନାମ ଲେଖା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।
• ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନେ ଯେପରି ବିଦ୍ୟାଳୟ ଛାଡ଼ି ନ ଯିବେ, ସେଥିପାଇଁ ବିହିତ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି ।
• ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ୧୯୯୫ ମସିହାଠାରୁ ସରକାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି ।
• କେନ୍ଦ୍ର ସରକାରଙ୍କର ସହାୟତାରେ "ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା" ୧୯୯୬ ମସିହାଠାରୁ ଓଡ଼ିଶାରେ କାର୍ଯ୍ୟକାରୀ ହୋଇଛି ।
• ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ନୂତନ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ମାଗଣା ପୋଷାକ ଓ ପାଠ୍ୟପୁସ୍ତକ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି ।

୩।(କ) • ଉତ୍ପାଦିତ ଦ୍ରବ୍ୟ ଉଚିତ୍ ମୂଲ୍ୟରେ ବିକ୍ରି ହୋଇ ନପାରିବାକୁ ଅଭାବୀ ବିକ୍ରି କୁହାଯାଏ ।
• ଏହି "ଅଭାବୀ ବିକ୍ରି" ସମସ୍ୟାକୁ ଦୂର କରିବା ପାଇଁ ସରକାର ସିଧାସଳଖ କୃଷକମାନଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି ।

(ଖ) • କୃଷକମାନଙ୍କୁ ଚାଷ କାର୍ଯ୍ୟ ଆରମ୍ଭ ସମୟରେ ସ୍ୱଳ୍ପ ସୁଧହାରରେ ଋଣ ଯୋଗାଇ ଦେବା ପାଇଁ ଗଠିତ ସଂସ୍ଥାର ନାମ ସମବାୟ ସଂସ୍ଥା ।
• ଏହା ୧୯୪୮ ମସିହାରେ ସରକାରୀ ମୂଳଧନରେ ରାଜ୍ୟ ସମବାୟ ବ୍ୟାଙ୍କ୍ ନାମରେ ପ୍ରତିଷ୍ଠିତ ହେଲା ।

- ସମବାୟ ଆନ୍ଦୋଳନକୁ ସଂପ୍ରସାରିତ କରି କୃଷକମାନଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଏହା ଗଠନ କରାଯାଇଥିଲା ।

(ଗ) କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ନିଆଯାଇଥିବା ବ୍ୟବସ୍ଥାଗୁଡ଼ିକ ହେଲା –

- ୧୯୪୭ ମସିହାର ଏକ ଆଇନ୍ ବଳରେ ଗ୍ରାମ ମହାଜନଙ୍କ ଏକଚାଟିଆ ଅର୍ଥ କାରବାରକୁ ନିୟନ୍ତ୍ରିତ କରାଯାଇଛି ।
- ୧୯୪୮ ମସିହାରେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ କରାଯାଇଛି ଓ ୧୯୭୬ ମସିହାରେ ଗୋତିପ୍ରଥା ଉଚ୍ଛେଦ ଆଇନ୍ ବଳରେ ଗୋତି ପ୍ରଥା ସଂପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି ।
- କୃଷକମାନଙ୍କୁ ଚାଷକାର୍ଯ୍ୟ ଆରମ୍ଭ ସମୟରେ ସ୍ୱଳ୍ପ ସୁଧ ହାରରେ ଋଣ ଯୋଗାଇ ଦେବା ପାଇଁ ସମବାୟ ସଂସ୍ଥାମାନ ଗଠନ କରାଯାଇଛି ।
- ସରକାରୀ ମୂଳ ଧନରେ ୧୯୪୮ ମସିହାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହୋଇଛି । ଏହି ସମବାୟ ଆନ୍ଦୋଳନକୁ ସଂପ୍ରସାରିତ କରି କୃଷକମାନଙ୍କ ପାଖରେ ପହଞ୍ଚାଯାଇଛି ।
- ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତକାଭି ଋଣ ପ୍ରଦାନ କରାଯାଇଛି, ଋଣ ଛାଡ଼ ବ୍ୟବସ୍ଥା କରାଯାଇଛି । ଟେଷ୍ଟ ରିଲିଫ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ।(କ) ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ମହତାବ ମନ୍ତ୍ରୀମଣ୍ଡଳ ନେଇଥିବା ତିନିଗୋଟି ପଦକ୍ଷେପ ଉଲ୍ଲେଖ କର । (୩

(ଖ) ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ କି କି ପ୍ରତିବନ୍ଧକ ରହିଥିଲା, ସଂକ୍ଷେପରେ ବର୍ଣ୍ଣନା କର । (୪

୨ ।(କ) କିଏ ଓ କେବେ ପୂର୍ବତଟ ରେଳପଥର ଶୁଭାରମ୍ଭ କରିଥିଲେ ଓ ଏହାର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ? (୩

(ଖ) ଓଡ଼ିଶାରେ ରେଳପଥର ବିକାଶ ସଂପର୍କରେ ଟିପ୍ପଣୀ ଲେଖ । (୪

୩ ।(କ) ଭିତ୍ତିଭୂମି କହିଲେ କ'ଣ ବୁଝ ? ଏହା କିପରି ସାମାଜିକ ଓ ଆର୍ଥନୀତିକ ସମୃଦ୍ଧି ଘଟାଇ ଥାଏ ? (୩

(ଖ) ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତି କ୍ଷେତ୍ରରେ ଓଡ଼ିଶା ସରକାର କେଉଁ ସବୁ ନୂତନ ବ୍ୟବସ୍ଥାମାନ ଗ୍ରହଣ କରିଛନ୍ତି ? (୪

Edudia App

## ଉତ୍ତର

୧ ।(କ)
- ମହାନଦୀ ଓ କାଠଯୋଡ଼ି ଉପରେ ପୋଲ ତିଆରି କାର୍ଯ୍ୟ ଆରମ୍ଭ କରିଥିଲେ ।
- ଜୟପୁର ଓ ବିଶାଖାପାଟଣା ମଧ୍ୟରେ ସୁନକି ଓ ଜୟପୁର ରାସ୍ତା ଉନ୍ନତ କରିବା ପାଇଁ ଅର୍ଥ ବ୍ୟବସ୍ଥା କରିଥିଲେ ।
- ବୈଷୟିକ ଶିକ୍ଷାର ପ୍ରସାର, ବିଜ୍ଞାନ ଓ ଶିଳ୍ପର ଗବେଷଣା ନିମନ୍ତେ ଏକ ପରିଷଦ ଗଠନ କରିଥିଲେ ।

(ଖ) ସାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାର ଶିଳ୍ପର ବିକାଶରେ ଥିବା ପ୍ରତିବନ୍ଧକଗୁଡ଼ିକ ହେଲା –

- ଶିଳ୍ପ ବିକାଶ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ଅଭାବ ।
- ଓଡ଼ିଶାରେ ରେଳପଥର ଅନଗ୍ରସରତା ଓ ପୋତାଶ୍ରୟର ଅଭାବ ।
- ଭାରତର ଶିଳ୍ପଦ୍ୟୋଗୀମାନଙ୍କର ଓଡ଼ିଶାକୁ ଆସିବାକୁ ଅନାଗ୍ରହ ।
- ଓଡ଼ିଶାରେ ନିଜସ୍ୱ ଶିଳ୍ପପତିମାନଙ୍କର ଅନୁପସ୍ଥିତି ।
- ଓଡ଼ିଶାରେ ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ ।

୨।(କ)
- ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବଗୌଡ଼ା, ୧୯୯୬ ମସିହା ଅଗଷ୍ଟ ମାସ ୮ ତାରିଖରେ ପୂର୍ବତଟ ରେଳପଥର ଶୁଭାରମ୍ଭ କରିଥିଲେ ।
- ଏହାର ମୁଖ୍ୟ କାର୍ଯ୍ୟାଳୟ 'ଭୁବନେଶ୍ୱର'ରେ ଅବସ୍ଥିତ ।

(ଖ) ଓଡ଼ିଶାରେ ରେଳପଥର ବିକାଶ :

- ୧୮୯୭ ମସିହାରେ ଓଡ଼ିଶାରେ ପ୍ରଥମେ ରେଳଗାଡ଼ି ଚାଲିଥିଲା ।
- ସେହି ବର୍ଷ ଧାନ ମଣ୍ଡଳ, କୋଲାଘାଟ ଓ ଖୋର୍ଦ୍ଧା ରୋଡ୍ ରାଜମହେନ୍ଦ୍ରୀ ମଧ୍ୟରେ ରେଳ ଚଳାଚଳ ଆରମ୍ଭ ହୋଇଥିଲା ।
- ସେତେବେଳେ ଓଡ଼ିଶା ଦେଇ ଯାଇଥିବା ରେଳପଥର ଦୈର୍ଘ୍ୟ ଥିଲା ୩୫୮ କି.ମି. ।
- ସାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ରେଳପଥର ଦୈର୍ଘ୍ୟ ଥିଲା ୯୧୪ କି.ମି. ।
- ଓଡ଼ିଶାରେ ନିର୍ମାଣାଧୀନ ରେଳପଥ ପ୍ରକଳ୍ପଗୁଡ଼ିକ ହେଲା – ହରିଦାସ ପୁର - ପାରାଦ୍ୱୀପ ରେଳପଥ, ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ରେଳପଥ, ଅନୁଗୁଳ - ଡୁବୁରି ରେଳପଥ ଓ ତାଳଚେର - ବିମଳାଗଡ଼ ରେଳପଥ ।
- ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ୨୦୦୩ରେ ଭୁବନେଶ୍ୱର ଠାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା ।

୩।(କ)
- ସାମାଜିକ ଐକ୍ୟ ଓ ଅର୍ଥନୈତିକ ବିକାଶ ନିର୍ଭର କରେ ଭିତ୍ତିଭୂମି ଉପରେ ।
- ଭିତ୍ତିଭୂମି ଏକ ମୌଳିକ ଢାଞ୍ଚାଗତ ମୂଳଦୁଆ ।
- ଏହି ମୂଳଦୁଆ ଦୃଢ଼ ହେଲେ ଗୋଟିଏ ଦେଶ ବା ଜାତିର ସାମାଜିକ ଉନ୍ନତି ଓ ଅର୍ଥନୈତିକ ସମୃଦ୍ଧି ସମ୍ଭବ ହୁଏ ଯଥା - ଜଳସେଚନ, ରାସ୍ତାଘାଟର ଉନ୍ନତି କରଣ ଓ ଗମନାଗମନର ସୁବିଧା, ପରିବହନ ପାଇଁ ସୁବିଧା ସୁଯୋଗ ଓ ରେଳପଥର ବିକାଶ ଘଟିଥାଏ ।

(ଖ) ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ନୂତନ ବ୍ୟବସ୍ଥାଗୁଡ଼ିକ ହେଲା –

- ପର୍ଯ୍ୟଟକମାନଙ୍କର ସୁବିଧା ପାଇଁ ଓଡ଼ିଶା ସରକାର ଭୁବନେଶ୍ୱର, ପୁରୀ, କୋଣାର୍କକୁ ସୁବର୍ଣ୍ଣ ତ୍ରିଭୁଜର ଆଖ୍ୟା ଦେଇଛନ୍ତି ଓ ରାଜ୍ୟର ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ଅନେକ ହୋଟେଲ୍ ଓ ଅତିଥି ଗୃହ ଖୋଲିଛନ୍ତି ।
- ପର୍ଯ୍ୟଟନ ସ୍ଥଳୀମାନଙ୍କରେ ଓଡ଼ିଶା ସରକାର ପାନ୍ଥ ନିବାସ ଓ ପାନ୍ଥିକାମାନ ନିର୍ମାଣ କରିଛନ୍ତି ।
- ଚିଲିକା, ଭିତରକନିକାରେ ଜଳଯାତ୍ରା ପାଇଁ ସରକାରୀ ବୋଟ୍ ଯୋଗାଇ ଦେଇଛନ୍ତି ।
- ସରକାରୀ ପାନ୍ଥ ନିବାସ ସାଙ୍ଗକୁ ବଡ଼ ବଡ଼ ପର୍ଯ୍ୟଟନ ସ୍ଥଳୀରେ ଘରୋଇ ହୋଟେଲ୍‌ମାନ ଖୋଲା ଯାଇଛି ।
- ଯାତ୍ରୀମାନଙ୍କୁ ସୁବିଧାରେ ନେବା ଆଣିବା କରିବା ନିମନ୍ତେ ଟୁରିଷ୍ଟ ବସ୍ ସେବା ମଧ୍ୟ ଯୋଗାଇ ଦିଆଯାଇଛି ।

Eduodia App

# ରାଜନୀତି ବିଜ୍ଞାନ

## ଭାରତରେ ଗଣତନ୍ତ୍ର

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ଆମ ଦେଶରେ ପ୍ରତି କେତେ ବର୍ଷରେ ଥରେ ଲୋକସଭା ଓ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ହୋଇଥାଏ ?

(କ) ୩ ବର୍ଷ (ଖ) ୪ ବର୍ଷ

(ଗ) ୫ ବର୍ଷ (ଘ) ୬ ବର୍ଷ

୨ । ଭାରତରେ କେତେ ପ୍ରକାରର ନିର୍ବାଚନ ପ୍ରଚଳିତ ଅଟେ ?

(କ) ୨ (ଖ) ୩

(ଗ) ୪ (ଘ) ୫

୩ । ସାର୍ବଜନୀନ ସାବାଳକ ମତଦାନ ପ୍ରଥା ବିଷୟରେ ଭାରତୀୟ ସମ୍ବିଧାନର କେତେ ଧାରାରେ ସ୍ପଷ୍ଟ ସୂଚନା ଦିଆଯାଇଛି ?

(କ) ୩୨୪ (ଖ) ୩୨୬

(ଗ) ୩୩୨ (ଘ) ୩୫୪

୪ । ଜନଗଣନା କେତେ ବର୍ଷରେ ଥରେ ହୋଇଥାଏ ?

(କ) ୩ ବର୍ଷ (ଖ) ୫ ବର୍ଷ

(ଗ) ୭ ବର୍ଷ (ଘ) ୧୦ ବର୍ଷ

୫ । ରାଜ୍ୟ ବିଧାନ ପରିଷଦର କେତେ ସଦସ୍ୟ ରାଜ୍ୟ ବିଧାନ ସଭାର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ?

(କ) ଏକ ତୃତୀୟାଂଶ (ଖ) ଦୁଇ ତୃତୀୟାଂଶ

(ଗ) ଦୁଇ ଚତୁର୍ଥାଂଶ (ଘ) ତିନି ଚତୁର୍ଥାଂଶ

୬ । ଭାରତରେ ଜଣେ ମତଦାତାର ସର୍ବନିମ୍ନ ବୟସ ସୀମା କେତେ ବର୍ଷ ?

(କ) ୨୧ ବର୍ଷ (ଖ) ୧୫ ବର୍ଷ

(ଗ) ୨୦ ବର୍ଷ (ଘ) ୧୮ ବର୍ଷ

୭ । 'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ସରକାର' - ଏହା କିଏ କହିଥିଲେ ?

(କ) ବି. ଆର୍. ଆମ୍ବେଦକର (ଖ) ଆବ୍ରାହମ୍ ଲିଙ୍କନ୍

(ଗ) ମହାତ୍ମା ଗାନ୍ଧୀ (ଘ) ପଣ୍ଡିତ ଜବାହରଲାଲ୍ ନେହେରୁ

୮ । ସମ୍ବିଧାନର କେତେ ଧାରାରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଲୋକସଭାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ?

(କ) ୩୩୫ ଧାରା (ଖ) ୩୩୨ ଧାରା

(ଗ) ୩୩୦ ଧାରା (ଘ) ୩୬୦ ଧାରା

୯ । ଲୋକସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା କେତେ ?

(କ) ୫୪୧ (ଖ) ୫୪୨

(ଗ) ୫୪୦ (ଘ) ୫୪୩

Eduodia App

୧୦ । ପ୍ରତ୍ୟେକ ଲୋକସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ଖର୍ଚ୍ଚ କେତେ ଟଙ୍କା ଧାର୍ଯ୍ୟ କରାଯାଇଛି ?

(କ) ୧୦ ଲକ୍ଷ (ଖ) ୫୦ ଲକ୍ଷ

(ଗ) ୨୫ ଲକ୍ଷ (ଘ) ୩୦ ଲକ୍ଷ

୧୧ । ଓଡ଼ିଶାର ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟା କେତେ ?

(କ) ୧୫୨ (ଖ) ୧୪୭

(ଗ) ୩୧୪ (ଘ) ୨୫୧

୧୨ । ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଆୟୋଗ କେତେ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଥାନ୍ତି ?

(କ) ୨ ଜଣ (ଖ) ୫ ଜଣ

(ଗ) ୩ ଜଣ (ଘ) ୭ ଜଣ

୧୩ । ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଜଣେ ପ୍ରାର୍ଥୀର ସର୍ବନିମ୍ନ ବୟସ ସୀମା କେତେ ବର୍ଷ ହେବା ଆବଶ୍ୟକ ?

(କ) ୧୮ ବର୍ଷ (ଖ) ୨୫ ବର୍ଷ

(ଗ) ୨୧ ବର୍ଷ (ଘ) ୩୦ ବର୍ଷ

୧୪ । ଜଣେ ପ୍ରାର୍ଥୀଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀରୁ ମିଳିଥିବା ସମସ୍ତ ସିଦ୍ଧମତର କେତେ ସମର୍ଥନ ନ ମିଳିଲେ ତାଙ୍କୁ ତାଙ୍କ ଦାଖଲ କରିଥିବା ଅମାନତ ରାଶି ହରାଇବାକୁ ପଡ଼ିଥାଏ ?

(କ) ଏକ-ଷଷ୍ଠାଂଶ (ଖ) ଦୁଇ-ପଞ୍ଚମାଂଶ

(ଗ) ଏକ-ତୃତୀୟାଂଶ (ଘ) ଏକ-ଚତୁର୍ଥାଂଶ

୧୫ । ମତଦାନ ଦିବସର କେତେ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ ହୋଇଥାଏ ?

(କ) ୪୫ ଘଣ୍ଟା (ଖ) ୨୪ ଘଣ୍ଟା

(ଗ) ୪୮ ଘଣ୍ଟା (ଘ) ୩୬ ଘଣ୍ଟା

୧୬ । ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତ କରନ୍ତି ?

(କ) ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି (ଖ) ରାଷ୍ଟ୍ରପତି

(ଗ) ଲୋକସଭାର ବାଚସ୍ପତି (ଘ) ପ୍ରଧାନମନ୍ତ୍ରୀ

୧୭ । ଜଣେ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(କ) ୫ ବର୍ଷ (ଖ) ୩ ବର୍ଷ

(ଗ) ୧୦ ବର୍ଷ (ଘ) ୬ ବର୍ଷ

୧୮ । ଠିକ୍ ଉତ୍ତରଟି ବାଛ ।

(କ) ଲୋକସଭାରେ ନିର୍ବାଚିତ ସାଂସଦଙ୍କୁ ବାଦ ଦେଲେ ରାଷ୍ଟ୍ରପତି ଜଣଙ୍କୁ ଆଙ୍ଗ୍ଲୋ - ଭାରତୀୟ ସମ୍ପ୍ରଦାୟ ମଧ୍ୟରୁ ସାଂସଦ ଭାବେ ଲୋକସଭାକୁ ମନୋନୀତ କରିଥାନ୍ତି ।

(ଖ) ସ୍ୱାୟତ୍ତ ଶାସନ ନିର୍ବାଚନରେ ମତଦାନ ବ୍ୟବସ୍ଥା 'ବ୍ୟାଲେଟ୍ ପେପର୍' ମାଧ୍ୟମରେ ହୋଇଥାଏ ।

(ଗ) ଗ୍ରାମ ପଞ୍ଚାୟତର ସରପଞ୍ଚ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି ।

(ଘ) ନିର୍ବାଚନ ପ୍ରଚାର ପାଇଁ ୨୦ ଦିନ ସମୟ ମିଳିଥାଏ ।

୧୯ । ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) କଟକ (ଖ) ଭୁବନେଶ୍ୱର

(ଗ) ପୁରୀ (ଘ) ବ୍ରହ୍ମପୁର

Eodisha App

୨୦ । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳର ବୟସସୀମା ସର୍ବାଧିକ କେତେ ?

(କ) ୬୦ ବର୍ଷ (ଖ) ୬୫ ବର୍ଷ

(ଗ) ୫୫ ବର୍ଷ (ଘ) ୬୨ ବର୍ଷ

୨୧ । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତ କରନ୍ତି ?

(କ) ରାଜ୍ୟପାଳ (ଖ) ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି

(ଗ) ମୁଖ୍ୟମନ୍ତ୍ରୀ (ଘ) ରାଜ୍ୟ ବିଧାନସଭାର ବାଚସ୍ପତି

୨୨ । ନିର୍ବାଚନ ସମ୍ବନ୍ଧୀୟ ବିବାଦର ଚୂଡ଼ାନ୍ତ ନିଷ୍ପତ୍ତି କିଏ ନିଅନ୍ତି ?

(କ) ରାଜ୍ୟପାଳ (ଖ) ରାଷ୍ଟ୍ରପତି

(ଗ) ନିର୍ବାଚନ ଆୟୁକ୍ତ (ଘ) ଲୋକସଭାର ବାଚସ୍ପତି

୨୩ । ଭାରତର ନିର୍ବାଚନରେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏହାର ବୈଶିଷ୍ଟ୍ୟର ପରିସରଭୁକ୍ତ ନୁହେଁ ?

(କ) ପ୍ରତିଦ୍ୱନ୍ଦିତା ପାଇଁ ରାଜନୈତିକ ଦଳ ସଂଖ୍ୟା ବୃଦ୍ଧି

(ଖ) ପ୍ରତିଦ୍ୱନ୍ଦିତା ସଂଖ୍ୟାର ଅସାଭାବିକ ବୃଦ୍ଧି

(ଗ) ସରକାରଙ୍କର ନିର୍ବାଚନ ବ୍ୟୟ ହ୍ରାସ

(ଘ) ନିର୍ବାଚନରେ ଅପରାଧୀକରଣ ବୃଦ୍ଧି

୨୪ । ଠିକ୍ ଉତ୍ତରଟି ବାଛ ।

(କ) ଭାରତରେ ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି

(ଖ) ଭାରତର ରାଷ୍ଟ୍ରପତି ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି

(ଗ) ରାଜ୍ୟ ବିଧାନସଭାର ସଦସ୍ୟମାନେ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି

(ଘ) ରାଜ୍ୟସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି

Edundia App

୨୫ । ଆବଶ୍ୟକ ସ୍ଥଳେ କେଉଁ ସମ୍ପ୍ରଦାୟରୁ ଦୁଇଜଣ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଲୋକସଭାକୁ ମନୋନୀତ କରିଥାନ୍ତି ?

(କ) ଗୋର୍ଖା (ଖ) ଆଙ୍ଗ୍ଲୋ-ଭାରତୀୟ

(ଗ) ନାଗା (ଘ) ପାର୍ସୀ

୨୬ । ନିମ୍ନଲିଖିତ କେଉଁ ନିର୍ବାଚନରେ ଦଳୀୟ ସଙ୍କେତ ବ୍ୟବହାର କରାଯାଏ ନାହିଁ ?

(କ) ଜିଲ୍ଲା ପରିଷଦ ସଦସ୍ୟ ପଦ ପାଇଁ ନିର୍ବାଚନ

(ଖ) ଲୋକସଭାର ସାଂସଦ ପଦ ପାଇଁ ନିର୍ବାଚନ

(ଗ) ବିଧାନସଭାର ବିଧାୟକ ପଦ ପାଇଁ ନିର୍ବାଚନ

(ଘ) ସରପଞ୍ଚ ପଦ ପାଇଁ ନିର୍ବାଚନ

୨୭ । କେଉଁଟି ସୁସ୍ଥ ନିର୍ବାଚନ ପ୍ରକ୍ରିୟାର ବିରୋଧୀ ?

(କ) ମତଦାନ ତାଲିକାରେ ସଂଶୋଧନ (ଖ) ନିର୍ବାଚନ ପ୍ରକ୍ରିୟାରେ ହିଂସାତ୍ମକ କାର୍ଯ୍ୟ

(ଗ) ମତଦାନରେ ପରିଚୟ ପତ୍ରର ଯାଞ୍ଚ (ଘ) ଯୁବ ଶକ୍ତିର ନିର୍ବାଚନ ସଂସ୍କାରମୁଖି ପ୍ରଚେଷ୍ଟା

୨୮ । ବର୍ତ୍ତମାନ କେନ୍ଦ୍ରଶାସିତ ଅଞ୍ଚଳରୁ ଲୋକସଭାରେ କେତେଜଣ ନିର୍ବାଚିତ ସାଂସଦ ଅଛନ୍ତି ?

(କ) ୧୦ (ଖ) ୨୦

(ଗ) ୧୩ (ଘ) ୧୮

୨୯ । ଠିକ୍ ଉତ୍ତରଟି ବାଛ ।

(କ) ଲୋକସଭାର ସାଂସଦମାନେ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି

(ଖ) ପରୋକ୍ଷ ନିର୍ବାଚନରେ ନିର୍ବାଚନ ଖର୍ଚ୍ଚ ଅଧିକ ହୋଇଥାଏ

(ଗ) ଲୋକସଭା ଓ ରାଜ୍ୟସଭା ଉଭୟ ଗୃହର ସଦସ୍ୟ ଓ ରାଜ୍ୟ ବିଧାନସଭାର ନିର୍ବାଚିତ ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି

(ଘ) ପରୋକ୍ଷ ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟା ଲୋକମାନଙ୍କ ରାଜନୈତିକ ଚିନ୍ତାଧାରାକୁ ଉଜ୍ଜୀବିତ କରାଏ

୩୦ । ନିମ୍ନୋକ୍ତ କେଉଁଟି ନିର୍ବାଚନ ଆଚରଣ ବିଧି ଉଲଙ୍ଘନ କରୁନାହିଁ ?

(କ) ନିର୍ବାଚନ ପ୍ରଚାର କାର୍ଯ୍ୟରେ ସରକାରୀ ଗାଡ଼ି ଓ ସରକାରୀ କର୍ମଚାରୀଙ୍କୁ ବ୍ୟବହାର କରିବା

(ଖ) କୌଣସି ପୂଜା ସ୍ଥଳ ବା ଦେବ ପୀଠକୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିବା

(ଗ) ନିର୍ବାଚନ ତାରିଖ ଘୋଷଣା ପରେ ଜଣେ ମନ୍ତ୍ରୀ ଏକ ସେତୁର ଶିଳାନ୍ୟାସ କରିବା

(ଘ) ଦୂରଦର୍ଶନରେ ନିର୍ବାଚନ ପ୍ରଚାର ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ନିଜର ମତାମତ ରଖିବାକୁ ମାତ୍ର ୧୦ ମିନିଟ୍ ସମୟ ପ୍ରଦାନ କରିବା

## ଉତ୍ତର

(୧) (ଗ) ୫ ବର୍ଷ

(୨) (କ) ୨

(୩) (ଖ) ୩୨୬

(୪) (ଘ) ୧୦ ବର୍ଷ

(୫) (କ) ଏକ ତୃତୀୟାଂଶ

(୬) (ଘ) ୧୮ ବର୍ଷ

(୭) (ଖ) ଆବ୍ରାହାମ୍ ଲିଙ୍କନ

(୮) (ଗ) ୩୩୦ ଧାରା

(୯) (ଘ) ୫୪୩

(୧୦) (ଗ) ୨୫ ଲକ୍ଷ

(୧୧) (ଖ) ୧୪୭

(୧୨) (ଗ) ୩ ଜଣ

(୧୩) (ଖ) ୨୫ ବର୍ଷ

(୧୪) (କ) ଏକ-ଷଷ୍ଠାଂଶ

(୧୫) (ଗ) ୪୮ ଘଣ୍ଟା

(୧୬) (ଖ) ରାଷ୍ଟ୍ରପତି

(୧୭) (ଘ) ୬ ବର୍ଷ

(୧୮) (ଖ) ସ୍ୱାୟତ୍ତ ଶାସନ ନିର୍ବାଚନରେ ମତଦାନ ବ୍ୟବସ୍ଥା 'ବ୍ୟାଲେଟ୍ ପେପର୍' ମାଧ୍ୟମରେ ହୋଇଥାଏ

(୧୯) (ଖ) ଭୁବନେଶ୍ୱର

(୨୦) (ଘ) ୬୨ ବର୍ଷ

(୨୧) (କ) ରାଜ୍ୟପାଳ

(୨୨) (ଗ) ନିର୍ବାଚନ ଆୟୁକ୍ତ

(୨୩) (ଗ) ସରକାରଙ୍କର ନିର୍ବାଚନ ବ୍ୟୟ ହ୍ରାସ

(୨୪) (କ) ଭାରତର ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି

(୨୫) (ଖ) ଆଙ୍ଗ୍ଲୋ - ଭାରତୀୟ

(୨୬) (ଘ) ସରପଞ୍ଚ ପଦ ପାଇଁ ନିର୍ବାଚନ

(୨୭) (ଖ) ନିର୍ବାଚନ ପ୍ରକ୍ରିୟାରେ ହିଂସାତ୍ମକ କାର୍ଯ୍ୟ

(୨୮) (ଖ) ୨୦

(୨୯) (ଗ) ଲୋକସଭା ଓ ରାଜ୍ୟସଭା ଉଭୟ ଗୃହର ସଦସ୍ୟ ଓ ରାଜ୍ୟ ବିଧାନସଭାର ନିର୍ବାଚିତ ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି

(୩୦) (ଘ) ଦୂରଦର୍ଶନରେ ନିର୍ବାଚନ ପ୍ରଚାର ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ନିଜର ମତାମତ ରଖିବାକୁ ମାତ୍ର ୧୦ ମିନିଟ୍ ସମୟ ପ୍ରଦାନ କରିବା

Edodia App

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ । ସଂକ୍ଷେପରେ ଉତ୍ତର ଲେଖ ।

(କ) ଭାରତରେ ସାଧାରଣ ନିର୍ବାଚନ କେଉଁ ପ୍ରଥା ଉପରେ ଆଧାରିତ ? ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ଜଣେ ପ୍ରାର୍ଥୀ କେତେ ସମର୍ଥନ ଲାଭ କରିବା ଆବଶ୍ୟକ ? (୨

(ଖ) ଗଣତନ୍ତ୍ରର ଭିତ୍ତିଭୂମି କ'ଣ ? ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହାକୁ କିପରି ସାବ୍ୟସ୍ତ କରାଯାଏ ? (୨

(ଗ) ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତି କ'ଣ ? ଏହା ପରୋକ୍ଷ ନିର୍ବାଚନଠାରୁ କିପରି ଭିନ୍ନ ? (୩

୨ । ସଂକ୍ଷେପରେ ଉତ୍ତର ଲେଖ ।

(କ) ଲୋକସଭା ନିର୍ବାଚନରେ ନିର୍ବାଚିତ ପ୍ରାର୍ଥୀ ବିଜୟ ହେବା ପରେ ରିଟର୍ଣ୍ଣିଂ ଅଫିସର୍ ତାଙ୍କୁ କ'ଣ ପ୍ରଦାନ କରିଥାନ୍ତି ? କିଏ ସେହି ଲୋକସଭା ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ପାଇଥାନ୍ତି ? (୨

(ଖ) ଗୋପନୀୟ ମତଦାନ ବ୍ୟବସ୍ଥା କହିଲେ କ'ଣ ବୁଝ ? (୨

(ଗ) ଆମ ଦେଶରେ ପ୍ରଚଳିତ ନିର୍ବାଚନ ପ୍ରକ୍ରିୟାର ଚାରିଗୋଟି ବୈଶିଷ୍ଟ୍ୟ ଉଲ୍ଲେଖ କର । (୪

୩ । ସଂକ୍ଷେପରେ ଉତ୍ତର ଲେଖ ।

(କ) ଫଟୋ ପରିଚୟ ପତ୍ର କ'ଣ ? ଏଥିରେ କ'ଣ ସୂଚିତ ହୋଇଥାଏ ? (୨

(ଖ) ଇ.ଭି.ଏମ୍. କ'ଣ ? ଏହାର ବ୍ୟବହାର ଫଳରେ କି ସୁଫଳ ମିଳୁଛି ? (୨

(ଗ) ମତଦାନ ବ୍ୟବସ୍ଥାକୁ ସୁଗମ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା କେଉଁ କେଉଁ ବ୍ୟବସ୍ଥା କରାଯାଇଥାଏ ? (୪

## ଉତ୍ତର

Edutoon App

୧ ।(କ) ଭାରତରେ ସାଧାରଣ ନିର୍ବାଚନ ସାର୍ବଜୀନନ ସାବାଳକ ମତଦାନ ପ୍ରଥା ଉପରେ ଆଧାରିତ । ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ଜଣେ ପ୍ରାର୍ଥୀ ମିଳିଥିବା ସମସ୍ତ 'ସିଦ୍ଧମତ'ର ଆପେକ୍ଷିକ ସଂଖ୍ୟାଗରିଷ୍ଠ ସମର୍ଥନ ଲାଭ କରିବା ଆବଶ୍ୟକ ।

(ଖ) ଜନମତ ହେଉଛି ଗଣତନ୍ତ୍ରର ଭିତ୍ତିଭୂମି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧ୍ୟମରେ ହିଁ ଜନମତ ସାବ୍ୟସ୍ତ କରାଯାଏ । ଏହି ନିର୍ବାଚନ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହୋଇଥାଏ ।

(ଗ) ନିର୍ବାଚନ ପଦ୍ଧତି ଦୁଇ ପ୍ରକାରର ଯଥା – ପ୍ରତ୍ୟକ୍ଷ ନିର୍ବାଚନ ଓ ପରୋକ୍ଷ ନିର୍ବାଚନ । ଯେଉଁ ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ମତଦାତା ସିଧାସଳଖ ଅଂଶଗ୍ରହଣ କରି ନିଜର ମତଦାନ କରିଥାନ୍ତି ଏବଂ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି ତାହାକୁ ପ୍ରତ୍ୟକ୍ଷ ନିର୍ବାଚନ କୁହାଯାଏ । ଅନ୍ୟ ପକ୍ଷରେ ପରୋକ୍ଷ ନିର୍ବାଚନରେ ମତଦାତାମାନେ ନିଜ ପ୍ରତିନିଧିମାନଙ୍କୁ ପରୋକ୍ଷ ଭାବରେ ବାଛିଥାନ୍ତି । ଏଥିରେ ମତଦାତାମାନେ ଗୋଟିଏ ପ୍ରତିନିଧି ସଭା ପାଇଁ ଲୋକ ପ୍ରତିନିଧି ନିର୍ବାଚିତ କରନ୍ତି । ଏଥିରେ ନିର୍ବାଚିତ ଲୋକ ପ୍ରତିନିଧି ସଭାର ସଦସ୍ୟମାନେ ଅନ୍ୟ ଲୋକ ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି ।

୨ ।(କ) ଲୋକସଭା ନିର୍ବାଚନରେ ପ୍ରାର୍ଥୀ ବିଜୟ ଲାଭ କଲା ପରେ ଲୋକସଭା ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ବିଜୟୀ ପ୍ରାର୍ଥୀଙ୍କୁ ଏକ ସ୍ୱୀକୃତି ପତ୍ର ପ୍ରଦାନ କରିଥାନ୍ତି । ଏହି ନିର୍ବାଚନରେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ପାଇଥାନ୍ତି ।

(ଖ) ଯେଉଁ ନିର୍ବାଚନ ବ୍ୟବସ୍ଥାରେ ମତଦାତା ନିର୍ଭୟରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥାନ୍ତି ତାହାକୁ ଗୋପନୀୟ ମତଦାନ ବ୍ୟବସ୍ଥା କୁହାଯାଏ । ଫଳରେ ନିର୍ବାଚନ ଅବାଧ, ସୁସ୍ଥ ଏବଂ ଦୁର୍ନୀତି ମୁକ୍ତ ହୋଇଥାଏ ।

(ଗ) ଆମ ଦେଶରେ ପ୍ରଚଳିତ ନିର୍ବାଚନ ପ୍ରକ୍ରିୟାରେ କେତେକ ବୈଶିଷ୍ଟ୍ୟ ରହିଛି । ସେଗୁଡ଼ିକ ହେଲା –

- ପ୍ରତିଦ୍ୱନ୍ଦିତା ପାଇଁ ରାଜନୈତିକ ଦଳର ସଂଖ୍ୟା ବୃଦ୍ଧି ।
- ପ୍ରତିଦ୍ୱନ୍ଦିଙ୍କ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ।

- ନିର୍ବାଚନ ସମୟରେ ଅଧିକ ସଂଖ୍ୟକ ରାଜନୈତିକ ହିଂସାଜନିତ କାର୍ଯ୍ୟକଳାପ ବୃଦ୍ଧି ।
- ଅଧିକ ସଂଖ୍ୟକ ସାଧୀନ ପ୍ରାର୍ଥୀଙ୍କ ନିର୍ବାଚନରେ ଅଂଶଗ୍ରହଣ ।
- ସରକାରଙ୍କ ନିର୍ବାଚନୀ ବ୍ୟୟ ବୃଦ୍ଧି ।
- ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନଙ୍କ ଦ୍ୱାରା ସୀମା ବହିର୍ଭୂତ ଗୋପନୀୟ ନିର୍ବାଚନଜନିତ ବ୍ୟୟାଧିକ ।
- ମାସାଧିକ ସମୟ ପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ।
- ଅର୍ଥ ବଳ ଓ ବାହୁ ବଳ ଇତ୍ୟାଦି ଅସାଧୁ ପନ୍ଥାର ଅବଲମ୍ବନ ହେତୁ କେତେକ ପ୍ରାର୍ଥୀଙ୍କର ନିର୍ବାଚନରେ ଜୟଲାଭ ଅଭିଯୋଗ ।
- ନିର୍ବାଚନରେ ଅପରାଧିକରଣ ବୃଦ୍ଧି ।

(ପିଲାମାନେ ଯେକୌଣସି ୪ଟି ବୈଶିଷ୍ଟ୍ୟ ଲେଖିବେ ।)

୩ ।(କ) ନିର୍ବାଚନ ଆୟୋଗ ପ୍ରତ୍ୟେକ ମତଦାତାଙ୍କୁ ମତଦାନ କେନ୍ଦ୍ରରେ ନିଜର ପରିଚୟ ସାବ୍ୟସ୍ତ କରିବା ପାଇଁ 'ଏକକ ପରିଚୟ ପତ୍ର' ଯୋଗାଇ ଦେଇଥାନ୍ତି, ଏହାକୁ 'ଫଟୋ ପରିଚୟ ପତ୍ର' କୁହାଯାଏ । ଏଥିରେ ମତଦାତାଙ୍କ ନାମ, ବୟସ, ବାସସ୍ଥାନ, ପିତା ବା ସ୍ୱାମୀଙ୍କ ନାମ ସୂଚିତ ଥାଏ ।

(ଖ) ସଂପ୍ରତି ନିର୍ବାଚନରେ ମତଦାନ କରିବା ପାଇଁ ନିର୍ବାଚନ ଆୟୋଗ ଏକ ଇଲେକ୍ଟ୍ରୋନିକ୍ ଯନ୍ତ୍ରର ପ୍ରଚଳନ କରିଛନ୍ତି । ଏହାକୁ ଇଲେକ୍ଟ୍ରୋନିକ୍ ମତଦାନ ଯନ୍ତ୍ର (ଇ.ଭି.ଏମ୍.) କୁହାଯାଏ । ଏହାର ବ୍ୟବହାର ଫଳରେ ମତଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସାଙ୍ଗେ ସାଙ୍ଗେ ମତ ଗଣନା କାର୍ଯ୍ୟ ମଧ୍ୟ ସହଜ ଓ ଶୀଘ୍ର ହୋଇପାରୁଛି । ଫଳ ପ୍ରକାଶରେ ମଧ୍ୟ ବିଳମ୍ବ ଘଟୁନାହିଁ ।

(ଗ) ମତଦାନ ପ୍ରକ୍ରିୟାକୁ ସୁଗମ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ନିର୍ବାଚନ ଆୟୋଗ ନିମ୍ନୋକ୍ତ ବ୍ୟବସ୍ଥାମାନ କରିଛନ୍ତି । ଯଥା –

- ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏକାଧିକ ମତଦାନ କେନ୍ଦ୍ର ସ୍ଥାପନ କରାଯାଏ ।
- ଦୁଇଟି ମତଦାନ କେନ୍ଦ୍ର ମଧ୍ୟରେ ଦୂରତା ପ୍ରାୟ ଏକ କିଲୋ ମିଟରରୁ କମ୍ ଥାଏ ଓ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୭୦୦ ରୁ ୮୦୦ ମତଦାତା ନିଜର ମତଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଥାଏ ।
- ମୁଖ୍ୟତଃ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ମତଦାନ କେନ୍ଦ୍ର ପ୍ରତିଷ୍ଠା ହୋଇଥାଏ ଓ ମତଦାନ କେନ୍ଦ୍ରଠାରୁ ୧୦୦ ମିଟର ଦୂରତା ମଧ୍ୟରେ କୌଣସି ନିର୍ବାଚନ ପ୍ରଚାର ନିଷିଦ୍ଧ ।
- ପ୍ରତ୍ୟେକ ମତଦାନ କେନ୍ଦ୍ରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବା ପାଇଁ ଜଣେ ପ୍ରିଜାଇଡିଂ ଅଫିସର୍ ଓ ଏକାଧିକ ପୋଲିଂ ଅଫିସର ନିଯୁକ୍ତି ହୋଇଥାନ୍ତି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ତରଫରୁ ସେମାନଙ୍କ ପ୍ରତିନିଧିମାନେ ମଧ୍ୟ ମତଦାନ ସମୟରେ ଉପସ୍ଥିତ ରହିଥାନ୍ତି ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ।(କ) ନିର୍ବାଚନ ଆୟୋଗର ଗଠନ, କାର୍ଯ୍ୟକାଳ ଓ ବହିଷ୍କାର ସଂପର୍କରେ ଏକ ବିବରଣୀ ପ୍ରଦାନ କର । (୩

(ଖ) ଗଣତନ୍ତ୍ର କହିଲେ କ'ଣ ବୁଝ ? (୨

୨ ।(କ) ଏକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କହିଲେ କ'ଣ ବୁଝ ? (୩

(ଖ) ନିର୍ବାଚନର ଗୁରୁତ୍ୱ ବିଷୟରେ ସଂକ୍ଷେପରେ ଲେଖ । (୨

୩ ।(କ) ନିର୍ବାଚନ ଇସ୍ତାହାର କ'ଣ ? ଏହା କାହିଁକି ପ୍ରକାଶ କରାଯାଇଥାଏ ? (୩

(ଖ) ନିର୍ବାଚନ ଆଚରଣବିଧି କାହିଁକି ଲାଗୁ କରାଯାଇଥାଏ ? (୨

## ଉତ୍ତର

୧ ।(କ) ଆମ ସମ୍ବିଧାନର ୩୨୪ ଧାରାରେ ଏକ ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗର ଗଠନ ସଂପର୍କରେ ସୂଚନା ଦିଆଯାଇଛି । ୧୯୮୯ ମସିହା ପୂର୍ବରୁ ଏହି ନିର୍ବାଚନ ଆୟୋଗ ଜଣେ ନିର୍ବାଚନ ଆୟୁକ୍ତଙ୍କୁ ନେଇ ଗଠିତ ହୋଇଥିଲା । ଏହି ମସିହା ପରଠାରୁ ନିର୍ବାଚନ ଆୟୋଗରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଆଯାଇଛି । ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ସମେତ ଅନ୍ୟ ଦୁଇଜଣ ଆୟୁକ୍ତଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରନ୍ତି । ସେମାନେ ଏହି ପଦବୀରେ ୬ ବର୍ଷ ପାଇଁ ବା ସର୍ବାଧିକ ୬୫ ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିଥାନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ଯେଉଁ କାରଣରୁ ପଦଚ୍ୟୁତ ହୁଅନ୍ତି ସେହି କାରଣରୁ ସଂସଦର ପ୍ରତ୍ୟେକ ସଦନରେ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠ ସାଂସଦଙ୍କ ସମର୍ଥନରେ ପଦଚ୍ୟୁତ ହୁଅନ୍ତି । ପ୍ରମାଣିତ ଅସଦାଚରଣ ଓ ଶାରୀରିକ ଅସାମର୍ଥ୍ୟ କାରଣରୁ ମଧ୍ୟ ମୁଖ୍ୟ ଆୟୁକ୍ତ ପଦଚ୍ୟୁତ ହୁଅନ୍ତି, କିନ୍ତୁ ଅନ୍ୟ ଦୁଇ ଆୟୁକ୍ତ ମୁଖ୍ୟ ଆୟୁକ୍ତଙ୍କ ବିନା ଅନୁମତିରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହୁଅନ୍ତି ନାହିଁ ।

(ଖ) ଲୋକମାନଙ୍କର ଶାସନକୁ ଗଣତନ୍ତ୍ର କୁହାଯାଏ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ନାଗରିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦେଶ ଶାସନରେ ଅଂଶ ଗ୍ରହଣ କରିଥାନ୍ତି । ଗଣତନ୍ତ୍ରରେ ନାଗରିକମାନେ ସ୍ୱାଧୀନ ଭାବରେ ନିଜ ନିଜର ମତବ୍ୟକ୍ତ କରିଥାନ୍ତି । ଏହି ବ୍ୟବସ୍ଥାରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀ ହାତରେ ନ୍ୟସ୍ତ ହୋଇନଥାଏ । ଗଣତନ୍ତ୍ରରେ ଜନସାଧାରଣ ସାର୍ବଭୌମ କ୍ଷମତାର ଅଧିକାରୀ ଅଟନ୍ତି ।

୨ ।(କ) ଆମ ଦେଶକୁ ୫୪୩ଟି ଏକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି । ନିର୍ଦ୍ଦିଷ୍ଟ ସଂଖ୍ୟକ ଜନ ସଂଖ୍ୟାକୁ ଆଧାର କରି ଲୋକସଭା ଆସନ ଓ ବିଧାନ ସଭା ଆସନ ପାଇଁ ଅଲଗା ଅଲଗା ନିର୍ବାଚନ ମଣ୍ଡଳୀ ସ୍ଥିର କରାଯାଇଛି । ପ୍ରତି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି । ତେଣୁ ଏହାକୁ 'ଏକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ' କୁହାଯାଏ । ପ୍ରତି ୫ ବର୍ଷରେ ଥରେ ଲେଖାଏଁ ଏହି ନିର୍ବାଚନ ମଣ୍ଡଳୀରୁ ଲୋକସଭା ଓ ରାଜ୍ୟ ବିଧାନସଭା ପାଇଁ ଲୋକ ପ୍ରତିନିଧି ସାଧାରଣ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୁଅନ୍ତି । କୌଣସି ନିର୍ବାଚିତ ସଦସ୍ୟଙ୍କ ଇସ୍ତଫା କିମ୍ବା ମୃତ୍ୟୁ ହେତୁ ବା ତାଙ୍କର ନିର୍ବାଚନ ଅସିଦ୍ଧ ଘୋଷିତ ହେଲେ, ସେହି ଶୂନ୍ୟ ପଡ଼ିଥିବା ସଦସ୍ୟ ପଦ ପୂରଣ ପାଇଁ ଉପ-ନିର୍ବାଚନ କରାଯାଏ ।

(ଖ) ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନମତ ନିର୍ବାଚନ ମାଧ୍ୟମରେ ସାବ୍ୟସ୍ତ କରାଯାଇଥାଏ । କେଉଁ ରାଜନୈତିକ ଦଳ ସରକାର ଗଠନ କରିବେ ସେହି ନିଷ୍ପତ୍ତି ମଧ୍ୟ ମତଦାତାମାନେ ନିର୍ବାଚନ ମାଧ୍ୟମରେ କରିଥାନ୍ତି । ଆମ ସମ୍ବିଧାନ ପ୍ରଣେତାମାନେ ଏକ ମୁକ୍ତ, ଅବାଧ ଓ ନିର୍ମଳ ନିର୍ବାଚନ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଏଣୁ ବିଶେଷ କରି ଆମ ଗଣତନ୍ତ୍ରରେ ନିର୍ବାଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ରକୁ ସୁଦୃଢ଼ କରିବାପାଇଁ ନିର୍ବାଚନ ପ୍ରକ୍ରିୟା ତ୍ରୁଟିଶୂନ୍ୟ ହେବା ନିହାତି ଆବଶ୍ୟକ ।

୩ ।(କ) ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ନାମ ତାଲିକା ଘୋଷଣା କରାଯିବା ପରେ ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ ହୋଇଥାଏ । ଦଳୀୟ ନିର୍ବାଚନ ଇସ୍ତାହାର ପ୍ରତ୍ୟେକ ରାଜନୈତିକ ଦଳ ପ୍ରକାଶ କରିଥାନ୍ତି । ନିର୍ବାଚନରେ ଭାଗ ନେଇଥିବା ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଦଳ ତରଫରୁ ନିଜ ନିଜ ଦଳର ଆଭିମୁଖ୍ୟ, ଦଳୀୟ କାର୍ଯ୍ୟପନ୍ଥା, ଦଳର ଭବିଷ୍ୟତ କାର୍ଯ୍ୟକ୍ରମ ଓ ନିର୍ବାଚନ ରଣ କୌଶଳ ଏଥିରେ ଉଲ୍ଲେଖ କରିଥାନ୍ତି । ଏହି ଇସ୍ତାହାର ମାଧ୍ୟମରେ ଜନମତକୁ ନିଜ ସପକ୍ଷରେ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଇଥାଏ ।

(ଖ) ନିର୍ବାଚନ ଦିବସ ଘୋଷଣା ହେବା ପରେ ନିର୍ବାଚନ ଆୟୋଗ ନିର୍ବାଚନ ଆଚରଣ ବିଧି ଲାଗୁ କରିଥାନ୍ତି । ଏହା ନିର୍ବାଚନ ସମୟରେ ଘଟୁଥିବା ହିଂସାକାଣ୍ଡ ଓ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନକୁ ରୋକିବାରେ ସହାୟକ ହୋଇଥାଏ ।

ପ୍ରତ୍ୟେକ ରାଜନୈତିକ ଦଳ ଏହି ଆଚରଣ ବିଧିକୁ ମାନିବାକୁ ବାଧ୍ୟ ହୁଅନ୍ତି । ନଚେତ୍ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ପ୍ରାର୍ଥୀଙ୍କୁ ନିର୍ବାଚନ ଆୟୋଗ ଦ୍ୱାରା ଦଣ୍ଡିତ ହେବାକୁ ପଡ଼ିଥାଏ ।

EduOdia App

# ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ନିମ୍ନଲିଖିତ ପ୍ରକ୍ରିୟା ମଧ୍ୟରୁ କେଉଁଟି ମଣିଷକୁ ଗତିଶୀଳ କରି ଚାଲିଛି ?

(କ) ବନୀକରଣ (ଖ) ସହରୀକରଣ

(ଗ) ଉଦାରୀକରଣ (ଘ) ଘରୋଇକରଣ

୨ । ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଏକ ______ ଆବଶ୍ୟକତା ।

(କ) ପ୍ରାକୃତିକ (ଖ) କୃତ୍ରିମ

(ଗ) ମୌଳିକ (ଘ) ଯୌଗିକ

୩ । ସଡ଼କ ଦୁର୍ଘଟଣାର ପ୍ରକୃଷ୍ଟ ନିରାକରଣ ବ୍ୟବସ୍ଥାଟି କ'ଣ ?

(କ) ଜୀବନ ସୁରକ୍ଷା (ଖ) ପରିବେଶ ସୁରକ୍ଷା

(ଗ) ଦେଶ ସୁରକ୍ଷା (ଘ) ସଡ଼କ ସୁରକ୍ଷା

୪ । ସଡ଼କ ଦୁର୍ଘଟଣା ଏକ ______ ଘଟଣା ।

(କ) ବିରଳ (ଖ) ପ୍ରାକୃତିକ

(ଗ) ଅପ୍ରାକୃତିକ (ଘ) କୃତ୍ରିମ

୫ । ସଡ଼କ ଓ ପରିବହନ ବ୍ୟବସ୍ଥାରେ କେତୋଟି ଉପାଦାନ ରହିଛି ?

(କ) ୪ (ଖ) ୫

(ଗ) ୬ (ଘ) ୭

୬ । ପ୍ରତି ବର୍ଷ ସାରା ବିଶ୍ୱରେ କେତେ ଲୋକ ସଡ଼କ ଦୁର୍ଘଟଣାରେ ମୃତ ହୋଇଥାନ୍ତି ?

(କ) ୩ ଲକ୍ଷରୁ ଅଧିକ (ଖ) ୪ ଲକ୍ଷରୁ ଅଧିକ

(ଗ) ୫ ଲକ୍ଷରୁ ଅଧିକ (ଘ) ୬ ଲକ୍ଷରୁ ଅଧିକ

୭ । ପ୍ରତି ବର୍ଷ ଭାରତରେ କେତେ ଲୋକ ସଡ଼କ ଦୁର୍ଘଟଣାରେ ମୃତ ହୋଇଥାନ୍ତି ?

(କ) ୧.୫ ଲକ୍ଷରୁ ଅଧିକ (ଖ) ୨ ଲକ୍ଷରୁ ଅଧିକ

(ଗ) ୨.୫ ଲକ୍ଷରୁ ଅଧିକ (ଘ) ୩ ଲକ୍ଷରୁ ଅଧିକ

୮ । ଓଡ଼ିଶାର ରାଜପଥମାନଙ୍କରେ କେତେ ଶତକଡ଼ା ଦୁର୍ଘଟଣା ଘଟୁଛି ?

(କ) ୩୦ ରୁ ଅଧିକ (ଖ) ୪୦ ରୁ ଅଧିକ

(ଗ) ୫୦ ରୁ ଅଧିକ (ଘ) ୬୦ ରୁ ଅଧିକ

୯ । ନିମ୍ନଲିଖିତ ମଧ୍ୟରୁ କେଉଁଟି ସଡ଼କ ଦୁର୍ଘଟଣା ମାନବୀୟ ତ୍ରୁଟିଜନିତ ଅନ୍ତର୍ଭୁକ୍ତ ?

(କ) ବର୍ଷା (ଖ) ଷ୍ଟିଅରିଂ

(ଗ) ମଦ୍ୟପାନ (ଘ) ରାସ୍ତାର ଡିଜାଇନ୍

EduOdia App

୧୦ । ପ୍ରତି ୧୦୦ ଦୁର୍ଘଟଣାରେ ଓଡ଼ିଶାରେ କେତେଜଣ ମୃତାହତ ହେଉଛନ୍ତି ?

(କ) ୪୫ ଜଣ (ଖ) ୫୫ ଜଣ

(ଗ) ୩୫ ଜଣ (ଘ) ୬୫ ଜଣ

୧୧ । ନିମ୍ନଲିଖିତ ମଧ୍ୟରୁ କେଉଁ ଯାନରେ ବାହ୍ୟ ସୁରକ୍ଷା ନଥାଏ ?

(କ) ବସ୍ (ଖ) ଅଟୋ ରିକ୍ସା

(ଗ) ସ୍କୁଟର୍ (ଘ) କାର୍

୧୨ । ରାଜ୍ୟର ସମସ୍ତ ସଡ଼କ ଦୁର୍ଘଟଣାର କେତେ ପ୍ରତିଶତ କେବଳ ମାନବୀୟ ତ୍ରୁଟି ଯୋଗୁଁ ସଙ୍ଘଠିତ ହୋଇଥାଏ ?

(କ) ୯୫ (ଖ) ୮୫

(ଗ) ୭୫ (ଘ) ୬୫

୧୩ । ସଡ଼କ ନିରାପତ୍ତା ବ୍ୟବସ୍ଥାକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

(କ) ୨ (ଖ) ୩

(ଗ) ୪ (ଘ) ୫

୧୪ । ନିମ୍ନଲିଖିତ ମଧ୍ୟରୁ କେଉଁଟି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧ୍ୟମ ଅଟନ୍ତି ?

(କ) ଓକିଲ ସଂଘ (ଖ) ସ୍ୱେଚ୍ଛାସେବୀ ସଂଘ

(ଗ) ରିକ୍ସା ଚାଳକ ସଂଘ (ଘ) ଅମଲା ସଂଘ

୧୫ । ନିମ୍ନଲିଖିତ ମଧ୍ୟରୁ କେଉଁଟି ସରକାରଙ୍କର ମୋଟର ଯାନ ରାଜସ୍ୱ ବୃଦ୍ଧି କରିଥାଏ ?

(କ) ଶିକ୍ଷା (ଖ) ବଳବତ୍ତକରଣ

(ଗ) ଇଞ୍ଜିନିୟରିଂ (ଘ) ଭିତ୍ତିଭୂମି

୧୬ । "ମୋବାଇଲ୍ ବ୍ୟବହାର" କେଉଁ ବର୍ଗରେ ଶ୍ରେଣୀଭୁକ୍ତ ହୋଇଛି ?

(କ) ବଳବତ୍ତକରଣ (ଖ) ଶିକ୍ଷା

(ଗ) ଭିତ୍ତିଭୂମି ବ୍ୟବସ୍ଥା (ଘ) ସ୍ୱାସ୍ଥ୍ୟ ନୁହେଁ

୧୭ । "ପାର୍ଶ୍ୱ ଆଇନା" କେଉଁ ବର୍ଗରେ ଅନ୍ତର୍ଭୁକ୍ତ ହୋଇଛି ?

(କ) ଇଞ୍ଜିନିୟରିଂ ଓ ଭିତ୍ତିଭୂମି (ଖ) ଶିକ୍ଷା

(ଗ) ବଳବତ୍ତକରଣ (ଘ) ଉଭୟ 'ଖ' ଓ 'ଗ'

୧୮ । କେତେ ବର୍ଷରୁ କମ୍ ପିଲାଙ୍କୁ ଡ୍ରାଇଭିଂ ଲାଇସେନ୍ସ ଉପଲବ୍ଧ ହୋଇପାରିବ ନାହିଁ ?

(କ) ୧୫ (ଖ) ୧୮

(ଗ) ୨୦ (ଘ) ୨୧

୧୯ । ଦୁଇ ଚକିଆ ଯାନରେ ଡ୍ରାଇଭର ସହିତ କେତେ ଜଣ ବସି ପାରିବେ ?

(କ) ୧ ଜଣ (ଖ) ୨ ଜଣ

(ଗ) ୩ ଜଣ (ଘ) କେହି ନୁହେଁ

୨୦ । କେଉଁମାନଙ୍କ ନିମନ୍ତେ ସବ୍ - ୱେ / ଅଣ୍ଡର ପାସ୍ ଆଦି ଭିତ୍ତିଭୂମି ପ୍ରତିଷ୍ଠା ହେବା ଆବଶ୍ୟକ ?

(କ) ରାଜପଥ ସଂଲଗ୍ନ ସ୍କୁଲ (ଖ) ରାଜପଥ ସଂଲଗ୍ନ ସିନେମା ହଲ୍

(ଗ) ରାଜପଥ ସଂଲଗ୍ନ ପାର୍କ (ଘ) ରାଜପଥ ସଂଲଗ୍ନ ମାର୍କେଟ କମ୍ପ୍ଲେକ୍ସ

EduOdia App

୨୧ । ନିୟମିତ ଟ୍ରାଫିକ୍ ଉଲଙ୍ଘନକାରୀଙ୍କୁ କଠୋର ଦଣ୍ଡ ଦେବା ନିମନ୍ତେ କେନ୍ଦ୍ରୀୟ ମୋଟର ଯାନ ଆଇନ୍ କେବେ ସଂଶୋଧିତ ହୋଇଛି ?

(କ) ୨୦୧୮ (ଖ) ୨୦୧୯

(ଗ) ୨୦୧୬ (ଘ) ୨୦୨୦

୨୨ । ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କ ଉପରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?

(କ) ୧୦ ଗୁଣ (ଖ) ୧୨ ଗୁଣ

(ଗ) ୧୫ ଗୁଣ (ଘ) ୨୦ ଗୁଣ

୨୩ । ଓଡ଼ିଶା ସରକାରଙ୍କ ତରଫରୁ ମୋଟର ଯାନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ କେତେ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି ?

(କ) ୧ ଲକ୍ଷ (ଖ) ୨ ଲକ୍ଷ

(ଗ) ୫୦,୦୦୦ (ଘ) ୨୦,୦୦୦

୨୪ । ଓଡ଼ିଶା ଗୁଡ୍ ସମରିଟାନ୍ ନୀତି କେବେ ପ୍ରଣୀତ ହୋଇଅଛି ?

(କ) ୨୦୧୬ (ଖ) ୨୦୧୭

(ଗ) ୨୦୧୮ (ଘ) ୨୦୧୯

୨୫ । କାହା ନିର୍ଦ୍ଦେଶରେ ଓଡ଼ିଶା ସରକାର "ଓଡ଼ିଶା ଗୁଡ୍ ସମରିଟାନ୍ ନୀତି - ୨୦୧୮" ପ୍ରଣୟନ କରିଛନ୍ତି ?

(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ

(ଗ) ମୁଖ୍ୟମନ୍ତ୍ରୀ (ଘ) ସୁପ୍ରିମକୋର୍ଟ

୨୬ । ଗୁଡ୍ ସମରିଟାନ୍ ପଲିସି ଅନୁଯାୟୀ କେତେ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ ?

(କ) ୨ ହଜାର ଟଙ୍କା (ଖ) ୧ ହଜାର ଟଙ୍କା

(ଗ) ୩ ହଜାର ଟଙ୍କା (ଘ) ୫ ହଜାର ଟଙ୍କା

୨୭ । କେଉଁ ସମୟକୁ ଦୁର୍ଘଟଣାର "ଗୋଲ୍‌ଡେନ୍ ଆୱାର" କୁହାଯାଏ ?

(କ) ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ (ଖ) ଦୁର୍ଘଟଣାର ୨ ଘଣ୍ଟା ମଧ୍ୟରେ

(ଗ) ଦୁର୍ଘଟଣାର ୩ ଘଣ୍ଟା ମଧ୍ୟରେ (ଘ) ଦୁର୍ଘଟଣାର ୪ ଘଣ୍ଟା ମଧ୍ୟରେ

୨୮ । ଦୁର୍ଘଟଣାର "ଗୋଲଡେନ୍ ଆୱାର" ମଧ୍ୟରେ ଚିକିତ୍ସା କରାଗଲେ ମୃତ୍ୟୁହାର ପ୍ରାୟ କେତେ ଶତକଡ଼ା ହ୍ରାସ ପାଇବ ?

(କ) ୫୦ (ଖ) ୬୦

(ଗ) ୬୫ (ଘ) ୭୦

୨୯ । ସବୁଜ ଯାନ କାହାକୁ କୁହାଯାଏ ?

(କ) ସ୍କୁଟର୍ (ଖ) ରିକ୍ସା

(ଗ) ସାଇକେଲ୍ (ଘ) କୌଣସିଟି ନୁହେଁ / କୌଣସି ଉତ୍ତର ଠିକ୍ ନୁହଁ

୩୦ । ରାଜ୍ୟର ସମସ୍ତ ଗାଡ଼ି ସଂଖ୍ୟାର କେତେ ଅଂଶରୁ ଅଧିକ ବ୍ୟକ୍ତିଗତ ଗାଡ଼ି ପ୍ରକାରଭେଦରେ ଅନ୍ତର୍ଭୁକ୍ତ ?

(କ) ୨/୩ (ଖ) ୧/୩

(ଗ) ୩/୩ (ଘ) କୌଣସିଟି ନୁହେଁ

Odisha 1 to 10 All Books App

୩୧ । ଦୁର୍ଘଟଣାର କେଉଁ ସମୟ ମଧ୍ୟରେ ଚିକିତ୍ସା କରାଗଲେ ମୃତ୍ୟୁହାର ପ୍ରାୟ ୬୦ ପ୍ରତିଶତ ହ୍ରାସ ପାଇବ ?

(କ) ସିଲଭର୍ ଆୱାର (ଖ) ଗୋଲଡେନ୍ ଆୱାର

(ଗ) ବ୍ରୋଞ୍ଜ୍ ଆୱାର (ଘ) ଡାଇମଣ୍ଡ୍ ଆୱାର

୩୨ । "ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ" ସମୟକୁ କେଉଁ ସମୟ କୁହାଯାଏ ?

(କ) ସିଲଭର୍ ଆୱାର (ଖ) ବ୍ରୋଞ୍ଜ୍ ଆୱାର

(ଗ) ଗୋଲଡେନ୍ ଆୱାର (ଘ) ଡାଇମଣ୍ଡ୍ ଆୱାର

୩୩ । ଓଡ଼ିଶା ରାଜ୍ୟରେ ପ୍ରାୟ କେତେ ଲକ୍ଷ ଗାଡ଼ି ଚଳପ୍ରଚଳ କରୁଛି ?

(କ) ୭୦ ଲକ୍ଷ (ଖ) ୭୧ ଲକ୍ଷ

(ଗ) ୭୨ ଲକ୍ଷ (ଘ) ୭୩ ଲକ୍ଷ

୩୪ । ପ୍ରତି ବର୍ଷ ଆମ ରାଜ୍ୟରେ ଯାନବାହନ ସଂଖ୍ୟା କେତେ ପ୍ରତିଶତ ପ୍ରାୟ ବୃଦ୍ଧି ପାଉଅଛି ?

(କ) ୫ (ଖ) ୧୦

(ଗ) ୧୨ (ଘ) ୧୫

୩୫ । ରାସ୍ତା ପାର୍ ହେବା ପୂର୍ବରୁ ପ୍ରଥମେ କେଉଁ ଦିଗକୁ ଚାହିଁବା ଆବଶ୍ୟକ ?

(କ) ବାମକୁ (ଖ) ଡାହାଣକୁ

(ଗ) ଆଗକୁ (ଘ) ପଛକୁ

୩୬ । 'ସାଇକେଲ୍ ଟ୍ରାକ୍' କେଉଁ ବର୍ଗର ଅନ୍ତର୍ଭୁକ୍ତ ?

(କ) ଶିକ୍ଷା (ଖ) ଇଞ୍ଜିନିୟରିଂ ଓ ଭିତ୍ତିଭୂମି

(ଗ) ବଳବତ୍ତକରଣ (ଘ) କୌଣସିଟି ନୁହେଁ

୩୭ । ଆମ ରାଜ୍ୟରେ ପ୍ରାୟ କେତେ କିଲୋମିଟର ରାସ୍ତା ରହିଛି ?

(କ) ୬୫,୦୦୦ (ଖ) ୧,୬୫,୦୦୦

(ଗ) ୨,୬୫,୦୦୦ (ଘ) ୩,୬୫,୦୦୦

୩୮ । ବଳବତ୍ତକରଣ ସରକାରଙ୍କର କେଉଁ ରାଜସ୍ୱ ବୃଦ୍ଧି କରିଥାଏ ?

(କ) ଭୂ-ରାଜସ୍ୱ (ଖ) ମୋଟର ଯାନ ରାଜସ୍ୱ

(ଗ) ଖଣି ରାଜସ୍ୱ (ଘ) କୌଣସିଟି ନୁହେଁ

୩୯ । ରାସ୍ତାରେ ବ୍ୟବହୃତ ସଙ୍କେତ (Road Signs) କୁ କେତେ ଭାଗରେ ବିଭକ୍ତ କରାଯାଇଛି ?

(କ) ୧ (ଖ) ୨

(ଗ) ୩ (ଘ) ୪

୪୦ । ପ୍ରତି ବର୍ଷ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ କେତେ ପ୍ରତିଶତରୁ କମ୍ ବୃଦ୍ଧି ପାଉଛି ?

(କ) ୪ (ଖ) ୩

(ଗ) ୨ (ଘ) ୧

Eduodia App

## ଉତ୍ତର

(୧) (ଖ) ସହରୀକରଣ
(୨) (ଗ) ମୌଳିକ
(୩) (ଘ) ସଡ଼କ ସୁରକ୍ଷା
(୪) (ଗ) ଅପ୍ରାକୃତିକ
(୫) (ଖ) ୫
(୬) (ଗ) ୫ ଲକ୍ଷରୁ ଅଧିକ
(୭) (କ) ୧.୫ ଲକ୍ଷରୁ ଅଧିକ
(୮) (ଖ) ୪୦ ରୁ ଅଧିକ
(୯) (ଗ) ମଦ୍ୟପାନ
(୧୦) (କ) ୪୫ ଜଣ
(୧୧) (ଗ) ସ୍କୁଟର୍
(୧୨) (କ) ୯୫
(୧୩) (ଖ) ୩
(୧୪) (ଖ) ସେଚ୍ଛାସେବୀ ସଂଘ
(୧୫) (ଖ) ବଳବତ୍ତକରଣ
(୧୬) (କ) ବଳବତ୍ତକରଣ
(୧୭) (କ) ପାର୍ଶ୍ୱ ଆଇନା ଓ ଭିତ୍ତିଭୂମି
(୧୮) (ଖ) ୧୮
(୧୯) (ଖ) ୨ ଜଣ
(୨୦) (କ) ରାଜପଥ ସଂଲଗ୍ନ ସ୍କୁଲ୍
(୨୧) (ଖ) ୨୦୧୯
(୨୨) (କ) ୧୦ ଗୁଣ
(୨୩) (ଖ) ୨ ଲକ୍ଷ
(୨୪) (ଗ) ୨୦୧୮
(୨୫) (ଘ) ସୁପ୍ରିମ କୋର୍ଟ
(୨୬) (କ) ୨୦୦୦ ଟଙ୍କା
(୨୭) (କ) ଦୁର୍ଘଟଣାର ୧ ଘଣ୍ଟା ମଧ୍ୟରେ
(୨୮) (ଖ) ୬୦ ପ୍ରତିଶତ
(୨୯) (ଗ) ସାଇକେଲ୍
(୩୦) (କ) ୨/୩
(୩୧) (ଖ) ଗୋଲ୍‌ଡେନ୍ ଆୱାର
(୩୨) (ଗ) ଗୋଲ୍ ଡେନ୍ ଆୱାର
(୩୩) (ଗ) ୭୨ ଲକ୍ଷ
(୩୪) (ଖ) ୧୦
(୩୫) (କ) ବାମକୁ
(୩୬) (ଖ) ଇଞ୍ଜିନିୟରିଙ୍ଗ୍ ଓ ଭିତ୍ତିଭୂମି
(୩୭) (ଗ) ୨ ଲକ୍ଷ ୬୫ ହଜାର
(୩୮) (ଖ) ମୋଟର ଯାନ ରାଜସ୍ୱ
(୩୯) (ଗ) ୩
(୪୦) (ଘ) ୧

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) ସଡ଼କ ପରିବହନ ବ୍ୟବସ୍ଥାରେ କେତୋଟି ପ୍ରମୁଖ ଉପାଦାନ ରହିଛି ଓ ସେଗୁଡ଼ିକ କ'ଣ ? (୨

(ଖ) କେଉଁ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦୁର୍ଘଟଣାର କାରଣ ହୋଇଥା'ନ୍ତି ? (୨

(ଗ) ସଡ଼କ ପରିବହନ ବ୍ୟବସ୍ଥା କହିଲେ କ'ଣ ବୁଝ ? (୩

ଉ : (କ) ସଡ଼କ ଓ ପରିବହନ ବ୍ୟବସ୍ଥାରେ ପାଞ୍ଚୋଟି ପ୍ରମୁଖ ଉପାଦାନ ରହିଛି ।

- ସେଗୁଡ଼ିକ ହେଲା - ସଡ଼କ, ଗାଡ଼ି, ଗାଡ଼ି ଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।

(ଖ) ବର୍ଷା, ଝଡ଼, କୁହୁଡ଼ି, ବରଫାବୃତ, ଧୂଆଁ ଜାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ ।

- ଏଥିରୁ ରକ୍ଷା ପାଇବା ପାଇଁ ଗାଡ଼ି ଚାଳକଙ୍କୁ ଅତି ସତର୍କତା ଓ ସାବଧାନତାର ସହିତ ଗାଡ଼ି ଚାଳନା କରିବା ଆବଶ୍ୟକ ।

(ଗ) ମାଲପତ୍ରଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବିଭିନ୍ନ ଯାନବାହନ ମାଧ୍ୟମରେ ସଡ଼କ ପଥରେ ପଠାଇବାକୁ ସଡ଼କ ପରିବହନ କୁହାଯାଏ ।

- ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଭଳି ଭିତ୍ତିଭୂମିର ପ୍ରସାର ମଣିଷର ଗତିଶୀଳତାକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ତ୍ୱରାନ୍ୱିତ କରିଛି ।
- ଦେଶର ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଏକ ମୌଳିକ ଆବଶ୍ୟକତା ।
- ସଡ଼କ ଓ ପରିବହନ ବ୍ୟବସ୍ଥାରେ ମୁଖ୍ୟତଃ ପାଞ୍ଚଟି ପ୍ରମୁଖ ଉପାଦାନ ରହିଛି । ଯଥା - ସଡ଼କ, ଗାଡ଼ି, ଗାଡ଼ି ଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।

୨ ।(କ) କେଉଁ କେଉଁ କାରଣ ପିଲାମାନଙ୍କୁ ଦୁର୍ଘଟଣା ପ୍ରବଣ କରିଥାଏ ? (୨

(ଖ) ଦୁଇ ଚକିଆ ଯାନ ପାଇଁ କେଉଁ ନିୟମ ବାଧ୍ୟତାମୂଳକ କରାଯାଇଛି ? (୨

(ଗ) ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ସମୂହ କ'ଣ ? (୩

ଉ :(କ) ହାତ ଧରା ଧରି ହୋଇ ରାସ୍ତାରେ ସାଇକେଲ୍ ଚଳାଇବା ।

- ଟ୍ରାଫିକ୍ ନିୟମ ଉପରେ ଅଜ୍ଞତା, ରାସ୍ତା ଉପରେ ଅନ୍ୟମନସ୍କତା ଓ ଅନିୟମିତତା, ବେଖାତିର ଭାବ ପିଲାମାନଙ୍କୁ ଦୁର୍ଘଟଣା ପ୍ରବଣ କରିଥାଏ ।

(ଖ) ଦୁଇ ଚକିଆ ଯାନରେ ଚାଳକ ବ୍ୟତୀତ ଜଣେ ବସିବା ପାଇଁ ବ୍ୟବସ୍ଥା ରହିଛି ।

- ଉଭୟ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ।

(ଗ) ସଡ଼କ ଦୁର୍ଘଟଣା ପାଇଁ ଚାରିଗୋଟି ପ୍ରମୁଖ କାରଣ ରହିଛି । ସେଗୁଡ଼ିକ ହେଲା - ମାନବୀୟ ତ୍ରୁଟି, ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଏବଂ ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି ।

- <u>ମାନବୀୟ ତ୍ରୁଟି :</u> ଗାଡ଼ି ଚାଳନା ସମୟରେ ଚାଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ୍ ନିୟମ ସମ୍ବନ୍ଧରେ ଅଜ୍ଞତା, ଅନ୍ୟମନସ୍କତା, ବେଖାତିର ଭାବ, ଦ୍ରୁତଗତି, ମଦ୍ୟପାନ, ମୋବାଇଲ୍ ଫୋନ୍‌ର ବ୍ୟବହାର, ହେଲ୍‌ମେଟ୍, ସିଟ୍ ବେଲ୍ଟ ପିନ୍ଧିବାରେ ଅବହେଳା ଇତ୍ୟାଦି ଦୁର୍ଘଟଣାର ସମ୍ଭାବନାକୁ ନିଶ୍ଚିତ କରାଇଥାଏ ।
- <u>ସଡ଼କ ତ୍ରୁଟି :</u> ରାସ୍ତା ନିର୍ମାଣ, ଡିଜାଇନ୍, ରକ୍ଷଣାବେକ୍ଷଣ, ସଂପ୍ରସାରଣରେ ଅବହେଳା, ଅଦୃଶ୍ୟମାନ ଟ୍ରାଫିକ୍ ସଙ୍କେତ, ଅତ୍ୟଧିକ ଭାରି ମାଲ୍ ପରିବହନ ଆଦି ସଡ଼କ ଦୁର୍ଘଟଣା କାରଣ ହୋଇଥାଏ ।
- <u>ଗାଡ଼ିର ଯାନ୍ତ୍ରିକ ତ୍ରୁଟି :</u> ଯନ୍ତ୍ର ଚାଳିତ ଗାଡ଼ିର ବ୍ରେକ୍, ଇଞ୍ଜିନ୍, ଷ୍ଟିଅରିଂ, ତୈଳ ଟାଙ୍କି ପ୍ରଭୃତି ଯନ୍ତ୍ରରେ ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ହୋଇଥାଏ ।
- <u>ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି :</u> ବର୍ଷା, ଝଡ଼, କୁହୁଡ଼ି, ବରଫାବୃତ, ଧୂଆଁ ଜାତ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ । ତା' ଛଡ଼ା ରାସ୍ତା ଉପରେ ଜବର ଦଖଲ, ରାସ୍ତା କଡ଼ରେ ସ୍କୁଲ୍ କଲେଜର ଅବସ୍ଥିତି, ପାର୍କିଙ୍ଗ୍ ବ୍ୟବସ୍ଥାର ଅଭାବ ଓ ଯାନବାହନ ସଂଖ୍ୟା ବୃଦ୍ଧି ମଧ୍ୟ ଦୁର୍ଘଟଣା ଘଟାଇବାରେ ସହାୟକ ହୋଇଥାଏ ।

୩ ।(କ) ଦୁର୍ଘଟଣାର "ଗୋଲ୍‌ଡେନ୍ ଆୱାର" କ'ଣ ଓ କେତେ ଗୁରୁତ୍ୱପୂର୍ଣ୍ଣ ? (୨

(ଖ) ରାଜପଥମାନଙ୍କରେ "ଇଣ୍ଟର ସେପ୍ଟର" ବ୍ୟବସ୍ଥା କାହିଁକି ପ୍ରଚଳନ କରାଯାଇଛି ? (୨

(ଗ) ସଡ଼କ ଦୁର୍ଘଟଣାର ନିରାକରଣ ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ କାହିଁକି ? (୩

ଉ :(କ) ଦୁର୍ଘଟଣା ଘଟିବାର ୧ ଘଣ୍ଟା ମଧ୍ୟବର୍ତ୍ତୀ ସମୟକୁ 'ଗୋଲ୍‌ଡେନ୍ ଆୱାର' କୁହାଯାଏ ।

- ଏହି ସମୟ ମଧ୍ୟରେ ଆହତଙ୍କୁ ଉପଯୁକ୍ତ ଚିକିତ୍ସା କଲେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ପ୍ରାୟ ୬୦ ପ୍ରତିଶତ ହ୍ରାସ ପାଇଥାଏ ।

(ଖ) "ଇଣ୍ଟର ସେପ୍ଟର" ବ୍ୟବସ୍ଥା ଏକ ଅତ୍ୟାଧୁନିକ କମ୍ପ୍ୟୁଟର ବ୍ୟବସ୍ଥା ।

- ଏହି ବ୍ୟବସ୍ଥା ଦ୍ୱାରା ରାଜପଥରେ ଦ୍ରୁତଗତି ଓ ନିଶାସକ୍ତ ଗାଡ଼ି ଚାଳକମାନଙ୍କୁ ନିୟନ୍ତ୍ରଣ କରାଯାଇପାରୁଛି ।

(ଗ) ସୁରକ୍ଷିତ ଓ ଶୃଙ୍ଖଳିତ ଯାତ୍ରା ନିମନ୍ତେ କେନ୍ଦ୍ରୀୟ ମୋଟର ଯାନ ଆକ୍ଟ ଏବଂ ନିୟମ ରାଜ୍ୟସ୍ତରୀୟ ଟ୍ରାଫିକ୍ ନିୟମ, ଭାରତୀୟ ପେନାଲ୍ କୋଡ୍ (IPC) ଆଦି ବିସ୍ତୃତ ଆଇନ୍ ଏବଂ ନିୟମାବଳୀ ରହିଛି ।

- ନିୟମିତ ଶିକ୍ଷା, ଜନସଚେତନତା ଓ ପ୍ରଶିକ୍ଷଣ ମଧ୍ୟରେ ପ୍ରତ୍ୟେକ ରାସ୍ତା ଓ ଯାନ ବ୍ୟବହାରକାରୀଙ୍କୁ ଟ୍ରାଫିକ୍ ନିୟମ, ଟ୍ରାଫିକ୍ ଶୃଙ୍ଖଳା ଏବଂ ଟ୍ରାଫିକ୍ ବ୍ୟବହାର ସମ୍ବନ୍ଧରେ ଶିକ୍ଷିତ, ଅବଗତ ଏବଂ ଦକ୍ଷ କରିବା ନିମନ୍ତେ ସଡ଼କ ନିରାପତ୍ତା ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟକ୍ରମ ରହିଛି ।

Eduodia App

- ଗାଡ଼ି ଚାଳକମାନଙ୍କ ନିମନ୍ତେ ଗାଡ଼ି ଚାଳନାର ପ୍ରକୃଷ୍ଟ ପ୍ରଣାଳୀ, ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ଭାବେ କାର୍ଯ୍ୟକାରୀ ହେଉଛି ।
- ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଘ, ମୋଟର ଯାନ ସଂଘ ଆଦି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧ୍ୟମ ଅଟନ୍ତି ।
- ସମସ୍ତ ବର୍ଗର ଦୁର୍ଘଟଣା ପ୍ରବଣ ଗାଡ଼ି ଚାଳକ ଏବଂ ଯୁବଗୋଷ୍ଠୀ ଚାଳକମାନଙ୍କ ନିମନ୍ତେ ଶିକ୍ଷା କାର୍ଯ୍ୟକ୍ରମ ଅତି ଗୁରୁତ୍ୱପୂର୍ଣ୍ଣ ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) ଆମ ରାଜ୍ୟରେ ସଡ଼କ ଦୁର୍ଘଟଣାର ଭୟାବହତା ବୃଦ୍ଧି ପାଇବାରେ ଲାଗିଛି କାହିଁକି ? (୨

(ଖ) ମୋଟର ଯାନ (ସଂଶୋଧିତ) ଆକ୍ଟ, ୨୦୧୯ ସମ୍ବନ୍ଧରେ ଆଲୋଚନା କର । (୩

ଉ : (କ) ସଂପ୍ରତି ଆମ ରାଜ୍ୟରେ ପ୍ରାୟ ୨ ଲକ୍ଷ ୬୫ ହଜାର କିଲୋମିଟର ରାସ୍ତା ଉପରେ ପ୍ରାୟ ୭୨ ଲକ୍ଷ ଗାଡ଼ି ଚଳପ୍ରଚଳ କରୁଅଛି ।

- ପ୍ରତି ବର୍ଷ ଯାନବାହନ ସଂଖ୍ୟା ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଉଥିବା ବେଳେ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ୧ ପ୍ରତିଶତରୁ କମ୍ ବୃଦ୍ଧି ପାଉଛି ।
- ବିଶେଷକରି ଦୁଇଚକିଆ ଗାଡ଼ି, ଅଟୋରିକ୍ସା, ବସ୍ ଆଦି ଅଧିକ ଦୁର୍ଘଟଣା ପ୍ରବଣ । ହେଲ୍‌ମେଟ୍ ନ ପିନ୍ଧିବା କାରଣରୁ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି ।

(ଖ) ସଡ଼କ ପରିବହନ ବ୍ୟବସ୍ଥା, ସଡ଼କ ନିରାପତ୍ତା ପ୍ରକ୍ରିୟାରେ ଉନ୍ନତି, ସଡ଼କ ଦୁର୍ଘଟଣା ହ୍ରାସ ଓ ନିୟମିତ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀଙ୍କୁ କଠୋର ଦଣ୍ଡ ପ୍ରଦାନ ଉଦ୍ଦେଶ୍ୟରେ କେନ୍ଦ୍ରୀୟ ମୋଟର ଯାନ ଆକ୍ଟ - ୨୦୧୯ ମସିହାରେ ସଂଶୋଧିତ ହୋଇଛି ।

- ଓଡ଼ିଶା ରାଜ୍ୟ ସରକାରଙ୍କ ସୋଲାସିଅମ୍ ଫଣ୍ଡ ସ୍କିମ୍ ତରଫରୁ ହିଟ୍ ଏବଂ ରନ୍ ମୋଟରଯାନ୍ ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି ।
- ସାଧାରଣ ଟ୍ରାଫିକ୍ ନିୟମ ଉଲଙ୍ଘନ, ବିନା ଲାଇସେନ୍‌ସ, ରେଜିଷ୍ଟ୍ରେସନ୍, ଗାଡ଼ିର ବୀମା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର, ଦ୍ରୁତଗତି, ବିନା ପରମିଟ୍ ଓ ଫିଟ୍‌ନେସ୍ ପ୍ରମାଣ ପତ୍ର, ବିନା ସିଟ୍ ବେଲ୍ଟ ଓ ହେଲ୍‌ମେଟ୍, ନିଶାସକ୍ତ ଗାଡ଼ି ଚାଳନା, ସୀମା ବହିର୍ଭୁତ ମାଲ ଓ ଯାତ୍ରୀ ପରିବହନ, ଚାଳନା ସମୟରେ ମୋବାଇଲ୍ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କୁ ୧୦ ଗୁଣ ପର୍ଯ୍ୟନ୍ତ ଆର୍ଥୀକ ଦଣ୍ଡ ବୃଦ୍ଧି କରାଯାଇଛି ।
- ଉକ୍ତ ସଂଶୋଧିତ ଆଇନ୍ ରାଜ୍ୟ ସରକାରମାନଙ୍କୁ ଫୁଟପାଥ୍ ଓ ସାଇକେଲ୍ ଟ୍ରାକ୍ ଆଦି ବ୍ୟବସ୍ଥା ମାଧ୍ୟମରେ ପଦଯାତ୍ରୀ ଓ ସାଇକେଲ୍ ଯାତ୍ରୀ ଏବଂ ଅନ୍ୟ ଅଣଯାନ୍ତ୍ରିକ ଯାନଗୁଡ଼ିକର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରିବା ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି ।

୨ ।(କ) ବର୍ତ୍ତମାନ ସଡ଼କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି କାହିଁକି ? (୨

(ଖ) ସଡ଼କ ପରିବହନ ବ୍ୟବସ୍ଥାରେ ପେଟ୍ରୋଲ, ଡିଜେଲ୍ ଭଳି ଇନ୍ଧନ ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କାହିଁକି ଓ ଇନ୍ଧନ ସଂରକ୍ଷଣର ଉପାୟଗୁଡ଼ିକ କ'ଣ ? (୩

ଉ :(କ) ବର୍ତ୍ତମାନ ସଡ଼କ ଦୁର୍ଘଟଣାରେ ହଜାର ହଜାର ଲୋକ ଜୀବନ ଭରି ଅକର୍ମଣ୍ୟ ହୋଇଥାନ୍ତି ।

- ଦୁର୍ଘଟଣାରେ ଶିକାର ହୋଇଥିବା ଲୋକ ଏବଂ ସେମାନଙ୍କ ପରିବାରର ଜୀବନଶୈଳୀ, ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୁଏ ।
- ଦୁର୍ଘଟଣାଜନିତ ଧନ ଓ ସଂପତ୍ତିର କ୍ଷୟ କ୍ଷତିର ଆକଳନ ନାହିଁ । ଏହିସବୁ କାରଣରୁ ସଡ଼କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ।

(ଖ) କ୍ରମବର୍ଦ୍ଧିଷ୍ଣୁ ଯାନବାହନ ସଂଖ୍ୟା ସହ ପେଟ୍ରୋଲ ଡିଜେଲ୍ ଭଳି ଇନ୍ଧନର ବହୁଳ ଅପବ୍ୟବହାର ବୃଦ୍ଧି ପାଇଛି । ଇନ୍ଧନ ସଂରକ୍ଷଣ ଉକ୍ତ ଅପବ୍ୟବହାର ଏବଂ ବହୁଳ ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ ।

- ଗାଡ଼ିର ଯାନ୍ତ୍ରିକ ତ୍ରୁଟି ସୁଧାରିବା, ପ୍ରକୃଷ୍ଟ ରକ୍ଷଣା ବେକ୍ଷଣ, ସଡ଼କ ସୁରକ୍ଷାର ମାନବୃଦ୍ଧି, ଯାନବାହନ ଜନିତ ବିଷାକ୍ତ ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଉପରେ ଏହାର ହାନିକାରକ ପ୍ରଭାବକୁ ରୋକିବାରେ ପ୍ରମୁଖ ଭୂମିକା ନେଇଥାଏ ।
- ସ୍ଥିର ଗାଡ଼ିର ଇଞ୍ଜିନ୍‌କୁ ଅଧିକ ସମୟ ଚାଲୁ ଅବସ୍ଥାରେ ନ ରଖିବା, ତେଲ ଟାଙ୍କି ସଫା କରିବା, ଟାୟାରକୁ ସର୍ବଦା ଅନୁମୋଦିତ ପ୍ରେସରରେ ରଖିବା, ଗାଡ଼ିର ଶୀତ ତାପ ନିୟନ୍ତ୍ରଣ ଯନ୍ତ୍ରର ସୀମିତ ବ୍ୟବହାର, ଇନ୍ଧନ ସମ୍ବନ୍ଧୀୟ ଯନ୍ତ୍ରପାତିର ନିୟମିତ ଯାଞ୍ଚ କରିବା ।
- ବ୍ୟକ୍ତିଗତ ଗାଡ଼ି ପରିବର୍ତ୍ତେ ସାର୍ବଜନୀନ ଗାଡ଼ି ବ୍ୟବହାର କରିବା ଆବଶ୍ୟକ ।

୩ ।(କ) 'ଓଡ଼ିଶା ଗୁଡ୍ ସମରିଟାନ୍ ନୀତି' କେବେ ଓ କାହା ନିର୍ଦ୍ଦେଶ କ୍ରମେ ପ୍ରଚଳନ କରାଯାଇଛି । ଏହାର ଆଭିମୁଖ୍ୟ କ'ଣ ? (୨

(ଖ) ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ସଡ଼କ ନିରାପତ୍ତାର କି କି ମାର୍ଗଦର୍ଶନ ରହିଛି ? (୩

ଉ :(କ) ଓଡ଼ିଶା ଗୁଡ୍ ସମରିଟାନ୍ ନୀତି - ୨୦୧୮ ମସିହାରେ ପ୍ରଚଳନ କରାଯାଇଛି ।

- ମାନ୍ୟବର ସୁପ୍ରିମ କୋର୍ଟଙ୍କ ୨୦୧୪ ନିର୍ଦ୍ଦେଶ କ୍ରମେ, ଓଡ଼ିଶା ସରକାର ଉକ୍ତ ନୀତି ପ୍ରଣୟନ କରିଛନ୍ତି ।
- ଦୁର୍ଘଟଣା ଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡ଼ିକାଲ୍ ଚିକିତ୍ସା ପ୍ରଦାନ କରି ଜୀବନ ବଞ୍ଚାଇବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଗୁଡ୍ ସମରିଟାନ୍ ନୀତିର ମୁଖ୍ୟ ଆଭିମୁଖ୍ୟ ।

(ଖ) ରାସ୍ତା ଉପରେ ସୁରକ୍ଷିତ ଓ ଶୃଙ୍ଖଳିତ ଯାତାୟତ ନିମନ୍ତେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ନିମନ୍ତେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦତ୍ତ କରାଯାଇଛି ।

- ୧୮ ବର୍ଷରୁ କମ୍ ପିଲାଙ୍କ ନିମନ୍ତେ ଡ୍ରାଇଭିଂ ଲାଇସେନ୍‌ସ ଉପଲବ୍ଧ ହୋଇପାରିବ ନାହିଁ ।
- ରାସ୍ତା ପାର୍ ହେବା ପୂର୍ବରୁ ପ୍ରଥମେ ବାମକୁ, ତା'ପରେ ଡାହାଣକୁ, ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।
- ହାତ ଧରାଧରି ହୋଇ ସାଇକେଲ୍ ଚଳାଇବା ଉଚିତ୍ ନୁହେଁ ।
- ଅଟୋ, କାର୍, ବସ୍ ଆଦିରେ ସୀମା ଧାର୍ଯ୍ୟରୁ ଅଧିକ ପିଲା ଯିବା ନିଷେଧ କରାଯାଇଛି ।
- ଦୁଇ ଚକିଆ ଯାନରେ ଚାଳକ ବ୍ୟତୀତ କେବଳ ଜଣେ ବସିବା ଉଚିତ୍ ଏବଂ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।
- ସ୍କୁଲ୍ ପ୍ରାଙ୍ଗଣରେ ଟ୍ରାଫିକ୍ ପାର୍କ, ଟ୍ରାଫିକ୍ ସାଇନର୍ ଚିତ୍ର, ତର୍କବିତର୍କ, ପ୍ରାଥମିକ ଚିକିତ୍ସା ଆଦିର ବ୍ୟବସ୍ଥା ନିୟମିତ ଭାବେ ପାଳନ ହେବା ଆବଶ୍ୟକ ।

Eduodia App

# ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ତାନ କାହାର ସଦସ୍ୟ ହୋଇଥିଲା ?
(କ) ନାଟୋ (ଖ) ସିଆଟୋ
(ଗ) ସେଣ୍ଟୋ (ଘ) କୌଣସିଟି ନୁହେଁ

୨ । କେଉଁ ଦେଶ ପାକିସ୍ତାନକୁ କ୍ଷେପଣାସ୍ତ୍ର ତିଆରିରେ ସହାୟତା କରିଥିଲା ?
(କ) ଭାରତ (ଖ) ଋଷ
(ଗ) ଚୀନ୍ (ଘ) ଇଂଲଣ୍ଡ

୩ । ସିମଳା ରାଜିନାମା ନିମ୍ନୋକ୍ତ କେଉଁ ଦୁଇ ଦେଶ ମଧ୍ୟରେ ସାକ୍ଷରିତ ହୋଇଥିଲା ?
(କ) ଭାରତ-ବାଲାଂଦେଶ (ଖ) ଭାରତ-ଚୀନ୍
(ଗ) ଭାରତ-ପାକିସ୍ଥାନ (ଘ) ଭାରତ-ଶ୍ରୀଲଙ୍କା

୪ । ଭାରତ - ମିଆଁମାର ବନ୍ଧୁତା ସଡ଼କ କେତେ କିଲୋମିଟର ଦୀର୍ଘ ଥିଲା ?
(କ) ୩୨୦ କି.ମି. (ଖ) ୨୬୦ କି.ମି.
(ଗ) ୨୦୦ କି.ମି. (ଘ) ୧୬୦ କି.ମି.

୫ । ଭାରତ-ଚୀନ୍ ମଧ୍ୟରେ ଥିବା ସୀମାରେଖାର ନାମ କ'ଣ ?
(କ) ମ୍ୟାକ୍‌ମିଲାନ୍ ଲାଇନ୍ (ଖ) ମ୍ୟାକ୍‌ମୋହନ ସୀମାରେଖା
(ଗ) ମ୍ୟାକ୍‌ଡୋନାଲଡ୍ ଲାଇନ୍ (ଘ) ର୍‌ୟାଡ୍ କ୍ଲିଫ୍ ଲାଇନ୍

୬ । ଗଙ୍ଗାଜଳ ବଣ୍ଟନ ନେଇ ଭାରତ ଓ ବାଲାଂଦେଶ ମଧ୍ୟରେ କେତେ ବର୍ଷ ପାଇଁ ଚୁକ୍ତି ସାକ୍ଷରିତ ହୋଇଥିଲା ?
(କ) ୧୦ (ଖ) ୨୦ (ଗ) ୩୦ (ଘ) ୪୦

୭ । ନିମ୍ନୋକ୍ତ ମଧ୍ୟରୁ କିଏ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କର୍ଣ୍ଣଧାର ଥିଲା ?
(କ) ଇବ୍ରାହିମ୍ ଗମ୍ଭାରୀ (ଖ) ନ୍ୟାନ୍‌ଓ୍ବିନ୍
(ଗ) ୟୁନୁ (ଘ) ନେଓ୍ବିନ୍

୮ । ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
(କ) ଭାରତ (ଖ) ବାଂଲାଦେଶ
(ଗ) ଭୁଟାନ (ଘ) ଶ୍ରୀଲଙ୍କା

୯ । ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀ କେଉଁ ମସିହାରେ ଅନୁଷ୍ଠିତ ହୋଇଥିଲା ?
(କ) ୨୦୦୮ (ଖ) ୨୦୦୯
(ଗ) ୨୦୧୦ (ଘ) ୨୦୧୧

୧୦ । କେଉଁ ମସିହାରେ ନେପାଳ ସଂଯୁକ୍ତ ରାଷ୍ଟ୍ର ସଂଘର ସଦସ୍ୟ ହେଲା ?
(କ) ୧୯୫୧ (ଖ) ୧୯୫୪
(ଗ) ୧୯୫୫ (ଘ) ୧୯୬୦

୧୧ । ଭୁଟାନରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?
(କ) ୧୯୫୧ (ଖ) ୧୯୬୦
(ଗ) ୧୯୬୧ (ଘ) ୧୯୬୫

Educrin App

୧୨ । ଶ୍ରୀଲଙ୍କାର ପୁରୁଣା ନାମ କ'ଣ ଥିଲା ?
(କ) ବୁଦ୍ଧ ଦ୍ୱୀପ (ଖ) ମାଳ ଦ୍ୱୀପ
(ଗ) ସିଂହଳ (ଘ) କଚ୍ଛତିଭୁ ଦ୍ୱୀପ

୧୩ । "ୟାନ୍‌ଗନ୍" ର ପୂର୍ବ ନାମ କ'ଣ ଥିଲା ?
(କ) ବର୍ମା (ଖ) ସିଂହଳ
(ଗ) ରେଙ୍ଗୁନ୍ (ଘ) ପଣ୍ଡିଚେରୀ

୧୪ । କେଉଁ କାର୍ଯ୍ୟଟିକୁ ମିଆଁମାରକୁ ଭାରତର ଏକ ଉପହାର ବୋଲି କୁହାଯାଏ ?
(କ) ଭାରତ-ମିଆଁମାର ବନ୍ଧୁତା ସଡ଼କ (ଖ) କାଲାଦାନ୍ ପ୍ରକଳ୍ପ
(ଗ) ମିଆଁମାର - ଭାରତ ବାଣିଜ୍ୟ କମିଟି (ଘ) ପ୍ରାକୃତିକ ବାଷ୍ପ ଭଣ୍ଡାର

୧୫ । କେଉଁ ଚୁକ୍ତି ସାକ୍ଷରିତ ହେବା ପରେ ଭାରତ - ପାକିସ୍ତାନର ନବେ ହଜାର ଯୁଦ୍ଧ ବନ୍ଦୀଙ୍କୁ ମୁକ୍ତ କରିଥିଲା ?
(କ) ଢାକା ଚୁକ୍ତି (ଖ) ଇସ୍‌ଲାମ୍‌ବାଦ୍ ଚୁକ୍ତି
(ଗ) ସିମଳା ରାଜିନାମା (ଘ) ନୂଆ ଦିଲ୍ଲୀ ଚୁକ୍ତି

୧୬ । କେଉଁ ବୃତ୍ତି ଲାଭ କରି ଭୁଟାନ୍‌ର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟମାନଙ୍କରେ ପାଠ ପଢୁଛନ୍ତି ?
(କ) ନେହେରୁ - ୱାଙ୍ଗଚୁକ୍ ବୃତ୍ତି (ଖ) ଭେଙ୍କଟର୍ମଣ-ଜିଗ୍‌ମେଖେସର ବୃତ୍ତି
(ଗ) ରାଜୀବ ଗାନ୍ଧି - ଲିୟୋଁଚେନ୍ ବୃତ୍ତି (ଘ) ଇନ୍ଦିରା ଗାନ୍ଧି - ୱାଙ୍ଗଚୁକ୍ ବୃତ୍ତି

୧୭ । ମିଆଁମାରରେ ସାମରିକ ଶାସନ କାହା ନେତୃତ୍ୱରେ ପ୍ରତିଷ୍ଠିତ ହୋଇଥିଲା ?
(କ) ୟୁନୁ (ଖ) ଇବ୍ରାହିମ୍ ଗମ୍ବାରୀ
(ଗ) ଜେନେରାଲ ନେୱିନ୍ (ଘ) ନ୍ୟାନ୍‌ୱିନ୍

୧୮ । ନେପାଳର ରାଜା ତ୍ରିଭୁବନଙ୍କର କେଉଁ ଦେଶ ପ୍ରୀତି ଥିଲା ?
(କ) ଚୀନ୍ (ଖ) ପାକିସ୍ତାନ
(ଗ) ଭାରତ (ଘ) ମିଆଁମାର

୧୯ । ଲାଲ୍ ବାହାଦୁର ଶାସ୍ତ୍ରୀଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ନେପାଳର ରାଜା କେତେ ଦିନ ପାଇଁ ଭାରତ ଗସ୍ତରେ ଆସିଥିଲେ ?
(କ) ୫ ଦିନ (ଖ) ୭ ଦିନ
(ଗ) ୯ ଦିନ (ଘ) ୧୩ ଦିନ

୨୦ । କିଏ ନେପାଳକୁ ଏକ "ଶାନ୍ତିର ଅଞ୍ଚଳ" ଭାବରେ ଘୋଷଣା କରିଥିଲେ ?
(କ) ରାଜା ତ୍ରିଭୁବନ (ଖ) ରାଜା ମହେନ୍ଦ୍ର
(ଗ) ରାଜା ବୀରେନ୍ଦ୍ର (ଘ) କୌଣସିଟି ନୁହେଁ

୨୧ । ମୋରାରଜୀ ଦେଶାଇଙ୍କ ମନ୍ତ୍ରୀମଣ୍ଡଳରେ କିଏ ବୈଦେଶିକ ମନ୍ତ୍ରୀ ଥିଲେ ?
(କ) ସର୍ଦ୍ଦାର ସ୍ୱରଣ ସିଂ (ଖ) ଅଟଳ ବିହାରୀ ବାଜପେୟୀ
(ଗ) ମନମୋହନ ସିଂ (ଘ) ଲାଲ କୃଷ୍ଣ ଆଡ଼ଭାନି

୨୨ । ୧୯୯୦ରେ ନେପାଳରେ କେଉଁ ଶାସନ ପ୍ରତିଷ୍ଠିତ ହୋଇ ଏକଚ୍ଛତ୍ରବାଦୀ ରାଜତନ୍ତ୍ରର ଅବସାନ ଘଟାଇଥିଲା ?
(କ) କମ୍ୟୁନିଷ୍ଟ ଶାସନ (ଖ) ଗଣତନ୍ତ୍ର ଶାସନ
(ଗ) ସାମ୍ବିଧାନିକ ରାଜତନ୍ତ୍ର ଶାସନ (ଘ) ପ୍ରଜାତାନ୍ତ୍ରିକ ଶାସନ

୨୩ । ଭୁଟାନ୍‌ର ଅଧିକାଂଶ ଅଧିବାସୀ କେଉଁ ଧର୍ମାବଲମ୍ବୀ ?
(କ) ବୌଦ୍ଧ ଧର୍ମାବଲମ୍ବୀ (ଖ) ହିନ୍ଦୁ ଧର୍ମାବଲମ୍ବୀ
(ଗ) ଜୈନ ଧର୍ମାବଲମ୍ବୀ (ଘ) ଇସ୍‌ଲାମ୍ ଧର୍ମାବଲମ୍ବୀ

EduOdia App

୨୪ । ଭୁଟାନ୍ ପ୍ରତିରକ୍ଷା କ୍ଷେତ୍ରରେ କେଉଁ ଦେଶ ଉପରେ ନିର୍ଭର କରୁଅଛି ?
(କ) ଭାରତ (ଖ) ପାକିସ୍ତାନ
(ଗ) ଚୀନ୍ (ଘ) ନେପାଳ

୨୫ । ପଞ୍ଚଶୀଳ ନୀତି କେଉଁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?
(କ) ଭାରତ-ପାକିସ୍ଥାନ (ଖ) ଭାରତ-ବାଂଲାଦେଶ
(ଗ) ଭାରତ-ଚୀନ୍ (ଘ) ଭାରତ-ଶ୍ରୀଲଙ୍କା

୨୬ । ଚୀନ୍‌ରେ କେବେ କମ୍ୟୁନିଷ୍ଟ ସରକାର ପ୍ରତିଷ୍ଠିତ ହେଲା ?
(କ) ୧୯୪୮ (ଖ) ୧୯୪୯
(ଗ) ୧୯୫୦ (ଘ) ୧୯୫୧

୨୭ । ଏସୀୟ ସଂପର୍କ ସମ୍ମିଳନୀ କେବେ ଅନୁଷ୍ଠିତ ହୋଇଥିଲା ?
(କ) ୧୯୪୭ ମସିହା ମାର୍ଚ୍ଚ ମାସ (ଖ) ୧୯୪୭ ସେପ୍ଟେମ୍ବର
(ଗ) ୧୯୪୮ ମାର୍ଚ୍ଚ (ଘ) ୧୯୪୮ ସେପ୍ଟେମ୍ବର

୨୮ । କେବେ ଭାରତ ଓ ଚୀନ୍ ମଧ୍ୟରେ "ଶାନ୍ତି ଓ ସ୍ଥିରତାର ଚୁକ୍ତି" ସ୍ୱାକ୍ଷରିତ ହୋଇଥିଲା ?
(କ) ୧୯୯୫ (ଖ) ୧୯୯୬
(ଗ) ୧୯୯୭ (ଘ) ୧୯୯୮

୨୯ । ଶ୍ରୀଲଙ୍କାର ୬୪ ଶତାଂଶ ଲୋକ କେଉଁ ଧର୍ମାବଲମ୍ବୀ ଅଟନ୍ତି ?
(କ) ହିନ୍ଦୁ (ଖ) ବୌଦ୍ଧ
(ଗ) ଖ୍ରୀଷ୍ଟିଆନ୍ (ଘ) ଇସ୍‌ଲାମ୍

୩୦ । "ତାମିଲ ବ୍ୟାଘ୍ର"ର ନେତା କିଏ ଥିଲେ ?
(କ) ଉମା ମହେଶ ଓ ପ୍ରବିର କୁମାର (ଖ) ଉମା ଭାରତୀ ଓ ପ୍ରବୀଣ କରନ୍
(ଗ) ଉମା ମହେଶ୍ୱରନ୍ ଓ ପ୍ରଭା କରନ୍ (ଘ) ଉମା ଶଙ୍କରନ୍ ଓ ପ୍ରୀତବାସ କରନ୍

୩୧ । ଶ୍ରୀଲଙ୍କାର କେଉଁ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଗୋଷ୍ଠୀ ନିରପେକ୍ଷ ନୀତିକୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ ?
(କ) ଡି. ଏସ୍. ସେନା ନାୟକେ (ଖ) ସାର୍ ଜନ୍ କୋଟେଲା ୱାଲା
(ଗ) ଏସ୍.ଡବ୍ଲ୍ୟୁ.ଆର୍.ଡି. ବନ୍ଦର ନାୟକେ (ଘ) ଶ୍ରୀମତୀ ସିରିମାଭୋ ବନ୍ଦର ନାୟକେ

୩୨ । ଜେନେରାଲ ନେୱିନ୍ କେବେ ମିଆଁମାର୍‌ରେ ସାମରିକ ଶାସନ ପ୍ରତିଷ୍ଠା କରିଥିଲେ ?
(କ) ମାର୍ଚ୍ଚ ୧୯୬୦ (ଖ) ମାର୍ଚ୍ଚ ୧୯୬୧
(ଗ) ମାର୍ଚ୍ଚ ୧୯୬୨ (ଘ) ଏପ୍ରିଲ୍ ୧୯୬୨

୩୩ । ବାଂଲାଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?
(କ) ମହମ୍ମଦ ଅଲ୍ଲୀ ଜିନ୍ନା (ଖ) ଶେଖ ମୁଜିବୁର ରହେମନ
(ଗ) ଶେଖ୍ ହସିନା (ଘ) ଲିଆକତ୍ ଅଲ୍ଲୀ

୩୪ । ଭାରତ-ପାକିସ୍ଥାନ ମଧ୍ୟରେ ବସ୍ ଚାଳଚଳ ବ୍ୟବସ୍ଥା ବାଜପେୟୀ ସରକାରଙ୍କ ସମୟରେ କେଉଁ ବର୍ଷ ହୋଇଥିଲା ?
(କ) ୧୯୯୬ (ଖ) ୧୯୯୮
(ଗ) ୧୯୯୯ (ଘ) ୨୦୦୧

୩୫ । ବାଂଲାଦେଶ ନୂତନ ଭାବରେ ଗଠିତ ହେବା ପରେ ସେଠାକାର କାମ ଚଳା ରାଷ୍ଟ୍ରପତି କିଏ ଥିଲେ ?
(କ) ନଜରୁଲ୍ ଇସ୍‌ଲାମ୍ (ଖ) ଶେଖ୍ ମୁଜିବୁର ରହେମନ୍
(ଗ) ଶେଖ୍ ହାସିନା (ଘ) ଆୟୁବ୍ ଖାନ୍

Edudisha App

୩୬ । ପଞ୍ଚଶୀଳ ନୀତି ୧୯୫୫ ମସିହା ଏପ୍ରିଲ୍ ମାସରେ କେଉଁ ସମ୍ମିଳନୀରେ ବିଶ୍ୱଶାନ୍ତି ଓ ସହଯୋଗ ଘୋଷଣାନାମାରେ ସ୍ଥାନ ପାଇଥିଲା ?
(କ) ବେଲ୍‌ଗ୍ରେଡ୍ (ଖ) ବାନ୍ଦୁଙ୍ଗ୍
(ଗ) ହେଲ୍‌ସିଙ୍କି (ଘ) ପ୍ୟାରିସ୍

୩୭ । କେଉଁ ମସିହାରେ ପୋଖରାନ୍‌ଠାରେ ଭାରତ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?
(କ) ୧୯୯୭ (ଖ) ୧୯୯୮
(ଗ) ୧୯୯୯ (ଘ) ୨୦୦୦

୩୮ । ସାର୍କ (SAARC) କେବେ ଗଠିତ ହୋଇଥିଲା ?
(କ) ୧୯୮୪ (ଖ) ୧୯୮୫
(ଗ) ୧୯୮୬ (ଘ) ୧୯୮୭

୩୯ । ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶ ସାର୍କ (SAARC) ର ସଦସ୍ୟ ନୁହେଁ ?
(କ) ଭାରତ (ଖ) ଚୀନ୍
(ଗ) ନେପାଳ (ଘ) ଭୁଟାନ୍

୪୦ । ଚୀନ୍ କେବେ ତିବ୍ବତ ଅଧିକାର କଲା ?
(କ) ୧୯୪୯ (ଖ) ୧୯୫୦
(ଗ) ୧୯୬୧ (ଘ) ୧୯୬୨

## ଉତ୍ତର

(୧) (ଖ) ସିଆଟୋ
(୨) (ଗ) ଚୀନ୍
(୩) (ଗ) ଭାରତ - ପାକିସ୍ତାନ
(୪) (ଘ) ୧୬୦ କି.ମି.
(୫) (ଖ) ମ୍ୟାକ୍ ମୋହନ ସୀମାରେଖା
(୬) (ଗ) ୩୦ ବର୍ଷ
(୭) (ଗ) ୟୁନୁ
(୮) (ଗ) ଭୁଟାନ୍
(୯) (ଗ) ୨୦୧୦
(୧୦) (ଖ) ୧୯୫୪
(୧୧) (ଗ) ୧୯୬୧
(୧୨) (ଗ) ସିଂହଳ
(୧୩) (ଗ) ରେଙ୍ଗୁନ୍
(୧୪) (ଖ) କାଲାଦାନ ପ୍ରକଳ୍ପ
(୧୫) (ଗ) ସିମ୍‌ଲା ରାଜିନାମା
(୧୬) (କ) ନେହେରୁ - ୱାଙ୍ଗଚୁକ୍ ଚୁକ୍ତି
(୧୭) (ଗ) ଜେନେରାଲ ନେୱିନ୍
(୧୮) (ଗ) ଭାରତ
(୧୯) (ଘ) ୧୩ ଦିନ
(୨୦) (ଗ) ରାଜା ବୀରେନ୍ଦ୍ର
(୨୧) (ଖ) ଅଟଳ ବିହାରୀ ବାଜପେୟୀ
(୨୨) (ଗ) ସାମ୍ବିଧାନିକ ରାଜତନ୍ତ୍ର ଶାସନ
(୨୩) (କ) ବୌଦ୍ଧ ଧର୍ମାବଲମ୍ବୀ
(୨୪) (କ) ଭାରତ
(୨୫) (ଗ) ଭାରତ-ଚୀନ୍
(୨୬) (ଖ) ୧୯୪୯
(୨୭) (କ) ୧୯୪୭ ମସିହା ମାର୍ଚ୍ଚ ମାସ
(୨୮) (କ) ୧୯୯୫
(୨୯) (ଖ) ବୌଦ୍ଧ
(୩୦) (ଗ) ଉମା ମହେଶ୍ୱରନ୍ ଓ ପ୍ରଭା କରନ୍
(୩୧) (ଗ) ଏସ୍.ଡବ୍ଲ୍ୟୁ.ଆର୍.ଡ଼ି. ବନ୍ଦର ନାୟକେ
(୩୨) (ଗ) ମାର୍ଚ୍ଚ ୧୯୬୨
(୩୩) (ଖ) ଶେଖ୍ ମୁଜିବୁର ରହେମନ୍
(୩୪) (ଗ) ୧୯୯୯
(୩୫) (କ) ନଜରୁଲ୍ ଇସ୍‌ଲାମ୍
(୩୬) (ଖ) ବାନ୍ଦୁଙ୍ଗ୍
(୩୭) (ଖ) ୧୯୯୮
(୩୮) (ଖ) ୧୯୮୫
(୩୯) (ଖ) ଚୀନ୍
(୪୦) (ଖ) ୧୯୫୦

## (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) କେଉଁମାନେ ନେପାଳକୁ ବଫର ଅଞ୍ଚଳ ଭାବେ ପରିଗଣନା କରୁଥିଲେ ? କିଏ ଏହାକୁ ଶାନ୍ତିର ଅଞ୍ଚଳ ଭାବେ ଘୋଷଣା କରିଥିଲେ ? (୨

(ଖ) କିଏ ଶ୍ରୀଲଙ୍କାକୁ "ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ" ପଠାଇ ଥିଲେ ଓ ଏହା କିପରି ଭାରତପାଇଁ ମହଙ୍ଗା ପଡ଼ିଲା ? (୨

(ଗ) ଶିକ୍ଷା କ୍ଷେତ୍ରରେ ଭୁଟାନ୍‌କୁ ଭାରତ କି ପ୍ରକାର ସହାୟତା ପ୍ରଦାନ କରିଛି ? (୩

ଉ : (କ) ବ୍ରିଟିଶ ଶାସକମାନେ ନେପାଳକୁ ବଫର ଅଞ୍ଚଳ ଭାବରେ ପରିଗଣନା କରୁଥିଲେ ।

- ନେପାଳ ରାଜା ବିରେନ୍ଦ୍ର ଏହାକୁ ଏକ ଶାନ୍ତିର ଅଞ୍ଚଳ ଭାବେ ଘୋଷଣା କରିଥିଲେ ।

(ଖ) ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଶ୍ରୀଲଙ୍କାକୁ " ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ" ପଠାଇ ଥିଲେ ।

- ୧୯୯୧ ମସିହାରେ ରାଜୀବ ଗାନ୍ଧୀ ଲୋକସଭା ନିର୍ବାଚନ ଗସ୍ତ ସମୟରେ ଏକ ମାନବ ବୋମା ବିସ୍ଫୋରଣରେ ପ୍ରାଣ ତ୍ୟାଗ କରିଥିଲେ ।

(ଗ) ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଭାରତ-ଭୁଟାନ ମଧ୍ୟରେ ନିବିଡ଼ ସହଯୋଗ ରହିଛି ।

- ଭାରତ ବୈଷୟିକ କ୍ଷେତ୍ରରେ ଭୁଟାନ୍‌କୁ ସର୍ବଦା ସହାୟତା ପ୍ରଦାନ କରିଛି ।
- ଭାରତର ସୈନିକ ସ୍କୁଲ୍‌ରେ ଭୁଟାନ୍ ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ଦିଆଯାଇଛି ।
- ମେଧାବୀ ଭୁଟାନ୍ ଛାତ୍ରମାନଙ୍କ ପାଇଁ ଭାରତ ସରକାର ଶିକ୍ଷା ବୃତ୍ତି ଲାଭ ପ୍ରଦାନର ବ୍ୟବସ୍ଥା ରହିଛି ।
- ନେହେରୁ - ୱାଙ୍ଗଚୁକ୍ ବୃତ୍ତି ଲାଭ କରି ଭୁଟାନ୍‌ର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ଏବେ ପାଠ ପଢୁଛନ୍ତି ।

୨ ।(କ) ଏଲ୍.ଟି.ଟି.ଇ. (LTTE) କ'ଣ ? (୨

(ଖ) 'ତିନ୍ ବିଘା' ସମସ୍ୟା କେଉଁ ଦୁଇ ଦେଶ ମଧ୍ୟରେ ସୁସଂପର୍କକୁ ତିକ୍ତ କରିଥିଲା ? ତ୍ରିପୁରା ରାଜ୍ୟରେ କେଉଁ ଶରଣାର୍ଥୀମାନେ ଆଶ୍ରୟ ନେଇଥିଲେ ? (୨

(ଗ) 'ତିବ୍ବତ'କୁ ନେଇ ଭାରତ ଓ ଚୀନ୍ ମଧ୍ୟରେ କି ସମସ୍ୟା ଦେଖା ଦେଇଥିଲା ? (୩

ଉ :(କ) ଏଲ୍.ଟି.ଟି.ଇ. (LTTE) ଶ୍ରୀଲଙ୍କାର ଏକ ସରକାର ବିରୋଧୀ ସଙ୍ଗଠନ ଯିଏ ଶ୍ରୀଲଙ୍କାର ଏକ ସ୍ୱତନ୍ତ୍ର ତାମିଲ ରାଜ୍ୟ ପ୍ରତିଷ୍ଠା ଦାବି କରୁଥିଲା । (Liberation Tigers of Tamil Eelam)

- ଉମାମହେଶ୍ୱରନ୍ ଓ ପ୍ରଭାକରନ୍ ଏଲ୍.ଟି.ଟି.ଇ. ର ପ୍ରମୁଖ ନେତା ଥିଲେ ।

(ଖ) 'ତିନ୍ ବିଘା' ସମସ୍ୟା ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଥିବା ସଂପର୍କକୁ ତିକ୍ତ କରିଥିଲା ।

- ତ୍ରିପୁରା ରାଜ୍ୟରେ ଚକ୍‌ମା ଶରଣାର୍ଥୀମାନେ ଆଶ୍ରୟ ନେଇଥିଲେ ।

(ଗ) ଭାରତ ଓ ଚୀନ୍ ମଧ୍ୟରେ ତିବ୍ବତକୁ ନେଇ ସମସ୍ୟା ଦେଖା ଦେଇଥିଲା ।

- ଦୀର୍ଘଦିନ ଧରି ତିବ୍ବତ ସ୍ୱାଧୀନ ରାଷ୍ଟ୍ର ଥିଲା । କିନ୍ତୁ ପରେ ଚୀନ୍ ଏହାକୁ ଦଖଲ କଲା ।
- ୧୮୯୦ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ ସରକାର ଚୀନ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ ଏବଂ ଭାରତ - ତିବ୍ବତ ସୀମା ନିର୍ଦ୍ଧାରଣ କରିଥିଲେ । କିନ୍ତୁ ତିବ୍ବତୀୟ ଶାସକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।
- ବ୍ରିଟେନ୍ ଓ ଋଷିଆ ସେ ସମୟରେ ତିବ୍ବତ୍‌ରେ ଚୀନ୍‌ର ଶାସନକୁ ସମର୍ଥନ ଜଣାଇ ଥିଲେ ।
- ୧୯୧୧ ମସିହାରେ ଡକ୍ଟର ସନ୍-ୟାତ୍-ସେନ୍‌ଙ୍କ ନେତୃତ୍ୱରେ ଚୀନ୍‌ରେ ବିପ୍ଳବ ହୋଇଥିଲା ଏବଂ ଏହା ପରେ ତିବ୍ବତ ଚୀନ୍‌କୁ ତାହାର ଭୂଖଣ୍ଡକୁ ଚାଲିଯିବା ପାଇଁ ବାଧ କରିଥିଲା ।
- ୧୯୫୦ ମସିହା ଅକ୍ଟୋବର ମାସରେ ଚୀନ୍ ତିବ୍ବତକୁ ଅଧିକାର କଲାବେଳେ ଭାରତ ଏହାର ଘୋର ବିରୋଧ କରିଥିଲା । ଏଣୁ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ।

୩ ।(କ) ୨୦୦୧ ମସିହାରେ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ କାହିଁକି ଉତ୍ତେଜନା ସୃଷ୍ଟି ହୋଇଥିଲା ? (୨

(ଖ) ଭାରତ ପ୍ରଥମେ କେବେ ଚୀନ୍ ସହିତ ଶାନ୍ତି ପାଇଁ ଏକ ରାଜିନାମା ସ୍ୱାକ୍ଷର କରିଥିଲା ? ଏହି ରାଜିନାମାର ନାମ କ'ଣ ? (୨

(ଗ) ଭାରତ ଓ ଚୀନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ କେଉଁ କେଉଁ ଚୁକ୍ତି ସାକ୍ଷରିତ ହୋଇଥିଲା ? (୩

ଉ :(କ) ୨୦୦୧ ମସିହାରେ ଆମ ଦେଶର ଆସାମ ଓ ମେଘାଳୟ ରାଜ୍ୟର କିଛି ଅଞ୍ଚଳକୁ ବଙ୍ଗଳାଦେଶ ନିଜ କବ୍‌ଜାରେ ରଖିଲା ଓ ଭାରତୀୟ ସୀମା ସୁରକ୍ଷା ବାହିନୀର କିଛି ସୈନ୍ୟଙ୍କୁ ହତ୍ୟା କରିଥିଲା ।

- ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

(ଖ) ଭାରତ ୧୯୫୪ ମସିହା ଜୁନ୍ ମାସରେ ଚୀନ୍ ସହିତ ଶାନ୍ତି ପାଇଁ ଏକ ରାଜିନାମା ସାକ୍ଷର କରିଥିଲା ।

- ଏହା ପଞ୍ଚଶୀଳ ରାଜିନାମା ନାମରେ କଥିତ ।

(ଗ) ଭାରତ ଓ ଚୀନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ୧୯୫୪ ମସିହାରେ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ 'ପଞ୍ଚଶୀଳ' ନୀତି ସାକ୍ଷରିତ ହୋଇଥିଲା ।

- ୧୯୬୨ ମସିହାରେ ଚୀନ୍ "ମ୍ୟାକ୍ ମୋହନ ସୀମାରେଖା" ଅତିକ୍ରମ କରି ଭାରତର କିଛି ଅଞ୍ଚଳକୁ ଅଧିକାର କଲା । ଶ୍ରୀଲଙ୍କା ସରକାରଙ୍କ ଉଦ୍ୟମରେ କଲମ୍ବୋ ସମ୍ମିଳନୀରେ ଗୃହୀତ ଏକ ଶାନ୍ତି ପ୍ରସ୍ତାବ ଚୀନ୍ ସରକାର ପ୍ରତ୍ୟାଖ୍ୟାନ କରିଥିଲେ ।
- ୧୯୯୩ ମସିହାରେ ଭାରତ ଓ ଚୀନ୍ ଏକ ମିଳିତ ରାଜିନାମାରେ ସାକ୍ଷର କଲେ ଏବଂ ଉଭୟ ଦେଶ ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦେବାକୁ ରାଜି ହେଲେ ।
- ୧୯୯୫ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଚୀନ୍ ଗସ୍ତ କରି ଦୁଇ ଦେଶ ମଧ୍ୟରେ "ଶାନ୍ତି ଓ ସ୍ଥିରତାର" ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩) / ସଂକ୍ଷିପ୍ତ ଉତ୍ତରମୂଳକ (୨)

୧ ।(କ) ସାଧୀନ "ବଙ୍ଗଳାଦେଶ" କିପରି ଗଠିତ ହେଲା ? (୨

(ଖ) ଭାରତ - ନେପାଳ ମଧ୍ୟରେ କେଉଁ କେଉଁ ରାଜିନାମା ସାକ୍ଷରିତ ହୋଇଥିଲା ? (୩

ଉ : (କ) ୧୯୭୧ ମସିହା ପୂର୍ବରୁ ପଶ୍ଚିମ ପାକିସ୍ତାନର ଅତ୍ୟାଚାରରେ ପୂର୍ବ ପାକିସ୍ତାନର ଲୋକମାନେ ଅତିଷ୍ଠ ହୋଇଥିଲେ ।

- ଆୱାମିଲିଗ୍‌ର ନେତା ଶେଖ୍ ମୁଜିବୁର୍ ରହମନ୍‌ଙ୍କ ନେତୃତ୍ୱରେ ପାକିସ୍ତାନ ବିରୋଧରେ ଆନ୍ଦୋଳନ ତେଜି ଉଠିଲା । ଭାରତ ସେହି ସାଧୀନତା ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଇଥିଲା ।
- ୧୯୭୧ ମସିହା ଡିସେମ୍ବରରେ ଭାରତ - ପାକିସ୍ତାନ ଯୁଦ୍ଧର ପରିଣତି ସରୂପ ବାଙ୍ଗଲାଦେଶ ଏକ ସାଧୀନ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ପରିଚିତ ହେଲା ।

(ଖ) ୧୯୫୦ ମସିହାରେ ଭାରତ - ନେପାଳ ମଧ୍ୟରେ ଶାନ୍ତି ଓ ବନ୍ଧୁତାର ଚୁକ୍ତିନାମା ସାକ୍ଷରିତ ହୋଇଥିଲା । ଏଥିରେ ସୂଚିତ ହୋଇଥିଲା ଯେ ଉଭୟ ଦେଶ ମିଳିତ ଭାବରେ ବିଦେଶୀ ଶତ୍ରୁକୁ ମୁକାବିଲା କରିବେ । ୧୯୫୦ ଜୁଲାଇ ୩୧ରେ ଭାରତ ନେପାଳ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

- ୧୯୬୧ ମସିହାରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା ସାକ୍ଷରିତ ହୋଇଥିଲା ଏବଂ ଉଭୟ ଦେଶ ପାଇଁ "ଏକ ସାଧାରଣ ବଜାର" ସୃଷ୍ଟି ହୋଇଥିଲା ।
- ୧୯୭୭ ମସିହାରେ ଭାରତର ମୋରାରଜୀ ଦେଶାଇ ସରକାର ନେପାଳ ସହିତ ଦୁଇଟି ବାଣିଜ୍ୟିକ ଚୁକ୍ତି ସାକ୍ଷରିତ କରିଥିଲେ ।
- ୧୯୯୧ ମସିହାରେ ଦୁଇ ଦେଶ ମଧ୍ୟରେ ଚାରିଗୋଟି ଚୁକ୍ତିନାମା ସାକ୍ଷରିତ ହେଲା ।
- ଏହା ପାରସ୍ପରିକ ବାଣିଜ୍ୟ ଓ ଗମନାଗମନ କ୍ଷେତ୍ରରେ ଉଭୟ ଦେଶର ସଂପର୍କରେ ଉନ୍ନତି ଘଟାଇଲା ଏବଂ ଉଭୟ ଦେଶ ସନ୍ତ୍ରାସବାଦର ବିଲୋପ ସାଧନ ପାଇଁ ସଂକଳ୍ପବଦ୍ଧ ହେଲେ ।

Eduodia App

୨ ।(କ) ସିମ୍ଳା ରାଜିନାମାରେ କେଉଁ ସବୁ ବ୍ୟବସ୍ଥା ଥିଲା ? (୨

(ଖ) କେଉଁ ସବୁ ଦୃଷ୍ଟିରୁ ଭାରତ-ମିଆଁମାର ସହିତ ଅନେକ ଚୁକ୍ତି ସାକ୍ଷର କରିଥିଲା ? (୩

ଉ :(କ) ୧୯୭୨ ମସିହା ସିମ୍ଳା ରାଜିନାମାରେ "ଯୁଦ୍ଧବିରତି" ରେଖାକୁ ପୁନଃ ନିର୍ଦ୍ଧାରଣ କରାଗଲା । ଏହା ବର୍ତ୍ତମାନର "ନିୟନ୍ତ୍ରଣ ରେଖା" ନାମରେ ନାମିତ ।

- ଉଭୟ ଦେଶ କାଶ୍ମୀର ଇଲାକାରେ ବଳ ପ୍ରୟୋଗ ନ କରିବାକୁ ରାଜି ହୋଇଥିଲେ ।
- ଭାରତ ପାକିସ୍ତାନର ୯୦,୦୦୦ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିଥିଲା ।

(ଖ) ସାମରିକ ଶାସନ କାଳରେ ମିଆଁମାର ଚୀନ୍‌ର ନିକଟତର ହୋଇଥିଲା ।

- ବୈଷୟିକ ସାହାଯ୍ୟ, ଅଳ୍ପ ସୁଧରେ କରଜ ପ୍ରଦାନ, ଉନ୍ନୟନ ପ୍ରକଳ୍ପ ଓ ଅନୁଦାନ ଇତ୍ୟାଦି ମାଧ୍ୟମରେ ଚୀନ୍ ଏହାର ନିକଟତର ହେଲା ।
- ଏଣୁ ନିଜର ସ୍ୱାର୍ଥ ଓ ନିରାପତ୍ତା ଦୃଷ୍ଟିରୁ ଭାରତ ମିଆଁମାର ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଥିଲା । ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ଦ୍ୱି-ପାକ୍ଷିକ ଆଲୋଚନା ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି କରାଯାଇଥିଲା ।
- ମିଆଁମାର ପ୍ରାକୃତିକ ବାଷ୍ପର ଭଣ୍ଡାର ଅଟେ । ଏଣୁ ଏହି ଦେଶ ସହିତ ଉତ୍ତମ ସଂପର୍କ ରଖିବା ମାଧ୍ୟମରେ ଭାରତ ତା'ର ତୈଳ ଓ ପ୍ରାକୃତିକ ବାଷ୍ପର ଚାହିଦାକୁ ମେଣ୍ଟାଇ ପାରୁଥିଲା ।
- ତା'ଛଡ଼ା ମିଆଁମାର ସାମରିକ ଶାସକଙ୍କ ସାହାଯ୍ୟରେ ଭାରତର ସୀମା ଅଞ୍ଚଳରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ରୋକିବାରେ ଭାରତ ସମର୍ଥ ହୋଇଥିଲା ।

୩ ।(କ) କାଶ୍ମୀରରେ ନିଜର ସ୍ଥିତି ଜାହିର କରିବା ପାଇଁ ପାକିସ୍ତାନ କି ପ୍ରକାର ପଦକ୍ଷେପ ନେଇଥିଲା ? (୨

(ଖ) ଶ୍ରୀଲଙ୍କା ସମସ୍ୟାର ସମାଧାନ ପାଇଁ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଓ ରାଜୀବ ଗାନ୍ଧୀ କେଉଁ କେଉଁ ପଦକ୍ଷେପ ନେଇଥିଲେ ? (୩

ଉ :(କ) କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ତାନ ସିଆଟୋ (SEATO) ର ସଦସ୍ୟ ହୋଇଥିଲା ।

- ପାକିସ୍ତାନ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ସହିତ ବନ୍ଧୁତା ସ୍ଥାପନ କରିଥିଲା ।
- ଚୀନ୍ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଥିଲା ଏବଂ କ୍ଷେପଣାସ୍ତ୍ର ତିଆରିରେ ସହାୟତା କରିଥିଲା ।

(ଖ) ୧୯୮୮ ମସିହାରେ ଶ୍ରୀଲଙ୍କାରେ ତାମିଲ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ (TULF) ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରିଥିଲା । ଏହି ଆନ୍ଦୋଳନକାରୀଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ ନିଆଗଲା ।

- ୧୯୮୩ ରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ ୨୫,୦୦୦ ତାମିଲ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ ।
- ଶ୍ରୀଲଙ୍କାର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀଲଙ୍କା ରାଷ୍ଟ୍ରପତି ଜୟବର୍ଦ୍ଧନେଙ୍କ ସହିତ ଆଲୋଚନା କରିଥିଲେ ।
- ଅମୃତ ଲିଙ୍ଗମ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାରତ ଆସି ପ୍ରଧାନମନ୍ତ୍ରୀଙ୍କୁ ଭେଟି ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଥିଲେ ।
- ୧୯୮୭ ମସିହାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମୟରେ ଶ୍ରୀଲଙ୍କା ସହିତ ଏକ ରାଜିନାମା ଅନୁସାରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ "ଭାରତୀୟ ଶାନ୍ତି ରକ୍ଷା ସାମରିକ ବାହିନୀ" କୁ ସେଠାକୁ ପଠାଯାଇଥିଲା ।

❑❑❑

EduOdia App

# SOCIAL SCIENCE

# ଭୂଗୋଳ ଓ
# ଅର୍ଥନୀତି

# ( GEOGRAPHY & ECONOMICS )

Eduodia App

Eduodia App

# ଭୂଗୋଳ

## ପ୍ରଥମ ଅଧ୍ୟାୟ

## ସମ୍ବଳ

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ପ୍ରକୃତି, ପ୍ରାଦ୍ୟୋଗ, ଅନୁଷ୍ଠାନ ଓ ଅନ୍ୟ କେଉଁଟି ସମ୍ବଳର ରୂପାନ୍ତରଣ ପ୍ରକ୍ରିୟାରେ ଉପାଦାନ ଭାବରେ କାର୍ଯ୍ୟ କରିଥାନ୍ତି ?
(କ) ସମ୍ବଳ (ଖ) ମନୁଷ୍ୟ
(ଗ) ଯନ୍ତ୍ରପାତି (ଘ) ପରିବହନ ଓ ଯୋଗାଯୋଗ

୨ । ୧୨ ନଟିକାଲ ମାଇଲ୍ କେତେ କିଲୋମିଟର ଅଟେ ?
(କ) ୨୨.୨ କି.ମି. (ଖ) ୩୭୦ କି.ମି.
(ଗ) ୧.୮୫୨ କି.ମି. (ଘ) କୌଣସିଟି ନୁହେଁ

୩ । ଭାରତ ମହାସାଗରର EEZ ଅଞ୍ଚଳରୁ ଭାରତ କେଉଁ ଖଣିଜ ପିଣ୍ଡ ଉତ୍ତୋଳନ କରିବାର ଅଧିକାର ପାଇଛି ?
(କ) ବକ୍ସାଇଟ୍ ପିଣ୍ଡ (ଖ) ଲୌହ ପିଣ୍ଡ
(ଗ) ଆଲୁମିନା ପିଣ୍ଡ (ଘ) ମାଙ୍ଗାନିଜ୍ ପିଣ୍ଡ

୪ । ଭାରତର ଦକ୍ଷିଣତମ ସ୍ଥାନଟିର ନାମ କ'ଣ ?
(କ) ଇନ୍ଦିରା ପଏଣ୍ଟ (ଖ) କନ୍ୟାକୁମାରୀ
(ଗ) ଇନ୍ଦିରାକଲ (ଗିଲଗିଟ୍) (ଘ) କୌଣସିଟି ନୁହେଁ

୫ । କେରଳ ରାଜ୍ୟର କୋଟାୟାମ୍ ଓ ଆଲାପୁଜା ଜିଲ୍ଲାରେ ଦେଖା ଯାଇଥିବା ପିଟ୍ ଓ ଜଳାଭୂମି ମୃତ୍ତିକାର ନାମ କ'ଣ ?
(କ) ରେ (ଖ) ରୋଗୋଲିଥ୍ (ଗ) ଉସର (ଘ) ବରି

୬ । କୃଷ୍ଣ ମୃତ୍ତିକା କେଉଁ ଶିଳାରୁ ସୃଷ୍ଟି ହୋଇଥାଏ ?
(କ) ବାସାଲଟ୍ (ଖ) ସ୍ଲେଟ୍
(ଗ) ଗ୍ରାନାଇଟ୍ (ଘ) ଚୂନ ପଥର

୭ । କେଉଁ ମୃତ୍ତିକାରେ ବୃଷ୍ଟିଜଳ ପ୍ରକ୍ଷାଳନ ଅଧିକ ହୋଇଥାଏ ?
(କ) ପଟୁ ମୃତ୍ତିକା (ଖ) ଲାଟେରାଇଟ୍ ମୃତ୍ତିକା
(ଗ) ଅରଣ୍ୟ ମୃତ୍ତିକା (ଘ) ପାର୍ବତ୍ୟ ମୃତ୍ତିକା

୮ । ଗଠନ ଦୃଷ୍ଟିରୁ ମୃତ୍ତିକାକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
(କ) ୨ (ଖ) ୪ (ଗ) ୩ (ଘ) ୫

୯ । ସୌରଶକ୍ତି କେଉଁ ସମ୍ବଳର ଏକ ଉଦାହରଣ ?
(କ) ନବୀକରଣ ଯୋଗ୍ୟ ସମ୍ବଳ (ଖ) ସରନ୍ତି ସମ୍ବଳ
(ଗ) ନବୀକରଣ ଅଯୋଗ୍ୟ ସମ୍ବଳ (ଘ) ଅସରନ୍ତି / ଅକ୍ଷୟ ସମ୍ବଳ

EduOdia App

୧୦ । ଭାରତର ସମୁଦାୟ ଆୟତନର ଶତକଡ଼ା କେତେ ଭାଗ ଅଞ୍ଚଳରେ ପ୍ରତି ବର୍ଷ ମୃତ୍ତିକା କ୍ଷୟ ହୋଇଥାଏ ?

(କ) ୨୫ (ଖ) ୨୭ (ଗ) ୨୧ (ଘ) ୩୦

୧୧ । ସମ୍ବଳ ପ୍ରାଦ୍ୟୋଗିକ ଦୃଷ୍ଟିକୋଣରୁ କ'ଣ ହେବା ଆବଶ୍ୟକ ?

(କ) ସମ୍ଭବ (ଖ) ଗ୍ରହଣଯୋଗ୍ୟ (ଗ) ଉପଯୋଗୀ (ଘ) ସୁଗମ୍ୟ

୧୨ । ପ୍ରାକୃତିକ ପରିବେଶରେ କେଉଁ ପଦାର୍ଥକୁ ସମ୍ବଳ ରୂପେ ବିବେଚିତ କରାଯାଇନଥାଏ ?

(କ) ବ୍ୟବହୃତ (ଖ) ଅବ୍ୟବହୃତ ବା ଅଜ୍ଞାତ

(ଗ) ପରିତ୍ୟକ୍ତ (ଘ) ସୀମିତ

୧୩ । ଭାରତର ସମୁଦାୟ ଭୂ-ଭାଗର ପ୍ରାୟ କେତେ ଶତକଡ଼ା ଭାଗ ଭୂମିରେ କୃଷି କାର୍ଯ୍ୟ କରାଯାଇଥାଏ ?

(କ) ୪୨ (ଖ) ୬୫ (ଗ) ୫୫ (ଘ) ଏଥିରୁ କୌଣସିଟି ନୁହେଁ

୧୪ । ତରାଇ ମୃତ୍ତିକାରେ କେଉଁ ରାସାୟନିକ ପଦାର୍ଥର ରେଣୁ ଅଧିକ ପରିମାଣରେ ଥାଏ ?

(କ) ବୋରିକ (ଖ) ଯବକ୍ଷାରଜାନ (ଗ) ପୋଟାସିୟମ୍ (ଘ) ସୋଡ଼ିୟମ୍

୧୫ । ମୃତ୍ତିକା ଏକ କେଉଁ ପଦାର୍ଥ ?

(କ) ମୌଳିକ (ଖ) ଯୌଗିକ (ଗ) ମିଶ୍ରିତ (ଘ) କୌଣସିଟି ନୁହେଁ

୧୬ । ଯେଉଁ ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକ ପୁନରୁଦ୍ଧାର କରାଯାଇପାରେ ନାହିଁ, ସେଗୁଡ଼ିକୁ କେଉଁ ସମ୍ବଳ କୁହାଯାଏ ?

(କ) ଗଚ୍ଛିତ ସମ୍ବଳ (ଖ) ଅସରନ୍ତି ସମ୍ବଳ

(ଗ) ପୁନରୁଦ୍ଧାର ଅଯୋଗ୍ୟ ସମ୍ବଳ (ଘ) ପୁନରୁଦ୍ଧାର ଯୋଗ୍ୟ ସମ୍ବଳ

୧୭ । IUCN, ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ମାଧ୍ୟମରେ କେତୋଟି ଜାତିର ସଂଖ୍ୟା ପ୍ରତି ଦୃଷ୍ଟି ଦେଇ ଆସୁଅଛି ?

(କ) ୮ (ଖ) ୩ (ଗ) ୪ (ଘ) ୫

୧୮ । ନିମ୍ନୋକ୍ତ କେଉଁ ସ୍ଥାନଟି ଭାରତର ପଶ୍ଚିମ ସୀମା, ନିର୍ଦ୍ଧାରଣ କରୁଛି ?

(କ) ଦଫାଦାର (ଖ) ଘୁଆରମୋତି (ଗ) ଇନ୍ଦିରାପଏଣ୍ଟ (ଘ) କିବିଥୁ

୧୯ । କୃଷି ଅଲଭ୍ୟଭୂମିର ବ୍ୟବହାର କେଉଁ ରାଜ୍ୟରେ ସର୍ବାଧିକ ବ୍ୟବହାର ହୋଇଥାଏ ?

(କ) ଓଡ଼ିଶା (ଖ) ମଧ୍ୟପ୍ରଦେଶ (ଗ) ଝାଡ଼ଖଣ୍ଡ (ଘ) ପଶ୍ଚିମବଙ୍ଗ

୨୦ । ୨ ସେଣ୍ଟି ମିଟର ବହଳ ମୃତ୍ତିକା ସ୍ତର ଗଠନ ପାଇଁ ପ୍ରାୟ କେତେ ବର୍ଷ ଲାଗିଥାଏ ?

(କ) ଶହ ଶହ ବର୍ଷ (ଖ) ହଜାର ହଜାର ବର୍ଷ

(ଗ) ୧୦୦ ବର୍ଷ (ଘ) ଅୟୁତ ବର୍ଷ

୨୧ । ଭାରତର ସମୁଦାୟ ଭୂମିର ଶତକଡ଼ା କେତେ ଭାଗ ଅଞ୍ଚଳରେ 'ଅରଣ୍ୟ ଭୂମି' ରହିଛି ?

(କ) ୩୩ (ଖ) ୪୦ (ଗ) ୨୪.୩୯ (ଘ) ୩୨

୨୨ । ଲାଟେରାଇଟ୍ ମୃତ୍ତିକାରେ ଚୂନର ପରିମାଣ ଅଧିକ ଥିଲେ କ'ଣ କୁହାଯାଏ ?

(କ) ପୀତ ମୃତ୍ତିକା (ଖ) କୃଷ୍ଣ ଲାଲ ମୃତ୍ତିକା

(ଗ) ଶ୍ୱେତ ଲାଟେରାଇଟ୍ ମୃତ୍ତିକା (ଘ) ରେଗୁର

୨୩ । ରାଜସ୍ଥାନର କେଉଁ ଜିଲ୍ଲାରେ ଇନ୍ଦିରାଗାନ୍ଧୀ କେନାଲ ସାହାଯ୍ୟରେ ଜଳସେଚନ କରାଯାଇଥାଏ ?

(କ) ଗଙ୍ଗାନଗର (ଖ) ଜୟସାଲମେର

(ଗ) ପୋଖରାନ୍ (ଘ) ଆଜମିର୍

୨୪ । କେଉଁ ମସିହାରେ ଜାତୀୟ ଅରଣ୍ୟ ନୀତି ପ୍ରଣୟନ ଆରମ୍ଭ ହୋଇଥିଲା ?

(କ) ୧୯୬୨ (ଖ) ୧୯୭୭ (ଗ) ୧୯୮୮ (ଘ) ୧୯୫୨

Odisha 1 to 10 All Books App

୨୫ । ଆରାବଳୀ ପର୍ବତ ପାର୍ଶ୍ୱରେ ଦେଖା ଯାଉଥିବା ମରୁସ୍ଥଳୀ ମୃତ୍ତିକାକୁ କ'ଣ କୁହାଯାଏ ?
(କ) ଲିଥୋଜଲିକ୍ (ଖ) ରୋଗୋଲିଥ୍
(ଗ) ଭସର (ଘ) କୌଣସିଟି ନୁହେଁ

୨୬ । ରିଓଡ଼ି ଜେନେରିଓ ବୈଠକ କେବେ ଅନୁଷ୍ଠିତ ହୋଇଥିଲା ?
(କ) ୧୯୭୫ (ଖ) ୧୯୫୭ (ଗ) ୧୯୯୨ (ଘ) ୨୦୦୫

୨୭ । ଭାରତ କେତେରୁ କେତେ ଅକ୍ଷାଂଶ ମଧ୍ୟରେ ଅବସ୍ଥିତ ?
(କ) ୮° ଉ - ୩୭° ଉ (ଖ) ୮°୪' ଉ - ୩୭°୬' ଉ
(ଗ) ୬୮° ପୂ - ୯୭° ପୂ (ଘ) ୬୮°୭' ପୂ - ୯୭°୨୫' ପୂ

୨୮ । ଆନ୍ତର୍ଜାତୀୟ ସ୍ତରରେ କୃଷ୍ଣ ମୃତ୍ତିକାକୁ କ'ଣ କୁହାଯାଏ ?
(କ) ଶ୍ୱେତ ଲାଟେରାଇଟ୍ (ଖ) କ୍ରାନ୍ତୀୟ ଚେର୍ଣ୍ଣୋଜେମ୍
(ଗ) ରେଗୁର (ଘ) ଭସର

୨୯ । ରାଜନୈତିକ ଅନୁଷ୍ଠାନ କେଉଁ ସମ୍ବଳର ଏକ ଉଦାହରଣ ?
(କ) ମାନବ ସମ୍ବଳ (ଖ) ବ୍ୟକ୍ତିଗତ ସମ୍ବଳ
(ଗ) ଗୋଷ୍ଠୀଗତ ସମ୍ବଳ (ଘ) ସାଂସ୍କୃତିକ ସମ୍ବଳ

୩୦ । ସର୍ବାଧିକ ମୃତ୍ତିକା କ୍ଷୟ ହେଉଥିବା ରାଜ୍ୟର ନାମ କ'ଣ ?
(କ) ରାଜସ୍ଥାନ (ଖ) ଓଡ଼ିଶା
(ଗ) ଅରୁଣାଚଳ ପ୍ରଦେଶ (ଘ) ଗୋଆ

Eduodia App

୩୧ । ପେଟ୍ରୋଲିୟମ୍ କେଉଁ ସମ୍ବଳର ଏକ ଉଦାହରଣ ?
(କ) ନବୀକରଣ ଯୋଗ୍ୟ (ଖ) ନବୀକରଣ ଅଯୋଗ୍ୟ
(ଗ) ଗଚ୍ଛିତ ସମ୍ବଳ (ଘ) ସଂସ୍କୃତିକ ସମ୍ବଳ

୩୨ । ଭାରତରେ ମୋଟ୍ ଭୂ-ଭାଗର ଶତକଡ଼ା କେତେ ଭାଗ ହେଉଛି ସମତଳ ଭୂମି ?
(କ) ୨୯ (ଖ) ୭୧ (ଗ) ୪୩ (ଘ) ୫୦

୩୩ । ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡ଼ିଆ ପଡ଼ିଥିବା ଜମିକୁ କ'ଣ କୁହାଯାଏ ?
(କ) ପୁରୁଣା ପତିତ ଭୂମି (ଖ) ସ୍ଥାୟୀ ଗୋଚର ଓ ଚାରଣ ଭୂମି
(ଗ) କୃଷି ଯୋଗ୍ୟ ଅବ୍ୟବହୃତ ଭୂମି (ଘ) କୃଷି ଅଲଭ ଭୂମି

୩୪ । ସମ୍ବଳର ବିନିଯୋଗର ଆବଶ୍ୟକତା ତଥା ଆଗାମୀ ବଂଶଧରଙ୍କ ପାଇଁ ସେଗୁଡ଼ିକୁ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କ'ଣ କୁହାଯାଏ ?
(କ) ଧାରଣୀୟ ବିକାଶ (ଖ) ସମ୍ବଳ ସଂରକ୍ଷଣ
(ଗ) ସମ୍ବଳର ଯୋଜନ (ଘ) ସମ୍ବଳର ବ୍ୟବହାର

୩୫ । ପ୍ରକୃତିରେ ଥିବା ଯେଉଁ ପଦାର୍ଥ ଓ ଶକ୍ତି ଦ୍ୱାରା ମନୁଷ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହୋଇଥାଏ, ତାହାକୁ କେଉଁ ସମ୍ବଳ କୁହାଯାଏ ?
(କ) ଜୈବ ସମ୍ବଳ (ଖ) ପ୍ରାକୃତିକ ସମ୍ବଳ
(ଗ) ସଂସ୍କୃତିକ ସମ୍ବଳ (ଘ) ସର୍ବତ୍ର ସୁଲଭ ସମ୍ବଳ

୩୬ । ଭୂପୃଷ୍ଠସ୍ଥ ଶିଳା ଉତ୍ତାପର ପର୍ଯ୍ୟାୟ କ୍ରମିକ ହ୍ରାସ ବୃଦ୍ଧି, କରକା ଓ ହିମବାହର ପ୍ରଭାବ; ଉଦ୍ଭିଦ, ପ୍ରାଣୀ ଓ ମନୁଷ୍ୟମାନଙ୍କ ଦ୍ୱାରା ଖଣ୍ଡବିଖଣ୍ଡିତ ହୋଇ କ୍ଷୁଦ୍ର କ୍ଷୁଦ୍ର ରେଣୁରେ ପରିଣତ ହେବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

(କ) ମୃତ୍ତିକା ଗଠନ (ଖ) ମୃତ୍ତିକା କ୍ଷୟ
(ଗ) ମୃତ୍ତିକା ସଂରକ୍ଷଣ (ଘ) ଚୂର୍ଣ୍ଣୀଭବନ

୩୭ । ଚଳନ୍ତି କୃଷି ବର୍ଷ ବା ତା'ଠାରୁ କମ୍ ସମୟ ଧରି କୃଷି କାର୍ଯ୍ୟ କରାଯାଇନଥିବା ଭୂମିକୁ କ'ଣ କୁହାଯାଏ ?
(କ) ସ୍ଥାୟୀ ଗୋଚର (ଖ) ଚଳନ୍ତି ପତିତ ଭୂମି
(ଗ) କୃଷି ଭୂମି (ଘ) ପୁରୁଣା ପତିତ ଭୂମି




୩୮ । ପ୍ରଦତ୍ତ ଭାରତ ମାନଚିତ୍ରରେ 'I' ଚିହ୍ନିତ ଅଂଶ କେଉଁ ଅଞ୍ଚଳକୁ ସୂଚାଉଛି ?
(କ) ଉପକୂଳବର୍ତ୍ତୀ ସମତଳ ଭୂମି (ଖ) ଗାଙ୍ଗେୟ ସମତଳ ଭୂମି
(ଗ) କଚ୍ଛ ଉପକୂଳ (ଘ) ଆନ୍ଧ୍ର ଉପକୂଳ

୩୯ । ପ୍ରଦତ୍ତ ମାନଚିତ୍ରରେ 'II' କେଉଁ ପର୍ବତ ଶ୍ରେଣୀକୁ ସୂଚାଉଛି ?
(କ) ପଶ୍ଚିମଘାଟ ପର୍ବତମାଳା (ଖ) ବିନ୍ଧ୍ୟ ପର୍ବତ
(ଗ) ହିମାଳୟ ପର୍ବତ ଶ୍ରେଣୀ (ଘ) ଆରାବଳୀ ପର୍ବତ ଶ୍ରେଣୀ

୪୦ । 'III' ଚିହ୍ନିତ ଅଂଶ କେଉଁ ଅଞ୍ଚଳକୁ ସୂଚିତ କରୁଛି ?
(କ) ତରାଇ ଅଞ୍ଚଳ (ଖ) ସିନ୍ଧୁ ନଦୀ
(ଗ) ଛୋଟନାଗପୁର ମାଳଭୂମି (ଘ) ଏଥିରୁ କୌଣସିଟି ନୁହେଁ

## ଉତ୍ତର

(୧) (ଖ) ମନୁଷ୍ୟ
(୨) (କ) ୨୨.୨ କି.ମି.
(୩) (ଘ) ମାଙ୍ଗାନିଜ୍ ପିଣ୍ଡ
(୪) (କ) ଇନ୍ଦିରା ପଏଣ୍ଟ
(୫) (ଘ) ବରି
(୬) (କ) ବାସାଲ୍ଟ
(୭) (ଖ) ଲାଟେରାଇଟ୍ ମୃତ୍ତିକା
(୮) (କ) ୨
(୯) (ଘ) ଅସରନ୍ତି / ଅକ୍ଷୟ ସମ୍ବଳ
(୧୦) (ଗ) ୨୧
(୧୧) (ଗ) ସୁଗମ୍ୟ
(୧୨) (ଖ) ଅବ୍ୟବହୃତ ବା ଅଜ୍ଞାତ
(୧୩) (ଘ) ୬୫
(୧୪) (କ) ଜୈବିକ
(୧୫) (ଖ) ଯୌଗିକ
(୧୬) (ଗ) ପୁନର୍ବ୍ୟବହାର ଅଯୋଗ୍ୟ ସମ୍ବଳ
(୧୭) (ଘ) ୫
(୧୮) (ଖ) ଘୁଅରମୋଟି
(୧୯) (ଘ) ପଶ୍ଚିମବଙ୍ଗ
(୨୦) (ଖ) ହଜାର ହଜାର ବର୍ଷ
(୨୧) (ଘ) ୨୪.୩୯
(୨୨) (ଗ) ଶ୍ୱେତ ଲାଟେରାଇଟ୍ ମୃତ୍ତିକା
(୨୩) (କ) ଗଙ୍ଗାନଗର
(୨୪) (ଘ) ୧୯୫୨
(୨୫) (ଖ) ଭୋରୋଲିଥ୍
(୨୬) (ଘ) ୧୯୯୨
(୨୭) (ଖ) ୮°୪' ଉ - ୩୭°୬' ଉ
(୨୮) (ଖ) ଜାତୀୟ ଟେର୍ଣ୍ଣୋଜେନ୍
(୨୯) (ଘ) ସାଂସ୍କୃତିକ ସମ୍ବଳ
(୩୦) (କ) ରାଜସ୍ଥାନ
(୩୧) (ଖ) ନବୀକରଣ ଅଯୋଗ୍ୟ
(୩୨) (ଘ) ୪୩
(୩୩) (ଘ) କୃଷି ଯୋଗ୍ୟ ଅବ୍ୟବହୃତ ଭୂମି
(୩୪) (କ) ଧାରଣୀୟ ବିକାଶ
(୩୫) (ଖ) ପ୍ରାକୃତିକ ସମ୍ବଳ
(୩୬) (ଘ) ଚୂର୍ଣ୍ଣୀ ଭବନ
(୩୭) (ଖ) ଚଳନ୍ତି ପତିତ ଭୂମି
(୩୮) (ଗ) କଚ୍ଛ ଉପକୂଳ
(୩୯) (ଘ) ଆରାବଳୀ ପର୍ବତ ଶ୍ରେଣୀ
(୪୦) (କ) ତରାଇ ଅଞ୍ଚଳ

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

୧ ।(କ) ସମ୍ବଳର କେତୋଟି ବିଶେଷତ୍ୱ ରହିଛି ଓ ସେଗୁଡ଼ିକ କ'ଣ କ'ଣ ? (୨

(ଖ) ପତିତ ଭୂମି କିପରି ନିର୍ଦ୍ଧାରଣ କରାଯାଇଥାଏ ? (୨

(ଗ) କୃଷ୍ଣ ମୃତ୍ତିକାର ଗଠନ ଓ ବିଶେଷତ୍ୱ ସଂପର୍କରେ ଲେଖ । (୪

୨ । ସଂକ୍ଷେପରେ ଲେଖ ।

(କ) ମନୁଷ୍ୟକୁ ସମ୍ବଳର ସ୍ରଷ୍ଟା କୁହାଯାଏ କାହିଁକି ? (୨

(ଖ) ମୃତ୍ତିକା ଗଠନ ଏକ ଧୀର ପ୍ରକ୍ରିୟା – ବୁଝାଅ । (୨

(ଗ) ମୃତ୍ତିକା ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯାଇଥିବା ବୃହତ୍ ପଦକ୍ଷେପଗୁଡ଼ିକ କ'ଣ କ'ଣ ? (୪

୩ (କ) ପାର୍ଥକ୍ୟ ଦର୍ଶାଅ ।

(i) ଗଚ୍ଛିତ ସମ୍ବଳ ଓ ବିକଶିତ ସମ୍ବଳ । (୨

(ii) ଖଦର ଓ ଭାଙ୍ଗର । (୨

(ଖ) କେଉଁ କେଉଁ ଉପାୟରେ ମନୁଷ୍ୟ ଭୂ-ସମ୍ବଳର ବ୍ୟବହାର କରିଥାଏ ? (୪

୪ ।(କ) କେଉଁ କେଉଁ କାରକ ମୃତ୍ତିକା ଗଠନରେ ସହାୟକ ହୋଇଥାଏ ? (୨

(ଖ) କେଉଁ ପାଞ୍ଚଗୋଟି ପ୍ରକ୍ରିୟା ଉପରେ ସମ୍ବଳ ଯୋଜନା ନିର୍ଭର କରିଥାଏ ? ସେଗୁଡ଼ିକୁ ସଂକ୍ଷେପରେ ବର୍ଣ୍ଣନା କର । (୪

୫ ।(କ) ସମ୍ବଳ ସଂରକ୍ଷଣ କହିଲେ କ'ଣ ବୁଝ ? ସମ୍ବଳ ସଂରକ୍ଷଣର ମୁଖ୍ୟ ଉପାୟ କ'ଣ କ'ଣ ? (୩

(ଖ) ମାଲିକାନା ଦୃଷ୍ଟିରୁ ସମ୍ବଳକୁ କେତେ ଭାଗରେ ବିଭକ୍ତ କରାଯାଇଛି ? ସେଗୁଡ଼ିକ ବିଷୟରେ ସଂକ୍ଷେପରେ ସୂଚନା ପ୍ରଦାନ କର । (୪

୬ ।(କ) ଗଠନ ଦୃଷ୍ଟିରୁ ମୃତ୍ତିକାର ପ୍ରକାରଭେଦ ବର୍ଣ୍ଣନା କର । (୩

(ଖ) ଭାରତରେ ଦୃଷ୍ଟିଗୋଚର ହେଉଥିବା ଭୂ-ସମ୍ବଳର ପ୍ରକାରଭେଦ ଉପରେ ବ୍ୟାଖ୍ୟା କର । (୪

EduodiaApp

## ଉତ୍ତର

୧ ।(କ)● ସମ୍ବଳର ଚାରୋଟି ବିଶେଷତ୍ୱ ରହିଛି ।

- ସେଗୁଡ଼ିକ ହେଲା – ଉପଯୋଗିତା (Utility), କାର୍ଯ୍ୟଦକ୍ଷତା (Functionality), ସୁଲଭତା (Availability) ଏବଂ ପରିବର୍ତ୍ତନଶୀଳତା

(ଖ)● ପତିତ ଭୂମି ଓ ଏହାର ବ୍ୟବହାର ସମୟ ସୀମାକୁ ନେଇ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା – ଚଳନ୍ତି ପତିତ ଭୂମି ଓ ପୁରୁଣା ପତିତ ଭୂମି ।

- ଏକ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କୃଷି କାର୍ଯ୍ୟ ନ ହେଉଥିବା ଭୂମିକୁ ପୁରୁଣା ପତିତ ଭୂମି କୁହାଯାଏ ।
- ଚଳନ୍ତି କୃଷି କାର୍ଯ୍ୟ ବା ତାହାଠାରୁ କମ୍ ସମୟ ଧରି କୃଷି କାର୍ଯ୍ୟ କରାଯାଉନଥିବା ଭୂମିକୁ ଚଳନ୍ତି ପତିତ ଭୂମି କୁହାଯାଏ ।

(ଗ)● ଏହି ମୃତ୍ତିକାର ରଙ୍ଗ କଳା । ସ୍ଥାନୀୟ ଭାବେ ଏହାକୁ ରେଗୁର ବା କୃଷ୍ଣ କାର୍ପାସ୍ ମୃତ୍ତିକା କୁହାଯାଏ ।

- ଦାକ୍ଷିଣାତ୍ୟର ଆଗ୍ନେୟଗିରି ନିର୍ଗତ ଲାଭା ସୃଷ୍ଟ ମାଳଭୂମିର ବାସାଲଟ୍ ଶିଳାରୁ ଏହା ସୃଷ୍ଟି ହୋଇଥାଏ ।
- ଏଥିରେ ଅଧିକ ପରିମାଣରେ ଲୌହାଂଶ ରହିଥାଏ । ଅଧିକ ପରିମାଣରେ ଆଲୁମିନିୟମ୍, ପଟାସ୍, ଚୂନ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଇତ୍ୟାଦି ରାସାୟନିକ ପଦାର୍ଥ ରହିଥିବାରୁ ଏହା କୃଷି କାର୍ଯ୍ୟ ପାଇଁ ବିଶେଷତଃ କାର୍ପାସ ଚାଷ ପାଇଁ ବିଶେଷ ଉପଯୋଗୀ ।
- ଏହି ମୃତ୍ତିକାରେ ଗହମ, କପା, ଜୱାର, ମିଲେଟ୍, ଜଡ଼ା, ଧୂଆଁପତ୍ର, ଆଖୁ, ଫଳ ଓ ପନିପରିବା ହୋଇଥାଏ । ଏଥିରେ ଯବକ୍ଷାରଜାନ, ଜୈବାଂଶ, ଫସ୍ଫରସ୍ ଓ ଅମ୍ଳ ଅଂଶର ଅଭାବ ପରିଲକ୍ଷିତ ହୋଇଥାଏ ।
- ଏହା ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟରେ ଦେଖାଯାଏ ।

୨ ।(କ)● ସମ୍ବଳ ହେଉଛି ପ୍ରକୃତିର ମୁକ୍ତଦାନ ଏବଂ ମାନବୀୟ କାର୍ଯ୍ୟକଳାପର ଏକ କ୍ରିୟାତ୍ମକ ବସ୍ତୁ । ଆର୍ଥନୈତିକ ଭୂଗୋଳରେ ମନୁଷ୍ୟଙ୍କୁ ଏକ ମୁଖ୍ୟ କର୍ତ୍ତା ଭାବରେ ଗ୍ରହଣ କରାଯାଇଥାଏ ।

- ଏହାର ଚିହ୍ନଟିକରଣ, ଉତ୍ପାଦନ, ବଣ୍ଟନ, ବ୍ୟବହାର ଓ କ୍ଷୟ ଆଦି ସମସ୍ତ ପ୍ରକ୍ରିୟା ମନୁଷ୍ୟ ଦ୍ୱାରା ସମ୍ପାଦିତ ହେଉଥିବାରୁ ମନୁଷ୍ୟଙ୍କୁ ସମ୍ବଳର ସ୍ରଷ୍ଟା କୁହାଯାଏ ।

(ଖ)● ମୃତ୍ତିକା ସମ୍ବଳ ପ୍ରକୃତିର ଏକ ମୂଲ୍ୟବାନ୍ ଦାନ । ଏହା ଏକ ପ୍ରଧାନ ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ବଳ । ଏହାର ଗଠନ ପାଇଁ ବହୁ ବର୍ଷ ଲାଗୁଥିବାରୁ ଅନେକ ଏହାକୁ ମଧ୍ୟ ନବୀକରଣ ଅଯୋଗ୍ୟ ସମ୍ବଳ ଭାବେ ଗ୍ରହଣ କରିଥାନ୍ତି ।

- ଶିଳାର ଚୂର୍ଣ୍ଣୀଭବନ ପ୍ରକ୍ରିୟା ଏତେ ଧିର ଯେ ୨ ସେଣ୍ଟି ମିଟର ବହଳ ମୃତ୍ତିକା ସ୍ତର ଗଠନ ପାଇଁ ଏହା ପ୍ରାୟ ହଜାର ହଜାର ବର୍ଷ ନେଇଥାଏ । ତେଣୁ ମୃତ୍ତିକା ସୃଷ୍ଟି ଏକ ଧିର ପ୍ରକ୍ରିୟା ଅଟେ ।

(ଗ) ବିଜ୍ଞତାର ସହିତ କୌଣସି ସମ୍ବଳର ସୁବିନିଯୋଗ କରିବା ପ୍ରକ୍ରିୟାକୁ ସମ୍ବଳ ସଂରକ୍ଷଣ କୁହାଯାଏ । ମୃତ୍ତିକା ଏକ ମୂଲ୍ୟବାନ ପ୍ରାକୃତିକ ସମ୍ବଳ ହୋଇଥିବାରୁ ଏହାର ସଂରକ୍ଷଣ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଓ ସରକାର ଚେଷ୍ଟିତ ହେବା ଆବଶ୍ୟକ । ମୃତ୍ତିକା ସଂରକ୍ଷଣ ପାଇଁ ଦୁଇ ପ୍ରକାରର ପଦକ୍ଷେପ ନିଆଯାଇଥାଏ । ଯଥା – ସ୍ଥାନୀୟ ଓ ବ୍ୟକ୍ତିଗତ ସ୍ତରରେ କ୍ଷୁଦ୍ର ପଦକ୍ଷେପ ଏବଂ ସରକାରୀ ସ୍ତରରେ ବ୍ୟୟବହୁଳ ପଦକ୍ଷେପ ଯାହା ବୃହତ୍ ପଦକ୍ଷେପ ନାମରେ ଚିହ୍ନିତ ।

<u>ବୃହତ୍ ପଦକ୍ଷେପ :</u>

- ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସାହାଯ୍ୟରେ କେତେକ ବୃହତ୍ ଯୋଜନା ମାଧ୍ୟମରେ ଦୁର୍ଗମ ଭୂମି ଓ ନଦୀକ୍ଷୟିତ ଭୂମିକୁ କୃଷି, ଶିଳ୍ପ ଆଦି କାର୍ଯ୍ୟରେ ବ୍ୟବହାର କରିବା ।
- ପୁନଃ ବନୀକରଣ ମାଧ୍ୟମରେ ନୂତନ ଅରଣ୍ୟ ସୃଷ୍ଟି କରିବା ଓ ଅତ୍ୟଧିକ ପଶୁଚାରଣକୁ ରୋକାଯିବା ପାଇଁ ଆଇନ୍ ପ୍ରଣୟନ କରିବା ।
- ବୁନ୍ଦା ଜଳସେଚନ ସାହାଯ୍ୟରେ ମୃତ୍ତିକା କ୍ଷୟ ରୋକିବା ।
- ନଦୀ ଶଯ୍ୟାରେ ବନ୍ଧ ଓ ଜଳଭଣ୍ଡାର ସୃଷ୍ଟି କରି ବନ୍ୟା ନିୟନ୍ତ୍ରଣ କରିବା ।
- ନଦୀ ସଂଯୋଗ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରିବା ସହ ମୃତ୍ତିକା କ୍ଷୟ ରୋକିବା ।

୩ ।(କ) (i) <u>ଗଚ୍ଛିତ ସମ୍ବଳ :</u>

- ପ୍ରକୃତିର ଗନ୍ତାଘରେ ଅବ୍ୟବହୃତ ଅବସ୍ଥାରେ ଥିବା ସମ୍ବଳକୁ ଗଚ୍ଛିତ ସମ୍ବଳ ବା ପ୍ରଚ୍ଛନ୍ନ ସମ୍ବଳ କୁହାଯାଏ । ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ଏଗୁଡ଼ିକୁ ଭବିଷ୍ୟତରେ ବ୍ୟବହାର ଉପଯୋଗୀ କରାଯାଇପାରିବ ।
- ଉଦାହରଣ – ଗୁଜୁରାଟ ଓ ରାଜସ୍ଥାନରେ ପ୍ରଚୁର ସୌରଶକ୍ତି, ସମୁଦ୍ର ତଳେ ଥିବା ଖଣିଜ ପଦାର୍ଥ ଏହାର ଉଦାହରଣ ।

<u>ବିକଶିତ ସମ୍ବଳ :</u>

- ଯେଉଁ ପ୍ରାକୃତିକ ସମ୍ବଳଗୁଡ଼ିକ ବ୍ୟବହାର ଉପଯୋଗୀ କରାଯାଇପାରିଛି, ତାହାକୁ ବିକଶିତ ସମ୍ବଳ କୁହାଯାଏ ।
- ଉଦାହରଣ – ଜଳ ବିଦ୍ୟୁତ୍ ଶକ୍ତି, ଅରଣ୍ୟ, ଖଣିଜ ପଦାର୍ଥ ଆଦି ଏହାର ଅନ୍ତର୍ଗତ ।

(ii) <u>ଖାଦର :</u>

- ଗାଙ୍ଗେୟ ସମତଳ ଅଞ୍ଚଳରେ ଦେଖାଯାଉଥିବା ନୂତନ ପଟୁ ମୃତ୍ତିକାକୁ ଖାଦର କୁହାଯାଏ ।
- ଖାଦର ମୃତ୍ତିକାରେ ଅଧିକ ବାଲୁକା, ପଟୁ, କର୍ଦ୍ଦମ ଅଂଶ ଥାଏ । ଏହା ନଦୀ ଶଯ୍ୟାରେ ପ୍ଳାବନ ଭୂମିରେ ଦେଖାଯାଏ । ଏହାର ରଙ୍ଗ ଅଳ୍ପ କଳା ହୋଇଥାଏ ।

<u>ଭାଙ୍ଗର :</u>

- ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ପୁରାତନ ପଟୁ ମୃତ୍ତିକାକୁ ଭାଙ୍ଗର କୁହାଯାଏ ।
- ଏହି ମୃତ୍ତିକା ପ୍ଳାବନ ଭୂମିଠାରୁ ଦୂରରେ ବନ୍ୟାଜଳ ପହଞ୍ଚି ପାରୁନଥିବା ଅଞ୍ଚଳରେ ଦେଖାଯାଏ । ଏଥିରେ ମାଟି ଅଂଶ ଅଧିକ ଥାଏ । ଏହାର ରଙ୍ଗ କଳା ହୋଇଥାଏ ।

Odisha 1 to 10 All Books App

(ଖ) ଭୂମି ପ୍ରକୃତିର ସମସ୍ତ ପରିସଂସ୍ଥାରେ ଥିବା ସମଗ୍ର ଜୀବଜଗତର ଭାର ବହନ କରିଥାଏ । ମନୁଷ୍ୟ ଭୂମିକୁ ବିଭିନ୍ନ ଭାବରେ ବ୍ୟବହାର କରିଥାଏ । ସେଗୁଡ଼ିକ ହେଲା –

- ଏହା ମନୁଷ୍ୟକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଇତ୍ୟାଦି ମୌଳିକ ଆବଶ୍ୟକତା ଯୋଗାଇଥାଏ ।
- ଭୂମିରେ ବିଭିନ୍ନ ପ୍ରକାରର କୃଷି କାର୍ଯ୍ୟ କରାଯାଇ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇଥାଏ ।
- ଗ୍ରାମ, ସହର, ବିଭିନ୍ନ ଶିଳ୍ପକେନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ବଜାର, ପ୍ରଶାସନିକ ଅନୁଷ୍ଠାନ ଇତ୍ୟାଦି ସ୍ଥାପିତ ହୋଇଥାଏ ।
- ବିଭିନ୍ନ ପ୍ରକାରର ରାସ୍ତାଘାଟ, ରେଳପଥ, ଉଡ଼ାଜାହାଜ ପଡ଼ିଆ, ସାମୁଦ୍ରିକ ବନ୍ଦର ଓ ନଦୀବନ୍ଧର କେନାଲ୍ ଇତ୍ୟାଦି ପରିବହନ ମାଧ୍ୟମ ନିର୍ମାଣ କରାଯାଇଥାଏ । ସମ୍ବାଦ ସଞ୍ଚାଳନ କେନ୍ଦ୍ର ମଧ୍ୟ ସ୍ଥାପିତ ହୋଇଥାଏ ।
- ଭୂମିର ଉପରି ଭାଗରୁ ଓ ଆଭ୍ୟନ୍ତରରୁ ବିଭିନ୍ନ ପ୍ରକାରର ଖଣିଜ ଦ୍ରବ୍ୟ ଉତ୍ତୋଳନ କରି କଞ୍ଚାମାଲ ଭାବରେ ଶିଳ୍ପ କେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଇଥାଏ ।
- ଭୂ-ପୃଷ୍ଠରେ ଥିବା ଅରଣ୍ୟ ଓ ତୃଣଭୂମି ଏବଂ ସେଥିରେ ବାସ କରୁଥିବା ପ୍ରାଣୀ - ମନୁଷ୍ୟର ବିଭିନ୍ନ ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ଏକ ଅନୁକୂଳ ପରିସଂସ୍ଥା ସୃଷ୍ଟି କରି ବିଶ୍ୱ ଜଳବାୟୁକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

୪ ।(କ)● ଯେଉଁ ମୌଳିକ ବସ୍ତୁଗୁଡ଼ିକ ମୃତ୍ତିକା ଗଠନ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି, ସେଗୁଡ଼ିକୁ ମୃତ୍ତିକା ଗଠନର ନିୟାମକ ବା କାରକ ବୋଲି କୁହାଯାଏ ।

- ମୃତ୍ତିକା ଗଠନ ପରିବେଶର ୬ଟି କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ସେଗୁଡ଼ିକ ହେଲା –
  – ପୃଷ୍ଠ ସରଞ୍ଚନା
  – ପୃଷ୍ଠ ଉଚ୍ଚାବଚ / ଢାଲୁ
  – ଜଳବାୟୁ
  – ପ୍ରାକୃତିକ ଉଦ୍ଭିଦ
  – ଜୈବାଂଶ
  – ସମୟ

(ଖ) ସମ୍ବଳର ସଯତ୍ନ ତଥା ନବୀକରଣ ପାଇଁ ଯଥେଷ୍ଟ ସମୟ ଦେବାକୁ ସମ୍ବଳ ସଂରକ୍ଷଣ କୁହାଯାଏ । ମାତ୍ର ଏହା ନିର୍ଦ୍ଦିଷ୍ଟ ଯୋଜନା ଦ୍ୱାରା ପରିଚାଳିତ ହେବା ଅତ୍ୟନ୍ତ ଜରୁରୀ । ମୁଖ୍ୟତଃ ପାଞ୍ଚଗୋଟି ପ୍ରକ୍ରିୟା ଦ୍ୱାରା ସମ୍ବଳ ଯୋଜନା ସମାପିତ ହୋଇଥାଏ । ସେଗୁଡ଼ିକ ହେଲା –

- ବିଭିନ୍ନ କାର୍ଯ୍ୟ ପାଇଁ ସମ୍ବଳର ଆବଶ୍ୟକତା ନିର୍ଦ୍ଧାରଣ, ସମ୍ବଳ ପ୍ରାପ୍ତି ସ୍ଥାନର ଚିହ୍ନଟିକରଣ ଓ ଚାହିଦା ପରିମାଣ ଆକଳନ ।
- ସମ୍ବଳ ଗଚ୍ଛିତ ପରିମାଣ ଓ ବିକାଶ ସ୍ତର ଆକଳନ ଓ ଏହାର ସର୍ବେକ୍ଷଣ ମାନଚିତ୍ରିକରଣ ଏବଂ ସଂଖ୍ୟାତ୍ମକ ତଥା ଗୁଣାତ୍ମକ ମୂଲ୍ୟାୟନ ।
- ସମ୍ବଳ ଉତ୍ତୋଳନ, କ୍ରିୟାତ୍ମକ ମୂଲ୍ୟ ଏବଂ ବ୍ୟବହାର ତଥା ଯୋଜନା ସରଞ୍ଚନା ପ୍ରସ୍ତୁତି କରଣ ଓ ପୁନଃ ବ୍ୟବହାରର ସମ୍ବନ୍ଧୀୟ ଯୋଜନା ପ୍ରସ୍ତୁତି ।
- ସମ୍ବଳ ଉତ୍ତୋଳନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଉପଲବ୍ଧି, ଉପଯୁକ୍ତ କୌଶଳ ଓ ପ୍ରଯୁକ୍ତି ବିଦ୍ୟା, ବଜାର ମୂଲ୍ୟ ନିର୍ଦ୍ଧାରଣ, ଅନୁଷ୍ଠାନ, ଓ ଅବସ୍ଥାନ ଇତ୍ୟାଦି ସମ୍ବଳ ବିକାଶ ସମ୍ବନ୍ଧୀୟ ଯୋଜନା ପ୍ରଣୟନ ।
- ସମ୍ବଳ ବିକାଶ ଯୋଜନା ଓ ଜାତୀୟ ବିକାଶ ଯୋଜନା ମଧ୍ୟରେ ସମନ୍ୱୟ ସ୍ଥାପନ, ସମ୍ବଳ ସଂଗ୍ରହ, ବଜାର, ଯାତାୟାତ ଓ ପରିବହନ ଇତ୍ୟାଦି ବ୍ୟବସ୍ଥା, ନୂତନ ଓ ବିକଳ୍ପ ସମ୍ବଳର ଆବିଷ୍କାର ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟକ୍ରମର ଯୋଜନା ।

୫ ।(କ)● ସମ୍ବଳର ସଯତ୍ନ ବିନିଯୋଗ ତଥା ନବୀକରଣ ପାଇଁ ଯଥେଷ୍ଟ ସମୟ ଦେବାକୁ ସମ୍ବଳ ସଂରକ୍ଷଣ କୁହାଯାଏ ।

- ସମ୍ବଳ ସଂରକ୍ଷଣର ମୁଖ୍ୟ ତିନୋଟି ଉପାୟ ରହିଛି । ସେଗୁଡ଼ିକ ହେଲା -
  – ସମ୍ବଳ ବ୍ୟବହାରର ଯଥୋଚିତ ହ୍ରାସ (Reduce)
  – ସମ୍ବଳର ପୁନଃ ଚକ୍ରୀକରଣ କୌଶଳ ଅବଲମ୍ବନ (Recycle)
  – ସମ୍ବଳର ପୁନଃ ବ୍ୟବହାର ମାଧ୍ୟମରେ ସମସ୍ତ ପ୍ରକାର ସମ୍ବଳର ସଂରକ୍ଷଣ (Reuse)

Eduodia App

(ଖ)● ମାଲିକାନା ଅନୁସାରେ ସମ୍ବଳକୁ ଚାରି ଭାଗରେ ବିଭକ୍ତ କରାଯାଇଛି । ଯଥା - ବ୍ୟକ୍ତିଗତ ସମ୍ବଳ, ଗୋଷ୍ଠୀଗତ ସମ୍ବଳ, ଜାତୀୟ ସମ୍ବଳ ଓ ଆନ୍ତର୍ଜାତୀୟ ସମ୍ବଳ ।

- <u>ବ୍ୟକ୍ତିଗତ ସମ୍ବଳ :</u> ଯେଉଁ ସମ୍ବଳ ନିଜସ୍ୱ ଅଧିକାରରେ ରହିଥାଏ, ତାହାକୁ ବ୍ୟକ୍ତିଗତ ସମ୍ବଳ କୁହାଯାଏ । ଉଦାହରଣ - ଚାଷ ଜମି, ଗୃହ, ରୋପଣ କୃଷି ଭୂମି, ପୁଷ୍କରିଣୀ, କୂପ ଇତ୍ୟାଦି ।
- <u>ଗୋଷ୍ଠୀଗତ ସମ୍ବଳ :</u> କୌଣସି ଗୋଷ୍ଠୀର ସମସ୍ତ ବ୍ୟକ୍ତିଙ୍କର ସମୂହ ମାଲିକାନାରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଗୋଷ୍ଠୀଗତ ସମ୍ବଳ କୁହାଯାଏ ।

  ଉଦାହରଣ - ଗୋଚର ଭୂମି, ଶ୍ମଶାନ, ପୁଷ୍କରିଣୀ, କୂପ, ଖେଳ ପଡ଼ିଆ ଇତ୍ୟାଦି ।
- <u>ଜାତୀୟ ସମ୍ବଳ :</u> ଦେଶର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ପ୍ରାକୃତିକ ସମ୍ବଳ, ସାଂସ୍କୃତିକ ସମ୍ବଳ, ମାନବ ସମ୍ବଳ ଇତ୍ୟାଦିକୁ ଜାତୀୟ ସମ୍ବଳ କୁହାଯାଏ । ଏହି ସମ୍ବଳ ଉପରେ ଦେଶର ସମୃଦ୍ଧି ଓ ବିକାଶ ନିର୍ଭର କରିଥାଏ ।

  ଉଦାହରଣ – ରାସ୍ତାଘାଟ, କେନାଲ୍, ରେଳପଥ, ଖଣିଜ ପଦାର୍ଥ, ଜଳ, ଅରଣ୍ୟ ଓ ବନ୍ୟପ୍ରାଣୀ ଏବଂ ଉପକୂଳଠାରୁ ସମୁଦ୍ର ଆଡ଼କୁ ପ୍ରାୟ ୧୨ ନଟିକାଲ ମାଇଲ୍ ଦୂରତାରେ ଥିବା ଜଳଭାଗ ।
- <u>ଆନ୍ତର୍ଜାତୀୟ ସମ୍ବଳ :</u> ଯେଉଁ ସମ୍ବଳ ଆନ୍ତର୍ଜାତୀୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହୋଇଥାଏ । ତାକୁ ଆନ୍ତର୍ଜାତୀୟ ସମ୍ବଳ କୁହାଯାଏ ।

  ଉଦାହରଣ - ସମୁଦ୍ର ଉପକୂଳଠାରୁ ୨୦୦ ନଟିକାଲ ମାଇଲ୍‌ର ପରବର୍ତ୍ତୀ ଅଞ୍ଚଳରେ ଥିବା ସମୁଦ୍ର । ଏହା ବିଶ୍ୱ ଜାତିସଂଘ କର୍ତ୍ତୃତ୍ୱରେ ନିୟନ୍ତ୍ରିତ ହୋଇଥାଏ ।

୬।(କ)● ଗଠନ, ରଙ୍ଗ, ଘନତ୍ୱ, ଶିଳାରେଣୁ, ସମୟ, ରାସାୟନିକ ଓ ଭୌତିକ ଗୁଣ ଅନୁସାରେ ମୃତ୍ତିକାକୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଏ ।

- ଗଠନ ଦୃଷ୍ଟିରୁ ମୃତ୍ତିକାକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା - ଅପସୃତ ବା ପରିବାହିତ ମୃତ୍ତିକା ଏବଂ ଅବଶିଷ୍ଟ ମୃତ୍ତିକା ।
- ଚୂର୍ଣ୍ଣୀଭବନ ପ୍ରକ୍ରିୟାରେ ଶିଳା କ୍ଷୁଦ୍ର କ୍ଷୁଦ୍ର ରେଣୁରେ ପରିଣତ ହେବା ଫଳରେ ସେହି ସ୍ଥାନରେ ଜମା ହୋଇ ଯେଉଁ ମୃତ୍ତିକା ସୃଷ୍ଟି ହୋଇଥାଏ, ତାହାକୁ ଅବଶିଷ୍ଟ ମୃତ୍ତିକା କୁହାଯାଏ ।
- ଚୂର୍ଣ୍ଣୀଭୂତ ଶିଳା ରେଣୁଗୁଡ଼ିକ ବିଭିନ୍ନ ପ୍ରାକୃତିକ କ୍ଷୟକାରୀ ବାହକ ଯଥା - ନଦୀ, ବାୟୁ, ହିମବାହ ଇତ୍ୟାଦି ଦ୍ୱାରା ପରିବାହିତ ହୋଇ ଅନ୍ୟ ସ୍ଥାନରେ ସଞ୍ଚିତ ହେବା ପ୍ରକ୍ରିୟା ଦ୍ୱାରା ଯେଉଁ ମୃତ୍ତିକା ସୃଷ୍ଟି ହୋଇଥାଏ, ତାହାକୁ ପରିବାହିତ ମୃତ୍ତିକା ବା ଅପସୃତ ମୃତ୍ତିକା କୁହାଯାଏ । ଉଦାହରଣସ୍ୱରୂପ ପଟୁମାଟି, ଲୋଏସ୍ ଇତ୍ୟାଦି ଅପସୃତ ମୃତ୍ତିକା ।

(ଖ)● ଭୂ-ପୃଷ୍ଠରେ ବିଭିନ୍ନ ପ୍ରକାର ଭୂ-ସମ୍ବଳ ଦେଖାଯାଏ । ଭୂ-ପୃଷ୍ଠ ଉଭୟ ଜଳଭାଗ ଓ ସ୍ଥଳଭାଗକୁ ନେଇ ଗଠିତ । ଭୂ-ପୃଷ୍ଠର ସମୁଦାୟ ଆୟତନର ଶତକଡ଼ା ୨୯ ଭାଗ ସ୍ଥଳଭାଗ ଓ ୭୧ ଭାଗ ଜଳଭାଗ ।

- ଭାରତର ସମୁଦାୟ ଭୂ-ସମ୍ବଳର ଆୟତନ ହେଉଛି ୩୨ ଲକ୍ଷ ୮୭ ହଜାର ବର୍ଗ କିଲୋମିଟର । ଏହାର ଶତକଡ଼ା ୪୩ ଭାଗ ସମତଳ ଭୂମି, ଶତକଡ଼ା ୩୦ ଭାଗ ପାର୍ବତ୍ୟଭୂମି ଏବଂ ଶତକଡ଼ା ୨୭ ଭାଗ ମାଳଭୂମିର ଅନ୍ତର୍ଗତ ।
- <u>ସମତଳ ଭୂମି :</u> ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀର ସମତଳ ଭୂମି ଏବଂ ପୂର୍ବ ଏବଂ ପଶ୍ଚିମସ୍ଥ ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଭୂମି ।
- <u>ମାଳଭୂମି :</u> ଛୋଟନାଗପୁର ମାଳଭୂମି, ଦାକ୍ଷିଣାତ୍ୟ ମାଳଭୂମି, ମାଳବ ମାଳଭୂମି, ରେଙ୍ଗାଲି ମାଳଭୂମି ଇତ୍ୟାଦି ।
- <u>ପାର୍ବତ୍ୟ ଭୂମି :</u> ହିମାଳୟ, ବିନ୍ଧ୍ୟ, ଆରାବଳୀ, ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳ ଇତ୍ୟାଦି ।

❑

Eduodia App

## ଚତୁର୍ଥ ଅଧ୍ୟାୟ

# ଖଣିଜ ସମ୍ପଦ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । କେଉଁଟି କଠିନତମ ଖଣିଜ ପଦାର୍ଥ ?
(କ) ସୁନା (ଖ) ରୂପା (ଗ) ହୀରା (ଘ) ଅଭ୍ର

୨ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଧାତବ ଖଣିଜ ସମ୍ପଦ ଅଟେ ?
(କ) ଅଭ୍ର (ଖ) ପ୍ଲାଟିନମ୍ (ଗ) ତମ୍ବା (ଘ) ବକ୍ସାଇଟ୍

୩ । କଠିନତମ ଖଣିଜର ନାମ କ'ଣ ?
(କ) ଲୁହା (ଖ) ଆଲୁମିନିୟମ୍ (ଗ) ସୁନା (ଘ) ହୀରା

୪ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଲୌହ ମିଶ୍ରିତ ଖଣିଜ ଅଟେ ?
(କ) ମାଙ୍ଗାନିଜ୍ (ଖ) ପ୍ଲାଟିନମ୍ (ଗ) ତମ୍ବା (ଘ) ସିସା

୫ । ଧାତବ ଯୁଗ ମଧ୍ୟରେ କେଉଁ ଯୁଗଟି ସର୍ବପ୍ରଥମ ଥିଲା ?
(କ) ପ୍ରସ୍ତରଯୁଗ (ଖ) ତାମ୍ରଯୁଗ (ଗ) ବ୍ରୋଞ୍ଜଯୁଗ (ଘ) ଲୌହଯୁଗ

୬ । ଚୂନପଥର କେତୋଟି ଖଣିଜରେ ତିଆରି ହୋଇଥାଏ ?
(କ) ୧ (ଖ) ୨ (ଗ) ୩ (ଘ) ୪

୭ । କେଉଁ ଖଣିଜ ଦାନ୍ତ ସଫା କରିବାରେ ସାହାଯ୍ୟ କରିଥାଏ ?
(କ) ଫ୍ଲୁରାଇଡ୍ (ଖ) ରୁଟାଇଲ୍ (ଗ) ଇଲ୍‌ମେନାଇଟ୍ (ଘ) ଆଲୁମିନିୟମ୍ ଅକ୍ସାଇଡ୍

୮ । ମାର୍ବଲ କେଉଁ ପ୍ରକାରର ଶିଳା ଅଟେ ?
(କ) ଆଗ୍ନେୟ (ଖ) ରୂପାନ୍ତରିତ (ଗ) ଅବକ୍ଷିପ୍ତ (ଘ) ବାସାଲଟ୍

୯ । କେଉଁ ଖଣି ଭାରତର ସବୁଠାରୁ ବଡ଼ ଲୁହାପଥର ଗଚ୍ଛିତ ଖଣି ଅଟେ ?
(କ) କୋଇଡ଼ା (ଖ) ବରସୁଆ (ଗ) ଗୁଆ (ଘ) ଚିରିଆ

୧୦ । ଭାରତର ସର୍ବାଧିକ ବକ୍ସାଇଟ୍ ଉତ୍ପାଦନ କରୁଥିବା ରାଜ୍ୟ କ'ଣ ?
(କ) ଓଡ଼ିଶା (ଖ) ମହାରାଷ୍ଟ୍ର (ଗ) ଛତିଶଗଡ଼ (ଘ) ଝାଡ଼ଖଣ୍ଡ

୧୧ । କେଉଁ ମସିହାରେ ନୂତନ ଖଣିଜ ଆଇନ୍ ପ୍ରବର୍ତ୍ତନ କରାଗଲା ?
(କ) ୨୦୦୦ (ଖ) ୨୦୧୬ (ଗ) ୨୦୧୯ (ଘ) ୨୦୨୦

୧୨ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଟୁଥ୍‌ପେଷ୍ଟର ରଙ୍ଗ ଧୋବଲା କରିଥାଏ ?
(କ) ରୁଟାଇଲ୍ (ଖ) ଇଲମେନାଇଟ୍ (ଗ) ଟାଇଟାନିୟମ୍ (ଘ) ଫସ୍‌ଫେଟ୍

୧୩ । ସର୍ବାଧିକ ଚୂନପଥର କେଉଁ ରାଜ୍ୟରୁ ଉତ୍ପାଦିତ ହୋଇଥାଏ ?
(କ) ଆନ୍ଧ୍ରପ୍ରଦେଶ (ଖ) ରାଜସ୍ଥାନ (ଗ) ଛତିଶଗଡ଼ (ଘ) କର୍ଣ୍ଣାଟକ

୧୪ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଭିନ୍ନ ଅଟେ ?
(କ) ଲୁହାପଥର (ଖ) ମାଙ୍ଗାନିଜ (ଗ) ଟିଣ (ଘ) ନିକେଲ୍

୧୫ । ସବୁଠାରୁ କୋମଳ ଖଣିଜର ନାମ କ'ଣ ?
(କ) ରୂପା (ଖ) ଟିଣ (ଗ) ଟାଲ୍‌କ (ଘ) ଚୂନପଥର

୧୬ । ଏ ପର୍ଯ୍ୟନ୍ତ କେତେରୁ ଅଧିକ ଖଣିଜ ପଦାର୍ଥ ଚିହ୍ନଟ କରାଯାଇଛି ?
(କ) ୧୦୦୦ (ଖ) ୨୦୦୦ (ଗ) ୨୫୦୦ (ଘ) ୩୦୦୦

୧୭ । ଶୁଷ୍କ ଅଞ୍ଚଳରେ ବାଷ୍ପୀଭବନ ଫଳରେ କେଉଁ ଖଣିଜ ସୃଷ୍ଟି ହୋଇଥାଏ ?
(କ) ବକ୍ସାଇଟ୍ (ଖ) ଜିପ୍‌ସମ୍ (ଗ) ଅଭ୍ର (ଘ) ତମ୍ବା

Eduodia App

୧୮ । ଭାରତରେ ସମୁଦାୟ ମାଙ୍ଗାନିଜ୍‌ର ଶତକଡ଼ା କେତେ ଭାଗ ଓଡ଼ିଶାରେ ଉତ୍ପାଦିତ ହୋଇଥାଏ ?
(କ) ୨୭.୬୬ (ଖ) ୨୪ (ଗ) ୨୭.୬୨ (ଘ) ୨୭.୭୫

୧୯ । ଇସ୍ପାତ ତିଆରି ପାଇଁ ଲୁହା ସହିତ ମିଶା ଯାଉଥିବା ଧାତୁଟି କ'ଣ ?
(କ) ସଲ୍‌ଫର୍ (ଖ) ଗ୍ରାନାଇଡ୍ (ଗ) ବାଲୁକା ପ୍ରସ୍ତର (ଘ) ମାଙ୍ଗାନିଜ୍

୨୦ । କେଉଁ ଖଣିଜ ଦ୍ରବ୍ୟଟି ଟୁଥ୍‌ପେଷ୍ଟର ଚମକ ବଢ଼ାଇ ଥାଏ ?
(କ) ଅଭ୍ର (ଖ) ସୀସା (ଗ) ଫସ୍‌ଫେଟ୍ (ଘ) ରୁଟାଇଲ୍

୨୧ । ନଦୀ ଶଯ୍ୟା ଓ ପାହାଡ଼ର ପାଦ ଦେଶରେ ପଟୁ ନିକ୍ଷେପ ଦ୍ୱାରା ସୃଷ୍ଟି ହେଉଥିବା ଖଣିଜଟି କ'ଣ ?
(କ) ସୁନା (ଖ) କୋବାଲଟ୍ (ଗ) ନିକେଲ୍ (ଘ) ମାଙ୍ଗାନିଜ୍

୨୨ । କେଉଁଟି ଲୌହ ମିଶ୍ରିତ ଖଣିଜ ଅଟେ ?
(କ) ଜିପ୍‌ସମ୍ (ଖ) ଅଭ୍ର (ଗ) କୋବାଲ୍ଟ (ଘ) ଡୋଲମାଇଟ୍

୨୩ । କେଉଁ ଅଧାତବ ଖଣିଜଟି ବିଦ୍ୟୁତ୍ ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ବହୁଳ ଭାବରେ ବ୍ୟବହୃତ ହୁଏ ?
(କ) ଅଭ୍ର (ଖ) ସଲ୍‌ଫର୍ (ଗ) ଗ୍ରାନାଇଟ୍ (ଘ) ଚୂନପଥର

୨୪ । ମାଙ୍ଗାନିଜ୍ ଉତ୍ପାଦନରେ କେଉଁ ରାଜ୍ୟ ଭାରତରେ ପ୍ରଥମ ?
(କ) ମହାରାଷ୍ଟ୍ର (ଖ) ପଞ୍ଜାବ (ଗ) ଓଡ଼ିଶା (ଘ) ତାମିଲ୍‌ନାଡୁ

୨୫ । ମ୍ୟାଗ୍ନେଟାଇଟ୍ ଲୌହପିଣ୍ଡର କେଉଁ ଗୁଣ ଯୋଗୁଁ ଏହା ବିଦ୍ୟୁତ୍ ଶିଳ୍ପରେ ନିୟୋଜିତ ହୋଇଥାଏ ?
(କ) ଚୁମ୍ବକୀୟ ଗୁଣ (ଖ) ଅଚୁମ୍ବକୀୟ ଗୁଣ (ଗ) ଧାତବୀୟ (ଘ) ଅଧାତବୀୟ

୨୬ । ପାହାଡ଼ର ପାଦଦେଶ ଓ ନଦୀଶଯ୍ୟାରେ ପଟୁ ନିକ୍ଷେପ ଦ୍ୱାରା ଖଣିଜ ପଦାର୍ଥ ସୃଷ୍ଟି ହୋଇଥାଏ । –ଏହାକୁ କେଉଁ ନିକ୍ଷେପ କୁହାଯାଏ ?
(କ) ବିକ୍ଷିପ୍ତ (ଖ) ଗୁଟିକା (ଗ) ପ୍ଲାସର (ଘ) ପେସର୍

୨୭ । ବ୍ଲିଚିଂ ପାଉଡ଼ର, କୀଟନାଶକ ଏବଂ ରଙ୍ଗ ତିଆରିରେ କ'ଣ ବ୍ୟବହୃତ ହୁଏ ?
(କ) ବକ୍ସାଇଟ୍ (ଖ) କ୍ରୋମାଇଟ୍ (ଗ) ମାଙ୍ଗାନିଜ୍ (ଘ) ଅଭ୍ର

୨୮ । କେଉଁ ଶିଳାରୁ ଚୂନପଥର ମିଳିଥାଏ ?
(କ) ଆଗ୍ନେୟ (ଖ) ଅବକ୍ଷିପ୍ତ (ଗ) ରୂପାନ୍ତରିତ (ଘ) ପ୍ରାଥମିକ

୨୯ । ଆଗ୍ନେୟ ଓ ରୂପାନ୍ତରିତ ଶିଳାର ଫାଟରେ ଖଣିଜର ମାତ୍ରା ଅଧିକ ଥିଲେ, ତାହାକୁ କ'ଣ କୁହାଯାଏ ?
(କ) ଭେନ୍ (ଖ) ପ୍ଲାସର୍ ନିକ୍ଷେପ (ଗ) ଧାତୁସ୍ତର (ଘ) ଅବକ୍ଷିପ୍ତ

୩୦ । କେଉଁଟି ଏକ ମୂଲ୍ୟବାନ୍ ଖଣିଜ ଅଟେ ?
(କ) ପ୍ଲାଟିନମ୍ (ଖ) ନିକେଲ୍ (ଗ) ଗ୍ରାନାଇଟ୍ (ଘ) ମାର୍ବଲ

## ଉତ୍ତର

| | | |
|---|---|---|
| (୧) (ଗ) ହୀରା | (୨) (କ) ଅଭ୍ର | (୩) (ଘ) ହୀରା |
| (୪) (କ) ମାଙ୍ଗାନିଜ୍ | (୫) (ଖ) ତାମ୍ର ଯୁଗ | (୬) (କ) ୧ |
| (୭) (ଘ) ଆଲୁମିନିୟମ୍ ଅକ୍ସାଇଡ୍ | (୮) (ଖ) ରୂପାନ୍ତରିତ | (୯) (ଘ) ଚିରିଆ |
| (୧୦) (କ) ଓଡ଼ିଶା | (୧୧) (ଗ) ୨୦୧୯ | (୧୨) (ଗ) ଟାଇଟାନିୟମ |
| (୧୩) (ଖ) ରାଜସ୍ଥାନ | (୧୪) (ଗ) ଟିଣ | (୧୫) (ଗ) ଟାଲ୍‌କ |
| (୧୬) (ଖ) ୨୦୦୦ | (୧୭) (ଖ) ଜିପ୍‌ସମ୍ | (୧୮) (ଖ) ୨୪ ପ୍ରତିଶତ |
| (୧୯) (ଘ) ମାଙ୍ଗାନିଜ୍ | (୨୦) (କ) ଅଭ୍ର | (୨୧) (କ) ସୁନା |
| (୨୨) (ଗ) କୋବାଲ୍‌ଟ | (୨୩) (କ) ଅଭ୍ର | (୨୪) (କ) ମହାରାଷ୍ଟ୍ର |
| (୨୫) (କ) ଚୁମ୍ବକୀୟ | (୨୬) (ଗ) ପ୍ଲାସର | (୨୭) (ଗ) ମାଙ୍ଗାନିଜ୍ |
| (୨୮) (ଖ) ଅବକ୍ଷିପ୍ତ | (୨୯) (ଗ) ଧାତୁସ୍ତର | (୩୦) (କ) ପ୍ଲାଟିନମ୍ |

EduOdia App

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ସଂକ୍ଷେପରେ ଉତ୍ତର ଦିଅ ।** (୩ x ୪ = ୧୨

୧ । ଖଣିଜ ପଦାର୍ଥ ଆମ ଜୀବନଚର୍ଯ୍ୟାରେ ଏକ ଅପରିହାର୍ଯ୍ୟ ଅଂଶ । ସତ୍ୟତା ପ୍ରତିପାଦନ କର । (୪

ଉ : • ଆମ ଜୀବନ ଶୈଳୀରେ ବ୍ୟବହୃତ ଛୋଟିଆ ପିନ୍ କଣ୍ଟାଠାରୁ ଆରମ୍ଭ କରି ବିଶାଳ ଜଳ ଜାହାଜ ପର୍ଯ୍ୟନ୍ତ ଆମେ ବ୍ୟବହାର କରୁଥିବା ପ୍ରାୟ ସମସ୍ତ ବସ୍ତୁ ଖଣିଜ ପଦାର୍ଥରୁ ତିଆରି ହୋଇଥାଏ ।

- ରେଳ ଧାରଣା, ପିଚୁ ରାସ୍ତା, କଳକବ୍ଜା, ହାତ ହତିଆର, ଚାଷୋପକରଣ, ମଧ୍ୟ ଖଣିଜ ପଦାର୍ଥରୁ ତିଆରି ହୋଇଥାଏ ।
- ମଟର ଗାଡ଼ି, ବସ୍, ରେଳଗାଡ଼ି, ଉଡ଼ାଜାହାଜ ମଧ୍ୟ ଖଣିଜ ପଦାର୍ଥରୁ ନିର୍ମାଣ ହୋଇଥାଏ ।
- ମନୁଷ୍ୟର ପ୍ରତ୍ୟେକ ସ୍ତରରେ ଅର୍ଥାତ୍ ଜୀବିକାର୍ଜନ, ଗୃହସଜ୍ଜା, ପର୍ବପର୍ବାଣୀ, ଧାର୍ମିକ ଏବଂ ଆନୁଷ୍ଠାନିକ କ୍ରିୟା କର୍ମରେ ଖଣିଜ ପଦାର୍ଥ ବ୍ୟବହାର କରି ଆସୁଛି । ଆମେ ଖାଉଥିବା ଖାଦ୍ୟରେ ମଧ୍ୟ ଖଣିଜ ପଦାର୍ଥ ଭରିଥାଏ ।

୨ । ଖଣିଜ ପଦାର୍ଥ କିପରି ସୃଷ୍ଟି ହୋଇଥାଏ ଆଲୋଚନା କର । (୪

ଉ : • ଖଣିଜ ପଦାର୍ଥ ସାଧାରଣତଃ ଖଣିଜ ପିଣ୍ଡରୁ ମିଳିଥାଏ ।

- ଯେତେବେଳେ ଭୂ-ଗର୍ଭସ୍ଥ ଖଣିଜ ଗଳିତ ଏବଂ ଗ୍ୟାସ୍ ଅବସ୍ଥାରେ ଛିଦ୍ର ବାଟ ଦେଇ ଉପରକୁ ଆସେ । ଉପରକୁ ଆସିବା ସମୟରେ ସେଗୁଡ଼ିକ କ୍ରମଶଃ ଥଣ୍ଡା ହୋଇ କଠିନ ହୋଇଯାଏ ।
- ଆଗ୍ନେୟ ଏବଂ ରୂପାନ୍ତରିତ ଶିଳାରେ ଖଣିଜ ପଦାର୍ଥ ଏଥିରେ ଥିବା ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜା ବା ସନ୍ଧିମାନଙ୍କରେ ମିଳିଥାଏ ।

୩ । ଖଣି ବିପତ୍ତି ସଂପର୍କରେ ଆଲୋଚନା କର । (୪

ଉ : • ଖଣି କାର୍ଯ୍ୟ, ଖଣି ଶ୍ରମିକ ଓ ପରିବେଶ ଉପରେ କୁ-ପ୍ରଭାବ ପକାଇଥାଏ ।

- ଖଣିରୁ ବାହାରୁଥିବା ଧୂଳି, ଧୂଆଁ ଓ ଦୂଷିତ ଗ୍ୟାସ୍ ସେବନ କରି ଶ୍ରମିକମାନେ ଫୁସ୍‌ଫୁସ୍‌ଜନିତ ରୋଗରେ ପଡ଼ିଥାନ୍ତି ।
- ଖଣି ଛାତ ଭୁଷୁଡ଼ି ପଡ଼ିବା ଆଶଙ୍କା, ଖଣିରେ ନିଆଁ ଲାଗିବା କିମ୍ବା ଧସି ଯିବାର ଭୟ ସବୁବେଳେ ରହିଥାଏ ।
- ଖଣି ଅଞ୍ଚଳର ଜଳସ୍ରୋତ ଦୂଷିତ ହୁଏ । ଆବର୍ଜନା ଗଦା, ବର୍ଜ୍ୟବସ୍ତୁ ଆଦି ଗଦା ହେବା ଦ୍ୱାରା ଭୂମି, ମୃତ୍ତିକା ଅବକ୍ଷୟ ହୋଇଥାଏ । ଏଣୁ ଖଣି ଖନନକୁ ଏକ ଘାତକ ଶିଳ୍ପ କୁହାଯାଏ ।

Educare App

**ପାର୍ଥକ୍ୟ ଦର୍ଶାଅ ।** (୩ x ୨ = ୬

୧ । <u>ଲୌହ ମିଶ୍ରିତ ଖଣିଜ :</u>

- ଲୌହ ଅଂଶ ରହିବା ଖଣିଜକୁ ଲୌହ ମିଶ୍ରିତ ଖଣିଜ କୁହାଯାଏ ।
- ଯଥା - ଲୁହାପଥର, ମାଙ୍ଗାନିଜ୍, ନିକେଲ୍, କୋବାଲ୍ଟ ଇତ୍ୟାଦି ।

<u>ଲୌହବିହୀନ ଖଣିଜ :</u>

- ଲୌହ ଅଂଶ ନଥିବା ଖଣିଜକୁ ଲୌହବିହୀନ ଖଣିଜ କୁହାଯାଏ ।
- ଟିଣ, ତମ୍ବା, ସୀସା, ବକ୍ସାଇଟ୍ ଇତ୍ୟାଦି ଲୌହବିହୀନ ଖଣିଜର ଉଦାହରଣ ।

୨ । <u>ଧାତବ ଖଣିଜ :</u>

- ଧାତବ ଅଂଶ ଅଧିକ ପରିମାଣରେ ରହିଥିବା ଖଣିଜ ପିଣ୍ଡକୁ ଧାତବ ଖଣିଜ କୁହାଯାଏ । ଧାତବ ଖଣିଜକୁ ୩ ଭାଗରେ ବିଭକ୍ତ କରାଯାଇଅଛି । ୧- ଲୌହ ମିଶ୍ରିତ ଖଣିଜ, ୨- ଲୌହ ବିହୀନ ଖଣିଜ, ୩- ମୂଲ୍ୟବାନ୍ ଖଣିଜ ।
- ସୁନା, ବକ୍ସାଇଟ୍ ଓ ଲୁହାପଥର ଏହି ଖଣିଜର ଅନ୍ତର୍ଭୁକ୍ତ ।

<u>ଅଧାତବ ଖଣିଜ :</u>

- ଧାତବ ବିହୀନ ଖଣିଜ ପଦାର୍ଥକୁ ଅଧାତବ ଖଣିଜ କୁହାଯାଏ ।
- ଅଧାତବ ଖଣିଜର ଉଦାହରଣଗୁଡ଼ିକ ହେଲା ଚୂନପଥର ଓ ମାର୍ବଲ ଇତ୍ୟାଦି ।

୩ । <u>ବକ୍‌ସାଇଟ୍ :</u>

- ଆଲୁମିନିୟମ୍ ସିଲିକେଟ୍ ଯୁକ୍ତ ଶିଳାର ଅବକ୍ଷୟ ଘଟି ବକ୍‌ସାଇଟ୍ ସୃଷ୍ଟି ହୋଇଥାଏ ।
- ବକ୍‌ସାଇଟ୍‌ରୁ ପ୍ରଥମେ ଆଲୁମିନା ନିଷ୍କାସନ କରାଯାଏ । ବକ୍‌ସାଇଟ୍ ଦେଖିବାକୁ ଚିକିଟା ମାଟି ପରି ।

ଆଲୁମିନିୟମ୍ :

- ଆଲୁମିନାରୁ ଆଲୁମିନିୟମ୍ ପ୍ରସ୍ତୁତ ହୁଏ ।
- ଏହା ଲୁହାଭଳି ଶକ୍ତ ମାତ୍ର ହାଲୁକା ହେବା ସଙ୍ଗେ ସଙ୍ଗେ ତାପ ସୁପରୀବାହୀ ଓ ପ୍ରସାରଣଶୀଳ ।

**ସଂକ୍ଷିପ୍ତ ଟିପ୍ପଣୀ ।** (୩ x ୪ = ୧୨

୧ । ଭାରତରେ ବକ୍ସାଇଟ୍‌ର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ବିଷୟରେ ଲେଖ । (୪

ଉ : • ଆଲୁମିନିୟମ୍ ଏକ ହାଲୁକା ଧାତୁ ମାତ୍ର ଲୁହା ଭଳି ଶକ୍ତ ।

- ବକ୍ସାଇଟ୍ ଖଣିଜ ପିଣ୍ଡରୁ ପ୍ରଥମେ ଆଲୁମିନା ଏବଂ ପରେ ଏଥିରୁ ଆଲୁମିନିୟମ୍ ପ୍ରସ୍ତୁତ ହୁଏ ।
- ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ ।
- ଭାରତର ଅଧିକାଂଶ ଆଲୁମିନିୟମ୍ ନିକ୍ଷେପ ଅମରକଣ୍ଟକ ମାଳଭୂମି, ମଇକାଲ ପାହାଡ଼ ଏବଂ ବିଳାସପୁର - କଟନୀମାଳ ଅଞ୍ଚଳରେ ମିଳିଥାଏ । ବକ୍ସାଇଟ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ।

୨ । ଆମ ଦେଶରେ ଖଣିଜ ପଦାର୍ଥର ଆବଣ୍ଟନ ସମ୍ବନ୍ଧରେ ଲେଖ । (୪

ଉ : • ଭାରତରେ ବିଭିନ୍ନ ପ୍ରକାର ଖଣିଜ ବହୁଳ ପରିମାଣରେ ମିଳିଥାଏ । ମାତ୍ର ଏଗୁଡ଼ିକର ଆବଣ୍ଟନ ଅସମାନ ହୋଇଥାଏ ।

- ଉତ୍ତର ଭାରତର ସମତଳ ଅଞ୍ଚଳରେ ଆର୍ଥିକ ଦୃଷ୍ଟିରୁ ପ୍ରାଧାନ୍ୟ ଥିବା ଖଣିଜ ପଦାର୍ଥ ପ୍ରାୟ ମିଳେ ନାହିଁ ।
- ସାଧାରଣତଃ ଭାରତୀୟ ଉପଦ୍ୱୀପୀୟ ଶିଳାରେ କୋଇଲା, ଅଭ୍ର ଏବଂ ଅନ୍ୟାନ୍ୟ ଅଧାତବ ଖଣିଜ ଓ ଧାତବ ଖଣିଜ ପ୍ରଚୁର ପରିଣାମରେ ଗଚ୍ଛିତ ଅଛି ।
- ଉପଦ୍ୱୀପର ପୂର୍ବ ଓ ପଶ୍ଚିମ ପାର୍ଶ୍ୱସ୍ଥ ସମତଳ ଭୂମି, ଗୁଜୁରାଟ ଏବଂ ଆସାମରେ ଥିବା ଅବକ୍ଷିପ୍ତ ଶିଳାରେ ଅଧିକାଂଶ ପେଟ୍ରୋଲିୟମ୍ ଭଣ୍ଡାର ରହିଅଛି । ରାଜସ୍ଥାନରେ ଅନେକ ଲୌହ ବିହୀନ ଖଣିଜ ଭଣ୍ଡାର ଅଛି ।

୩ । ଅଭ୍ରର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ସଂପର୍କରେ ଆଲୋଚନା କର । (୪

ଉ : • ଅଭ୍ର ବୈଦ୍ୟୁତିକ ଶକ୍ତି କୁପରିବାହୀ ଓ ବିଦ୍ୟୁତ୍ ରୋଧକ ।

- ଏହାର ଉଚ୍ଚ ବୈଦ୍ୟୁତିକ ଭୋଲଟେଜ୍ ପ୍ରତିରୋଧକ ଶକ୍ତି ଯୋଗୁଁ ବିଦ୍ୟୁତ୍ ଏବଂ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ ପାଇଁ ଅପରିହାର୍ଯ୍ୟ ।
- ଝାଡ଼ଖଣ୍ଡର କୋଦର୍ମା - ଗୟା - ହଜାରିବାଗ୍ ବଳୟ ଅଭ୍ର ଉତ୍ପାଦନରେ ଅଗ୍ରଣୀ ।
- ରାଜସ୍ଥାନର ଆଜ୍‌ମୀର ଆଖପାଖ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ନେଲୁର୍ ଅଭ୍ର ବଳୟ ଦେଶର ମୁଖ୍ୟ ଅଭ୍ର ଉତ୍ପାଦନ କେନ୍ଦ୍ର ।

**ସଂକ୍ଷେପରେ ଲେଖ ।** (୩ x ୩ = ୯

୧ । ଚୂନପଥର କେଉଁ ଶିଳାରେ ମିଳିଥାଏ ? ଏହାର ଦୁଇଟି ବ୍ୟବହାର ଲେଖ । (୩

ଉ : • ଅବକ୍ଷିପ୍ତ ଶିଳାରେ ଚୂନପଥର ମିଳିଥାଏ । କ୍ୟାଲସିୟମ୍ କାର୍ବୋନେଟ୍ କିମ୍ବା କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ୍ କାର୍ବୋନେଟ୍‌ଯୁକ୍ତ ଶିଳାରେ ଚୂନପଥର ମିଳେ ।

- ଲୁହାପଥର ତରଳାଇବା ପାଇଁ ବ୍ଲାଷ୍ଟ୍ ଫରନେସ୍‌ରେ ଏହାର ପ୍ରୟୋଜନୀୟତା ଅଧିକ ରହିଛି ।
- ସିମେଣ୍ଟ ଶିଳ୍ପ ପାଇଁ ଚୂନପଥର ଏକ ମୌଳିକ କଞ୍ଚାମାଲ ରୂପେ ବ୍ୟବହାର କରାଯାଇଥାଏ ।

୨ । ଭାରତର ତିନିଗୋଟି ମୁଖ୍ୟ ଲୁହା ପଥର ବଳୟଗୁଡ଼ିକ ଉଲ୍ଲେଖ କର । (୩

ଉ : • ଓଡ଼ିଶା - ଝାଡ଼ଖଣ୍ଡ ଅଞ୍ଚଳ ।

- ଦୁର୍ଗ - ବସ୍ତର - ଚନ୍ଦ୍ରପୁର ଅଞ୍ଚଳ ।
- ମହାରାଷ୍ଟ୍ର - ଗୋଆ ଅଞ୍ଚଳ ।
- ବେଲାରୀ - ଚିତ୍ରଦୁର୍ଗ - ଚିକମାଗାଲୁର - ଟୁମ୍‌କୁର ଅଞ୍ଚଳ ।

୩ । ଖଣିଜ ପଦାର୍ଥଗୁଡ଼ିକର ସଂରକ୍ଷଣ କାହିଁକି ଆବଶ୍ୟକ ? (୩

ଉ : • ଖଣିଜ ପଦାର୍ଥ ଏକ ସୀମିତ ଓ ସରନ୍ତି ସମ୍ବଳ ।

- ନିରନ୍ତର ଖଣିଜ ଖନନ ଦ୍ୱାରା ବ୍ୟୟ ବୃଦ୍ଧି ପାଇବା ସହିତ ଏହାର ପରିମାଣ ହ୍ରାସ ପାଉଛି ।
- ସୁଚିନ୍ତିତ ଓ ଯୋଜନାବଦ୍ଧ ଉପାୟରେ ଏଗୁଡ଼ିକ ଭବିଷ୍ୟତ ପାଇଁ କିପରି ଗଚ୍ଛିତ କରାଯାଇପାରିବ ସେଥିପାଇଁ ଜ୍ଞାନକୌଶଳ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ଗବେଷଣା ଅବ୍ୟାହତ ରହିବା ଆବଶ୍ୟକ ।

❑

Odisha 1 to 10 All Books App 

## ପଞ୍ଚମ ଅଧ୍ୟାୟ

# ଶକ୍ତି ସମ୍ବଳ

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । କେଉଁଟି ପାରମ୍ପରିକ ଶକ୍ତି ସମ୍ବଳର ଉତ୍ସ ?

(କ) ଜଳବିଦ୍ୟୁତ୍ (ଖ) ଜୈବ ବସ୍ତୁ (ଗ) ସୂର୍ଯ୍ୟକିରଣ (ଘ) ଜୁଆର

୨ । କେଉଁଟି ଅଣପାରମ୍ପରିକ ଶକ୍ତି ସମ୍ବଳର ଉତ୍ସ ନୁହେଁ ?

(କ) ପରମାଣୁ (ଖ) ସୌରଶକ୍ତି (ଗ) ପବନ (ଘ) ପ୍ରାକୃତିକ ଗ୍ୟାସ୍

୩ । କେଉଁଟି ନିକୃଷ୍ଟ ଧରଣର କୋଇଲା ?

(କ) ଆନ୍ଥ୍ରାସାଇଟ୍ (ଖ) ପିଟ୍ (ଗ) ଲିଗ୍ନାଇଟ୍ (ଘ) ବିଟୁମିନସ୍

୪ । କେଉଁଟି ସର୍ବୋତ୍କୃଷ୍ଟ କୋଇଲା ?

(କ) ଆନ୍ଥ୍ରାସାଇଟ୍ (ଖ) ଲିଗ୍ନାଇଟ୍ (ଗ) ବିଟୁମିନସ୍ (ଘ) ପିଟ୍

୫ । କେଉଁଟି ଏକ ନିମ୍ନମାନର ବାଦାମୀ ରଙ୍ଗର କୋଇଲା ?

(କ) ଆନ୍ଥ୍ରାସାଇଟ୍ (ଖ) ବିଟୁମିନସ୍ (ଗ) ପିଟ୍ (ଘ) ଲିଗ୍ନାଇଟ୍

୬ । କେଉଁ ଧରଣର କୋଇଲାରେ ୬୦% ରୁ ୮୦% ଅଙ୍ଗାରକ ଥାଏ ?

(କ) ଲିଗ୍ନାଇଟ୍ (ଖ) ବିଟୁମିନସ୍ (ଗ) ପିଟ୍ (ଘ) ଆନ୍ଥ୍ରାସାଇଟ୍

Edu Odia App

୭ । ଗଣ୍ଡୱାନା ଯୁଗର କୋଇଲା କେଉଁ କ୍ଷେତ୍ରରେ ଅଧିକ ବ୍ୟବହୃତ ହୁଏ ?

(କ) ଘରୋଇ ଇନ୍ଧନ (ଖ) ଧାତୁ ନିଷ୍କାସନ

(ଗ) ତାପଜ ବିଦ୍ୟୁତ୍ ଉତ୍ପାଦନ (ଘ) ଉଭୟ (କ) ଓ (ଖ)

୮ । କାହାକୁ 'ଜୀବାଶ୍ମ ଇନ୍ଧନ' କୁହାଯାଏ ?

(କ) ୟୁରାନିୟମ୍ (ଖ) କୋଇଲା (ଗ) ଜଳ ବିଦ୍ୟୁତ୍ (ଘ) ଥୋରିୟମ୍

୯ । କାହାକୁ 'କୃଷ୍ଣ ହୀରକ' କହନ୍ତି ?

(କ) ଗୋବର ଘସି (ଖ) ପେଟ୍ରୋଲିୟମ୍ (ଗ) ପ୍ରାକୃତିକ ଗ୍ୟାସ୍ (ଘ) କୋଇଲା

୧୦ । ଟର୍ସିଆରୀ ଯୁଗର କୋଇଲା କେତେ ବର୍ଷର ପୁରୁଣା ?

(କ) ୫୦ ନିୟୁତ (ଖ) ୧୦୦ ନିୟୁତ (ଗ) ୧୫୦ ନିୟୁତ (ଘ) ୨୦୦ ନିୟୁତ

୧୧ । ନିମ୍ନୋକ୍ତ ମଧ୍ୟରୁ କେଉଁଟି କୋଇଲାର ଉପ-ଉତ୍ପାଦ ନୁହେଁ ?

(କ) ସଲଫର୍ (ଖ) ବେଞ୍ଜିନ୍ (ଗ) ସାର (ଘ) ନାଫ୍‌ଥା

୧୨ । କେଉଁ କୋଇଲା ଖଣିଟି ଓଡ଼ିଶାରେ ଅବସ୍ଥିତ ନୁହେଁ ?

(କ) ରାମପୁର (ଖ) ଗିରିଡିହ (ଗ) ଇବ୍ ଉପତ୍ୟକା (ଘ) ତାଳଚେର

୧୩ । ସମୁଦ୍ରର କେଉଁ ଅଂଶରେ ଖଣିଜ ତୈଳ ଗଚ୍ଛିତ ଥିବାର ଦେଖାଯାଏ ?

(କ) ମହୀଢାଲୁ (ଖ) ମହୀସୋପାନ (ଗ) ମହୀତଳ (ଘ) ଉଭୟ (କ) ଓ (ଖ)

୧୪ । କେଉଁ ରାଜ୍ୟଟି ପେଟ୍ରୋଲିୟମ୍ ଉତ୍ପାଦନ କ୍ଷେତ୍ରରେ ସର୍ବ ପୁରାତନ ?

(କ) ମହାରାଷ୍ଟ୍ର (ଖ) ଗୁଜୁରାଟ (ଗ) ଆସାମ (ଘ) ଆନ୍ଧ୍ର ପ୍ରଦେଶ

୧୫ । ଛିଦ୍ରଯୁକ୍ତ ଚୂନପଥର ଓ ବାଲୁକା ପଥରରେ କେଉଁ ଖଣିଜଟି ଥାଏ ?

(କ) ଅଭ୍ର (ଖ) ବ୍ରୋମିନ୍ (ଗ) ପେଟ୍ରୋଲିୟମ୍ (ଘ) କୋଇଲା

୧୬ । ଭାରତରେ ଉତ୍ପାଦିତ ଖଣିଜ ତୈଳର ଶତକଡ଼ା କେତେ ଭାଗ ବମ୍ବେହାଇରୁ ଉତ୍ପାଦିତ ହୋଇଥାଏ ?
(କ) ୧୬ (ଖ) ୪୪ (ଗ) ୩୬ (ଘ) ୬୩

୧୭ । ମଥୁରା ତୈଳ ବିଶୋଧନାଗାର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଗୁଜୁରାଟ (ଖ) ମହାରାଷ୍ଟ୍ର (ଗ) ଉତ୍ତର ପ୍ରଦେଶ (ଘ) ହରିୟାଣା

୧୮ । ଅବସ୍ଥିତି ଦୃଷ୍ଟିରୁ କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?
(କ) ଡିଗ୍‌ବୋଇ (ଖ) କୋୟାଲି (ଗ) ନହରକାଟିୟା (ଘ) ଦୁଲିଆଜାନ୍

୧୯ । ନିମ୍ନୋକ୍ତ ମଧ୍ୟରୁ କେଉଁ ତୈଳ ବିଶୋଧନାଗାରଟି ସର୍ବପୁରାତନ ?
(କ) ବରାଉଣୀ (ଖ) ହଲଦିଆ (ଗ) ପାରାଦ୍ୱୀପ (ଘ) ଡିଗ୍‌ବୋଇ

୨୦ । ତୈଳ ବିଶୋଧନାଗାର ଦୃଷ୍ଟିରୁ କେଉଁଟି ବିଷମ ଯୋଡ଼ି ?
(କ) ଓଡ଼ିଶା - ପାରାଦ୍ୱୀପ (ଖ) ତାମିଲନାଡୁ - ଚେନ୍ନାଇ
(ଗ) ଟ୍ରମ୍ବେ - ଗୁଜୁରାଟ (ଘ) ଉତ୍ତର ପ୍ରଦେଶ - ମଥୁରା

୨୧ । ନିମ୍ନୋକ୍ତ ମଧ୍ୟରୁ କେଉଁ ଶକ୍ତି ଉତ୍ସଟି ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ କୁହାଯାଇପାରେ ?
(କ) ସୌରଶକ୍ତି (ଖ) ଜୁଆର ଶକ୍ତି (ଗ) ପ୍ରାକୃତିକ ଗ୍ୟାସ (ଘ) ଆଣବିକ ଶକ୍ତି

୨୨ । ରାଜସ୍ଥାନର କେଉଁଠାରେ ପରମାଣୁ ଶକ୍ତି କେନ୍ଦ୍ର ଅଛି ?
(କ) ରାୟତଭଟ୍ଟା (ଖ) ଆଜମୀର୍ (ଗ) ମିୱାର (ଘ) ଜୟପୁର

୨୩ । ଆମ ରାଜ୍ୟରେ କେଉଁଠାରେ ଏକ ତାପଜ ବିଦ୍ୟୁତ କେନ୍ଦ୍ର ରହିଛି ?
(କ) ଢେଙ୍କାନାଳ (ଖ) ତାଳଚେର (ଗ) ପାରାଦ୍ୱୀପ (ଘ) ଝାରସୁଗୁଡ଼ା

୨୪ । କେଉଁ ରାଜ୍ୟରେ ୟୁରାନିୟମ୍ ମିଳିଥାଏ ?
(କ) ରାଜସ୍ଥାନ (ଖ) ତାମିଲନାଡୁ (ଗ) କେରଳ (ଘ) ଝାଡ଼ଖଣ୍ଡ

୨୫ । ନିମ୍ନୋକ୍ତ କେଉଁ ଖଣିଜଟି ମୋନାଜାଇଟ୍ ବାଲିରୁ ମିଳିଥାଏ ?
(କ) ଥୋରିୟମ୍ (ଖ) ୟୁରାନିୟମ୍ (ଗ) ଟାଇଟାନିୟମ୍ (ଘ) ବେରିୟମ୍

୨୬ । ଭାରତରେ କେତେଗୋଟି ପରମାଣୁ ଶକ୍ତି କେନ୍ଦ୍ର ରହିଛି ?
(କ) ୫ (ଖ) ୬ (ଗ) ୮ (ଘ) ୧୨

୨୭ । ନିମ୍ନୋକ୍ତ ଆଣବିକ ଶକ୍ତିକେନ୍ଦ୍ର ମଧ୍ୟରୁ କେଉଁଟି ଉତ୍ତର ପ୍ରଦେଶରେ ଅବସ୍ଥିତ ?
(କ) କାଇଗା (ଖ) କାକ୍ରାପରା (ଗ) ନାରୋରା (ଘ) ରାଓ୍ୱତଭଟ୍ଟା

୨୮ । ତାମିଲନାଡୁ ରାଜ୍ୟର ନଗର କୋଏଲ ଠାରୁ ମଦୁରାଇ ପର୍ଯ୍ୟନ୍ତ କେଉଁ ଶକ୍ତି ଉତ୍ପାଦନ ପାଇଁ ପ୍ରସିଦ୍ଧ ?
(କ) ତାପଜ ବିଦ୍ୟୁତ୍ (ଖ) ପବନ ଶକ୍ତି (ଗ) ସୌର ଶକ୍ତି (ଘ) ଭୂ-ତାପଜ ଶକ୍ତି

୨୯ । ଗୋବର ଗ୍ୟାସ୍ ପ୍ଲାଣ୍ଟରୁ କେଉଁ ଗ୍ୟାସ୍ ମିଳେ ?
(କ) ଅଙ୍ଗାରକାମ୍ଳ (ଖ) ପ୍ରାକୃତିକ ଗ୍ୟାସ୍ (ଗ) ଜୈବ ଗ୍ୟାସ୍ (ଘ) ଉଭୟ (କ) ଓ (ଖ)

୩୦ । ସୌରଶକ୍ତି କେଉଁ ସ୍ଥାନରେ ବେଶ୍ ଜନପ୍ରିୟ ହୋଇପାରିଛି ?
(କ) ନଗର (ଖ) ଦୁର୍ଗମ ସ୍ଥାନ ଓ ଗ୍ରାମାଞ୍ଚଳ
(ଗ) ସହର (ଘ) ଉପକୂଳବର୍ତ୍ତୀ ଅଞ୍ଚଳ

୩୧ । ଉଷ୍ଣ ପ୍ରସ୍ରବଣକୁ ବ୍ୟବହାର କରାଯାଇ କେଉଁ ଶକ୍ତି ଉତ୍ପାଦନ କରାଯାଏ ?
(କ) ଜୈବ ଶକ୍ତି (ଖ) ଜୁଆର ଶକ୍ତି (ଗ) ସୌର ଶକ୍ତି (ଘ) ଭୂ-ତାପଜ ଶକ୍ତି

୩୨ । କେଉଁଟି ଅକ୍ଷୟ ଶକ୍ତି ସମ୍ବଳ ?
(କ) ପ୍ରାକୃତିକ ବାଷ୍ପ (ଖ) ଜୁଆର (ଗ) କୋଇଲା (ଘ) ୟୁରୋନିୟମ୍

Edudia App


୩୩ । କେଉଁଠାରେ ପ୍ରାକୃତିକ ଗ୍ୟାସ୍ ବହୁଳ ପରିମାଣରେ ଗଚ୍ଛିତ ରହିଛି ?
(କ) ଲାକ୍ଷାଦ୍ୱୀପ (ଖ) ମାଳଦ୍ୱୀପ (ଗ) ଆଣ୍ଡାମାନ ଓ ନିକୋବର (ଘ) ମିନିକଏ ଦ୍ୱୀପ

୩୪ । କେଉଁଟି ଏକ ଅପତଟ ତୈଳ ଖଣି ?
(କ) ବାସେଇନ୍ (ଖ) ହୁଗ୍ରିଜାନ୍ (ଗ) କୋୟାଲି (ଘ) ଲୁଲି ଆଜାନ୍

୩୫ । କୋର୍ବା ତାପଜ ବିଦ୍ୟୁତ୍ କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଝାଡ଼ଖଣ୍ଡ (ଖ) ବିହାର (ଗ) ଛତିଶଗଡ଼ (ଘ) ମଧ୍ୟପ୍ରଦେଶ

୩୬ । ଜାତୀୟ ଜଳଶକ୍ତି ନିଗମ କେଉଁଠାରେ ଏକ ମେଗାୱାଟ୍ ଜୁଆର ଶକ୍ତି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛି ?
(କ) କାମ୍ବେ ଉପସାଗର (ଖ) ବଙ୍ଗୋପସାଗର (ଗ) କଚ୍ଛ ଉପସାଗର (ଘ) କେଉଁଟି ନୁହେଁ

୩୭ । ପ୍ରଦତ୍ତ ମାନଚିତ୍ରରେ 'I' ଚିହ୍ନିତ ତାପଜ ବିଦ୍ୟୁତ୍ କେନ୍ଦ୍ରର ନାମ କ'ଣ ?
(କ) କୋର୍ବା (ଖ) ତାଳଚେର
(ଗ) ଟ୍ରମ୍ବେ (ଘ) ଚନ୍ଦ୍ରପୁର




୩୮ । 'II' ଚିହ୍ନିତ ଆଣବିକ ଶକ୍ତିକେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଗୁଜୁରାଟ (ଖ) ମହାରାଷ୍ଟ୍ର
(ଗ) ତାମିଲନାଡୁ (ଘ) ଉତ୍ତର ପ୍ରଦେଶ

୩୯ । 'III' ଚିହ୍ନିତ ତୈଳ ଖଣି କେଉଁଟି ?
(କ) ବାସେଇନ୍ (ଖ) ଆଙ୍କଲେଶ୍ୱର
(ଗ) ବମ୍ବେହାଇ (ଘ) ଡିଗ୍‌ବୋଇ

୪୦ । 'IV' ଚିହ୍ନିତ କୋଇଲା ଖଣି କେଉଁ ରାଜ୍ୟରେ ?
(କ) ଛତିଶଗଡ଼ (ଖ) ପଶ୍ଚିମବଙ୍ଗ
(ଗ) ମଧ୍ୟପ୍ରଦେଶ (ଘ) ଓଡ଼ିଶା

## ଉତ୍ତର

(୧) (କ) ଜଳବିଦ୍ୟୁତ୍
(୨) (ଘ) ପ୍ରାକୃତିକ ଗ୍ୟାସ୍
(୩) (ଖ) ପିଟ୍
(୪) (କ) ଆନ୍ଥ୍ରାସାଇଟ୍
(୫) (ଘ) ଲିଗ୍‌ନାଇଟ୍
(୬) (ଖ) ବିଟୁମିନସ୍
(୭) (ଖ) ଧାତୁ ନିଷ୍କାସନ
(୮) (ଖ) କୋଇଲା
(୯) (ଘ) କୋଇଲା
(୧୦) (କ) ୫୦ ନିୟୁତ
(୧୧) (ଗ) ସାର
(୧୨) (ଖ) ଗିରିଡିହ
(୧୩) (ଖ) ମହୀସୋପାନ
(୧୪) (ଗ) ଆସାମ
(୧୫) (ଗ) ପେଟ୍ରୋଲିୟମ୍
(୧୬) (ଖ) ୪୪%
(୧୭) (ଗ) ଉତ୍ତର ପ୍ରଦେଶ
(୧୮) (ଖ) କୋୟାଲି
(୧୯) (ଘ) ଡିଗ୍‌ବୋଇ
(୨୦) (ଗ) ଟ୍ରମ୍ବେ - ଗୁଜୁରାଟ
(୨୧) (ଗ) ପ୍ରାକୃତିକ ଗ୍ୟାସ
(୨୨) (କ) ରାୟତଳଙ୍ଗା
(୨୩) (ଖ) ତାଳଚେର
(୨୪) (ଘ) ଝାଡ଼ଖଣ୍ଡ
(୨୫) (କ) ଥୋରିୟମ୍
(୨୬) (ଗ) ୮
(୨୭) (ଗ) ନାରୋରା
(୨୮) (ଖ) ପବନ ଶକ୍ତି
(୨୯) (ଗ) ଜୈବ ଗ୍ୟାସ୍
(୩୦) (ଖ) ଦୁର୍ଗମ ସ୍ଥାନ ଓ ଗ୍ରାମାଞ୍ଚଳ
(୩୧) (ଘ) ଭୂ-ତାପଜ ଶକ୍ତି
(୩୨) (ଖ) ଜୁଆର
(୩୩) (ଗ) ଆଣ୍ଡାମାନ ଓ ନିକୋବର
(୩୪) (କ) ବାସେଇନ୍
(୩୫) (ଗ) ଛତିଶଗଡ଼
(୩୬) (ଗ) କଚ୍ଛ ଉପସାଗର
(୩୭) (ଖ) ତାଳଚେର
(୩୮) (ଗ) ତାମିଲନାଡୁ
(୩୯) (ଘ) ଡିଗ୍‌ବୋଇ
(୪୦) (ଗ) ମଧ୍ୟପ୍ରଦେଶ

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପାର୍ଥକ୍ୟ ଦର୍ଶାଅ ।**

୧ । ପାରମ୍ପରିକ ଶକ୍ତି ଓ ଅଣପାରମ୍ପରିକ ଶକ୍ତି । (୨

୨ । ଜଳ ବିଦ୍ୟୁତ୍ ଶକ୍ତି ଓ ତାପଜ ବିଦ୍ୟୁତ୍ ଶକ୍ତି । (୨

୩ । ଆନ୍ଥ୍ରାସାଇଟ୍ ଓ ପିଟ୍ । (୨

୪ । ବିଟୁମିନସ୍ ଓ ଲିଗ୍ନାଇଟ୍ । (୨

**କାରଣ ଦର୍ଶାଅ ।**

୧ । କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ । (୨

୨ । କୋଇଲାକୁ କୃଷ୍ଣହୀରକ କୁହାଯାଏ । (୨

୩ । ଅଣପାରମ୍ପରିକ ଶକ୍ତିର ଭବିଷ୍ୟତ ଉଜ୍ଜ୍ୱଳ । (୨

୪ । ଜଳ ବିଦ୍ୟୁତ୍ ଶକ୍ତିକୁ ଏକ ପୁନଃ ନବୀକରଣ ଯୋଗ୍ୟ ସମ୍ବଳ କୁହାଯାଏ । (୨

୫ । ଅଣପାରମ୍ପରିକ ଶକ୍ତିର ବ୍ୟବହାର ଶକ୍ତି ସଂରକ୍ଷଣରେ ସହାୟକ ହୁଏ । (୨

**ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

୧ । ଭୂ-ତାପଜ ଶକ୍ତି । (୨

୨ । ଜୈବ ବାଷ୍ପ । (୨

୩ । କୃଷ୍ଣ ହୀରକ । (୨

୪ । ପାରମ୍ପରିକ ଶକ୍ତି । (୨

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

୧ । କୋଇଲାର ଶ୍ରେଣୀ ବିଭାଗ କର । (୪

୨ । ଭାରତରେ ଜୁଆର ଶକ୍ତି ଉତ୍ପାଦନ ବିଷୟରେ ସଂକ୍ଷେପରେ ଲେଖ । (୪

୩ । ଭାରତରେ ପବନ ଶକ୍ତି ଉତ୍ପାଦନ ସମ୍ବନ୍ଧରେ ଲେଖ । (୪

୪ । ପାରମ୍ପରିକ ଓ ଅଣପାରମ୍ପରିକ ଶକ୍ତି ବିଷୟରେ ସଂକ୍ଷେପରେ ଲେଖ । (୪

୫ । ଶକ୍ତି ସଂରକ୍ଷଣର ଉପାୟଗୁଡ଼ିକ କ'ଣ ? (୪

୬ । ଭାରତରେ ଆଣବିକ ଶକ୍ତିର ଉତ୍ପାଦନ ବିଷୟରେ ଏକ ବିବରଣୀ ଦିଅ । (୪

Eduodia App

## ଉତ୍ତର

**ପାର୍ଥକ୍ୟ ଦର୍ଶାଅ ।**

୧ । <u>ପାରମ୍ପରିକ ଶକ୍ତି :</u> (୨

- ଏଗୁଡ଼ିକ ବହୁ ପୁରାକାଳରୁ ଆମର ଶକ୍ତି ଚାହିଦା ପୂରଣ କରି ଆସୁଅଛି ।
- ପାରମ୍ପରିକ ଶକ୍ତି କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପରୁ ଉତ୍ପାଦିତ ହୋଇଥାଏ । ଏହା ଏକ ଅପୂରଣୀୟ ପ୍ରାକୃତିକ ସମ୍ବଳ ।
- ଏଥିରୁ ବିଦ୍ୟୁତ୍ ଉତ୍ପାଦନ ବ୍ୟୟ ସାପେକ୍ଷ । ଏଥିରେ ପରିବେଶ ବହୁଳ ଭାବେ ପ୍ରଦୂଷିତ ହୁଏ ।

<u>ଅଣପାରମ୍ପରିକ ଶକ୍ତି :</u>

- ଅଣପାରମ୍ପରିକ ଶକ୍ତିର ଉତ୍ସଗୁଡ଼ିକ ହେଲା – ସୌର ତାପ, ପବନ, ଭୂ-ତାପଜ ଓ ଜୈବ ବାଷ୍ପରୁ ଉତ୍ପାଦିତ ଶକ୍ତି । ଏହା ଅସରନ୍ତି ଓ ଅକ୍ଷୟ ସମ୍ବଳ ।
- ଏଥିରୁ ବିଦ୍ୟୁତ୍ ଉତ୍ପାଦନ ଶସ୍ତା ଓ ଏଥିରେ ପରିବେଶ ପ୍ରଦୂଷଣ ହୋଇନଥାଏ ।

୨ । ଜଳବିଦ୍ୟୁତ୍ ଶକ୍ତି : (୨

- ଜଳର ଗତିଜ ଶକ୍ତିକୁ ଉପଯୋଗ କରି ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ ।
- ଏହା ଅକ୍ଷୟ ସମ୍ବଳ, ଶସ୍ତା ଓ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହୁଏ ନାହିଁ ।

ତାପଜ ବିଦ୍ୟୁତ୍ ଶକ୍ତି :

- କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍‌କୁ ଜାଳେଣୀ ଭାବେ ବ୍ୟବହାର କରାଯାଇ, ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରାଯାଏ ।
- ଏହା କ୍ଷୟଶୀଳ ସମ୍ବଳ, ବ୍ୟୟ ସାପେକ୍ଷ ଏବଂ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ ।

୩ । ଆନ୍ଥ୍ରାସାଇଟ୍ : (୨

- ସବୁଠାରୁ ଉତ୍କୃଷ୍ଟ ଧରଣର । ଏହା ଚିକ୍‌କଣ ଗାଢ଼ ରଙ୍ଗର ଓ ଅଧିକ ତାପ ପ୍ରଦାନ କରେ ।
- ଆନ୍ଥ୍ରାସାଇଟ୍ କୋଇଲାରେ ଅଙ୍ଗାରକ ପରିମାଣ ୯୦ - ୯୫% ।

ପିଟ୍ :

- ସବୁଠାରୁ ନିକୃଷ୍ଟ ଧରଣର କୋଇଲା । ଏହାର ତାପ ପ୍ରଦାନକାରୀ ଶକ୍ତି କମ୍ ଓ ଏଥିରେ ଜଳୀୟ ଅଂଶ ଅଧିକ ଥାଏ ।
- ପିଟ୍ କୋଇଲାରେ ଅଙ୍ଗାରକର ପରିମାଣ ୫୦% ରୁ କମ୍ ।

୪ । ବିଟୁମିନସ୍ : (୨

- ଏହି କୋଇଲା ଘରୋଇ ଇନ୍ଧନ, ଇଟା ତିଆରି କାରଖାନା ଓ ଲୌହ ଇସ୍ପାତ କାରଖାନାମାନଙ୍କରେ ବ୍ଲାଷ୍ଟ ଫରନେସ୍‌ରେ ଲୁହାପଥର ଗଳନ ପାଇଁ ବ୍ୟବହୃତ ହୁଏ ।
- ଏଥିରେ ଅଙ୍ଗାରକର ପରିମାଣ ୬୦ - ୮୦ ପ୍ରତିଶତ ହୋଇଥାଏ ।

ଲିଗ୍‌ନାଇଟ୍ :

- ଏହା ଏକ ନିମ୍ନମାନର ବାଦାମୀ ରଙ୍ଗର କୋଇଲା । ଏହା ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ ।
- ଏଥିରେ ପ୍ରାୟ ୬୦ ପ୍ରତିଶତ ଅଙ୍ଗାରକ ଥାଏ । ଏହା କୋମଳ ଓ ଏଥିରେ ଜଳୀୟ ଅଂଶ ଅଧିକ ଥାଏ ।

Edudia App

**କାରଣ ଦର୍ଶାଅ ।** (୨

୧ । • ପ୍ରାଣୀ ଓ ଉଦ୍ଭିଦଗୁଡ଼ିକ ନିୟୁତ ନିୟୁତ ବର୍ଷ ଧରି ବିଭିନ୍ନ କାରଣରୁ ମାଟି ତଳେ ଚାପି ହୋଇ ରହିବା ଫଳରେ ସଙ୍କୁଚିତ ହୋଇ ବାୟୁର ଅନୁପସ୍ଥିତିରେ ରାସାୟନିକ ବିଘଟନ ହେବା ଦ୍ୱାରା କୋଇଲାରେ ପରିଣତ ହୋଇଥାଏ ।

- ତେଣୁ କୋଇଲାକୁ 'ଜୀବାଶ୍ମ ଇନ୍ଧନ' କୁହାଯାଏ ।

୨ । • କୋଇଲାକୁ ଜାଳେଣୀ ଶକ୍ତି ହିସାବରେ ବ୍ୟବହାର କରାଯାଏ । ରାସାୟନିକ ପଦାର୍ଥ, ରଙ୍ଗ, ସାର, ସିନ୍ଥେଟିକ୍ସ, ବିସ୍ଫୋରକ ଆଦି ଉତ୍ପାଦନ ପାଇଁ କୋଇଲା କଞ୍ଚାମାଲ ରୂପେ ବ୍ୟବହାର କରାଯାଏ ।

- କୋଇଲାରୁ ଅନେକ ଦରକାରୀ ଜିନିଷ ମିଳୁଥିବାରୁ ଏହାକୁ 'କୃଷ୍ଣହୀରକ' କୁହାଯାଏ ।

୩ । • ଅଣପାରମ୍ପରିକ ଶକ୍ତିଗୁଡ଼ିକ ଅସରନ୍ତି ଓ ଅକ୍ଷୟ ସମ୍ବଳର ଅନ୍ତର୍ଗତ । ଏହି ସମ୍ବଳଗୁଡ଼ିକ ଅମାପ, ପୁନଃ ଚକ୍ରଣ ଯୋଗ୍ୟ ଓ ଏହା ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରେ ।

- ସୂର୍ଯ୍ୟକିରଣ, ପବନ, ଜୁଆର, ଭୂତାପ ଶକ୍ତି ଆଦି ଏହାର ଅନ୍ତର୍ଭୁକ୍ତ ।
- ଆମ ଦେଶରେ ଅଣପାରମ୍ପରିକ ଶକ୍ତିର ବ୍ୟବହାର ଆଦୃତି ଲାଭ କରିଥିବାରୁ ଏଗୁଡ଼ିକର ଭବିଷ୍ୟତ ଉଜ୍ଜ୍ୱଳ ।

୪ । • ଋତୁକାଳୀନ ବୃଷ୍ଟିପାତ ଯୋଗୁଁ ଆମ ଦେଶରେ ନଦୀ ଉପରେ ଡ୍ୟାମ୍ ନିର୍ମାଣ କରାଯାଇ ଜଳଭଣ୍ଡାର ସୃଷ୍ଟି କରାଯାଏ ଏବଂ ଏହି ଜଳକୁ ନିୟନ୍ତ୍ରିତ ଉପାୟରେ ପାଇପ୍ ଦ୍ୱାରା ଉଚ୍ଚ ସ୍ଥାନରୁ ପକା ଯାଇ ଟରବାଇନ୍ ଘୁରାଇବା ଦ୍ୱାରା ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୁଏ ।

- ଏହା ବର୍ଷ ବର୍ଷ ଧରି ସମ୍ଭବ ହେଉଥିବାରୁ ଜଳ ବିଦ୍ୟୁତ୍ ଶକ୍ତିକୁ ଏକ ପୁନଃ ନବୀକରଣ ଯୋଗ୍ୟ ସମ୍ବଳ କୁହାଯାଏ ।

୫ । • ଅଣପାରମ୍ପରିକ ଶକ୍ତିଗୁଡ଼ିକ ଅସରନ୍ତି ସମ୍ବଳର ଅନ୍ତର୍ଗତ । ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତି ଯେତେ ବ୍ୟବହାର କଲେ ମଧ୍ୟ ଏଗୁଡ଼ିକ କ୍ଷୟ ନୁହେଁ । ତେଣୁ ଏଗୁଡ଼ିକ କ୍ଷୟଶୀଳ ଶକ୍ତିର ବିକଳ୍ପ ଶକ୍ତି ରୂପେ ବ୍ୟବହାର କରାଯାଉଛି ।

**ସଂକ୍ଷିପ୍ତ ଟିପ୍ପଣୀ ।**

୧ । ଭୂ-ତାପଜ ଶକ୍ତି : (୨

- ଭୂ-ଅଭ୍ୟନ୍ତରରୁ ମିଳୁଥିବା ଭୂ-ତାପକୁ ବ୍ୟବହାର କରି ଯେଉଁ ତାପ ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ, ତାହାକୁ ଭୂତାପଜ ଶକ୍ତି କହନ୍ତି ।
- ହିମାଚଳ ପ୍ରଦେଶର ମଣିକରଣଠାରେ ଏବଂ ଲଦାଖର ପୁଗା ଉପତ୍ୟକାରେ ଭୂ-ତାପଜ ଶକ୍ତିର ଦୁଇଟି ଯୋଜନା କାର୍ଯ୍ୟକାରୀ କରାଯାଇଛି ।

୨ । ଜୈବ ବାଷ୍ପ : (୨

- କୃଷି କ୍ଷେତ୍ରରୁ ମିଳୁଥିବା ଆବର୍ଜନା, ମନୁଷ୍ୟ ଓ ପଶୁମାନଙ୍କର ବର୍ଜ୍ୟବସ୍ତୁରୁ ଜୈବ ବାଷ୍ପ ଉତ୍ପାଦନ କରାଯାଏ । ଜୈବ ପଦାର୍ଥର ଅପଘଟନରୁ ବାଷ୍ପ ନିର୍ଗତ ହୁଏ । ଯାହା ଅଧିକ ତାପ ପ୍ରଦାନ କରିଥାଏ ।
- ଜୈବ ବାଷ୍ପ ଉତ୍ପାଦନରେ ଗୋବରର ବ୍ୟବହାର ସବୁଠାରୁ ଲାଭପ୍ରଦ ଅଟେ ।
- ଜୈବ ଗ୍ୟାସ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମ୍ୟୁନିସିପାଲିଟି, ସମବାୟ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଯାଇଥାଏ ।

୩ । କୃଷ୍ଣ ହୀରକ : (୨

- କୋଇଲାକୁ କଞ୍ଚାମାଲ ଭାବରେ ବ୍ୟବହାର କରି ବିଭିନ୍ନ ରାସାୟନିକ ପଦାର୍ଥ, ରଙ୍ଗ, ସାର, ସିନ୍ଥେଟିକ୍ସ, ବିସ୍ଫୋରକ ଆଦି ଉତ୍ପାଦନ କରାଯାଇଥାଏ ।
- ଏଥିରୁ ଉପ-ଉତ୍ପାଦ ଭାବରେ ଆଲକାତରା, ସଲଫର୍, ବେଞ୍ଜିନ୍, ଆମୋନିଆ ବାଷ୍ପ, ନାଫ୍‌ଥା ଆଦି ମିଳିଥାଏ । ବିଭିନ୍ନ ଦରକାରୀ ଜିନିଷ କୋଇଲାରୁ ମିଳୁଥିବାରୁ ଏହାକୁ 'କୃଷ୍ଣ ହୀରକ' ବୋଲି କୁହାଯାଏ ।

୪ । ପାରମ୍ପରିକ ଶକ୍ତି : (୨

- ପେଟ୍ରୋଲିୟମ୍, କୋଇଲା, ପ୍ରାକୃତିକ ଗ୍ୟାସ୍, ଜଳ ବିଦ୍ୟୁତ୍ ଶକ୍ତି ଆଦି ପାରମ୍ପରିକ ଶକ୍ତିର ଅନ୍ତର୍ଗତ ।
- ପାରମ୍ପରିକ ଶକ୍ତିଗୁଡ଼ିକ କ୍ଷୟଶୀଳ । ଏହା ବହୁ ପୁରାକାଳରୁ କାର୍ଯ୍ୟରେ ଲାଗି ଆସୁଛି ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର ।**

୧ । • କୋଇଲା ସାଧାରଣତଃ ୪ ପ୍ରକାରର । ଆନ୍ଥ୍ରାସାଇଟ୍, ବିଟୁମିନସ୍, ଲିଗ୍‌ନାଇଟ୍, ପିଟ୍ । (୪

- ଆନ୍ଥ୍ରାସାଇଟ୍ କୋଇଲା ସର୍ବୋତ୍କୃଷ୍ଟ । ଏଥିରେ ଅଙ୍ଗାରକର ପରିମାଣ ୯୦ - ୯୫ ପ୍ରତିଶତ ରହିଥାଏ ।
- ବିଟୁମିନସ୍‌ରେ ଅଙ୍ଗାରକ ୬୦ - ୮୦ ପ୍ରତିଶତ । ଏହା ବହୁଳ ଭାବରେ ବ୍ୟବହାର ହୋଇଥାଏ ।
- ଲିଗ୍‌ନାଇଟ୍ କୋଇଲାରେ ଅଙ୍ଗାରକ ୬୦% ହୋଇଥାଏ । ଏହା ନିମ୍ନମାନର କୋଇଲା ।
- ପିଟ୍ ନିକୃଷ୍ଟତମ କୋଇଲା । ଏଥିରେ ଅଙ୍ଗାରକର ପରିମାଣ ୫୦%ରୁ କମ୍ ରହିଥାଏ ଓ ଏଥିରେ ଅଧିକ ଜଳୀୟ ବାଷ୍ପ ଥାଏ ।

୨ । • ସମୁଦ୍ର ଜୁଆରରୁ ମଧ୍ୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ । (୪

- ଜୁଆରିଆ ନଦୀ ବା ସମୁଦ୍ର ମଧ୍ୟରେ ବନ୍ଧ ବାନ୍ଧି ଜୁଆର ଜଳକୁ ଭିତରକୁ ଆସିବାକୁ ଦିଆଯାଏ ଏବଂ ଜୁଆର ଭଟ୍ଟା ଆରମ୍ଭ ହେବା ମାତ୍ରେ ପ୍ରବେଶ ପଥରେ କବାଟ ପକାଇ ଜଳକୁ ଫେରିବାକୁ ଦିଆଯାଏ ନାହିଁ ।
- ଭଟ୍ଟା ସମୟରେ ଏହି ଆବଦ୍ଧ ଜଳକୁ ପାଇପ୍ ସାହାଯ୍ୟରେ ଟର୍‌ବାଇନ୍ ମଧ୍ୟ ଦେଇ ଛଡ଼ା ଯାଏ । ଫଳରେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ ।
- ଭାରତର ଗୁଜୁରାଟର କଚ୍ଛ ଉପସାଗର କୂଳରେ ଜୁଆର ଶକ୍ତି ବିନିଯୋଗ କରିବା ପାଇଁ ଅନୁକୂଳ ପରିସ୍ଥିତି ଅଛି ।

Education App

୩ । • ପବନ ଶକ୍ତି ଅଣପାରମ୍ପରିକ ଶକ୍ତିର ଅନ୍ତର୍ଭୁକ୍ତ । ଏହା ଏକ ଅସରନ୍ତି ଓ ଅକ୍ଷୟ ସମ୍ବଳ । ଭାରତ ବର୍ଷ ପବନ ଶକ୍ତି ଉପଯୋଗ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର । (୪

• ଦେଶର ସର୍ବବୃହତ୍ ପବନ ଶକ୍ତି ବିନିଯୋଗ କ୍ଷେତ୍ର ତାମିଲନାଡୁ ରାଜ୍ୟର ନଗର କୋଏଲ୍‌ରୁ ମଦୁରାଇ ପର୍ଯ୍ୟନ୍ତ ବ୍ୟାପିଛି ।

• ପବନ ଶକ୍ତି ଚାଳିତ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ସୁବିଧା ପାଇଁ ପୁରୀ ସମୁଦ୍ର କୂଳରେ ପବନ ଚକ ବସା ଯାଇଛି ।

• ଜଇସାଲମିର ଠାରେ ଭାରତର ସବୁଠାରୁ ବଡ଼ ପବନ ଚକ ଅବସ୍ଥିତ ।

• ଭାରତରେ ପବନ ଶକ୍ତିର ବିନିଯୋଗ କ୍ଷେତ୍ରରେ ନଗର କୋଏଲ ଓ ଜଇସାଲମିର୍ ପ୍ରସିଦ୍ଧି ଲାଭ କରିଛି ।

୪ । • ଶକ୍ତି ସମ୍ବଳକୁ ୨ ଭାଗରେ ବିଭକ୍ତ କରାଯାଇଛି । ଯଥା - ପାରମ୍ପରିକ ଶକ୍ତି ଓ ଅଣପାରମ୍ପରିକ ଶକ୍ତି । (୪

• ଜାଳେଣୀ କାଠ, ଗୋବର ଘସି, କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଏବଂ ବିଦ୍ୟୁତ୍ ଶକ୍ତି ପାରମ୍ପରିକ ଶକ୍ତିର ଅନ୍ତର୍ଗତ ।

• ଜାଳେଣି କାଠ ଓ ଘସିର ବ୍ୟବହାର ଗ୍ରାମାଞ୍ଚଳରେ ଅଧିକ ହୋଇଥାଏ ।

• ସୂର୍ଯ୍ୟକିରଣ, ପବନ, ଜୁଆର, ଭୂ-ତାପ, ଜୈବ ବସ୍ତୁ ଏବଂ ପରମାଣୁ ଶକ୍ତି ଅଣପାରମ୍ପରିକ ଶକ୍ତିର ଅନ୍ତର୍ଗତ । ଏଗୁଡ଼ିକ ପାରମ୍ପରିକ ଶକ୍ତିର ବିକଳ୍ପ ଶକ୍ତି ରୂପେ ବ୍ୟବହାର କରାଯାଉଛି ।

୫ । • ଭାରତ ସରକାରଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ଆଇନ୍ ପ୍ରଣୟନ କରାଯାଇ ଶକ୍ତି ବିନିଯୋଗ ଓ ସଂରକ୍ଷଣ ନିମନ୍ତେ ପଦକ୍ଷେପମାନ ନିଆଯାଉଛି । (୪

• ବ୍ୟକ୍ତିଗତ ଯାନବାହନ ପରିବର୍ତ୍ତେ ସରକାରୀ ବା ସାମୂହିକ ଯାନବାହନ ବ୍ୟବହାର କରିବା, କମ୍ ଶକ୍ତିରେ ଚାଲୁଥିବା ଉପକରଣ ବ୍ୟବହାର କରିବା ।

• ଆବଶ୍ୟକ ନଥିବାବେଳେ ପ୍ରକୋଷ୍ଠ ବା ଶ୍ରେଣୀରେ ପଙ୍ଖା ବା ଆଲୁଅର ସୁଇଚ୍ ବନ୍ଦ କରିବା ।

• ଶକ୍ତି ଚାଳିତ ଯନ୍ତ୍ର ଓ ଯାନବାହନକୁ ନିୟମିତ ପରୀକ୍ଷା କରିବା ଓ ଅଣପାରମ୍ପରିକ ଶକ୍ତି ଅଧିକରୁ ଅଧିକ ବିନିଯୋଗ କରିବା ।

୬ । • ଭାରତର ଝାଡ଼ଖଣ୍ଡରେ ମିଳୁଥିବା ୟୁରାନିୟମ୍ ଓ ରାଜସ୍ଥାନର ଆରାବଳୀ ପର୍ବତମାଳାରେ ଥୋରିୟମ୍ ମିଳେ । କେରଳର ସମୁଦ୍ର ବେଳା ଭୂମିରେ ମିଳୁଥିବା ମୋନାଜାଇଟ୍‌ବାଲିରୁ ଥୋରିୟମ୍ ମିଳେ । (୪

• ଭାରତରେ ୮ଟି ପରମାଣୁ ଶକ୍ତି କେନ୍ଦ୍ର ଅଛି ।

• ୟୁରୋନିୟମ୍ ଓ ଥୋରିୟମ୍ ଆଦି ତେଜସ୍କ୍ରିୟ ଖଣିଜ ପଦାର୍ଥରୁ ଆଣବିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ ।

• ଅଣୁ ସରଞ୍ଚନାରେ ପରିବର୍ତ୍ତନ କରାଯାଇ ଅଣୁ ଶକ୍ତି ଉତ୍ପାଦନ କରାଯାଏ । ଯେତେବେଳେ ଏପରି ପରିବର୍ତ୍ତନ ଘଟେ, ସେଥିରୁ ବହୁ ପରିମାଣରେ ଶକ୍ତି ଉତ୍ପନ୍ନ ହୁଏ ଏବଂ ଏହି ତାପଶକ୍ତିକୁ ବିନିଯୋଗ କରାଯାଇ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରାଯାଇଥାଏ ।

❑

Educadia App

## ଷଷ୍ଠ ଅଧ୍ୟାୟ

# କୃଷି

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । କାହାକୁ ଭାରତର ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ରୂପେ ଗ୍ରହଣ କରାଯାଇଛି ?
(କ) କୃଷି (ଖ) ଶିଳ୍ପ (ଗ) ବାଣିଜ୍ୟ (ଘ) ପରିବହନ

୨ । ଭାରତର କେଉଁ ରାଜ୍ୟରେ ସର୍ବାଧିକ ଭୂମି କୃଷି ପାଇଁ ବ୍ୟବହୃତ ହୁଏ ?
(କ) ହରିୟାଣା (ଖ) ପଞ୍ଜାବ (ଗ) ଉତ୍ତର ପ୍ରଦେଶ (ଘ) ବିହାର

୩ । କମ୍ ବୃଷ୍ଟି ପାଉଥିବା ଅଞ୍ଚଳର କୃଷି କାର୍ଯ୍ୟକୁ କେଉଁ କୃଷି କୁହାଯାଏ ?
(କ) ଶୁଷ୍କ (ଖ) ଆର୍ଦ୍ର (ଗ) ସେଚିତ (ଘ) ଅର୍ଦ୍ଧଶୁଷ୍କ

୪ । ଆନ୍ଧ୍ର ପ୍ରଦେଶରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?
(କ) ଝୁମ୍ (ଖ) ପୋଡୁ (ଗ) ପେଣ୍ଡା (ଘ) କୁରୁଓ୍ୱା

୫ । ଖରିଫ୍ ଋତୁ କେଉଁ ମାସରେ ଆରମ୍ଭ ହୋଇଥାଏ ?
(କ) ମେ ଓ ଜୁନ୍ (ଖ) ଜୁନ୍ ଓ ଜୁଲାଇ (ଗ) ଜୁଲାଇ ଓ ଅଗଷ୍ଟ (ଘ) ଅକ୍ଟୋବର ଓ ନଭେମ୍ବର

୬ । ଅଧିକ ଯାନ୍ତ୍ରିକ ଉପକରଣ କେଉଁ କୃଷି ପଦ୍ଧତିରେ ବ୍ୟବହାର କରାଯାଇଥାଏ ?
(କ) ବ୍ୟାପକ (ଖ) ସଘନ (ଗ) ବାଣିଜ୍ୟ (ଘ) ପୋଡୁ

୭ । ଆମ ଦେଶର ମୋଟ କୃଷି ଭୂମିର ଶତକଡ଼ା କେତେ ଭାଗ ଭୂମି ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ ।
(କ) ୬୫ (ଖ) ୭୫ (ଗ) ୮୫ (ଘ) ୯୫

୮ । ଧାନ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?
(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ପଞ୍ଚମ

୯ । ଗହମ ଭାରତର କେଉଁ ଅଞ୍ଚଳର ମୁଖ୍ୟ ଖାଦ୍ୟ ଦ୍ରବ୍ୟ ?
(କ) ଉତ୍ତର ଭାରତ ଓ ଉତ୍ତର ପଶ୍ଚିମ ଭାରତ (ଖ) ପୂର୍ବ ଭାରତ
(ଗ) ପଶ୍ଚିମ ଭାରତ (ଘ) ଦକ୍ଷିଣ ଭାରତ

୧୦ । କେଉଁ ରାଜ୍ୟରେ ସର୍ବାଧିକ ଯଅ ଉତ୍ପାଦିତ ହୁଏ ?
(କ) କର୍ଣ୍ଣାଟକ (ଖ) ମହାରାଷ୍ଟ୍ର (ଗ) ମଧ୍ୟ ପ୍ରଦେଶ (ଘ) ତାମିଲନାଡୁ

୧୧ । ରାଶି ଉତ୍ପାଦନରେ କେଉଁ ରାଜ୍ୟ ୨ୟ ସ୍ଥାନ ଅଧିକାର କରିଛି ?
(କ) ମହାରାଷ୍ଟ୍ର (ଖ) ପଶ୍ଚିମବଙ୍ଗ (ଗ) ଓଡ଼ିଶା (ଘ) ବିହାର

୧୨ । ନିମ୍ନୋକ୍ତ କେଉଁ ଫସଲ ଯବକ୍ଷାରଜାନ ନିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରନ୍ତି ?
(କ) ତୈଳବୀଜ (ଖ) ଖାଦ୍ୟ ଶସ୍ୟ (ଗ) ଡାଲି ଜାତୀୟ (ଘ) ତନ୍ତୁ ଜାତୀୟ

୧୩ । ଆଖୁ ଚାଷ ପାଇଁ କେତେ ପରିମାଣର ବୃଷ୍ଟିପାତ ଆବଶ୍ୟକ ?
(କ) ୫୦ - ୭୫ ସେ.ମି. (ଖ) ୭୫ - ୧୦୦ ସେ.ମି.
(ଗ) ୧୦୦ - ୧୫୦ ସେ.ମି. (ଘ) ୧୦୦ - ୨୦୦ ସେ.ମି.

୧୪ । ଆମ ଦେଶରେ ସର୍ବାଧିକ କେତେ ପ୍ରତିଶତ ଭୂମିରେ ତୈଳବୀଜ ଉତ୍ପନ୍ନ କରାଯାଏ ?
(କ) ୧୨% (ଖ) ୧୬% (ଗ) ୨୧% (ଘ) ୩୩%

୧୫ । ଭାରତରେ ଚାହା ଚାଷ କେଉଁମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ?
(କ) ପର୍ତ୍ତୁଗୀଜ (ଖ) ଫରାସୀ (ଗ) ଇଂରେଜ (ଘ) ମୋଗଲ

୧୬ । ପଶ୍ଚିମବଙ୍ଗର ଦାର୍ଜିଲିଂ ଓ ଜଲପାଇଗୁଡ଼ି ଅଞ୍ଚଳ କେଉଁ ଚାଷ ପାଇଁ ସର୍ବୋତ୍କୃଷ୍ଟ ?
(କ) ସୂର୍ଯ୍ୟମୁଖୀ (ଖ) କଫି (ଗ) କପା (ଘ) ଚାହା

୧୭ । କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ନୀଳଗିରି ପାର୍ବତ୍ୟାଞ୍ଚଳ ଅଞ୍ଚଳ କେଉଁ ଚାଷ ପାଇଁ ପ୍ରସିଦ୍ଧ ?
(କ) ଚାହା (ଖ) କଫି (ଗ) ସୂର୍ଯ୍ୟମୁଖୀ (ଘ) ରାଶି

୧୮ । ଭାରତର କେଉଁ ରାଜ୍ୟ ସପୁରୀ ପାଇଁ ପ୍ରସିଦ୍ଧି ଲାଭ କରିଛି ?
(କ) ଆସାମ (ଖ) ମଣିପୁର (ଗ) ସିକିମ୍ (ଘ) ମେଘାଳୟ

୧୯ । ରବର ଚାଷ ମୁଖ୍ୟତଃ କେଉଁ ଜଳବାୟୁ ଅଞ୍ଚଳରେ ହୋଇ ନ ଥାଏ ?
(କ) କ୍ରାନ୍ତୀୟ (ଖ) ଉପକ୍ରାନ୍ତୀୟ (ଗ) ବିଷୁବ ମଣ୍ଡଳୀୟ (ଘ) ମରୁ

୨୦ । ରବର ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?
(କ) ୨ (ଖ) ୩ (ଗ) ୪ (ଘ) ୫

୨୧ । କେଉଁ ଚାଷକୁ "Sericulture' କୁହାଯାଏ ?
(କ) ଟସର ପୋକ (ଖ) ରବର (ଗ) ରେଶମ (ଘ) ପଶମ

୨୨ । ଭାରତର କେଉଁ ଅଞ୍ଚଳରେ କପା ଚାଷ କରାଯାଏ ?
(କ) ଉତ୍ତର-ପୂର୍ବ (ଖ) ଦକ୍ଷିଣ-ପଶ୍ଚିମ (ଗ) ଦାକ୍ଷିଣାତ୍ୟ ମାଳଭୂମି (ଘ) କେନ୍ଦ୍ରୀୟ

୨୩ । କପା ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?
(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୨୪ । କେଉଁଟି ଏକ ତନ୍ତୁ ଜାତୀୟ ଫସଲ ନୁହେଁ ?
(କ) କପା (ଖ) ଝୋଟ (ଗ) ଛଣ (ଘ) କଫି

୨୫ । କାହାକୁ 'ସ୍ୱର୍ଣ୍ଣ ତନ୍ତୁ' କହନ୍ତି ?
(କ) କପା (ଖ) ଝୋଟ (ଗ) ଛଣ (ଘ) ମକା

୨୬ । କୃଷି ଆମ ଦେଶର କେତେ ପ୍ରତିଶତ ଲୋକଙ୍କ ଜୀବିକା ଅଟେ ?
(କ) ୫୦ (ଖ) ୬୦ (ଗ) ୭୦ (ଘ) ୮୦

୨୭ । ସବୁଜ ବିପ୍ଲବକୁ କେଉଁ କ୍ଷେତ୍ରରେ ଉତ୍ପାଦନ ପାଇଁ ଅଗ୍ରାଧିକାର ଦିଆଯାଇଛି ?
(କ) ଶକ୍ତି (ଖ) ଖାଦ୍ୟଶସ୍ୟ (ଗ) ଶିଳ୍ପ (ଘ) ଦୁଗ୍ଧ

୨୮ । କୃଷିର ଉନ୍ନତି ପାଇଁ ଜାତୀୟ ସ୍ତରରେ କ'ଣ ଗଢ଼ି ଉଠିଛି ?
(କ) ଗ୍ରାମ୍ୟ ବ୍ୟାଙ୍କ୍ (ଖ) ବ୍ୟାବସାୟିକ ବ୍ୟାଙ୍କ୍ (ଗ) ସମବାୟ ବ୍ୟାଙ୍କ୍ (ଘ) ନାବାର୍ଡ୍

୨୯ । କେଉଁ ଚାଷଟି ପ୍ଲାବନ ଭୂମି ଅଞ୍ଚଳରେ ଚାଷ କରାଯାଇଥାଏ ?
(କ) ପନିପରିବା (ଖ) ଫଳଚାଷ (ଗ) ଧାନ (ଘ) ଝୋଟ

୩୦ । କେଉଁ ସଂସ୍ଥାକୁ ଖାଦ୍ୟଶସ୍ୟ ସଂଗ୍ରହର ଦାୟିତ୍ୱ ପ୍ରଦାନ କରାଯାଇଛି ?
(କ) PDS (ଖ) MSP (ଗ) IIF (ଘ) FCI

୩୧ । ଖାଉଟିମାନଙ୍କୁ କେତେ ଭାଗରେ ବିଭକ୍ତ କରାଯାଇଛି ?
(କ) ୧ (ଖ) ୨ (ଗ) ୩ (ଘ) ୪

Edudia App

୩୨ । ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ ହେଉଥିବା କୃଷିକୁ କ'ଣ କୁହାଯାଏ ?

(କ) ପ୍ରୟୋଜନଭିତ୍ତିକ କୃଷି (ଖ) ସଘନ କୃଷି

(ଗ) ସ୍ଥାନାନ୍ତରିତ କୃଷି (ଘ) ରୋପଣ କୃଷି

୩୩ । କମ୍ ସୁଧରେ କୃଷି ଋଣ ଯୋଗାଇବା ପାଇଁ କେଉଁ ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇଛି ?

(କ) ସମବାୟ (ଖ) BOB (ଗ) ଗ୍ରାମ୍ୟ (ଘ) S.B.I.

୩୪ । ଭାରତର ଶସ୍ୟ ଉତ୍ପାଦନ ବୃଦ୍ଧିରେ କେଉଁଟି ଏକ ପ୍ରତିବନ୍ଧକ ?

(କ) ଜମିଦାରୀ ପ୍ରଥା ଉଚ୍ଛେଦ (ଖ) ସମବାୟ ସଙ୍ଗଠନ ପ୍ରତିଷ୍ଠା

(ଗ) ଜୋତ ବିଖଣ୍ଡନ (ଘ) ଚକାବନ୍ଦୀ ବ୍ୟବସ୍ଥାର ପ୍ରଚଳନ

୩୫ । କେବେ ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହେଲା ?

(କ) ୧୯୫୧ (ଖ) ୧୯୬୫ (ଗ) ୧୯୭୧ (ଘ) ୧୯୯୦

୩୬ । କେଉଁଟିକୁ ଶ୍ୱେତବିପ୍ଳବ କୁହାଯାଏ ?

(କ) ଧାନ ଉତ୍ପାଦନ ବୃଦ୍ଧି (ଖ) ଗହମ ଉତ୍ପାଦନ ବୃଦ୍ଧି

(ଗ) ଦୁଗ୍ଧ ଉତ୍ପାଦନ ବୃଦ୍ଧି (ଗ) ଏଥି ମଧ୍ୟରୁ କେଉଁଟି ନୁହେଁ

୩୭ । ପ୍ରଦତ୍ତ ମାନଚିତ୍ରରେ 'I' ଚିହ୍ନିତ ମୁଖ୍ୟ ଧାନଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?

(କ) ପଶ୍ଚିମବଙ୍ଗ (ଖ) କେରଳ

(ଗ) ବିହାର (ଘ) ତାମିଲନାଡୁ




୩୮ । ପ୍ରଦତ୍ତ ମାନଚିତ୍ରରେ 'II' ଚିହ୍ନିତ ମୁଖ୍ୟ ଗହମ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?

(କ) ରାଜସ୍ଥାନ (ଖ) ପଞ୍ଜାବ

(ଗ) ହରିୟାଣା (ଘ) ହିମାଚଳ ପ୍ରଦେଶ

୩୯ । 'III' ଚିହ୍ନିତ ମୁଖ୍ୟ ଧାନ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?

(କ) ବିହାର ଓ ଉତ୍ତର ପ୍ରଦେଶ

(ଖ) ତାମିଲନାଡୁ ଓ ମହାରାଷ୍ଟ୍ର

(ଗ) ଉତ୍ତର ପ୍ରଦେଶ ଓ ରାଜସ୍ଥାନ

(ଘ) ପଶ୍ଚିମବଙ୍ଗ ଓ ବିହାର

୪୦ । 'IV' ଚିହ୍ନିତ ମୁଖ୍ୟ ଗହମ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?

(କ) ଉତ୍ତର ପ୍ରଦେଶ (ଖ) ହିମାଚଳ ପ୍ରଦେଶ

(ଗ) ଉତ୍ତରାଖଣ୍ଡ (ଘ) ହରିୟାଣା

## ଉତ୍ତର

(୧) (କ) କୃଷି
(୨) (ଖ) ପଞ୍ଜାବ
(୩) (କ) ଶୁଷ୍କ
(୪) (ଗ) ପେଣ୍ଠା
(୫) (ଖ) ଜୁନ୍ ଓ ଜୁଲାଇ
(୬) (କ) ବ୍ୟାପକ
(୭) (ଖ) ୭୫
(୮) (ଖ) ଦ୍ୱିତୀୟ
(୯) (କ) ଉତ୍ତର ଭାରତ ଓ ଉତ୍ତର-ପଶ୍ଚିମ ଭାରତ
(୧୦) (ଖ) ମହାରାଷ୍ଟ୍ର
(୧୧) (ଖ) ପଶ୍ଚିମବଙ୍ଗ
(୧୨) (ଗ) ଡାଲିଜାତୀୟ
(୧୩) (ଖ) ୭୫ - ୧୦୦ ସେ.ମି.
(୧୪) (କ) ୧୨%
(୧୫) (ଗ) ଇଂରେଜ
(୧୬) (ଘ) ଚାହା
(୧୭) (ଖ) କଫି
(୧୮) (ଘ) ମେଘାଳୟ
(୧୯) (ଘ) ମରୁ
(୨୦) (ଘ) ୫
(୨୧) (କ) ଟସର ପୋକ
(୨୨) (ଗ) ଦାକ୍ଷିଣାତ୍ୟ ମାଳଭୂମି
(୨୩) (ଗ) ତୃତୀୟ
(୨୪) (ଘ) କଫି
(୨୫) (ଖ) ଝୋଟ
(୨୬) (ଖ) ୬୦
(୨୭) (ଖ) ଖାଦ୍ୟଶସ୍ୟ
(୨୮) (ଘ) ନାବାର୍ଡ୍
(୨୯) (ଘ) ଝୋଟ
(୩୦) (ଘ) FCI
(୩୧) (ଖ) ୨
(୩୨) (ଘ) ରୋପଣ କୃଷି
(୩୩) (ଗ) ଗ୍ରାମ୍ୟ
(୩୪) (ଗ) ଜୋତ ବିଖଣ୍ଡନ
(୩୫) (ଘ) ୧୯୯୦
(୩୬) (ଗ) ଦୁଗ୍ଧ ଉତ୍ପାଦନ ବୃଦ୍ଧି
(୩୭) (ଘ) ତାମିଲନାଡୁ
(୩୮) (କ) ରାଜସ୍ଥାନ
(୩୯) (କ) ବିହାର ଓ ଉତ୍ତର ପ୍ରଦେଶ
(୪୦) (ଗ) ଉତ୍ତରାଖଣ୍ଡ

## ପ୍ରଶ୍ନୋତ୍ତର ବିଭାଗ

Eduodia App

**ପାର୍ଥକ୍ୟ ଦର୍ଶାଅ ।** (୫ x ୨ = ୧୦

୧ । ପୋଡୁ ଚାଷ ଓ ଝୁମ୍ ଚାଷ ।
୨ । ପ୍ରୟୋଜନଭିତ୍ତିକ କୃଷି ଓ ସ୍ଥାନାନ୍ତରିତ କୃଷି ।
୩ । ତନ୍ତୁଜାତୀୟ ଫସଲ ଓ ପାନୀୟ ଫସଲ ।
୪ । ଶୁଷ୍କ କୃଷି ଓ ଆର୍ଦ୍ର କୃଷି ।
୫ । ଖରିଫ୍ ଫସଲ ଓ ରବି ଫସଲ ।

**କାରଣ ଦର୍ଶାଅ ।** (୫ x ୨ = ୧୦

୧ । ଦିନକୁ ଦିନ ଜମିର ଉତ୍ପାଦିକା ଶକ୍ତି କମିବାରେ ଲାଗିଛି ।
୨ । ରୋପଣ କୃଷିକୁ ବାଣିଜ୍ୟିକ କୃଷି ମଧ୍ୟ କୁହାଯାଏ ।
୩ । ଖାଦ୍ୟ ସୁରକ୍ଷାର ଆବଶ୍ୟକତା ରହିଛି ।
୪ । ଭାରତରେ ରବି ଋତୁରେ ଗହମ ଚାଷ କରାଯାଏ ।
୫ । ଡେକାନ ମାଳଭୂମିରେ ଅଧିକ କପା ଚାଷ କରାଯାଏ ।

**ସଂକ୍ଷିପ୍ତ ଟିପ୍ପଣୀ ଲେଖ ।** (୪ x ୩ = ୧୨

୧ । ସ୍ଥାନାନ୍ତରିତ କୃଷି ।
୨ । ଯେଦ୍ ।
୩ । ଖରିଫ୍ ଫସଲ ।
୪ । ସବୁଜ ବିପ୍ଳବ ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।** (୬ x ୪ = ୨୪

୧ । ଧାନ ଚାଷ ପାଇଁ କେଉଁ ସମସ୍ତ ଭୌଗୋଳିକ ଅବସ୍ଥା ଆବଶ୍ୟକ ?

୨ । ଭାରତରେ ଖରିଫ୍ ଫସଲର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଲେଖ ।

୩ । ଭାରତରେ କପା ଚାଷ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

୪ । ଭାରତୀୟ କୃଷିରେ ଜଗତୀକରଣର ପ୍ରଭାବ ସଂପର୍କରେ ଆଲୋଚନା କର ।

୫ । ଖାଦ୍ୟ ସୁରକ୍ଷା କ'ଣ ? ଏହାର ଆବଶ୍ୟକତା କାହିଁକି ରହିଛି ?

୬ । ଭାରତରେ ହେଉଥିବା ରୋପଣ କୃଷିର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

## ଉତ୍ତର

**ପାର୍ଥକ୍ୟ ଦର୍ଶାଅ ।**

୧ । <u>ପୋଡୁ ଚାଷ :</u>

- ଓଡ଼ିଶାରେ ଆଦିବାସୀ ଓ ପାହାଡ଼ିଆ ଅଞ୍ଚଳରେ ହେଉଥିବା ସ୍ଥାନାନ୍ତରିତ କୃଷିକୁ ପୋଡୁ ଚାଷ କୁହାଯାଏ ।

<u>ଝୁମ୍ ଚାଷ :</u>

- ଉତ୍ତର-ପୂର୍ବ ରାଜ୍ୟ ଯଥା: ଆସାମ, ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡରେ କରାଯାଉଥିବା ସ୍ଥାନାନ୍ତରିତ କୃଷିକୁ ଝୁମ୍ ଚାଷ କୁହାଯାଏ ।

୨ । <u>ପ୍ରୟୋଜନଭିତ୍ତିକ କୃଷି :</u>

- ନାମମାତ୍ର ଓ କ୍ଷୁଦ୍ରଚାଷୀମାନଙ୍କ ଦ୍ୱାରା ଛୋଟ ଛୋଟ ଚାଷ ଭୂମି ଓ ବିକ୍ଷିପ୍ତ ଚାଷଜମିମାନଙ୍କରେ ଏହି କୃଷିକାର୍ଯ୍ୟ ପାରମ୍ପରିକ ଉପାୟରେ କରାଯାଏ ।
- ଏହି ଶ୍ରେଣୀର କୃଷକ ଗରିବ ହୋଇଥିବାରୁ ସେମାନେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ନ ପାରିବାରୁ କୃଷି ଉତ୍ପାଦନ କମ୍ ହେବା ଫଳରେ ଚାଷୀର ପରିବାର ଭରଣ ପୋଷଣ ପାଇଁ ଯଥେଷ୍ଟ ହୋଇନଥାଏ । ଏହି ପ୍ରକାର କୃଷିକୁ ପ୍ରୟୋଜନଭିତ୍ତିକ କୃଷି କୁହାଯାଏ ।

<u>ସ୍ଥାନାନ୍ତରିତ କୃଷି :</u>

- ଏହି କୃଷି ପଦ୍ଧତିରେ ଜଙ୍ଗଲର କିଛି ଅଂଶ ପୋଡ଼ି ସଫା କରି କ୍ରମାଗତ ଭାବରେ ଚାଷ କରାଯାଏ ଓ ଉର୍ବରତା କମିଗଲେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ ।
- ଏହା ପ୍ରାଚୀନ କୃଷିର ଏକ ଉଦାହରଣ ।

୩ । <u>ତନ୍ତୁଜାତୀୟ ଫସଲ :</u>

- କପା, ଝୋଟ, ଛଣପଟ, ରେଶମ ଆଦି ଫସଲକୁ ତନ୍ତୁଜାତୀୟ ଫସଲ କୁହାଯାଏ ।

<u>ପାନୀୟ ଫସଲ :</u>

- ଚାହା, କଫି ଆଦିକୁ ପାନୀୟ ଫସଲ କୁହାଯାଏ ।

୪ । <u>ଶୁଷ୍କ କୃଷି :</u>

- କମ୍ ବୃଷ୍ଟିପାତ ଅଞ୍ଚଳରେ ଏହି କୃଷି କାର୍ଯ୍ୟ ହୋଇଥାଏ ।
- ମକା, ବାଜରା, ତୈଳବୀଜ ଆଦି ଏହି ପ୍ରକାର କୃଷିର ଅନ୍ତର୍ଭୁକ୍ତ ।

ଆର୍ଦ୍ର କୃଷି :

- ବୃଷ୍ଟି ବହୁଳ ଅଞ୍ଚଳରେ କରାଯାଉଥିବା କୃଷିକୁ ଆର୍ଦ୍ର କୃଷି କୁହାଯାଏ ।
- ଏହି କୃଷିରେ ଧାନ, ନଳିତା, ଆଖୁ ଓ ବିଭିନ୍ନ ପରିପରିବା ଆଦି ଚାଷ କରାଯାଏ ।

୫ । ଖରିଫ୍ ଫସଲ :

- ମୌସୁମୀ ବାୟୁର ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିଥାଏ ।
- ଧାନ, ଆଖୁ, ଝୋଟ, ଜଡ଼ା, କପା, ବାଜରା, ମୁଗ, ବିରି ଆଦି ମୁଖ୍ୟ ଫସଲ । ଏହି ଫସଲ ପାଇଁ ଅଧିକ ଉତ୍ତାପ ଓ ବୃଷ୍ଟିପାତ ଆବଶ୍ୟକ ।

ରବି ଫସଲ :

- ଅକ୍ଟୋବର ଓ ନଭେମ୍ବର ମାସରେ ଆରମ୍ଭ ହୋଇ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଶେଷ ହୁଏ ।
- ଗହମ, ବାର୍ଲି, ସୋରିଷ, ମୁଗ, ବିରି, ପେଶି, ରାଶି ଆଦି ମୁଖ୍ୟ ଫସଲ । ଏହି ଫସଲ ପାଇଁ ଜଳସେଚନର ଆବଶ୍ୟକତା ପଡ଼ିଥାଏ ।

**କାରଣ ଦର୍ଶାଅ ।**

୧ । ଅଧିକ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ନେଇ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ଔଷଧ ବ୍ୟବହାର ବୃଦ୍ଧି ପାଉଛି । ତେଣୁ ଦିନକୁ ଦିନ ଜମିର ଉତ୍ପାଦିକା ଶକ୍ତି କମିବାରେ ଲାଗିଛି ।

୨ । ରୋପଣ କୃଷି ପ୍ରଣାଳୀରେ ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରାଯାଏ । ଏଥିରେ ଉତ୍ପାଦିତ ଅଧିକାଂଶ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ବିଭିନ୍ନ ସଂସାଧନ ଶିଳ୍ପ ଗଢ଼ି ଉଠିଥାଏ । ଉଦାହରଣ - ଚା, କଫି, ରବର, ବାଣିଜ୍ୟ ଉଦ୍ଦେଶ୍ୟରେ କରାଯାଉଥିବାରୁ ଏହାକୁ ବାଣିଜ୍ୟିକ କୃଷି ମଧ୍ୟ କୁହାଯାଏ ।

୩ । ଖାଦ୍ୟ ସୁରକ୍ଷାର ୨ଟି ବ୍ୟବସ୍ଥା ରହିଛି । ପ୍ରଥମଟି ହେଲା ଯଥେଷ୍ଟ ଖାଦ୍ୟଶସ୍ୟ ସଂଗ୍ରହ ଓ ୨ୟଟି ସାଧାରଣ ବଣ୍ଟନ ବ୍ୟବସ୍ଥା । ଦେଶର ଜରୁରୀକାଳୀନ ପରିସ୍ଥିତିରେ ଖାଦ୍ୟାଭାବକୁ ଆଭ୍ୟନ୍ତରୀଣ ବ୍ୟବସ୍ଥା ଦ୍ୱାରା ମୁକାବିଲା କରିବା ପ୍ରକ୍ରିୟା ହେଉଛି ଖାଦ୍ୟ ସୁରକ୍ଷା । ଦେଶରେ ଦରିଦ୍ର ଶ୍ରେଣୀର ଜନସାଧାରଣମାନଙ୍କୁ ଅନିଶ୍ଚିତ ଖାଦ୍ୟଯୋଗାଣରୁ ରକ୍ଷା କରିବାପାଇଁ ଏହି ବ୍ୟବସ୍ଥାର ଆବଶ୍ୟକତା ରହିଅଛି ।

୪ । ଗହମ ଶୀତଳ ଜଳବାୟୁରେ ବଢ଼ି ପାରେ ଓ ଅମଳ ସମୟରେ ପ୍ରଖର ସୂର୍ଯ୍ୟକିରଣ ଆବଶ୍ୟକ ହୋଇଥାଏ । ଭାରତର ନାତିଶୀତୋଷ୍ଣ ଅଞ୍ଚଳ, ଉତ୍ତର ଭାରତ ଓ ଉତ୍ତର - ପଶ୍ଚିମ ଭାରତରେ ଶୀତ ଦିନେ ଏ ପ୍ରକାର ଜଳବାୟୁ ଅନୁଭୂତ ହେଉଥିବାରୁ ଗହମ ଚାଷ ରବି ଋତୁରେ ହୁଏ ।

୫ । କପା ଚାଷ ପାଇଁ ଅଧିକ ତାପମାତ୍ରା ଓ କମ୍ ବୃଷ୍ଟିପାତ ଆବଶ୍ୟକ । ଡେକାନ୍ ମାଳଭୂମିରେ ଥିବା କୃଷ୍ଣ କାର୍ପାସ୍ ମୃତ୍ତିକାର ଉତ୍ତାପ ଓ ଜଳ ଧାରଣ କ୍ଷମତା ଅଧିକ ଥିବାରୁ ଏହା କପା ଚାଷ ପାଇଁ ଉପଯୋଗୀ ।

**ସଂକ୍ଷିପ୍ତ ଟିପ୍ପଣୀ ।**

୧ । ସ୍ଥାନାନ୍ତରିତ କୃଷି :

ଏ ପ୍ରକାର କୃଷି ପ୍ରଣାଳୀରେ ପାହାଡ଼ିଆ ଅଞ୍ଚଳର ଜଙ୍ଗଲକୁ ପୋଡ଼ି ଏହାର ପାଉଁଶ ଦ୍ୱାରା ଜମିର ଉର୍ବରତା ବୃଦ୍ଧି କରାଯାଇ ଚାଷ କାର୍ଯ୍ୟ କରାଯାଏ । ଜମିର ଉର୍ବରତା କମିଗଲେ ସ୍ଥାନ ଛାଡ଼ି ଅନ୍ୟତ୍ର ଜଙ୍ଗଲ ପୋଡ଼ି କୃଷିକାର୍ଯ୍ୟ କରନ୍ତି । ଚାଷ ଜମିର ସ୍ଥାନାନ୍ତରଣ ଯୋଗୁଁ ଏହାକୁ 'ସ୍ଥାନାନ୍ତରିତ କୃଷି' କୁହାଯାଏ ।

Eduodia App

୨ । ଯେଦ୍ :

ଖରିଫ୍ ଓ ରବି ଋତୁର ମଧ୍ୟବର୍ତ୍ତୀ ଗ୍ରୀଷ୍ମ ମାସରେ ଏକ ସ୍ୱଳ୍ପକାଳୀନ କୃଷି ଋତୁ ଥାଏ । ଏହାକୁ ଯେଦ୍ କୁହାଯାଏ । ତରଭୁଜ, ଖରଭୁଜ, କାକୁଡ଼ି ଓ ପନିପରିବା ଆଦି ଏହି ଋତୁରେ ଚାଷ କରାଯାଏ ।

୩ । ଖରିଫ୍ ଫସଲ :

ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରୁ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିଥାଏ । ଏ ପ୍ରକାର ଚାଷ ବନ୍ୟା ପ୍ଳାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳଗୁଡ଼ିକରେ ହୋଇଥାଏ । ଧାନ, ଝୋଟ, ଆଖୁ, ଜଡ଼ା, କପା ଓ ମକା ଏ ଅଞ୍ଚଳର ପ୍ରଧାନ ଶସ୍ୟ ।

୪ । ସବୁଜ ବିପ୍ଳବ :

ଷାଠିଏ ଦଶକରେ ଭାରତରେ କୃଷିକ୍ଷେତ୍ରରେ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାପାଇଁ ହୋଇଥିବା ବୈପ୍ଳବିକ ପରିବର୍ତ୍ତନକୁ ସବୁଜ ବିପ୍ଳବ କୁହାଯାଏ । ଉନ୍ନତ କୃଷି ପ୍ରଣାଳୀ, ରାସାୟନିକ ସାର, ଔଷଧ ଓ ଉନ୍ନତ କିସମର ବିହନ ପ୍ରୟୋଗ କରାଯାଇଥିଲା । ମୁଖ୍ୟତଃ ପଞ୍ଜାବ ଓ ହରିୟାଣା ରାଜ୍ୟରେ ଏହା ଅଧିକ ସଫଳ ହୋଇଥିଲା ।

**ଦୀର୍ଘ ଉତ୍ତରମୂଳକ ।**

୧ । • ଧାନ ଭାରତର ଅଧିକାଂଶ ଅଧିବାସୀଙ୍କ ପ୍ରଧାନ ଖାଦ୍ୟ । ଧାନ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ ୨ୟ ।

- ଭାରତ କ୍ରାନ୍ତୀମଣ୍ଡଳୀୟ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ, ଅଧିକ ଆର୍ଦ୍ର ଜଳବାୟୁ ଯୋଗୁଁ ଧାନ ଚାଷ ପାଇଁ ଅନୁକୂଳ ହୋଇଥାଏ ।
- ଧାନ ଚାଷ ପାଇଁ ୧୦୦ - ୨୦୦ ସେ.ମି. ବୃଷ୍ଟିପାତ, ୮୦ ଭାଗ ଆର୍ଦ୍ରତା ଓ ୨୫° ସେଲ୍‌ସିୟସ୍ ତାପମାତ୍ରା ଆବଶ୍ୟକ ।
- ଧାନ ମୁଖ୍ୟତଃ ଉତ୍ତର ଭାରତର ସମତଳ ଅଞ୍ଚଳ, ଉତ୍ତର - ପୂର୍ବ ଭାରତ, ଉପକୂଳବର୍ତ୍ତୀ ଅଞ୍ଚଳ ଓ ତ୍ରିକୋଣଭୂମି ଅଞ୍ଚଳରେ ଅଧିକ ହୋଇଥାଏ । ଧାନଚାଷ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତାମିଲନାଡୁ ଆଦି ରାଜ୍ୟ ପ୍ରାଧାନ୍ୟ ଲାଭ କରିଛନ୍ତି ।

୨ । • ଭାରତରେ ଖରିଫ୍ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ ।

- ଧାନ, କପା, ଆଖୁ, ଝୋଟ, ମକା, ଜଡ଼ା ଆଦି ଖରିଫ୍ ଫସଲର ଅନ୍ତର୍ଭୁକ୍ତ ।
- ଅଧିକ ଉତ୍ତାପ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଏହି ଋତୁରେ ଚାଷ କରାଯାଏ ।
- ଏହି ପ୍ରକାର ଚାଷ ବନ୍ୟାପ୍ଳାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳରେ କରାଯାଏ ।

୩ । • କପା ଚାଷ ମୁଖ୍ୟତଃ ଦାକ୍ଷିଣାତ୍ୟ ମାଳଭୂମିରେ ଦେଖାଯାଉଥିବା କୃଷ୍ଣ କାର୍ପାସ୍ ମୃତ୍ତିକାରେ ଅଧିକ ପରିମାଣରେ ଉତ୍ପନ୍ନ ହୁଏ ।

- ଏହି ଚାଷ ପାଇଁ ଅଧିକ ତାପମାତ୍ରା ଓ ଅଳ୍ପ ପରିମାଣର ବୃଷ୍ଟିପାତ, ଜଳସେଚନ ଏବଂ ଅଧିକ ସୂର୍ଯ୍ୟକିରଣ ଆବଶ୍ୟକ ହୁଏ ।
- କପା ଖରିଫ୍ ଋତୁରେ ଉତ୍ପନ୍ନ ହୁଏ ଓ ଅମଳ ହେବା ପାଇଁ ୬-୮ ମାସ ସମୟ ନେଇଥାଏ ।
- ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ତାମିଲନାଡୁ, ହରିୟାଣା, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ଅଧିକ କପା ଉତ୍ପନ୍ନ ହୁଏ ।

୪ । • ୧୯୯୦ ମସିହାର ଜଗତୀକରଣ ପ୍ରକ୍ରିୟା ଭାରତୀୟ କୃଷକମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ କରାଇଛି ।

- ଭାରତରେ ଉତ୍ପାଦନ ଧାନ, ତୁଳା, ରବର, କଫି, ଚା', ମସଲା ଆଦି ପଦାର୍ଥର ଉତ୍ପାଦନର ଗୁରୁତ୍ୱ ରହିଥିଲେ ସୁଦ୍ଧା ଉନ୍ନତ ରାଷ୍ଟ୍ରମାନଙ୍କ ତୁଳନାରେ ପ୍ରଭାବଶାଳୀ ହୋଇପାରୁନାହିଁ ।

- ରାସାୟନିକ ସାର ଓ ଔଷଧର ବ୍ୟବହାର ଯୋଗୁଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି ।
- ଏହାଦ୍ୱାରା ଜୈବ ବିବିଧତା ଉପରେ ପ୍ରଭାବ ପଡୁଛି, ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ନୂତନ ଧରଣର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ ଉତ୍ପାଦିତ ହେଉଛି ।

୫ । ● ଦେଶର ପ୍ରତ୍ୟେକ ନାଗରିକଙ୍କୁ ସର୍ବନିମ୍ନ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯୋଗାଇ ଦେବା ବ୍ୟବସ୍ଥାକୁ 'ଖାଦ୍ୟ ସୁରକ୍ଷା' କୁହାଯାଏ ।

- ଖାଦ୍ୟ ସୁରକ୍ଷାର ଅଭାବ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନଗ୍ରସର ରାଜ୍ୟଗୁଡ଼ିକରେ ଦୃଷ୍ଟିଗୋଚର ହୁଏ । ତେଣୁ ଆମ ଦେଶରେ ଖାଦ୍ୟ ସୁରକ୍ଷାର ଆବଶ୍ୟକତା ରହିଛି ।
- କୃଷିଜାତ ପଦାର୍ଥର ଉତ୍ପାଦନରେ ବୃଦ୍ଧି ଏବଂ ଧାନ ତଥା ଗହମ ସଂଗ୍ରହ ଓ ସେଗୁଡ଼ିକର ସମର୍ଥିତ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଏହି ଯୋଜନାର ଆବଶ୍ୟକତା ରହିଛି ।
- ସାଧାରଣ ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦେବାପାଇଁ ଏହି ଯୋଜନାର ଆବଶ୍ୟକତା ରହିଛି ।
- ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ପ୍ରାଥମିକ ଲକ୍ଷ୍ୟ ହେଉଛି :

  (୧) କୃଷିଜାତ ପଦାର୍ଥର ଉତ୍ପାଦନରେ ବୃଦ୍ଧି ଓ ଧାନ ତଥା ଗହମ ସଂଗ୍ରହ ଓ ସେଗୁଡ଼ିକର ସମର୍ଥିତ ମୂଲ୍ୟ ନିର୍ଦ୍ଧାରଣ କରିବା ।

  (୨) ସାଧାରଣ ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦେବା ।

୬ । ● ବ୍ରିଟିଶମାନଙ୍କ ଦ୍ୱାରା ପ୍ରଥମେ ଆମ ଦେଶରେ ରୋପଣ କୃଷିର ପ୍ରଚଳନ ହୋଇଥିଲା । ଏହି କୃଷି ପ୍ରଣାଳୀରେ ଥରେ ବୃକ୍ଷରୋପଣ ଦ୍ୱାରା ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରିହୁଏ ।

- ରବର, ଚାହା, କଫି, ମସଲା, ନଡ଼ିଆ ଚାଷ ଆଦି ଏହି କୃଷିର ଅନ୍ତର୍ଗତ । ଏଥିରେ କମଳା, ସେଓ, ଅଙ୍ଗୁର ପ୍ରଭୃତି ଫଳଚାଷ ମଧ୍ୟ କରାଯାଏ ।
- ଏପରି କୃଷି କାର୍ଯ୍ୟ ପାଇଁ ଅଧିକ ଅର୍ଥ, ଦକ୍ଷ ଶ୍ରମିକ, ଜ୍ଞାନ କୌଶଳ, ଅତ୍ୟାଧୁନିକ ଯନ୍ତ୍ରପାତି, ସାର, ଜଳସେଚନ, ପରିବହନ ବ୍ୟବସ୍ଥା ଏକାନ୍ତ ଜରୁରୀ ।
- ଚା' ଚାଷ ପାଇଁ ଆସାମ, ପଶ୍ଚିମବଙ୍ଗର ଉତ୍ତରାଂଶ, ତାମିଲନାଡୁ ଓ କେରଳ ଅଞ୍ଚଳ ଉପଯୁକ୍ତ କ୍ଷେତ୍ର ହୋଇଥିବାବେଳେ କଫି ଉତ୍ପାଦନ ପାଇଁ କେରଳ, କର୍ଣ୍ଣାଟକ ଓ ତାମିଲନାଡୁର ନୀଳଗିରି ଅଞ୍ଚଳ ପ୍ରସିଦ୍ଧ ।

❑

Eduodia App

## ଅଷ୍ଟମ ଅଧ୍ୟାୟ

# ପରିବହନ, ଯୋଗାଯୋଗ ଏବଂ ବାଣିଜ୍ୟ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ଯାତ୍ରୀ ବା ଜିନିଷ ପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରି ନେବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

(କ) ପାଇପଲାଇନ୍ (ଖ) ଯୋଗାଯୋଗ

(ଗ) ପରିବହନ (ଘ) ବାଣିଜ୍ୟ

୨ । ଦେଶର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେଉଥିବା ସମସ୍ତ ସମ୍ବଳକୁ କ'ଣ କୁହାଯାଏ ?

(କ) ପରିବହନ (ଖ) ଯୋଗାଯେଗ

(ଗ) ବାଣିଜ୍ୟ (ଘ) ଆଧାରିକ ସଂରଚନା

୩ । ଭାରତରେ କେତେ ପ୍ରକାର ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ?

(କ) ୩ (ଖ) ୪

(ଗ) ୫ (ଘ) ୬

୪ । ଭାରତର ବର୍ତ୍ତମାନର ଅଧିକାଂଶ ସଡ଼କ ପଥ କେଉଁ ସମୟର ସଡ଼କପଥକୁ ଅନୁସରଣ କରି ନିର୍ମିତ ହୋଇଛି ?

(କ) ହରପ୍ପା (ଖ) ମହେଞ୍ଜୋଦାର

(ଗ) ମୋଗଲ (ଘ) ଅଶୋକ

୫ । ବର୍ତ୍ତମାନ ଭାରତର ସମୁଦାୟ ସଡ଼କ ପଥର ଦୈର୍ଘ୍ୟ କେତେ ?

(କ) ୫୯.୩୨ ଲକ୍ଷ କି.ମି. (ଖ) ୧.୭ ଲକ୍ଷ କି.ମି.

(ଗ) ୩୩୭୦୫ କି.ମି. (ଘ) ୨୦୭୩୮ କି.ମି.

୬ । ସଡ଼କ ପଥ ପରିବହନ ବ୍ୟବସ୍ଥାରେ ଭାରତର ସ୍ଥାନ ପୃଥିବୀରେ କ'ଣ ଅଟେ ?

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

୭ । ଆମ ଦେଶରେ ପ୍ରାୟ କେତେ କି.ମି. ଦୈର୍ଘ୍ୟର ଜାତୀୟ ରାଜପଥ ଅଛି ?

(କ) ୨୬ ଲକ୍ଷ (ଖ) ୧.୭ ଲକ୍ଷ

(ଗ) ୧ ଲକ୍ଷ ୪୨ ହଜାର କି.ମି. (ଘ) ୩.୭୪ ଲକ୍ଷ

୮ । କୋଲକାତାରୁ ବାହାରି ଆମ ରାଜ୍ୟର ରାଜଧାନୀ ଦେଇ ଚେନ୍ନାଇ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥର ନାମ କ'ଣ ?

(କ) NH - 12 (ଖ) NH - 16

(ଗ) NH - 18 (ଘ) NH - 202

୯ । ଭାରତର ଦୀର୍ଘତମ ଜାତୀୟ ରାଜପଥର ନାମ କ'ଣ ?

(କ) NH - 16 (ଖ) NH - 05

(ଗ) NH - 44 (ଘ) NH - 06

୧୦ । କେଉଁ ରାଜ୍ୟରେ ରାଜ୍ୟ ରାଜପଥର ପରିମାଣ ସବୁଠାରୁ ଅଧିକ ?
(କ) କର୍ଣ୍ଣାଟକ (ଖ) ମଧ୍ୟପ୍ରଦେଶ
(ଗ) ଉତ୍ତର ପ୍ରଦେଶ (ଘ) ମହାରାଷ୍ଟ୍ର

୧୧ । ଜିଲ୍ଲା ସଡ଼କ ପଥର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାକୁ ଦିଆଯାଇଛି ?
(କ) ବ୍ଲକ୍ (ଖ) ତହସିଲ୍
(ଗ) ଜିଲ୍ଲା ପରିଷଦ (ଘ) ପୌରପାଳିକା

୧୨ । ଆମ ଦେଶରେ ପ୍ରାୟ କେତେ କିଲୋମିଟର ଦୀର୍ଘ ରାଜ୍ୟ ରାଜପଥ ଅଛି ?
(କ) ୩୩୭୦୫ କି.ମି. (ଖ) ୧.୪୨ ଲକ୍ଷ କି.ମି.
(ଗ) ୧.୭ ଲକ୍ଷ କି.ମି. (ଘ) ୬.୦୩ ଲକ୍ଷ କି.ମି

୧୩ । ଆମ ଦେଶରେ ପ୍ରାୟ କେତେ କିଲୋମିଟର ଦୀର୍ଘ ଜିଲ୍ଲା ସଡ଼କ ପଥ ରହିଛି ?
(କ) ୨୮୭୦୫ କି.ମି. (ଖ) ୬୦୩୨୯୨ କି.ମି.
(ଗ) ୩୩୭୦୫ କି.ମି. (ଘ) ୨୮୭୮୫ କି.ମି.

୧୪ । ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗର ଦୈର୍ଘ୍ୟ ପ୍ରାୟ କେତେ କି.ମି. ?
(କ) ୨୦୭୩୮ (ଖ) ୫୮୪୦
(ଗ) ୧୫୮୩୪ (ଘ) ୩୩୭୦୫

୧୫ । ସୀମାନ୍ତ ସଡ଼କ ସଂସ୍ଥା କେବେଠାରୁ ପ୍ରତିଷ୍ଠା କରାଯାଇଛି ?
(କ) ୧୯୬୦ (ଖ) ୧୯୭୦
(ଗ) ୧୯୮୦ (ଘ) ୧୯୯୦

୧୬ । ସୀମାନ୍ତ ସଡ଼କ ସଂସ୍ଥା ଦ୍ୱାରା ନିର୍ମିତ କେଉଁ ରାସ୍ତା ପୃଥିବୀର ସର୍ବୋଚ୍ଚ ସଡ଼କ ପଥ ଅଟେ ?
(କ) ଦିଲ୍ଲୀରୁ ମିରଟ (ଖ) ମୁମ୍ବାଇରୁ ପୁଣେ
(ଗ) ମନାଲିରୁ ଲେହ (ଘ) କାଶ୍ମୀରରୁ କନ୍ୟାକୁମାରୀ

୧୭ । ଭାରତରେ ନିର୍ମାଣ କରାଯାଇଥିବା ଏକ୍ସପ୍ରେସ୍ ହାଇୱେର ଦୈର୍ଘ୍ୟ ପ୍ରାୟ କେତେ କିଲୋମିଟର ?
(କ) ୫୮୪୦ (ଖ) ୭୩୦୦
(ଗ) ୧୫୮୩.୪ (ଘ) ୧୮୫୬

୧୮ । ବର୍ତ୍ତମାନ ଦିଲ୍ଲୀଠାରୁ ମୁମ୍ବାଇ ପର୍ଯ୍ୟନ୍ତ କେତେ କି.ମି. ଏକ୍ସପ୍ରେସ୍ ହାଇୱେ କାମ କରାଯାଇଛି ?
(କ) ୧୨୦୦ (ଖ) ୧୪୦୦
(ଗ) ୧୬୦୦ (ଘ) ୧୮୦୦

୧୯ । ଆନ୍ତର୍ଜାତୀୟ ରାଜମାର୍ଗ କାହା ସହାୟତାରେ ନିର୍ମିତ ହେଉଛି ?
(କ) ରିଜର୍ଭ ବ୍ୟାଙ୍କ୍ (ଖ) ବିଶ୍ୱ ବ୍ୟାଙ୍କ୍
(ଗ) ଷ୍ଟେଟ୍ ବ୍ୟାଙ୍କ୍ (ଘ) ବରୋଦା ବ୍ୟାଙ୍କ୍

୨୦ । ଆନ୍ତର୍ଜାତୀୟ ରାଜମାର୍ଗ ଦ୍ୱାରା ଭାରତର ସଡ଼କ ନିମ୍ନୋଲିଖିତ କେଉଁ ଦେଶର ରାସ୍ତା ସହିତ ସଂଯୋଗ କରାଯାଇପାରିଛି ?
(କ) ଶ୍ରୀଲଙ୍କା (ଖ) ଭୁଟାନ
(ଗ) ଆଫଗାନିସ୍ଥାନ (ଘ) ଚୀନ୍

Eduodia App

୨୧ । ଆମ ଦେଶରେ କେବେ ରେଳ ଚଳାଚଳର ଶୁଭାରମ୍ଭ ହୋଇଥିଲା ?
(କ) ୧୮୩୫ ମସିହା (ଖ) ୧୮୬୩ ମସିହା
(ଗ) ୧୮୫୩ ମସିହା (ଘ) ୧୮୫୭ ମସିହା

୨୨ । ପୃଥିବୀରେ ଭାରତର ରେଳପଥର ସ୍ଥାନ କେତେ ଅଟେ ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ଚତୁର୍ଥ

୨୩ । ରେଳପଥ ଦ୍ୱାରା ପ୍ରାୟ କେତେ ଶତାଂଶ ଧାତବ ପଥର ପରିବହନ ହୋଇଥାଏ ।
(କ) ୫୦ ଶତାଂଶ (ଖ) ୬୫ ଶତାଂଶ
(ଗ) ୯୦ ଶତାଂଶ (ଘ) ୯୮ ଶତାଂଶ

୨୪ । ପରିଚାଳନାଗତ ସୁବିଧା ପାଇଁ ଦେଶର ସମସ୍ତ ରେଳପଥକୁ କେତେଗୋଟି ମଣ୍ଡଳରେ ବିଭକ୍ତ କରାଯାଇଛି ?
(କ) ୧୬ (ଖ) ୧୭
(ଗ) ୧୮ (ଘ) ୧୯

୨୫ । ଭାରତର ଦୀର୍ଘତମ ରେଳ ଚଳାଚଳ କେଉଁଠାରୁ କେଉଁ ପର୍ଯ୍ୟନ୍ତ ହେଉଛି ?
(କ) ମୁମ୍ବାଇରୁ ଦିଲ୍ଲୀ (ଖ) ଚେନ୍ନାଇରୁ ମୁମ୍ବାଇ
(ଗ) ଡ୍ରିବୁଗଡ଼ରୁ କନ୍ୟାକୁମାରୀ (ଘ) ଗୋରଖପୁରରୁ ଗୌହାଟି

୨୬ । ଭାରତର ଦୀର୍ଘତମ ରେଳ ଷ୍ଟେସନ୍ କେଉଁଠି ଅଟେ ?
(କ) ଦିଲ୍ଲୀ (ଖ) ମୁମ୍ବାଇ
(ଗ) ଗୋରଖପୁର (ଘ) ସିକନ୍ଦରାବାଦ

୨୭ । ପୂର୍ବ-ଉପକୂଳ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(କ) ଭୁବନେଶ୍ୱର (ଖ) ବିଶାଖପାଟଣା
(ଗ) ଗୌହାଟି (ଘ) ଚେନ୍ନାଇ

୨୮ । ଭାରତରେ ପ୍ରାୟ କେତେ କି.ମି. ଦୀର୍ଘ ଅନ୍ତଃସ୍ଥଳୀୟ ଜଳପଥ ଅଛି ?
(କ) ୩୭୦୦ କି.ମି. (ଖ) ୧୪୫୦୦ କି.ମି.
(ଗ) ୭୫୧୬ କି.ମି. (ଘ) ୬୧୦୦ କି.ମି.

୨୯ । ଆରବ ସାଗର ଓ ବଙ୍ଗୋପ ସାଗରକୁ ସଂଯୋଗ କରିବା ପାଇଁ କାହା ମଧ୍ୟ ଦେଇ ରାମସେତୁ ଯୋଜନା କରାଯାଇଛି ?
(କ) କାଣ୍ଡଲା (ଖ) କୋୟାଲି
(ଗ) ପକ୍ ପ୍ରଣାଳୀ (ଘ) ମଲ୍ଲକା ପ୍ରଣାଳୀ

୩୦ । ଭାରତ ତଟରେଖାରେ କେତୋଟି ପ୍ରଧାନ ବନ୍ଦର ଅଛି ?
(କ) ୧୦ (ଖ) ୧୧
(ଗ) ୧୨ (ଘ) ୧୩

୩୧ । ଭାରତର ମୂଳ ଭୂଖଣ୍ଡ ଉପକୂଳ ରେଖାର ଦୈର୍ଘ୍ୟ କେତେ ?
(କ) ୭୫୧୬ କି.ମି. (ଖ) ୬୧୦୦ କି.ମି.
(ଗ) ୩୭୦୦ କି.ମି. (ଘ) ୧୪୫୦୦ କି.ମି.

Eduodia App

୩୨ । ଇଉରୋପ ମହାଦେଶର ଦେଶଗୁଡ଼ିକ ସହ ଭାରତ କେଉଁ ପଥ ଦେଇ ବାଣିଜ୍ୟ କାରବାର କରିଥାଏ ?

(କ) ସୁଏଜ୍ କେନାଲ୍ (ଖ) ଉତ୍ତମାଶା ଅନ୍ତରୀପ

(ଗ) ସିଙ୍ଗାପୁର (ଘ) ମଲ୍ଲକା ପ୍ରଣାଳୀ

୩୩ । କେବେ ଡାକ ଓ ତାର ବିଭାଗକୁ 'ଡାକ ବିଭାଗ' ଓ 'ଦୂର ସଞ୍ଚାର' ବିଭାଗ ନାମକ ଦୁଇଟି ବିଭାଗରେ ବିଭକ୍ତି କରାଯାଇଥିଲା ?

(କ) ୧୯୫୪ (ଖ) ୧୯୬୪

(ଗ) ୧୯୭୪ (ଘ) ୧୯୮୪

୩୪ । ପ୍ରତିବର୍ଷ ଭାରତରେ କେତେ ସମ୍ବାଦପତ୍ର, ପତ୍ରପତ୍ରିକା ଆଦି ପ୍ରକାଶ ପାଏ ?

(କ) ୪୦,୦୦୦ (ଖ) ୪୧,୦୦୦

(ଗ) ୪୨,୦୦୦ (ଘ) ୪୩,୦୦୦

୩୫ । ଆମ ଦେଶରେ ପ୍ରାୟ କେତୋଟି ଭାଷାରେ ଓ ଉପଭାଷାରେ ସମ୍ବାଦ ପତ୍ର ପ୍ରକାଶ ପାଇଥାଏ ?

(କ) ୧୦୦ (ଖ) ୧୦୧

(ଗ) ୧୦୨ (ଘ) ୧୦୩

୩୬ । କେଉଁ ଭାଷାରେ ସର୍ବାଧିକ ସମ୍ବାଦପତ୍ର ପ୍ରକାଶ ପାଏ ?

(କ) ଇଂରାଜୀ (ଖ) ହିନ୍ଦୀ

(ଗ) ମରାଠୀ (ଘ) ଉର୍ଦ୍ଦୁ

୩୭ । ଚଳଚିତ୍ର ନିର୍ମାଣରେ ଭାରତର ସ୍ଥାନ ପୃଥିବୀରେ କେଉଁଟି ଅଟେ ?

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

୩୮ । ରପ୍ତାନୀ ଓ ଆମଦାନୀ ମଧ୍ୟରେ ଥିବା ବ୍ୟବଧାନକୁ କ'ଣ କୁହାଯାଏ ?

(କ) ଅନ୍ତଃ ବାଣିଜ୍ୟ (ଖ) ବହିଃ ବାଣିଜ୍ୟ

(ଗ) ବାଣିଜ୍ୟିକ ଉଦ୍‌ବୃତ୍ତି (ଘ) ରପ୍ତାନୀ

୩୯ । ପ୍ରଦତ୍ତ ଭାରତ ମାନଚିତ୍ରରେ (i) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ଦିଲ୍ଲୀ (ଖ) ମୁମ୍ବାଇ

(ଗ) କୋଲକାତା (ଘ) ଚେନ୍ନାଇ

୪୦ । ପ୍ରଦତ୍ତ ଭାରତ ମାନଚିତ୍ରରେ (ii) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ହାଇଦ୍ରାବାଦ (ଖ) ବେଙ୍ଗାଲୁର

(ଗ) ଚେନ୍ନାଇ (ଘ) ଭୁବନେଶ୍ୱର

୪୧ । ପ୍ରଦତ୍ତ ମାନଚିତ୍ରରେ (iii) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ଦିଲ୍ଲୀ (ଖ) ଜୟପୁର

(ଗ) ଅମୃତସର (ଘ) ଅହମଦାବାଦ

୪୨ । ପ୍ରଦତ୍ତ ମାନଚିତ୍ରରେ (iv) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ଚେନ୍ନାଇ (ଖ) ହାଇଦ୍ରାବାଦ

(ଗ) ବେଙ୍ଗାଲୁର (ଘ) କୋଚି

Eduoda App

୪୩ । ଭାରତର ଦକ୍ଷିଣ ଆମେରିକୀୟ ଦେଶମାନଙ୍କ ସହିତ ସମୁଦ୍ରପଥ ଦେଇ ବାଣିଜ୍ୟ କାରବାର ହୁଏ ।

(କ) ସିଙ୍ଗାପୁର (ଖ) ଉତ୍ତମାଶା ଅନ୍ତରୀପ

(ଗ) ସୁଏଜ କେନାଲ (ଘ) ମଲ୍ଲକା ପ୍ରଣାଳୀ

୪୪ । ଭାରତ କେଉଁ ସମୁଦ୍ର ପଥ ଦେଇ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ସହିତ ବାଣିଜ୍ୟ କାରବାର କରିଥାଏ ?

(କ) ସିଙ୍ଗାପୁର (ଖ) ଉତ୍ତମାଶା ଅନ୍ତରୀପ

(ଗ) ସୁଏଜ୍ କେନାଲ (ଘ) ମଲ୍ଲକା ପ୍ରଣାଳୀ



## ଉତ୍ତର

(୧) (ଖ) ପରିବହନ (୨) (ଘ) ଆଧାରିକ ସଂରଚନା (୩) (ଗ) ୫

(୪) (ଗ) ମୋଗଲ (୫) (କ) ୫୯.୩୨ ଲକ୍ଷ କି.ମି. (୬) (ଖ) ଦ୍ୱିତୀୟ

(୭) (ଗ) ୧ ଲକ୍ଷ ୪୨ ହଜାର କି.ମି. (୮) (ଖ) NH - 16 (୯) (ଗ) NH - 44

(୧୦) (ଘ) ମହାରାଷ୍ଟ୍ର (୧୧) (ଗ) ଜିଲ୍ଲା ପରିଷଦ (୧୨) (ଗ) ୧.୭ ଲକ୍ଷ କି.ମି.

Odisha 1 to 10 All Books App

(୧୩) (ଖ) ୬୦୩୨୯୨ କି.ମି.
(୧୪) (ଖ) ୫୮୪୦ କି.ମି.
(୧୫) (କ) ୧୯୬୦
(୧୬) (ଗ) ମନାଲିରୁ ଲେହ
(୧୭) (ଗ) ୧୫୮୩.୪ କି.ମି.
(୧୮) (ଖ) ୧୪୦୦ କି.ମି.
(୧୯) (ଖ) ବିଶ୍ୱ ବ୍ୟାଙ୍କ୍
(୨୦) (ଖ) ଭୁଟାନ
(୨୧) (ଗ) ୧୮୫୩ ମସିହା
(୨୨) (ଗ) ତୃତୀୟ
(୨୩) (ଗ) ୯୦ ଶତାଂଶ
(୨୪) (ଖ) ୧୭
(୨୫) (ଗ) ଡ୍ରିବୁଗଡ଼ରୁ କନ୍ୟାକୁମାରୀ
(୨୬) (ଗ) ଗୋରଖପୁର
(୨୭) (କ) ଭୁବନେଶ୍ୱର
(୨୮) (ଖ) ୧୪୫୦୦ କି.ମି.
(୨୯) (ଗ) ପକ୍ ପ୍ରଣାଳୀ
(୩୦) (ଗ) ୧୨
(୩୧) (ଖ) ୬୧୦୦ କି.ମି.
(୩୨) (କ) ସୁଏଜ୍ କେନାଲ
(୩୩) (ଘ) ୧୯୮୪
(୩୪) (ଗ) ୪୨,୦୦୦
(୩୫) (କ) ୧୦୦
(୩୬) (ଖ) ହିନ୍ଦୀ
(୩୭) (କ) ପ୍ରଥମ
(୩୮) (ଗ) ବାଣିଜ୍ୟିକ ଉଦ୍‌ବୃତ୍ତି
(୩୯) (ଗ) କୋଲକାତା
(୪୦) (କ) ହାଇଦ୍ରାବାଦ
(୪୧) (ଖ) ଜୟପୁର
(୪୨) (ଗ) ବେଙ୍ଗାଲୁର
(୪୩) (ଖ) ଉତ୍ତମାଶା ଅନ୍ତରୀପ
(୪୪) (କ) ସିଙ୍ଗାପୁର

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପାର୍ଥକ୍ୟ ଦର୍ଶାଅ ।** (୫ x ୨ = ୧୦

୧ । ପରିବହନ ଓ ଯୋଗାଯୋଗ ।
୨ । ରେଳପଥ ଓ ସଡ଼କ ପଥ ।
୩ । ଆମଦାନୀ ଓ ରପ୍ତାନୀ ।
୪ । ଅନ୍ତଃ ବାଣିଜ୍ୟ ଓ ବହିଁ ବାଣିଜ୍ୟ ।
୫ । ବ୍ରଡଗେଜ୍ ଓ ମିଟର ଗେଜ୍

**କାରଣ ଦର୍ଶାଅ ।** (୫ x ୨ = ୧୦

୧ । ପରିବହନ ବ୍ୟବସ୍ଥାକୁ ଦେଶର ଜୀବନରେଖା କୁହାଯାଏ ।
୨ । ଅଗମ୍ୟ ଅଞ୍ଚଳରେ ବାୟୁ ପରିବହନ ଗୁରୁତ୍ୱପୂର୍ଣ୍ଣ ।
୩ । ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ।
୪ । ପୃଥିବୀ ସଙ୍କୁଚିତ ହେବାରେ ଲାଗିଛି ।
୫ । ମୁମ୍ବାଇକୁ ଭାରତର ପ୍ରବେଶ ଦ୍ୱାର କୁହାଯାଏ ।

**ସଂକ୍ଷିପ୍ତ ଟିପ୍ପଣୀ ଲେଖ ।** (୪ x ୩ = ୧୨

୧ । ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍ ।
୨ । ଆନ୍ତର୍ଜାତୀୟ ରାଜମାର୍ଗ ।
୩ । ଜାତୀୟ ରାଜପଥ ।
୪ । ସ୍ୱର୍ଣ୍ଣଚତୁର୍ଭୁଜ ମହାରାଜମାର୍ଗ ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ** (୭ x ୪ = ୨୮

୧ । ସୀମାନ୍ତ ସଡ଼କ ସଂସ୍ଥା ସଂପର୍କରେ ବର୍ଣ୍ଣନା କର ।

Eduodia App

୨ । ଭାରତୀୟ ରେଳପଥ ସମ୍ବନ୍ଧରେ ବର୍ଣ୍ଣନା କର ।

୩ । ଭାରତରେ ପାଇପ୍ ଲାଇନ୍ ପରିବହନ ସମ୍ବନ୍ଧରେ ବର୍ଣ୍ଣନା କର ।

୪ । ଭାରତୀୟ ବାଣିଜ୍ୟ ପଥର ଏକ ବିବରଣୀ ପ୍ରଦାନ କର ।

୫ । ଭାରତୀୟ ବାୟୁ ସେବା ସମ୍ବନ୍ଧରେ ବର୍ଣ୍ଣନା କର ।

୬ । ସଡ଼କ ପଥର ଉପକାରିତା ସଂପର୍କରେ ବର୍ଣ୍ଣନା କର ।

୭ । ପରିବହନ ଦ୍ୱାରା ଆମର କି କି ଉପକାର ହେଉଛି ବର୍ଣ୍ଣନା କର ।

## ଉତ୍ତର

**ପାର୍ଥକ୍ୟ ଦର୍ଶାଅ ।**

୧ । <u>ପରିବହନ :</u> (୨

- ଯାତ୍ରୀ ବା ଜିନିଷପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରିନେବା ପ୍ରକ୍ରିୟାକୁ ପରିବହନ କୁହାଯାଏ ।
- ପରିବହନ ତିନି ଭାଗରେ ବିଭକ୍ତ ଯଥା - ସ୍ଥଳ ପରିବହନ, ଜଳ ପରିବହନ, ଆକାଶ ପରିବହନ ।

<u>ଯୋଗାଯୋଗ :</u>

- ମନୁଷ୍ୟ ପରସ୍ପର ମଧ୍ୟରେ ବିଭିନ୍ନ ମାଧ୍ୟମରେ ସଂପର୍କ ରକ୍ଷା କରିବାକୁ ଯୋଗାଯୋଗ କୁହାଯାଏ ।
- ଯୋଗାଯୋଗ ଦୁଇ ଭାଗରେ ବିଭକ୍ତ ଯଥା – ବ୍ୟକ୍ତିଗତ ଯୋଗାଯୋଗ ଓ ଗଣ ଯୋଗାଯୋଗ ।

୨ । <u>ରେଳପଥ :</u> (୨

- ରେଳପଥ ଦୂର ସ୍ଥାନକୁ ସ୍ଥଳ ପଥରେ ଯାତ୍ରୀ ଓ ମାଲ୍ ପରିବହନ ମୁଖ୍ୟ ମାଧ୍ୟମ ।
- ଭାରତୀୟ ରେଳପଥର ସ୍ଥାନ ଏସିଆ ମହାଦେଶରେ ଦ୍ୱିତୀୟ ଏବଂ ପୃଥିବୀରେ ତୃତୀୟ ।

<u>ସଡ଼କ ପଥ :</u>

- ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ ।
- ଭାରତର ସଡ଼କ ପଥ, ପୃଥିବୀର ବୃହତ୍ ପରିବହନ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ । ସଡ଼କ ପଥ ପରିବହନ ବ୍ୟବସ୍ଥାରେ ଭାରତର ସ୍ଥାନ ପୃଥିବୀରେ ଦ୍ୱିତୀୟ ।

୩ । <u>ଆମଦାନୀ :</u> (୨

- ଦେଶର ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଦେଶରୁ ଆସୁଥିବା ବାଣିଜ୍ୟିକ ଦ୍ରବ୍ୟକୁ ଆମଦାନୀ କୁହାଯାଏ ।
- ଭାରତକୁ ଆମଦାନୀ ହେଉଥିବା ପଣ୍ୟ ଦ୍ରବ୍ୟଗୁଡ଼ିକ ମଧ୍ୟରେ ପେଟ୍ରୋଲିୟମ୍, ପେଟ୍ରୋଲ ଜାତ ଦ୍ରବ୍ୟ, ମୁକ୍ତା ଏବଂ ମୂଲ୍ୟବାନ ଖଣିଜ ପଦାର୍ଥ, ସୁନା, ରୂପା, ରସାୟନ ପଦାର୍ଥ ଆଦି ପ୍ରଧାନ ।

<u>ରପ୍ତାନୀ :</u>

- ଦେଶର ଆବଶ୍ୟକତା ବ୍ୟତୀତ ବଳକା ଦ୍ରବ୍ୟ ଓ ସେବାକୁ ଅନ୍ୟ ଦେଶକୁ ପଠା ଯିବାକୁ ରପ୍ତାନୀ କୁହାଯାଏ ।
- ଭାରତରୁ ରପ୍ତାନୀ ହେଉଥିବା ଦ୍ରବ୍ୟ ମଧ୍ୟରେ ଶିଳ୍ପ ଜାତ ଦ୍ରବ୍ୟ, କୃଷିଭିତ୍ତିକ ପଣ୍ୟ ଦ୍ରବ୍ୟ, କୁଟୀର ଶିଳ୍ପ ଜାତ ଖଣିଜ ପିଣ୍ଡ,

Odisha 1 to 10 All Books App

ଇଞ୍ଜିନିୟରିଂ ଦ୍ରବ୍ୟ, ଶସ୍ୟ ଓ ମସଲା, ଚମଡ଼ା ଜାତ ଦ୍ରବ୍ୟ, ଝୋଟ ଜାତ ଦ୍ରବ୍ୟ, ଧୂଆଁ ପତ୍ର ଓ କାଜୁ ବାଦାମ ଆଦି ପ୍ରଧାନ ।

୪ । <u>ଅନ୍ତଃ ବାଣିଜ୍ୟ :</u> (୨

- କୌଣସି ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ହେଉଥିବା ବାଣିଜ୍ୟକୁ ଅନ୍ତଃ ବାଣିଜ୍ୟ କୁହାଯାଏ ।
- ଅନ୍ତଃ ବାଣିଜ୍ୟ ଦେଶରେ ପ୍ରଚଳିତ ମୁଦ୍ରା ମାଧ୍ୟମରେ ହୋଇଥାଏ ।

<u>ବର୍ହି ବାଣିଜ୍ୟ :</u>

- ଦେଶ ଦେଶ ମଧ୍ୟରେ ବାଣିଜ୍ୟ ବ୍ୟବସାୟକୁ ବର୍ହି ବାଣିଜ୍ୟ କୁହାଯାଏ ।
- ବର୍ହି ବାଣିଜ୍ୟ ଗୋଟିଏ ଦେଶର ମୁଦ୍ରା ସହ ଅନ୍ୟ ଦେଶର ପ୍ରଚଳିତ ମୁଦ୍ରାର ବିନିମୟ ମୂଲ୍ୟରେ ଚୁକ୍ତି ହୁଏ ।

୫ । <u>ବ୍ରଡ଼ ଗେଜ୍ :</u> (୨

- ଦୁଇ ରେଳ ଧାରଣା ମଧ୍ୟରେ ବ୍ୟବଧାନ ୧.୬୭୬ ମିଟର ଥିଲେ ତାହାକୁ ବ୍ରଡ଼ଗେଜ୍ କୁହାଯାଏ ।

<u>ମିଟର ଗେଜ୍ :</u>

- ଦୁଇ ରେଳ ଧାରଣା ମଧ୍ୟରେ ବ୍ୟବଧାନ ୧ ମିଟର ଥିଲେ ତାହାକୁ ମିଟର ଗେଜ୍ କୁହାଯାଏ ।

**କାରଣ ଦର୍ଶାଅ ।**

୧ । • ପରିବହନ ବ୍ୟବସ୍ଥା ଦ୍ୱାରା ପାହାଡ଼, ପର୍ବତ, ଜଙ୍ଗଲ ଓ ଖଣିଖାଦାନରେ ଅବ୍ୟବହୃତ ହୋଇ ପଡ଼ିଥିବା ପ୍ରାକୃତିକ ସମ୍ପଦଗୁଡ଼ିକୁ ଉତ୍ପାଦନ କାର୍ଯ୍ୟରେ ଲଗାଯାଇପାରୁଛି । (୨

- ଏହାଦ୍ୱାରା ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ, ଜାଳେଣି ଓ ଯନ୍ତ୍ରପାତି ଯୋଗାଇ ହେଉଛି ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ବଜାରରେ ପହଞ୍ଚାଇ ଦିଆଯାଉଛି ତତ୍ ସହିତ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଆପଦକାଳୀନ ପରିସ୍ଥିତିରେ ସଂଯୋଗ ସ୍ଥାପନ ମାଲପରିବହନ ଓ ବଣ୍ଟନ କରାଯାଇପାରୁଛି ।
- ରକ୍ତ ସଞ୍ଚାଳନ ମନୁଷ୍ୟ ଜୀବନ ପାଇଁ ଯେପରି ଗୁରୁତ୍ୱପୂର୍ଣ୍ଣ ଦେଶର ଅର୍ଥନୀତି ସୁପରିଚାଳନା ପାଇଁ ପରିବହନ ବ୍ୟବସ୍ଥା ସେହିପରି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ ଦେଶର ଜୀବନରେଖା କୁହାଯାଏ ।

୨ । • ଅଗମ୍ୟ, ଦୂରଦୂରାନ୍ତର ଏବଂ ବିପଦଶଙ୍କୁଳ ସ୍ଥାନମାନଙ୍କୁ ସ୍ଥଳ ପରିବହନର ସୁବିଧା ନଥିବାରୁ, ସେଠାରେ ପହଞ୍ଚିବା କଷ୍ଟକର ହୋଇପଡୁଛି । (୨

- ଏହିସବୁ ସ୍ଥାନମାନଙ୍କୁ ଆକାଶ ପଥରେ ପହଞ୍ଚିବା ସୁବିଧାଜନକ । ସେଥିପାଇଁ ଏହିସବୁ ଅଞ୍ଚଳ ପାଇଁ ବାୟୁ ପରିବହନ ଗୁରୁତ୍ୱପୂର୍ଣ୍ଣ ।

୩ । • ସଡ଼କ ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ । (୨

- ସଡ଼କ ପରିବହନ ଦ୍ୱାରା ଘରକୁ ଘର ସେବା ଯୋଗାଇ ଦିଆଯାଇପାରେ । କ୍ଷୟଶୀଳ ବା ଶୀଘ୍ର ପଚି ସଢ଼ି ଯାଉଥିବା ଦ୍ରବ୍ୟର ପରିବହନ ସଡ଼କ ପଥରେ କରାଯିବା ଅନ୍ୟ ମାଧ୍ୟମଗୁଡ଼ିକଠାରୁ ଅଧିକ କାର୍ଯ୍ୟକ୍ଷମ ।
- ସେଥିପାଇଁ ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ।

୪ । • ବର୍ତ୍ତମାନ ଆମେ ଟେଲିଫୋନ୍, ଟେଲିକମ୍ (ମୋବାଇଲ୍, ଇଣ୍ଟରନେଟ୍), ଟେଲିଭିଜନ୍, ରେଡ଼ିଓ ଇତ୍ୟାଦି ମାଧ୍ୟମରେ ପୃଥିବୀର ଯେକୌଣସି ସ୍ଥାନରେ ଘଟୁଥିବା ଘଟଣାବଳୀର ସୂଚନା ମୁହୂର୍ତ୍ତକ ମଧ୍ୟରେ ପାଇପାରୁଛେ । (୨

- ପରିବହନ ଓ ଯୋଗାଯୋଗର ଉନ୍ନତି ଯୋଗୁଁ ଆଜି ଏ ଦୂରତ୍ୱ ହ୍ରାସ ପାଇଛି ।
- ସେଥିପାଇଁ କୁହାଯାଇଛି ପୃଥିବୀ ସଙ୍କୁଚିତ ହେବାରେ ଲାଗିଛି ।

Edudia App

୫ । • ମୁମ୍ବାଇ ବନ୍ଦର ମଧ୍ୟ ଦେଇ ସବୁଠାରୁ ଅଧିକ ଯାତ୍ରୀ ଓ ପଣ୍ୟ ଦ୍ରବ୍ୟ ଆମ ଦେଶକୁ ଯାଅ ଆସ କରିଥାଏ । (୨

• ସେଥିପାଇଁ ମୁମ୍ବାଇକୁ ଭାରତର ପ୍ରବେଶ ଦ୍ୱାର କୁହାଯାଏ ।

**ସଂକ୍ଷିପ୍ତ ଟିପ୍ପଣୀ ।**

୧ । <u>ଗ୍ରାଣ୍ଡଟ୍ରଙ୍କ୍ ରୋଡ୍ :</u> (୩

• ଗ୍ରାଣ୍ଡଟ୍ରଙ୍କ୍ ରୋଡ୍ ଶେରଶାହାଙ୍କ ଅମଳରେ ନିର୍ମାଣ କରାଯାଇଥିଲା

• ଏହି ସଡ଼କ ପୂର୍ବରେ କୋଲକାତାଠାରୁ ଗାଙ୍ଗେୟ ସମତଳ ମଧ୍ୟ ଦେଇ ପଶ୍ଚିମରେ ପେଶୱାର (ଅଧୁନା ପାକିସ୍ତାନ) ପର୍ଯ୍ୟନ୍ତ ଯାଇଛି ।

• ଏହା ଦେଶର ସର୍ବ ପୁରାତନ ଜାତୀୟ ରାଜପଥ ।

୨ । <u>ଆନ୍ତର୍ଜାତୀୟ ରାଜମାର୍ଗ :</u> (୩

• ଦେଶରେ ଦ୍ରୁତଗାମୀ ଯାନବାହନର ସଂଖ୍ୟା ବୃଦ୍ଧି ଏବଂ ଯାତ୍ରୀ ଓ ମାଲ ସରବରାହକୁ ଆଖି ଆଗରେ ରଖି ଆନ୍ତର୍ଜାତୀୟ ରାଜମାର୍ଗ ନିର୍ମାଣ କରାଯାଇଛି ।

• ଏହା ବିଶ୍ୱ ବ୍ୟାଙ୍କ୍‌ର ସହାୟତାରେ ନିର୍ମିତ ହୋଇଛି ।

• ଏହାଦ୍ୱାରା ଭାରତର ସଡ଼କଗୁଡ଼ିକ ପଡ଼ୋଶୀ ଦେଶ । ଯଥା – ପାକିସ୍ତାନ, ନେପାଳ, ଭୁଟାନ, ବଙ୍ଗଳାଦେଶ ଓ ମିଆଁମାରର ରାସ୍ତା ସହିତ ସଂଯୋଗ କରାଯାଇପାରିଛି ।

୩ । <u>ଜାତୀୟ ରାଜପଥ :</u> (୩

• ଜାତୀୟ ରାଜପଥଗୁଡ଼ିକ ରାଜ୍ୟଗୁଡ଼ିକର ରାଜଧାନୀ, ପ୍ରଧାନ ସହର, ଶିଳ୍ପ ଓ ଖଣି ଅଞ୍ଚଳ ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରିଥାଏ ।

• ଏହି ସଡ଼କ ପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ କେନ୍ଦ୍ର ସରକାରଙ୍କର କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (CPWD) ଉପରେ ନ୍ୟସ୍ତ ଥାଏ ।

• ଆମ ଦେଶରେ ପ୍ରାୟ ୧ ଲକ୍ଷ ୪୨ ହଜାର କି.ମି. ଦୈର୍ଘ୍ୟର ଜାତୀୟ ରାଜପଥ ଅଛି ।

୪ । <u>ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗ :</u> (୩

• ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗ ଦ୍ୱାରା ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇ ସହରଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କରାଯାଇଛି ।

• ଏହାର ଦୈର୍ଘ୍ୟ ୫୮୪୦ କିଲୋ ମିଟର ରହିଛି ।

• ଏହି ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜମାର୍ଗ ଦ୍ୱାରା ଦେଶର ଦିଲ୍ଲୀ - କୋଲକାତା - ଚେନ୍ନାଇ - ମୁମ୍ବାଇର ଗମନାଗମନ ଓ ପରିବହନ ପାଇଁ ସମୟ ଓ ଦୂରତା ହ୍ରାସ ପାଇଛି ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର ।**

୧ । • ୧୯୬୦ ମସିହା ପରଠାରୁ ସୀମାନ୍ତ ସଡ଼କ ସଂସ୍ଥା (Border Roads Organisation) ପ୍ରତିଷ୍ଠା କରାଯାଇଛି । (୪

• ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯାଇଛି ।

• ସୀମାନ୍ତ ସଡ଼କ ମଧ୍ୟରେ ଏହି ସଂସ୍ଥା ଦ୍ୱାରା ନିର୍ମିତ ହିମାଚଳ ପ୍ରଦେଶର ମନାଲିଠାରୁ ଲାଦାଖର ସଦର ମହକୁମା ଲେହ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପୃଥିବୀର ସର୍ବୋଚ୍ଚ ସଡ଼କ ପଥ ।

Edupdia App

- ଦେଶର ସୁରକ୍ଷା ଦୃଷ୍ଟିକୋଣରୁ ରାଜଧାନୀ ଦିଲ୍ଲୀରୁ ଚଣ୍ଡୀଗଡ଼କୁ ସଂଯୁକ୍ତ କରି ଭାରତ ଓ ଚୀନ୍ ସୀମାନ୍ତବର୍ତ୍ତୀ ସିପକିଲ୍ଲା ଗିରିପଥ ଦେଇ ଶିମଳାର ଉତ୍ତର ପଟେ ଏହି ସଂସ୍ଥା ଏକ ରାଜମାର୍ଗ ନିର୍ମିତ କରିଛି ।
- ଅତ୍ୟନ୍ତ ବିପଦ ସଙ୍କୁଳ ପାର୍ବତ୍ୟାଞ୍ଚଳ, ଘଞ୍ଚ ଅରଣ୍ୟ, ଅସହ୍ୟ ପ୍ରତିକୂଳ ପରିସ୍ଥିତିରେ ସାସ୍ଥ୍ୟକର ଅଞ୍ଚଳରେ ସୀମାନ୍ତ ସଡ଼କ ସଂସ୍ଥା ଏହିସବୁ ସୀମାନ୍ତ ସଡ଼କ ନିର୍ମାଣ କରିଛି ।

୨ । • ଭାରତରେ ୧୮୫୩ ମସିହାରେ ରେଳ ଚଳାଚଳର ଶୁଭାରମ୍ଭ ହୋଇଥିଲା । ଭାରତୀୟ ରେଳବାଇ ୧୫୦ ବର୍ଷରୁ ଅଧିକ ସମୟ ଧରି ଦେଶର ରେଳ ସେବା ପ୍ରଦାନ କରିଆସୁଛି । (୪

- ଭାରତୀୟ ରେଳପଥର ସ୍ଥାନ ଏସିଆ ମହାଦେଶରେ ଦ୍ୱିତୀୟ ଏବଂ ପୃଥିବୀରେ ତୃତୀୟ । ଏହାର ଦୈର୍ଘ୍ୟ ପ୍ରାୟ ୬୭୩୬୮ କି.ମି. । ଏଥି ମଧ୍ୟରୁ ପ୍ରାୟ ୨୨୨୨୪ କି.ମି. ବିଦ୍ୟୁତୀକରଣ ହୋଇଛି ।
- ଏହା ଭାରତର ବୃହତ୍ତମ ରାଷ୍ଟ୍ରାୟତ ସଂସ୍ଥା ଯେଉଁଥିରେ ସର୍ବାଧିକ କର୍ମଚାରୀ କାମ କରନ୍ତି । ପ୍ରାୟ ୧୮୦୦ ଟ୍ରେନ୍ ଦ୍ୱାରା ପ୍ରତିଦିନ ପ୍ରାୟ ଦୁଇକୋଟି ଯାତ୍ରୀ ଯାତାୟତ କରିଥାନ୍ତି ।
- ରେଳପଥ ଦ୍ୱାରା ପ୍ରାୟ ୧୦୦ ଶତାଂଶ ଲୁହାପଥର, ଲୁହା ଓ ଇସ୍ପାତ, ୯୮ ଶତାଂଶ ଖଣିଜ ତୈଳ, ୯୮ ଶତାଂଶ ମାଙ୍ଗାନିଜ୍, ୯୮ ଶତାଂଶ ଗୃହ ନିର୍ମାଣ ପଥର, ୯୦ ଶତାଂଶ ସିମେଣ୍ଟ, ୯୦ ଶତାଂଶ କଞ୍ଚା କାର୍ପାସ୍, ୯୦ ଶତାଂଶ ଧାତବ ପଥର, ୬୫ ଶତାଂଶ କାର୍ପାସ୍ ବୟନ ବସ୍ତ୍ର, ୫୦ ଶତାଂଶ ସାର ଏବଂ ୩୫ ଶତାଂଶ ଖାଦ୍ୟଶସ୍ୟ ପରିବହନ ହୋଇଥାଏ ।

୩ । • ଭାରତରେ ପାଇପ୍ ଲାଇନ୍ ଦ୍ୱାରା ଅଶୋଧିତ ଖଣିଜ ତୈଳ (Crude Oil), ପେଟ୍ରୋଲିୟମ୍ ଉତ୍ପାଦ, ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କ୍ଷେତ୍ର ବିଶୋଧନାଗାର ଏବଂ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଛି । (୪

- ଏହା ବ୍ୟତୀତ କଠିନ ପଦାର୍ଥ କୋଇଲା, ଖଣିଜ ପଦାର୍ଥ ପ୍ରଭୃତି ମଧ୍ୟ ପରିବହନ କରାଯାଉଛି । ଏହାଦ୍ୱାରା ଖର୍ଚ୍ଚ କମ୍ ପଡୁଛି । ରନ୍ଧନ ଗ୍ୟାସ୍ ମଧ୍ୟ ପାଇପ୍ ଲାଇନ୍ ଦ୍ୱାରା ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଉଛି ।
- ଆମ ଦେଶରେ ନହରକାଟିଆ - ନୁନାମାଟି - ବରଉଣୀ ପାଇପ୍ ଲାଇନ୍, ସାଲାୟା - କୋୟାଲି - ମଥୁରା ପାଇପ୍ ଲାଇନ୍, ହାଜରା - ଜଗଦୀଶପୁର ପାଇପ୍ ଲାଇନ୍, ମୁମ୍ବାଇ ହାଇ ମୁମ୍ବାଇ - ଆଙ୍କଲେଶ୍ୱର - କୋୟାଲି ପାଇପ୍ ଲାଇନ୍, କାଣ୍ଡଲା - ଭାଟିଣ୍ଡା ପାଇପ୍ ଲାଇନ୍, ବିଶାଖା ପାଟଣାଠାରୁ ବିଜୟୱାଡ଼ା ପାଇପ୍ ଲାଇନ୍ ଆଦି ରହିଛି ।
- ଛତିଶଗଡ଼ର ବଇଲାଡିଲା ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ମଧ୍ୟରେ ଓ କର୍ଣ୍ଣାଟକର ଦରମୁଖରୁ ମାଙ୍ଗାଲୋର ବନ୍ଦରକୁ ଲୁହାପଥର ପରିବହନ ଏବଂ ରାଜସ୍ଥାନର ଦେବାର ଉଦୟପୁର ପାଇପ୍ ଲାଇନ୍ ସାହାଯ୍ୟରେ ଜିଙ୍କ୍ (Zinc) ଖଣିଜ ପଦାର୍ଥ ଓ ଜିଙ୍କ୍ ଉତ୍ପାଦ ପରିବହନ କରାଯାଉଛି ।

୪ । • ଭାରତର ବହିଃ ବାଣିଜ୍ୟ ଓ ଉପକୂଳବର୍ତ୍ତୀ ବାଣିଜ୍ୟ କାରବାର ସମୁଦ୍ର ପଥ ଦେଇ ହୋଇଥାଏ । ସାମୁଦ୍ରିକ ବାଣିଜ୍ୟ କାରବାର ମୁଖ୍ୟତଃ ଚାରିଗୋଟି ସମୁଦ୍ର ପଥ ଦେଇ ହୋଇଥାଏ । (୪

- ଇଉରୋପ ମହାଦେଶର ଦେଶଗୁଡ଼ିକ ସହ ଭାରତ ସୁଏଜ୍ କେନାଲ ପଥ ଦେଇ ବାଣିଜ୍ୟ କାରବାର କରିଥାଏ ।
- ପଶ୍ଚିମ ଆଫ୍ରିକୀୟ ଦେଶ ଓ ଦକ୍ଷିଣ ଆମେରିକୀୟ ଦେଶ ସମୂହ ସହିତ ଉତ୍ତମାଶା ଅନ୍ତରୀପ (Cape of Good Hope) ପଥ ଦେଇ ବାଣିଜ୍ୟ କାରବାର କରାଯାଇଥାଏ ।
- ସିଙ୍ଗାପୁର ସମୁଦ୍ର ପଥ ଦେଇ ଭାରତ ଦକ୍ଷିଣ-ପୂର୍ବ ଏସିଆ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ସହିତ ବାଣିଜ୍ୟ କାରବାର କରିଥାଏ ।
- ମଲ୍ଲକା ପ୍ରଣାଳୀ ପଥ ଦେଇ ଅଷ୍ଟ୍ରେଲିଆ ଓ ନିଉଜିଲ୍ୟାଣ୍ଡ ସହିତ ବାଣିଜ୍ୟ କାରବାର କରିଥାଏ ।

୫ । • ୧୯୫୩ ମସିହାରେ ବେସାମରିକ ବାୟୁ ପରିବହନ ଜାତୀୟକରଣ କରାଯାଇ ଏୟାର ଇଣ୍ଡିଆ (AI) ଏବଂ ଇଣ୍ଡିଆନ୍ ଏୟାର ଲାଇନ୍ (IA) ନାମରେ ଦୁଇଟି ନିଗମ ସ୍ଥାପିତ ହେଲା । (୪

- ବର୍ତ୍ତମାନ ଏହି ଦୁଇଟି ସଂସ୍ଥା ମିଳିତ ଭାବେ ଏୟାର ଇଣ୍ଡିଆ ନାମରେ କାର୍ଯ୍ୟ କରୁଛି ।
- ସାଧାରଣ ଯାତ୍ରୀ ଓ ମାଲ ସରବରାହ କାମ ବେସାମରିକ ବିମାନ ଚଳାଚଳ ନିଗମ ଦାୟିତ୍ୱରେ ଓ ଆନ୍ତର୍ଜାତୀୟ ବେସାମରିକ ବିମାନ ସେବା ଏୟାର ଇଣ୍ଡିଆ ଦ୍ୱାରା ନିର୍ବାହ ହୋଇଥାଏ ।
- ବର୍ତ୍ତମାନ ଭାରତର ଆକାଶ ପଥରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲା ଯାଇଥିବାରୁ ଅନେକ କମ୍ପାନୀ ଯଥା – ସାହାରା ଏୟାର ଲାଇନ୍ସ, ଡେକାନ ଚାଟର, ବିସ୍ତାରା, ଏୟାର ଏସିଆ, ଜେଟ୍ ଏୟାର ଲାଇନ୍ସ, ଇଣ୍ଡିଗୋ, ଗୋ ଏୟାର ବ୍ୟବସାୟ ଆରମ୍ଭ କରିଛନ୍ତି ।
- ବେସାମରିକ ବିମାନ ସେବା କ୍ଷେତ୍ରରେ ଦୁଇ ପ୍ରକାର ବିମାନ ବନ୍ଦର କାର୍ଯ୍ୟ କରୁଛି । ଯଥା - ଆନ୍ତର୍ଜାତୀୟ ବିମାନ ବନ୍ଦର ଓ ଘରୋଇ ବିମାନ ବନ୍ଦର ।

୬ । • ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଭାରତର ସଡ଼କ ପଥ, ପୃଥିବୀର ବୃହତ୍ ପରିବହନ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ । (୪

- ସଡ଼କ ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ ।
- ସଡ଼କ ପରିବହନ ଦ୍ୱାରା ଘରକୁ ଘର ସେବା (Door to Door Service) ଯୋଗାଇ ଦିଆଯାଇଥାଏ ।
- କ୍ଷୟଶୀଳ (Perishable) ବା ଶୀଘ୍ର ପଚି ସଢ଼ି ଯାଉଥିବା ଦ୍ରବ୍ୟ, ଯଥା - ପନିପରିବା ଓ ଫଳ ଇତ୍ୟାଦିର ପରିବହନ ସଡ଼କ ପଥରେ କରାଯିବା ଅନ୍ୟ ମାଧ୍ୟମଗୁଡ଼ିକଠାରୁ ଅଧିକ କାର୍ଯ୍ୟକ୍ଷମ ।

EduOdiaApp

୭ । • ପରିବହନ ବ୍ୟବସ୍ଥା ମନୁଷ୍ୟ ଶରୀରର ରକ୍ତ ସଞ୍ଚାଳନ ସହ ତୁଳନୀୟ । ପରିବହନ ଦ୍ୱାରା ଉତ୍ପାଦନ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ । (୪

- ଜିନିଷପତ୍ର ନେବା ଆଣିବା ଆଜିର ଦ୍ରୁତ ପରିବହନ ବ୍ୟବସ୍ଥା ଦ୍ୱାରା ଅଧିକ ସୁବିଧାରେ ହୋଇପାରୁଛି ।
- ପରିବହନ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇ ଭେଦ ଭାବ ଦୂର ଓ ଏକତା ଭାବ ସୁଦୃଢ଼ ହେଉଛି ।
- ରାସ୍ତା ଘାଟର ଉନ୍ନତି ଫଳରେ ପାହାଡ଼, ପର୍ବତ, ଜଙ୍ଗଲ ଓ ଖଣିଖାଦାନରେ ଅବ୍ୟବହୃତ ହୋଇ ପଡ଼ିଥିବା ପ୍ରାକୃତିକ ସମ୍ବଳଗୁଡ଼ିକୁ ଉତ୍ପାଦନ କାର୍ଯ୍ୟରେ ଲଗାଯାଇପାରୁଛି ।
- ପରିବହନ ବ୍ୟବସ୍ଥା ଦ୍ୱାରା ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ, ଜାଳେଣୀ ଓ ଯନ୍ତ୍ରପାତି ଯୋଗା ହେଉଛି ଏବଂ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ବଜାରରେ ପହଞ୍ଚାଇ ଦିଆଯାଇପାରୁଛି । ପରିବହନ ବ୍ୟବସ୍ଥା ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଆପଦକାଳୀନ ପରିସ୍ଥିତିରେ ସଂଯୋଗ ସ୍ଥାପନ, ମାଲ ପରିବହନ ଓ ବଣ୍ଟନରେ ସାହାଯ୍ୟ କରେ ।

❑

# ଅର୍ଥନୀତି

## ଆର୍ଥନୀତିକ ବିକାଶ

### ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।)**

୧ । ୧୯୫୦ - ୫୧ ମସିହାରେ ଭାରତର ଜାତୀୟ ଆୟ କେତେ କୋଟି ଟଙ୍କା ଥିଲା ?

(କ) ୧୨୩୨୬୨ (ଖ) ୧୩୦୧୨୩

(ଗ) ୧୩୧୨୩୫ (ଘ) ୧୩୨୩୬୭

୨ । ଆର୍ଥନୀତିକ ବିକାଶ କହିଲେ ମୁଖ୍ୟତଃ କେଉଁ ଅଭିବୃଦ୍ଧିକୁ ବୁଝାଇ ଥାଏ ?

(କ) ସାମାଜିକ (ଖ) ଆର୍ଥନୀତିକ

(ଗ) ରାଜନୈତିକ (ଘ) ନୈତିକ

୩ । କେଉଁ ଦେଶ ଏକ ବିକାଶୋନ୍ମୁଖୀ ଦେଶ ଅଟେ ?

(କ) ଫ୍ରାନ୍ସ (ଖ) ଇଂଲଣ୍ଡ

(ଗ) ଭାରତ (ଘ) ଜାପାନ

୪ । କେଉଁ ଅର୍ଥ ବ୍ୟବସ୍ଥାରେ ଲାଭ ପାଇବାର ଲକ୍ଷ୍ୟ ରଖି କାର୍ଯ୍ୟ କରାଯାଇଥାଏ ?

(କ) ସମାଜବାଦୀ (ଖ) ଉଦାରବାଦୀ

(ଗ) ମିଶ୍ର (ଘ) ପୁଞ୍ଜିବାଦୀ

୫ । କେତେ ମସିହାରେ ଭାରତରେ ନୂତନ ଆର୍ଥିକ ନୀତି ପ୍ରଣୟନ କରାଯାଇଅଛି ?

(କ) ୧୯୮୫ (ଖ) ୧୯୮୮

(ଗ) ୧୯୯୦ (ଘ) ୧୯୯୧

୬ । ୨୦୧୬ ମସିହା ସୁଦ୍ଧା ପୃଥିବୀର କେତୋଟି ଦେଶ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଦସ୍ୟ ଅଛନ୍ତି ?

(କ) ୯୫ (ଖ) ୨୦୪

(ଗ) ୧୬୪ (ଘ) ୧୧୫

୭ । ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ପାଇଁ କୃଷକମାନଙ୍କୁ କେଉଁ ସ୍ତରରେ ତାଲିମ୍ ଦେବାର ବ୍ୟବସ୍ଥା ଅଛି ?

(କ) ରାଜ୍ୟ (ଖ) ବ୍ଲକ୍

(ଗ) ଜିଲ୍ଲା (ଘ) ଗ୍ରାମପଞ୍ଚାୟତ

୮ । ନିମ୍ନଲିଖିତ ମଧ୍ୟରୁ କେଉଁଟି ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏକ ଉତ୍ପାଦନକାରୀ ସଂସ୍ଥା ଅଟେ ?

(କ) ବଜାଜ୍ (ଖ) ଟାଟା

(ଗ) ରେଳ ବିଭାଗ (ଘ) ରିଲାଏନ୍ସ

Eduodia App

୯ । ବିଶ୍ୱ ବାଣିଜ୍ୟ ସଙ୍ଗଠନର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) ଲଣ୍ଡନ (ଖ) ଜେନେଭା

(ଗ) ବେଜିଂ (ଘ) ପ୍ୟାରିସ୍

୧୦ । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ କେଉଁଟି ଏକ ଭୂ-ସଂସ୍କାର ଆଇନ୍ ନୁହେଁ ?

(କ) ଭୂମିହୀନ କୃଷି ଶ୍ରମିକଙ୍କୁ ସରକାରୀ ଜମି ପ୍ରଦାନ

(ଖ) ଜୋତର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ

(ଗ) ଜମିଦାରୀ ଉଚ୍ଛେଦ

(ଘ) ସରକାରୀ ଋଣ ଛାଡ଼

୧୧ । କେଉଁ ମସିହାରେ ଭାରତ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଦସ୍ୟତା ଲାଭ କରିଅଛି ?

(କ) ୨୦୦୨ (ଖ) ୨୦୦୧

(ଗ) ୨୦୦୫ (ଘ) ୧୯୯୯

୧୨ । କେଉଁ ମସିହା ପରଠାରୁ ଭାରତରେ ଦ୍ରୁତ ଶିଳ୍ପାୟନ ପାଇଁ ଶିଳ୍ପନୀତି କାର୍ଯ୍ୟକାରୀ କରାଯାଇଅଛି ?

(କ) ୧୯୪୮ (ଖ) ୧୯୫୦

(ଗ) ୧୯୪୬ (ଘ) ୧୯୪୭

୧୩ । କେଉଁ କ୍ଷେତ୍ରରେ ନୂତନ ଅର୍ଥନୀତି ଦେଶ ପାଇଁ ଆଶାନୁରୂପ ଭାବେ ସହାୟକ ହୋଇପାରି ନାହିଁ ?

(କ) କୃଷି (ଖ) ବାଣିଜ୍ୟ

(ଗ) ଶିଳ୍ପ (ଘ) ନିୟୋଜନ

୧୪ । ନିମ୍ନଲିଖିତ ମଧ୍ୟରୁ କେଉଁଟି ବିକଶିତ ଦେଶଗୁଡ଼ିକରେ ନିୟନ୍ତ୍ରିତ ଅବସ୍ଥାରେ ଥାଏ ?

(କ) ମୁଣ୍ଡପିଛା ଆୟ (ଖ) ଜନସଂଖ୍ୟା

(ଗ) ଜାତୀୟ ଆୟ (ଘ) ଶିଳ୍ପ ଅଭିବୃଦ୍ଧି

୧୫ । ସ୍ୱାଧୀନତା ପରଠାରୁ ଭାରତ କେଉଁ ଅର୍ଥନୀତି ବ୍ୟବସ୍ଥାକୁ ଅନୁସରଣ କରିଥିଲା ?

(କ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା (ଖ) ମିଶ୍ର ଅର୍ଥବ୍ୟବସ୍ଥା

(ଗ) ସମାଜବାଦୀ ଅର୍ଥବ୍ୟବସ୍ଥା (ଘ) ଉଦାରବାଦୀ ଅର୍ଥବ୍ୟବସ୍ଥା

୧୬ । ଜଗତୀକରଣ ବ୍ୟବସ୍ଥାକୁ କେଉଁ ପ୍ରକାରର ଅର୍ଥନୀତି କୁହାଯାଏ ?

(କ) ବଜାରଭିତ୍ତିକ (ଖ) ସମାଜବାଦୀ

(ଗ) ମିଶ୍ର ଅର୍ଥନୀତି (ଘ) ପୁଞ୍ଜିବାଦୀ

୧୭ । ଜାତୀୟ ଆୟକୁ ଦେଶର ମୋଟ ଜନସଂଖ୍ୟା ଦ୍ୱାରା ଭାଗ କଲେ ଦେଶର କେଉଁ ଆୟ ନିରୂପିତ ହୋଇଥାଏ ?

(କ) ଜାତୀୟ ଆୟ (ଖ) ବାର୍ଷିକ ଆୟ

(ଗ) ମୁଣ୍ଡପିଛା ଆୟ (ଘ) ମାସିକ ଆୟ

Eduodia App

୧୮ । କେଉଁ ଦଶକରେ ଭାରତରେ ହୋଇଥିବା ସବୁଜ ବିପ୍ଳବ ପରେ ଆମ ଦେଶ ଖାଦ୍ୟଶସ୍ୟରେ ଅଗ୍ରଗତି ହାସଲ କରିଥିଲା ?

(କ) ୬୦ ଦଶକ (ଖ) ୫୦ ଦଶକ

(ଗ) ୯୦ ଦଶକ (ଘ) ୭୦ ଦଶକ

୧୯ । କେଉଁ ନୀତି ଫଳରେ ସମଗ୍ର ବିଶ୍ୱର ବଜାର ଗୋଟିଏ ବଜାର ପରି ପ୍ରତୀତ ହେଉଛି ?

(କ) ଉଦାରୀକରଣ (ଖ) ଘରୋଇକରଣ

(ଗ) ଜଗତୀକରଣ (ଘ) ଜାତୀୟକରଣ

୨୦ । ପ୍ରାୟ କେତୋଟି କ୍ଷେତ୍ରରେ ସରକାରୀ ଉଦ୍ୟୋଗର ଏକଚାଟିଆ ଅଧିକାର ବ୍ୟବସ୍ଥା ରହିଛି ?

(କ) ୧୭ (ଖ) ୧୫

(ଗ) ୧୯ (ଘ) ୧୮

୨୧ । ମୁଣ୍ଡପିଛା ଆୟ ନିରୂପଣ କରିବା ପାଇଁ କାହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ?

(କ) ଆଭ୍ୟନ୍ତରୀଣ ଆୟ (ଖ) ପାରିବାରିକ ଆୟ

(ଗ) ଜନସଂଖ୍ୟା (ଘ) ବ୍ୟକ୍ତିର ମୋଟ ଆୟ

୨୨ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବିକଶିତ ରାଷ୍ଟ୍ର ଅଟେ ?

(କ) ଶ୍ରୀଲଙ୍କା (ଖ) ବାଙ୍ଗଲାଦେଶ

(ଗ) ଜର୍ମାନୀ (ଘ) ପାକିସ୍ତାନ

୨୩ । କେଉଁ ଅର୍ଥ ବ୍ୟବସ୍ଥାରେ ଜନକଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥାଏ ?

(କ) ପୁଞ୍ଜିବାଦୀ (ଖ) ମିଶ୍ର

(ଗ) ସମାଜବାଦୀ (ଘ) ଉଦାରବାଦୀ

Edupoint App

୨୪ । ସରକାରୀ ଉଦ୍ୟୋଗଗୁଡ଼ିକର ବିଫଳତା ଯୋଗୁଁ କେଉଁ ନୀତି ପ୍ରଣୟନ କରାଯାଇଅଛି ?

(କ) ଘରୋଇକରଣ (ଖ) ଉଦାରୀକରଣ

(ଗ) ଜଗତୀକରଣ (ଘ) ନୂତନ ଶିକ୍ଷା

୨୫ । ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କରେ ତିଆରି କରାଯାଉଥିବା ଯନ୍ତ୍ରପାତି, ତାହାର ଯୋଜନା ଓ ଡିଜାଇନ୍ କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟ କେଉଁ ଦେଶରେ ଅବସ୍ଥିତ ?

(କ) ଫ୍ରାନସ୍ (ଖ) ଆମେରିକା

(ଗ) ଇଂଲଣ୍ଡ (ଘ) ଚୀନ୍

୨୬ । ଆମେରିକୀୟ ବଜାରରେ ଭାରତରେ ପ୍ରସ୍ତୁତ କେଉଁ ଦ୍ରବ୍ୟର ଚାହିଦା ଅଧିକ ରହିଛି ?

(କ) ମସଲା (ଖ) ଖେଳନା

(ଗ) ଲୁଗାପଟା (ଘ) ଗହଣା

୨୭ । କେଉଁ ଅର୍ଥନୀତିରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଉତ୍ପାଦନ କ୍ଷେତ୍ରରେ ସ୍ୱାଧୀନତା ପ୍ରଦାନ କରାଯାଇଅଛି ?

(କ) ଘରୋଇକରଣ (ଖ) ଜଗତୀକରଣ

(ଗ) ଉଦାରୀକରଣ (ଘ) ସମାଜବାଦୀ

୨୮ । ବହୁରାଷ୍ଟ୍ରୀୟ କମ୍ପାନୀ ତା'ର ଯନ୍ତ୍ରପାତିଗୁଡ଼ିକର ବିଭିନ୍ନ ଅଂଶ କେଉଁ ଦେଶରେ ତିଆରି କରାଇଥାଏ ?

(କ) ଜାପାନ (ଖ) ଚୀନ୍

(ଗ) ଆମେରିକା (ଘ) ଭାରତ

୨୯ । କୌଣସି ଦେଶରେ ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବିଦେଶରୁ ଆସୁଥିବା ଆୟର ସମଷ୍ଟିକୁ କ'ଣ କୁହାଯାଏ ?

(କ) ମୋଟ୍ ଜାତୀୟ ଆୟ (ଖ) ବାର୍ଷିକ ଆୟ

(ଗ) ମୁଣ୍ଡପିଛା ଆୟ (ଘ) ମାସିକ ଆୟ

୩୦ । କେଉଁ ଦେଶର ଶ୍ରମିକମାନେ ଅପେକ୍ଷାକୃତ କମ୍ ଖର୍ଚ୍ଚରେ କାମ କରୁଥିବା ହେତୁ ବହୁ କମ୍ପାନୀ ସେଠାରେ ତାଙ୍କର ଜିନିଷ ଉତ୍ପାଦନ କରାଇଥାନ୍ତି ।

(କ) ଚୀନ୍ (ଖ) ବ୍ରାଜିଲ୍

(ଗ) ଜାପାନ୍ (ଘ) ମେକ୍ସିକୋ

## ଉତ୍ତର

(୧) (ଘ) ୧୩୨୩୬୭

(୨) (ଖ) ଆର୍ଥନୀତିକ

(୩) (ଗ) ଭାରତ

(୪) (ଘ) ପୁଞ୍ଜିବାଦୀ

(୫) (ଘ) ୧୯୯୧

(୬) (ଗ) ୧୬୪

(୭) (ଘ) ଗ୍ରାମ ପଞ୍ଚାୟତ

(୮) (ଗ) ରେଳ ବିଭାଗ

(୯) (ଖ) ଜେନଭା

(୧୦) (ଘ) ସରକାରୀ ଋଣ ଛାଡ଼

(୧୧) (ଖ) ୨୦୦୧

(୧୨) (କ) ୧୯୪୮

(୧୩) (ଘ) ନିୟୋଜନ

(୧୪) (ଖ) ଜନସଂଖ୍ୟା

(୧୫) (ଖ) ମିଶ୍ର ଅର୍ଥ ବ୍ୟବସ୍ଥା

(୧୬) (କ) ବଜାରଭିତ୍ତିକ

(୧୭) (ଗ) ମୁଣ୍ଡପିଛା ଆୟ

Eduodia App

(୧୮) (କ) ୬୦ ଦଶକ
(୧୯) (ଗ) ଜଗତୀକରଣ
(୨୦) (ଘ) ୧୮
(୨୧) (ଗ) ଜନସଂଖ୍ୟା
(୨୨) (ଗ) ଜର୍ମାନୀ
(୨୩) (ଗ) ସମାଜବାଦୀ
(୨୪) (କ) ଘରୋଇ କରଣ
(୨୫) (ଖ) ଆମେରିକା
(୨୬) (ଗ) ଲୁଗାପଟା
(୨୭) (ଗ) ଉଦାରୀ କରଣ
(୨୮) (ଖ) ଚୀନ୍
(୨୯) (କ) ମୋଟ୍ ଜାତୀୟ ଆୟ
(୩୦) (କ) ଚୀନ୍

## ପ୍ରଶ୍ନ ଓ ଉତ୍ତର ବିଭାଗ – "ଆର୍ଥନୀତିକ ବିକାଶ"

Edudia App

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।** (୬ x ୩ = ୧୮

**ସଂକ୍ଷେପରେ ଉତ୍ତର ଦିଅ ।**

୧ । ଉଦାରୀକରଣ ନୀତି ଦେଶର ଅର୍ଥବ୍ୟବସ୍ଥା ପାଇଁ କିପରି ସହାୟକ ହୋଇଥାଏ ?

କିମ୍ବା

ଉଦାରୀକରଣ ନୀତି ପ୍ରଣୟନ ହେତୁ ଦେଶର ଶିଳ୍ପ କ୍ଷେତ୍ରରେ କି କି ପରିବର୍ତ୍ତନ ଘଟିଛି ?

ଉ : • ଉଦାରୀକରଣ ନୀତି ଦ୍ୱାରା ପୃଥିବୀର ପ୍ରତ୍ୟେକ ଭଲ ଜିନିଷ ବା ଦାମୀ ବ୍ରାଣ୍ଡର ଉତ୍ପାଦନ ପ୍ରାୟ ସମସ୍ତ ଦେଶରେ ଉପଲବ୍ଧ ହୋଇପାରୁଛି ।

• ଦେଶର ନିଅଣ୍ଟିଆ ପଦାର୍ଥ ଓ ବଳକା ପଦାର୍ଥ ଯଥାକ୍ରମେ ଆମଦାନୀ ଓ ରପ୍ତାନୀ କରିବାରେ ପୂର୍ବରୁ ପ୍ରଚଳିତ ଥିବା ସରକାରୀ କଟକଣା ସବୁ ଉଠାଇ ଦିଆଯାଇଛି ।

• ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରିବା ଫଳରେ ସେମାନେ ଆମ ଦେଶରେ ଶିଳ୍ପ ସ୍ଥାପନ କରି ଉତ୍ପାଦନ କରୁଛନ୍ତି ।

୨ । ପୃଥିବୀର କେଉଁ ଦେଶଗୁଡ଼ିକ ବିକାଶୋନ୍ମୁଖୀ ରୂପେ ବିବେଚିତ ଓ ସେମାନଙ୍କର ଲକ୍ଷଣଗୁଡ଼ିକ ଲେଖ ।

ଉ : • ଭାରତ, ପାକିସ୍ଥାନ, ଶ୍ରୀଲଙ୍କା, ବାଲାଂଦେଶ ଆଦି ଦେଶଗୁଡ଼ିକୁ ବିକାଶୋନ୍ମୁଖୀ ଦେଶ ରୂପେ ବିବେଚନା କରାଯାଏ ।

• ଏହି ଦେଶଗୁଡ଼ିକର ମୁଖ୍ୟ ସମସ୍ୟା ହେଉଛି – ଜନସଂଖ୍ୟା ବୃଦ୍ଧି ।

- ବିକାଶୋନ୍ମୁଖୀ ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି । ସେମାନଙ୍କର ମୁଣ୍ଡପିଛା ଆୟ କମ୍ ଏବଂ ଜୀବନ ଯାପନର ମାନ ଅତି ନିମ୍ନ ଧରଣର ହୋଇଥାଏ ।

୩ । ଆର୍ଥନୀତିକ ବିକାଶ କହିଲେ କ'ଣ ବୁଝାଏ ଓ ଏହା କିପରି ନିରୂପଣ କରାଯାଏ ?

ଉ : • ଆର୍ଥନୀତିକ ବିକାଶ କହିଲେ ସାଧାରଣତଃ ଆର୍ଥନୀତିକ ଅଭିବୃଦ୍ଧିକୁ ବୁଝାଏ । ଏହି ଅଭିବୃଦ୍ଧି ଦ୍ୱାରା ଆର୍ଥନୀତିକ ବିକାଶ ସମ୍ଭବ ହୋଇଥାଏ । କିନ୍ତୁ ଏହି ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ନେଇ ଆର୍ଥିକ ବିକାଶ ନିରୂପଣ କରାଯାଏ ।

- କୌଣସି ଦେଶର ମୋଟ୍ ଜାତୀୟ ଆୟ ଓ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧି ଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ହୋଇଥାଏ ଏବଂ ଆର୍ଥିକ ଅଭିବୃଦ୍ଧି ହେଲେ ହିଁ ଆର୍ଥନୀତିକ ବିକାଶ ସମ୍ଭବ ହୋଇଥାଏ ।
- ଜାତୀୟ ଆୟ ଓ ମୁଣ୍ଡପିଛା ଆୟକୁ ଆଧାର କରି ନିରୂପଣ କରାଯାଏ । ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଏବଂ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ତତ୍ ସହିତ ବହିରାଗତ ଆୟର ସମଷ୍ଟିକୁ ନେଇ ଜାତୀୟ ଆୟ ସ୍ଥିର କରାଯାଏ । ଜାତୀୟ ଆୟକୁ ଦେଶର ମୋଟ୍ ଜନସଂଖ୍ୟା ଦ୍ୱାରା ଭାଗ କରି ମୁଣ୍ଡପିଛା ଆୟ ନିର୍ଣ୍ଣୟ କରାଯାଏ । ଏହି ଉଭୟ ଆୟର ବର୍ଷକୁ ବର୍ଷ ଅନୁଶୀଳନରୁ ଅଭିବୃଦ୍ଧି ହାର ଜଣାପଡ଼େ ।

୪ । ୧୯୯୧ ମସିହା ପୂର୍ବରୁ ଭାରତୀୟ ଅର୍ଥନୀତିରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା କାହିଁକି ?

ଉ : • ଘରୋଇ ଉଦ୍ୟୋଗ କ୍ଷେତ୍ରଗୁଡ଼ିକରେ ଅତି ମାତ୍ରାରେ ସରକାରୀ ନିୟନ୍ତ୍ରଣ ଯୋଗୁଁ ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ହୋଇପାରିନଥିଲା ।

- ସରକାରୀ ଉଦ୍ୟୋଗର ଦକ୍ଷିତା କମିବା ସହିତ କ୍ଷତିର ପରିମାଣ ବୃଦ୍ଧି ପାଇଲା ।
- ଦେଶର ଗଚ୍ଛିତ ବୈଦେଶିକ ମୁଦ୍ରାର ପରିମାଣ କ୍ଷିପ୍ର ଗତିରେ ହ୍ରାସ ପାଇବାକୁ ଲାଗିଲା । ଫଳରେ ଭାରତୀୟ ଅର୍ଥନୀତିରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା ।

୫ । ୨୦୦୧-୦୨ ମସିହାରେ ଭାରତର ନୂତନ ଆମଦାନୀ ଓ ରପ୍ତାନୀ ନୀତି ବର୍ଣ୍ଣନା କର ?

ଉ : • ବିଶ୍ୱବାଣିଜ୍ୟ ସଙ୍ଗଠନର ସର୍ତ୍ତାବଳୀ ଅନୁସାରେ ୨୦୦୧-୦୨ ମସିହାରେ ଭାରତ ତାହାର ବାଣିଜ୍ୟ ନୀତିର ବିଶେଷ ପରିବର୍ତ୍ତନ କରି ନୂତନ ଆମଦାନୀ ଓ ରପ୍ତାନୀ ନୀତି ଘୋଷଣା କରିଛି

- ଏହି ନୀତି ଅନୁସାରେ ୨୧୫ଟି ପଣ୍ୟ ଦ୍ରବ୍ୟ ଆମଦାନୀ ଉପରେ ଥିବା କଟକଣା ଉଠାଇ ଦିଆଯାଇଛି ।
- କୃଷିଜାତ ଦ୍ରବ୍ୟ ଓ ସାମଗ୍ରୀର ଅଧିକ ରପ୍ତାନୀ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।

୬ । ବିଶ୍ୱ ବାଣିଜ୍ୟ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ଲେଖ ।

ଉ : • ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା ବିନିମୟ କରି ବାଣିଜ୍ୟ କାରବାର ବୃଦ୍ଧି କରିବା ।

- ବିଶ୍ୱ ଅର୍ଥନୀତିକୁ ସୁଦୃଢ଼ ଏବଂ ସମୃଦ୍ଧ କରି ଗଢ଼ି ତୋଳିବା ।
- ବିଶେଷ କରି ବିକାଶୋନ୍ମୁଖୀ ଦେଶମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ।

**ସମସ୍ତ ପ୍ରଶ୍ନର ମୂଲ୍ୟ ସମାନ ।** (୬ x ୨ = ୧୨

**ପାର୍ଥକ୍ୟ ଦର୍ଶାଅ ।**

୧ । ବିକଶିତ ଦେଶ ଓ ବିକାଶୋନ୍ମୁଖୀ ଦେଶ । (୨

ଉ : ବିକଶିତ ଦେଶ :

- ଏହି ଦେଶମାନଙ୍କରେ ଜନସାଧାରଣଙ୍କର ମୁଣ୍ଡପିଛା ଆୟ ଅଧିକ ଥାଏ ଓ ଜୀବନଯାପନ ପ୍ରଣାଳୀ ଅତି ଉନ୍ନତ ।

- ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଜାପାନ, ଫ୍ରାନ୍‌ସ ଆଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ।

<u>ବିକାଶୋନ୍ମୁଖୀ ଦେଶ :</u>

- ବିକାଶୋନ୍ମୁଖୀ ଦେଶର ଅଧିବାସୀମାନେ ସାଧାରଣତଃ ଗରିବ । ସେମାନଙ୍କର ମୁଣ୍ଡପିଛା ଆୟ କମ୍ ଓ ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ନିମ୍ନମାନର ।
- ଶ୍ରୀଲଙ୍କା, ପାକିସ୍ଥାନ, ବାଙ୍ଗଲାଦେଶ, ଭାରତ ଆଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ।

୨ । ଜଗତୀକରଣ ଓ ଘରୋଇକରଣ । (୨

ଉ : <u>ଜଗତୀକରଣ :</u>

- ଉତ୍ପାଦନ, ବାଣିଜ୍ୟ, ପୁଞ୍ଜିବିନିଯୋଗ ଇତ୍ୟାଦି କ୍ଷେତ୍ରରେ ଦେଶର ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହିତ ଏକତ୍ରୀକରଣ ପ୍ରକ୍ରିୟାକୁ ଜଗତୀକରଣ କୁହାଯାଏ ।

<u>ଘରୋଇ କରଣ :</u>

- କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗଗୁଡ଼ିକୁ ସରକାର ଘରୋଇ ବ୍ୟକ୍ତି ବିଶେଷ ବା କମ୍ପାନୀକୁ ବିକ୍ରି କରିଦେବାର ବା ଘରୋଇ କମ୍ପାନୀ ସହ ମିଳି ମିଶି ଚଳାଇବାର ବ୍ୟବସ୍ଥାକୁ ଘରୋଇ କରଣ କୁହାଯାଏ ।

୩ । ଜାତୀୟ ଆୟ ଓ ମୁଣ୍ଡପିଛା ଆୟ । (୨

ଉ : <u>ଜାତୀୟ ଆୟ :</u>

- ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଓ ସେବାର ମୁଦ୍ରା ମୂଲ୍ୟ ଓ ଏଥି ସହିତ ବିଦେଶରୁ ଆସୁଥିବା ଆୟକୁ ମିଶାଇ ଜାତୀୟ ଆୟ ସ୍ଥିର କରାଯାଏ ।

<u>ମୁଣ୍ଡପିଛା ଆୟ :</u>

- ଜାତୀୟ ଆୟକୁ ଦେଶର ସମୁଦାୟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମୁଣ୍ଡପିଛା ଆୟ ନିରୂପଣ କରାଯାଏ ।

**ସଂକ୍ଷେପରେ ଉତ୍ତର ଦିଅ ।**

୪ । ଉଦାରୀକରଣ ଅର୍ଥନୀତି । (୨

ଉ : • ଆର୍ଥିକ ବ୍ୟବସ୍ଥା କ୍ଷେତ୍ରରେ ପୂର୍ବ ପ୍ରଚଳିତ ଆମଦାନୀ ଓ ରପ୍ତାନୀ କଟକଣା । ଯଥା – ଲାଇସେନ୍ସ ଫି, ଟ୍ୟାକ୍ସ ଆଦିର କୋହଳ ବା ଉଚ୍ଛେଦ, ଘରୋଇ ଉଦ୍ୟୋଗ ପତି ଓ ବହୁରାଷ୍ଟ୍ରୀୟ କମ୍ପାନୀକୁ ବିଭିନ୍ନ ପ୍ରକାର ସ୍ୱାଧୀନତା ପ୍ରଦାନକୁ ଉଦାରୀକରଣ ଅର୍ଥନୀତି କୁହାଯାଏ ।

୫ । ସରକାରୀ ମାଲିକାନା । (୨

ଉ : • ସରକାରଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା । ଯଥା – ରେଳ, ଡାକ ବିଭାଗର ମାଲିକାନାକୁ ସରକାରୀ ମାଲିକାନା କୁହାଯାଏ ।

୬ । ବିଶ୍ୱ ବାଣିଜ୍ୟ ସଙ୍ଗଠନ । (୨

ଉ : • ୧୯୯୫ ମସିହାରେ ଜାତିସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରମାନଙ୍କୁ ନେଇ ବିଶ୍ୱ ବାଣିଜ୍ୟ ସଙ୍ଗଠନ ସୃଷ୍ଟି କରାଯାଇଅଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ଜେନେଭାଠାରେ ଅବସ୍ଥିତ । ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା ବିନିମୟ କରି ବାଣିଜ୍ୟ କାରବାର

Eduodia App

ବୃଦ୍ଧି କରିବା ଓ ବିଶ୍ୱ ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ବିକାଶୋନ୍ମୁଖୀ ଦେଶମାନଙ୍କରେ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ।

**ସମସ୍ତ ପ୍ରଶ୍ନର ମୂଲ୍ୟ ସମାନ ।** (୩ x ୩ = ୯

**ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

୧ । ମିଶ୍ର ଅର୍ଥନୀତି । (୩

ଉ :
- ଭାରତର ସାଧୀନତା ପରଠାରୁ ମିଶ୍ର ଅର୍ଥନୀତି ଅନୁସରଣ କରାଯାଇଥିଲା ।
- ଏହି ଅର୍ଥନୀତି ଉଭୟ ପୁଞ୍ଜିବାଦ ଓ ସମାଜବାଦ ବ୍ୟବସ୍ଥାର ମିଶ୍ରଣ ଅଟେ ।
- ଭାରତର ରେଳ ସେବା, ଡାକ ସେବା ଓ ଅନ୍ୟାନ୍ୟ ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ସଂସ୍ଥାଗୁଡ଼ିକ ଜନକଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥାଆନ୍ତି ।

୨ । ଆର୍ଥିକ ବିକାଶ । (୩

ଉ :
- ଆର୍ଥିକ ବିକାଶ କହିଲେ ଆମେ ସାଧାରଣତଃ ଆର୍ଥିକ ଅଭିବୃଦ୍ଧିକୁ ବୁଝାଇ ଥାଉ ।
- ଆର୍ଥିକ ଅଭିବୃଦ୍ଧି ଦେଶର ଜାତୀୟ ଆୟ ତଥା ବ୍ୟକ୍ତିଗତ ଆୟ ଅଭିବୃଦ୍ଧି ଦ୍ୱାରା ସମ୍ଭବ ହୋଇଥାଏ ।
- କୌଣସି ଦେଶର ତଥା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ଅଭିବୃଦ୍ଧି ସହିତ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆର୍ଥିକ ବିକାଶ କୁହାଯାଏ ।

୩ । ୧୯୯୧ ମସିହା ନୂତନ ଆର୍ଥିକ ନୀତିର ବୈଶିଷ୍ଟ୍ୟ

ଉ :
- ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ନୂତନ ଆର୍ଥିକ ନୀତିର ବୈଶିଷ୍ଟ୍ୟ ।
- ଉଦାରୀକରଣ ଅନୁସାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୂର୍ବରୁ ପ୍ରଚଳିତ ଥିବା ସରକାରୀ କଟକଣା । ଯଥା - ଲାଇସେନ୍ସ ଫି, ଟ୍ୟାକ୍ସ ଇତ୍ୟାଦି ଉଠାଇ ଦିଆଯାଇ ଶିଳ୍ପୋଦ୍ୟୋଗୀମାନଙ୍କୁ ଦ୍ରବ୍ୟ ଉତ୍ପାଦନରେ ସାଧୀନତା ପ୍ରଦାନ ।
- ଘରୋଇକରଣ ଅନୁସାରେ ଅଧିକରୁ ଅଧିକ ଘରୋଇ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଅଛି ଏବଂ ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିବା ପାଇଁ ଏହି ନୀତିରେ ପ୍ରୋତ୍ସାହିତ କରାଯାଇଥାଏ ।
- ଜଗତୀକରଣ ମାଧ୍ୟମରେ ଉତ୍ପାଦନ, ବାଣିଜ୍ୟ, ପୁଞ୍ଜି ବିନିଯୋଗ ଇତ୍ୟାଦି କ୍ଷେତ୍ରରେ ଦେଶର ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହିତ ଏକତ୍ରୀକରଣ କରାଯିବାକୁ ବ୍ୟବସ୍ଥା କରାଯାଇଛି ।

Eduodia App